R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୦୫
ତିଥି : ଷଷ୍ଠୀ
୧୯ ଜାନୁଆରୀ ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
(ରଙ୍ଗିନ୍ ତରଙ୍ଗ ଟାବ୍‌ଲଏଡ୍ ସହ)

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 105
19 Jan 2025, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ଓଡ଼ିଶାରୁ ସ୍ୱଦେଶ ଫେରିଲେ ସିଙ୍ଗାପୁର ରାଷ୍ଟ୍ରପତି

## ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ହେବ

ଭୁବନେଶ୍ୱର, ୧୮।୧ (ସବ୍ୟୁ) : ସିଙ୍ଗାପୁର ସରକାରଙ୍କ ସହ ଓଡ଼ିଶା ସରକାର ୮ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ କରିଛନ୍ତି । ଏହାଦ୍ୱାରା ଓଡ଼ିଶାରେ ପୁଞ୍ଜି ନିବେଶ ହେବା ସହ ସହରାଞ୍ଚଳ ଯୋଜନା, ବନ୍ଦର ପରିଚାଳନା, ଲଜିଷ୍ଟିକ୍ସ, ସବୁଜ ଶକ୍ତି ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଅଧିକ ସହଯୋଗର ସମ୍ଭାବନା ସୃଷ୍ଟି ହେବ । ଯାହାକି ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ହାସଲ କରିବାରେ ବେଶ୍ ସହାୟକ ହେବ । ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ୍ ଶନ୍ମୁ ଗତରନ୍ତମ୍ ଦୁଇଦିନିଆ ଓଡ଼ିଶାଗସ୍ତ ସାରି ଆଜି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି ।



ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ଲୋକସେବା ଭବନସ୍ଥିତ କନଭେନସନ ସେଣ୍ଟର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଓଡିଶା ଗସ୍ତ ସବୁ ଦୃଷ୍ଟିରୁ ଏକ ଐତିହାସିକ ଘଟଣା । ବିକାଶର ଭିଜନ୍‌କୁ ବାସ୍ତବତାରେ ପରିଣତ କରିବା ଦିଗରେ ଆମ ଓଡ଼ିଶା ପାଇଁ ଏହା ଏକ ମାଇଲଖଣ୍ଡ ସାବ୍ୟସ୍ତ ହୋଇଛି । ଏହା ଦ୍ୱାରା ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମର ଲକ୍ଷ୍ୟ ପୂରଣ ଦିଗରେ ଏକ ସୁଦୃଢ଼ ଭିତ୍ତି ପଡିପାରିଛି ।

ଆମ ସରକାର ମାତ୍ର ୭ମାସ ମଧ୍ୟରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇ ରାଜ୍ୟରେ ବ୍ୟାପକ ପରିବର୍ତ୍ତନ ପାଇଁ କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି । ୨୦୩୬ ସୁଦ୍ଧା ଓଡିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ସହିତ ୨୦୪୭ ସୁଦ୍ଧା ବିକଶିତ (୯ ପୃଷ୍ଠାରେ)

### ଆରଜି କର ଦୁଷ୍କର୍ମ ଓ ହତ୍ୟା ଘଟଣା

## ସଞ୍ଜୟ ରୟ ଦୋଷୀ, ସୋମବାର ଦଣ୍ଡ ଶୁଣାଣି



କୋଲକାତା, ୧୮।୧ : କୋଲକାତାର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ଟ୍ରେନି ମହିଳା ଡାକ୍ତରଙ୍କ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରୟ ଦୋଷୀ ସାବ୍ୟସ୍ତ ହୋଇଛି । ସିଆଲଦାହର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍‌ଙ୍କ କୋର୍ଟ ତାକୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଆସନ୍ତା ସୋମବାର ତାର ଦଣ୍ଡ ଶୁଣାଣି କରିବେ କୋର୍ଟ ।

ଅନ୍ୟପକ୍ଷରେ ଦୋଷୀ ସାବ୍ୟସ୍ତ ହେବା ପରେ କୋର୍ଟରେ ଉପସ୍ଥିତ ସଞ୍ଜୟ ରୟ ନିଜକୁ ନିର୍ଦ୍ଦୋଷ ବୋଲି ଦାବି କରିଥିଲା । ସେ କହିଥିଲା, ମୁଁ ମୋ ବେକରେ ସବୁବେଳେ ରୁଦ୍ରାକ୍ଷର ଏକ ମାଳ ପିନ୍ଧେ । ଯଦି ମୁଁ ଅପରାଧ କରିଥିଲି, ତା'ହେଲେ ଘଟଣାସ୍ଥଳରେ ମୋର ସେହି ରୁଦ୍ରାକ୍ଷ ମାଳ ଛିଣ୍ଡି ପଡ଼ିଥିବା କଥା । ମୁଁ ଏହି ଅପରାଧ କରି ନାହିଁ । ମୋତେ ଫସାଇ ଦିଆଯାଇଛି । ଯେଉଁମାନେ ମୋତେ ଫସାଇ ଦେଇଛନ୍ତି, ସେମାନଙ୍କୁ ଜାମିନ୍ ମିଳିଛି । ସେମାନଙ୍କୁ କାହିଁକି ଛଡ଼ାଗଲା ବୋଲି ସେ ପ୍ରଶ୍ନ କରିଥିଲା ।ଏହା ଶୁଣି ଜଜ୍ କହିଥିଲେ ଯେ କୋର୍ଟ ସୋମବାର ତୁମ ଯୁକ୍ତି ଶୁଣିବେ । ବର୍ତ୍ତମାନ ତୁମକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଉଛି । (୯ ପୃଷ୍ଠାରେ)

### ଚିଲିକାରେ ପକ୍ଷୀ ଗଣନା

## ଏ ବର୍ଷ କମିଛନ୍ତି ୧୦, ୫୩୧ ପକ୍ଷୀ



ବାଲୁଗାଁ, ୧୮।୧ (ସବ୍ୟୁ) : ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଆନୁକୂଲ୍ୟରେ ଶନିବାର ସମଗ୍ର ଚିଲିକାରେ ପକ୍ଷୀ ଗଣନା ଶେଷ ହୋଇଛି । ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ୧୯୬ ପ୍ରଜାତିର ୧୧ ଲକ୍ଷ ୨୭ ହଜାର ୨୨୮ ଗୋଟି ପକ୍ଷୀଙ୍କ ସମାଗମ ହୋଇଛି । ସେଥିମଧ୍ୟରୁ ୧୦୯ ପ୍ରଜାତିର ୧୦ ଲକ୍ଷ ୮୭ହଜାର ୨୨୬ଟି ବିଦେଶାଗତ ପକ୍ଷୀ ଥିବା ବେଳେ ସ୍ଥାନୀୟ ୮୭ ପ୍ରଜାତିର ୪୦ହଜାର ୨ଟି ପକ୍ଷୀ ରହିଛନ୍ତି । ଗତବର୍ଷ ସମଗ୍ର ଚିଲିକାରେ ୧୧ଲକ୍ଷ ୩୭ ହଜାର ୭୫୯ଟି ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ଚଳିତ ବର୍ଷ ୧୦ହଜାର ୫୩୧ଗୋଟି ପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଇଛି । ପକ୍ଷୀ ଅଭୟାରଣ୍ୟ ନଳବଣରେ ମଧ୍ୟ ଚଳିତ ବର୍ଷ ପକ୍ଷୀ ସଂଖ୍ୟା କମିଛି । ଗତବର୍ଷ ଏଠାରେ ୩ ଲକ୍ଷ ୪୭ହଜାର ୨୮୦ ପକ୍ଷୀଙ୍କୁ ଚିହ୍ନଟ କରାଯାଇଥିଲା। ଚଳିତ ବର୍ଷ ୩ଲକ୍ଷ ୪୩ହଜାର ୨୨୬ ଗୋଟି ପକ୍ଷୀଙ୍କ ସମାଗମ ହୋଇଛି । ଅର୍ଥାତ ଏଠାରେ ୪ହଜାର ୫୪ ପକ୍ଷୀ ସଂଖ୍ୟା ହ୍ରାସ ପାଇଛି ଓ କିନ୍ତୁ ଚଳିତ ବର୍ଷ ପ୍ରଜାତି ସଂଖ୍ୟା ବୃଦ୍ଧି ପାଇଛି । ଗତ ବର୍ଷ ୧୮୭ ପ୍ରଜାତିର ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ଚଳିତ ବର୍ଷ ୧୯୬ ପ୍ରଜାତିର ପକ୍ଷୀ ଦୃଷ୍ଟିଗୋଚର ହୋଇଛନ୍ତି। ଏଥର ନୂତନ ଅତିଥି ଭାବେ କୌଣସି ପକ୍ଷୀ ଦେଖିବାକୁ ମିଳିନାହିଁ ଓ ଅନ୍ୟ ପକ୍ଷେ ଚିଲିକାର ଶୋଭାବର୍ଦ୍ଧନକାରୀ ତଥା ସବୁଠାରୁ ଆକର୍ଷଣୀୟ ଫ୍ଲେମୀଙ୍ଗୋ (ଏରା ) ହଂସ ଜାତୀୟ ପକ୍ଷୀ ଗତ ବର୍ଷ ୮୨୦ ଟି ଦୃଷ୍ଟିଗୋଚର ହୋଇଥିବା ବେଳେ ଚଳିତ ବର୍ଷ ଏହି ସଂଖ୍ୟା ବୃଦ୍ଧି ପାଇ ୨୬୩୮ରେ ପହଞ୍ଚିଛି । ଅର୍ଥାତ ୧୮୧୮ଟି ଫ୍ଲେମୀଙ୍ଗୋ ପକ୍ଷୀ ବଢିଛନ୍ତି । ବିଦେଶୀ ପକ୍ଷୀଙ୍କ ମଧ୍ୟରେ ସର୍ବାଧିକ ଗଡ଼ୱାଲ( ମାଟିଆ ଗେଣ୍ଡି ) ପ୍ରଜାତିର ୨, ୦୧, ୯୨୬, ନର୍ଦ୍ଦର୍ଣ ପିଣ୍ଟେଲ ( ଗହୀର ଲାଞ୍ଜା )୧, ୯୩, ୩୯୪, ଇଉରାସିଆନ ୟୁଜିଆନ (ଚନ୍ଦନା ହଂସ ) (୯ ପୃଷ୍ଠାରେ)

### ଅତ୍ୟାଧୁନିକ ବିଦ୍ୟୁତ ବଣ୍ଟନ ପ୍ରଯୁକ୍ତି କେନ୍ଦ୍ରର ଶୁଭାରମ୍ଭ କଲେ କନକବର୍ଦ୍ଧନ

## ଓଡ଼ିଶା ହେବ ଶକ୍ତି ବିତରଣର ଉତ୍କର୍ଷ କେନ୍ଦ୍ର

ଭୁବନେଶ୍ୱର, ୧୮।୧ (ସବ୍ୟୁ) : ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନଲିମିଟେଡ (ଟିପିସିଓଡିଏଲ୍) ପକ୍ଷରୁ ଆଜି ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ ବିଦ୍ୟୁତ୍ ବଂଟନ ପ୍ରଯୁକ୍ତି କେନ୍ଦ୍ରକୁ ଲୋକାର୍ପିତ କରାଯାଇଛି । ଏହା ବଂଟନ ନେଟୱର୍କ ପରିଚାଳନା ଓ ପରିଚାଳନା ଉତ୍କର୍ଷରେ ଏକ ଯୁଗାନ୍ତକାରୀପଦକ୍ଷେପ।ଏହି କେନ୍ଦ୍ରକୁ ଉପ ମୁଖ୍ୟମନ୍ତ୍ରୀ କେ ଭି ସିଂହଦେଓ ଉଦ୍ଘାଟନ କରିଥିବାବେଳେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଟାଟା ପାୱାରର ସିଇଓ ତଥା ଏମ୍‌ଡି



ଡକ୍ଟର ପ୍ରବୀର ସିହ୍ନା ଉପସ୍ଥିତ ଥିଲେ। ଏହି ଅବସରରେ ଟାଟା ପାୱାରର ଟିଆଣ୍ଡି ସଭାପତି ସଞ୍ଜୟ ବାଙ୍ଗା, ସମସ୍ତ ଡିସକମ୍ ଯଥା ଟିପିସିଓଡିଏଲ୍, ଟିପିଏନ୍‌ଓଡିଏଲ୍, ଟିପିଏସ୍‌ଓଡିଏଲ୍ ଓ ଟିପିଡବ୍ଲୁଓଡିଏଲ୍‌ର ସିଇଓ ଏବଂ ରାଜ୍ୟସରକାର ଓ ଟାଟା ପାୱାରର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।ଏହି ଅତ୍ୟାଧୁନିକ ପ୍ରଯୁକ୍ତି ହବ୍‌ରେ ୨୪ ଘଂଟିଆ ପାୱାର ସିଷ୍ଟମ କଂଟ୍ରୋଲ ସେଂଟର (ପିଏସସିସି) ସହିତ ଆଡଭାନ ଅପରେସନାଲ ଟେକ୍ନୋଲୋଜି (ଓଟି) ଏବଂ ସୂଚନା ପ୍ରଯୁକ୍ତି (ଆଇଟି) (୯ ପୃଷ୍ଠାରେ)

## ଦୀଘା ମୁହାଣରେ ବୁଡ଼ିଲା ମାଛଧରା ଟ୍ରଲର, ଅଳ୍ପକେ ବର୍ତ୍ତିଲେ ୯

ଭୋଗରାଇ, ୧୮।୧ (ସବ୍ୟୁ) : ଓଡ଼ିଶା ପଶ୍ଚିମବଂଗ ସୀମାନ୍ତ ଦୀଘା ମୁହାଣ ନିକଟରୁ ଏକ ମାଛଧରା ଟ୍ରଲର ମାଛଧରି କୂଳକୁ ଫେରୁଥିବା ବେଳେ ଯାନ୍ତ୍ରୀକ ତ୍ରୁଟି ଓ ଅଧିକ ମାଛବୋଝେଇ ଯୋଗୁଁ ସମୁଦ୍ରରେ ଟ୍ରଲରଟି ବୁଡ଼ିବାକୁ ଲାଗିଥିଲା ।

ଟ୍ରଲରଟି ବୁଡ଼ିଯାଉଥିବା ବେଳେ ମତ୍ସ୍ୟଜୀବୀମାନେ ଫୋନରେ କୂଳକୁ ସୂଚନା ଦେଇଥିଲେ। ସ୍ଥାନୀୟ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଟ୍ରଲରରେ ଥିବା ୯ ମତ୍ସ୍ୟଜୀବୀଙ୍କୁ ସମୁଦ୍ରରୁ ଉଦ୍ଧାର କରିଥିଲେ । କୂଳଠାରୁ ୨ଶହ ମିଟର ଦୂରରେ ଟ୍ରଲରଟି କିଭଳି ଦୁର୍ଘଟଣା ଗ୍ରସ୍ତ ହେଲା ତାହାକୁ ନେଇ ଦୀଘା ପୋଲିସ ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି । ଏହି ଟ୍ରଲରଟି ବେଆଇନ୍ ଭାବେ ସୀମା ଅତିକ୍ରମ କରି ଓଡ଼ିଶାର ଜଳରାଶିକୁ ପଶି ଆସିଥିଲା ବୋଲି ପ୍ରାରମ୍ଭିକ ଅନୁସନ୍ଧାନରୁ ଜଣାପଡିଛି ।

## ଡାଲମିଆ ଦୁର୍ଘଟଣା : ୩୬ ଘଣ୍ଟା ପରେ ମିଳିଲା ୨ ଶ୍ରମିକଙ୍କ ମୃତଦେହ

ରାଜଗାଙ୍ଗପୁର, ୧୮।୧ : ରାଜଗାଙ୍ଗପୁର ଡାଲମିଆ ସିମେଣ୍ଟ କମ୍ପାନୀରେ କୋଇଲା ହପର ଭୁଶୁଡ଼ିବା ଘଟଣାର ୩୬ ଘଣ୍ଟା ପରେ ମିଳିଲା ସମସ୍ତ ୨ ଶ୍ରମିକଙ୍କ ମୃତଦେହ । ମୃତଦେହ ବ୍ୟବଚ୍ଛେଦ ପାଇଁ ରାଉରକେଲା ପଠାଯାଇଛି । ମୃତଦେହ ମିଳିବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି । ମୃତ ଦଶରଥ ପାତ୍ରଙ୍କ ପରିବାର ସଦସ୍ୟଙ୍କୁ କାରଖାନା ପକ୍ଷରୁ ୨୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏହାସହ ୧୦ ଲକ୍ଷ ଟଙ୍କା ଇନସ୍ୟୁରାନ୍ସ ଅର୍ଥ ସହ ମୃତକ ଶ୍ରମିକଙ୍କ ପତ୍ନୀଙ୍କୁ କାରଖାନାରେ ଚାକିରି ପ୍ରଦାନ କରାଯିବ । ମୃତକଙ୍କ ଦୁଇଟି ଛୁଆକୁ ଦ୍ୱାଦଶ ପର୍ଯ୍ୟନ୍ତ ପାଠପଢ଼ା ଖର୍ଚ୍ଚ କାରଖାନା କର୍ତ୍ତୃପକ୍ଷ ବହନ କରିବେ । ଏଥିରେ ପରିବାର ଲୋକ ରାଜି ହେବାରୁ ଦଶରଥ ପାତ୍ରଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ରାଉରକେଲା ପଠାଯାଇଛି । ସେପଟେ ସୁଶାନ୍ତ ରାଉତଙ୍କ ପରିବାର ସଦସ୍ୟଙ୍କୁ ୩୦ ଲକ୍ଷ ଟଙ୍କା ପ୍ରଦାନ ଏବଂ ଦୁଇ ପୁଅଙ୍କୁ ଚାକିରି ପାଇଁ ପ୍ରତିଶ୍ରୁତି ମିଳିଛି । ଗତ ଗୁରୁବାର ଦିନ ସିମେଣ୍ଟ କମ୍ପାନୀକୁ କୋଇଲା ଯୋଗାଉଥିବା ହପର ଭୁଶୁଡ଼ି ପଡ଼ିବାରୁ କୋଇଲା ତଳେ ଶ୍ରମିକ ଚାପି ହୋଇ ରହିଥିଲେ ।

## ସୀମାରେ ନକ୍ସଲ ସୁଡଙ୍ଗ ଠାବ

ମାଲକାନଗିରି,୧୮।୧ (ସବ୍ୟୁ) : ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁର,ସୁକମା ଏବଂ ତେଲେଙ୍ଗାନା ସୀମାରେ ଗତ ଦୁଇ ଦିନ ତଳେ ହୋଇଥିବା ବଡ଼ ଧରଣର ଅପରେସନରେ ୧୨ ଜଣ ନକ୍ସଲ ମୃତ୍ୟୁ ବରଣ କରିଥିଲେ । ଏଥିରେ ୫ ଜଣ ମହିଳା ନକ୍ସଲ ଥିବାବେଳେ ୭

### ବୋମା ଓ ବନ୍ଧୁକ ତିଆରି ସରଞ୍ଜାମ ଜବତ

ଜଣ କ୍ୟାଡର ନକ୍ସଲ ମୃତ୍ୟୁବରଣ କରିଥିଲେ । ବିଜାପୁର ଜିଲ୍ଲା ସୀମାରେ ରହିଥିବା ତୁମରେଲ ଏବଂ ତଲପେରୁ ନଦୀ ମଧ୍ୟରେ ଯବାନ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଙ୍ଗଲରେ ଏକ ବିଶାଳ ସୁଡଙ୍ଗ ଠାବ କରିଛନ୍ତି । ତେବେ ଯବାନ ଅତି ସତର୍କତାର ସହ ସୁଡଙ୍ଗ ଭିତରେ ପଶିଥିଲେ । ଯବାନ ସୁଡଙ୍ଗରେ ପଶି ଯାହା ଦେଖିଲେ ସେମାନଙ୍କର ହୋସ୍



ଉଡିଯାଇଥିଲା । ସୁଡଙ୍ଗ ଭିତରେ ବୋମା ଓ ବନ୍ଧୁକ ତିଆରି କରିବା କାରଖାନା ମହଜୁଦ ରହିଥିବା କୁହାଯାଉଛି । ନକ୍ସଲ ନୂତନ ଧରଣର ଟେକନିକ ବ୍ୟବହାର କରି ବୋମା ଏବଂ ବନ୍ଧୁକ ତିଆରି କରୁଥିଲେ । ସୁଡଙ୍ଗ ଭିତରେ ବୋମା ତିଆରି କରିବା ପାଇଁ କାଚ ବୋତଲଗୁଡିକ ପଡିଥିଲା । ସେହିପରି ବନ୍ଧୁକ ତିଆରି କରିବା ପାଇଁ ମେସିନ,ବିଦ୍ୟୁତ ତାର ସହ ବହୁ ବୋତଲ ବୋମା ପଡି ରହିଥିଲା । ମାଟି ତଳେ ବହୁ ପରିମାଣର ବିଦ୍ୟୁତ ତାର ଦେଖି ଯବାନ ଆଶ୍ଚର୍ଯ୍ୟ ହୋଇଥିଲେ । ନକ୍ସଲ କିପରି ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ସୁଡଙ୍ଗ ତିଆରି କରିବା ସହ ଏତେ ବଡ଼ ବନ୍ଧୁକ କାରଖାନା (୯ ପୃଷ୍ଠାରେ)

### ୩ ମାଓବାଦୀ ଗିରଫ

ସୁକମା ଜିଲ୍ଲା ପୁଲିସ ଏବଂ ଡିଆରଜି ଯବାନ ଚିନ୍ତାଗୁମ୍ଫା ଥାନା ଅଞ୍ଚଳର ଅରନପାଲ୍ଲୀ ଗ୍ରାମ ନିକଟସ୍ଥ ଜଙ୍ଗଲରେ ସର୍ଚ୍ଚ ଅପରେସନ କରୁଥିବା ବେଳେ କିଛି ସନ୍ଦିଗ୍ଧ ଯବାନଙ୍କୁ ଦେଖି ଲୁଚିବା ଏବଂ ଦୌଡି ପଳାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ଯବାନ ଜଙ୍ଗଲକୁ ଘେରି ୩ ଜଣ ନକ୍ସଲଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ । ସେମାନଙ୍କୁ ଧରି ପଚରାଉଚରା କରିବା ପରେ ସେମାନେ ନକ୍ସଲ ସଂଗଠନରେ ସକ୍ରିୟ ଭାବେ କାମ କରୁଥିବା ସ୍ୱୀକାର କରିଥିଲେ । ଗିରଫ ହୋଇଥିବା ମାଓବାଦୀମାନେ ହେଲେ ବସ୍ତର ଡିଭିଜନ କୃଷି ଟିମର ସଦସ୍ୟ ମଡକମ ନନ୍ଦା(୨୪), ଜନତାନା ସରକାର ସଦସ୍ୟ କାବାସି ଲଖମା(୩୭) ଏବଂ ଡିଏକେ ଏମଏସ ଅଧ୍ୟକ୍ଷ ମଡକମ ନନ୍ଦା(୩୫) । ସେମାନଙ୍କ ମଧ୍ୟରୁ କୃଷି କମିଟି ସଦସ୍ୟ ମଡକମ ନନ୍ଦାଙ୍କ ଉପରେ ୨ ଲକ୍ଷ ଟଙ୍କା ଏବଂ ଡିଏକେଏମଏସ ଅଧ୍ୟକ୍ଷ ମଡକମ ନନ୍ଦାଙ୍କ ଉପରେ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା । ପୁଲିସ ଏମାନଙ୍କୁ ଶନିବାର କୋର୍ଟ ଚାଲାଣ କରିଛି ।

### ରାଜଭବନ ଛକରେ ସିରିଜ ଦୁର୍ଘଟଣା

## ଜଣେ ମୃତ, ୪ ଗୁରୁତର

ଭୁବନେଶ୍ୱର, ୧୮।୧ (ସବ୍ୟୁ) : ରାଜଭବନ ଛକରେ ଶନିବାର ସନ୍ଧ୍ୟାରେ ଏକ ସିରିଜ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୪ ଜଣ ଗୁରୁତର ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବାରୁ ପୋଲିସ ସେମାନଙ୍କୁ ବୁଝାସୁଝା କରିଥିଲା ।

ସର୍କିଟ ହାଉସ ପଟୁ ଏକ ଗ୍ରାଣ୍ଡ ଆଇ-୨୦ କାର ଆସି ରଙ୍ଗରୁଟ୍‌ରେ ଯାଉଥିବାବେଳେ ଏକ ବାଇକ୍‌କୁ ଧକ୍କା ଦେଇଥିଲା । ସେହି ବାଇକ୍‌କୁ ଘୋଷାରି ଘୋଷାରି ଫୁଟପାଥ୍ ଉପରେ ଚଢ଼ିଯିବା ସହ ଅନ୍ୟ ଏକ ବାଇକ୍‌କୁ ଧକ୍କା ଦେଇଥିଲା । ଦ୍ୱିତୀୟ ବାଇକ୍‌ରେ ଜଣେ ଚାଳକ ଥିବାବେଳେ ଦୁର୍ଘଟଣା ଘଟିଥିବା ପ୍ରଥମ ବାଇକ୍‌ରେ ତିନିଜଣ ଥିଲେ । ଏହି ଦୁର୍ଘଟଣା ପରେ ଘଟଣା ସ୍ଥଳରେ ଚାରିଜଣ ଗୁରୁତର ହୋଇ ପଡ଼ିଥିବାବେଳେ କାର୍ ଭିତରେ ଚାଳକ ମଧ୍ୟ ଆହତ ହୋଇ ରହିଥିଲା । ରାସ୍ତା ଉପର ବିଭିନ୍ନ ସ୍ଥାନରେ ରକ୍ତ ଜମାହୋଇ ରହିଥିବାବେଳେ ବାଇକ୍ ଭାଙ୍ଗିରୁଜି ଏଣେତେଣେ ପଡ଼ିଥିଲା ।

ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଅବିଳମ୍ବେ ହସ୍ପିଟାଲରେ ପହଞ୍ଚାଇଥିଲେ । ପ୍ରଥମ ବାଇକରେ ବସିଥିବା ଆହତ ତିନିଜଣଙ୍କ ମଧ୍ୟରୁ ଜଣେ ବୟସ୍କ ବ୍ୟକ୍ତିଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି । ପୋଲିସ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ସହ ରାସ୍ତାରୁ ବାଇକ୍ ଓ କାର୍ ଆଦିକୁ ହଟାଇଥିଲା । କାର୍ ଚାଳକ ମଦ ପିଇ ନିଶାଶକ୍ତ ଅବସ୍ଥାରେ ଏହିସବୁ ଘଟଣା ଘଟାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ସନ୍ଧ୍ୟା ହୋଇଯାଇଥିବାରୁ ମୃତ ବ୍ୟକ୍ତିଙ୍କ ଶବ ବ୍ୟବଚ୍ଛେଦ ହୋଇପାରି ନାହିଁ । ସଠିକ୍ ପରିଚୟ ମଧ୍ୟ ମିଳିପାରି ନାହିଁ । କାରଣ ବାଇକ୍‌ରେ ଥିବା ୩ଜଣଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ହୋଇ ରକ୍ତାକ୍ତ ଅବସ୍ଥା ଚିକିତ୍ସିତ ହେଉଛନ୍ତି । ପୋଲିସ କହିବା ଅନୁଯାୟୀ ଘର ଲୋକଙ୍କୁ ଖବର ଦିଆଯିବ । ସେମାନେ ପହଞ୍ଚିବା ପରେ ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯିବ । ଘଟଣା ସ୍ଥଳରେ ପୋଲିସ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ଦୁର୍ଘଟଣାରେ ଜଖମ ୩ ଗାଡ଼ିକୁ ହଟାଇବା ପରେ ରାସ୍ତା ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି । ରାଜଭବନ ଛକ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ କାର୍‌ଟି ଭୁଲ୍ ବାଟରେ ଯିବାର ନଜର ଟ୍ରାଫିକ୍ ଉପରେ କିଭଳି ପଡିଲା ନାହିଁ ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।



## ଇଣ୍ଟରମିଟେଣ୍ଟ ଫାଷ୍ଟିଂ

ନିକଟରେ ଇଣ୍ଟରମିଟେଣ୍ଟ ଫାଷ୍ଟିଂକୁ ନେଇ ଏକ ଷ୍ଟଡି କରାଯାଇଥିଲା, ଯେଉଁଥିରେ ଏହା ଓଜନ ନିୟନ୍ତ୍ରଣ ପାଇଁ ସବୁଠାରୁ ଭଲ ଅପସନ୍ ବୋଲି ଜଣା ପଡିଛି । ଏହା ମେଦବହୁଳତା ପାଇଁ ମଧ୍ୟ ଖୁବ ଭଲ ଡାଏଟ୍ । ଏହି ଷ୍ଟଡିରେ ବିଭିନ୍ନ ବର୍ଗର ଲୋକଙ୍କୁ ସାମିଲ କରାଯାଇଥିଲା । ଏଥିରେ ପାଖାପାଖି ୧୯୭ ଜଣ ୩୦ ରୁ ୬୦ ବର୍ଷୀୟ ଲୋକ ସାମିଲ ହୋଇଥିଲେ । ଏମାନେ ସମସ୍ତେ ଅଧିକ ମୋଟା କିମ୍ବା ମେଦବହୁଳତାର ଶିକାର ଥିଲେ । ସେମାନଙ୍କ ୧୨ ସପ୍ତାହ ପର୍ଯ୍ୟନ୍ତ ମେଡିଟେରାନ୍ ଡାଏଟ୍ ପ୍ରଦାନ କରାଯାଇଥିଲା । ଯାହାପରେ ସେମାନଙ୍କ ଶରୀରରେ ଖୁବ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା । ଏକ ଜର୍ନାଲରେ ବାହାରିଥିବା ତଥ୍ୟ ଅନୁଯାୟୀ ସେମାନେ ସନ୍ଧ୍ୟା ସମୟରେ ହିଁ ସେମାନଙ୍କ ରାତ୍ରି ଖାଇବା କରୁଥିଲେ । ଏହି ଡାଏଟ୍‌ର ପ୍ରଭାବ ବିଶେଷଭାବେ ସେମାନଙ୍କର ଫ୍ୟାଟ୍ ଉପରେ ପଡୁଥିଲା । ରିପୋର୍ଟ ଅନୁସାରେ ସ୍ପେନ୍‌ରେ ୭୦ ପ୍ରତିଶତ ପୁରୁଷ ଓ ୫୦ ପ୍ରତିଶତ ମହିଳାଙ୍କ ପାଖରେ ମେଦବହୁଳତା ଦେଖିବାକୁ ମିଳୁଛି । ଯାହା ଅନ୍ୟ ବିଭିନ୍ନ ରୋଗର କାରଣ ସାଜୁଛି । ଏହା ବିଶେଷଭାବେ ମେଟାବଲିଜିମ୍ ଉପରେ ପ୍ରଭାବ ପକାଉଛି, ଯାହା କାର୍ଡିଓଭସ୍କୁଲାର ସମସ୍ୟା, ହାଇପରଟେନ୍‌ସନ୍ ଆଦି ରୋଗର ଆଶଙ୍କା ବଢାଉଛି । ତେବେ ଏହାକୁ ଆପଣାଇବା ପୂର୍ବରୁ ନିଜ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ତାଙ୍କ ପରାମର୍ଶରେ କେତେ ସମୟ ଉପବାସ ରହିବେ ଓ କଣକଣ ଖାଇବେ ସେନେଇ ନିଷ୍ପତ୍ତି ନିଅନ୍ତୁ ।



## ଗ୍ରୀନ୍ ଟି କମାଉଛି ମସ୍ତିଷ୍କର ବୟସ

ନିକଟରେ ଏକ ଗବେଷଣାରେ ଗ୍ରୀନ୍ ଟି ସମ୍ବନ୍ଧରେ ଏକ ନୂଆ ତଥ୍ୟନେଇ ସୂଚନା ମିଳିଛି । ଗବେଷକଙ୍କ ମତରେ ଗ୍ରୀନ ଟି ଆମର ବ୍ରେନ୍‌କୁ ବୁଢା ହେବାକୁ ଦେଇ ନଥାଏ । ପ୍ରତିଦିନ ଗ୍ରୀନ୍ ଟି ପିଇବା ଦ୍ୱାରା ଆମର ମସ୍ତିଷ୍କକୁ ଖୁବ ଲାଭ ମିଳିଥାଏ, ଏହା ଆମର ଅନେକ ମସ୍ତିଷ୍କ ସମ୍ପର୍କିତ ସମସ୍ୟାର ଆଶଙ୍କାକୁ କମାଇଥାଏ । ଜାପାନର ଅନେକ ଅନୁଷ୍ଠାନ ଏନେଇ ରିସର୍ଚ୍ଚ କରିବା ପରେ ଏ ସମ୍ପର୍କିତ ତଥ୍ୟ ପ୍ରଦାନ କରିଛନ୍ତି । ଏହି ଗବେଷଣା ଅନୁସାରେ ପ୍ରତିଦିନର ଖାଦ୍ୟରେ ଗ୍ରୀନ୍ ଟି କୁ ସାମିଲ କରିବା ଦ୍ୱାରା ଆମକୁ ଅନେକ ସୁବିଧା ମିଳିବ ବୋଲି ଗବେଷକମାନେ ମତ ଦେଇଛନ୍ତି । ପୂର୍ବରୁ ଗ୍ରୀନ୍ ଟି କୁ ଇମ୍ୟୁନିଟି ବୁଷ୍ଟର ଭାବେ ବ୍ୟବହାର କରାଯାଇଥାଏ, ଏହାସହ ଓଜନ ନିୟନ୍ତ୍ରଣ ପାଇଁ ମଧ୍ୟ ଗ୍ରୀନ୍ ଟିକୁ ବ୍ୟବହାର କରାଯାଇଥାଏ ।

## ଇତିହାସ

୧୬୪୯ – ଇଂଲଣ୍ଡ ନରେଶ ଚାର୍ଲ୍ସ ପ୍ରଥମଙ୍କ ବିରୋଧରେ ମକଦ୍ଦମା ଆରମ୍ଭ ହେଲା ।

୧୭୩୬ – ସ୍କଟିଶ୍ ଆବିଷ୍କାର ଜେମ୍ସ ୱାଟ୍‌ଙ୍କ ଜନ୍ମ ।

୧୯୦୫ – ଶାନ୍ତିନିକେତନ ଏବଂ ଆଦି ବ୍ରାହ୍ମସମାଜର ସ୍ଥାପନା କରିଥିବା ଦେବେନ୍ଦ୍ରନାଥ ଟାଗୋରଙ୍କ ପରଲୋକ।

୧୯୪୨ – ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ ମ୍ୟାଁମାରକୁ କବଜାକୁ ନେଲା ।

୧୯୪୯ – ଇସ୍ରାଏଲ୍‌କୁ କ୍ୟାରିବିୟାନ ଦେଶ କ୍ୟୁବା ମାନ୍ୟତା ଦେଲା ।

୧୯୬୦ – ଜାପାନ ଓ ଆମେରିକା ମଧ୍ୟରେ ସୁରକ୍ଷା ଚୁକ୍ତି ସମ୍ପନ୍ନ ହେଲା ।

୧୯୬୬ – ଇନ୍ଦିରା ଗାନ୍ଧୀଙ୍କୁ ଭାରତର ତୃତୀୟ ପ୍ରଧାନମନ୍ତ୍ରୀ ରୂପେ ଚୟନ କରାଯାଇଥିଲା ।

୧୯୮୬ – ପ୍ରଥମ କମ୍ପ୍ୟୁଟର ଭାଇରସ ସି ବ୍ରେନ୍‌କୁ ସକ୍ରିୟ କରାଗଲା ।

୨୦୦୫ – ଅଷ୍ଟ୍ରେଲିଆ ଓପନ୍‌ର ତୃତୀୟ ରାଉଣ୍ଡ ଲନ୍ ଟେନିସ୍‌ରେ ପହଞ୍ଚିଥିବା ପ୍ରଥମ ଭାରତୀୟ ମହିଳା ହେଲେ ସାନିଆ ମିର୍ଜା ।

## ଚିଠିରେ କୁମ୍ଭ ମେଳା

କୁମ୍ଭ ମେଳାରେ ଏଭଳି ଅନେକ ଘଟଣା ଘଟୁଛି, ଯାହା ସମସ୍ତଙ୍କୁ ଦୃଷ୍ଟି ଆକର୍ଷଣ କରିବାରେ ସକ୍ଷମ ହେଉଛି । ଏହି ମହାକୁମ୍ଭ ମେଳାରେ ଏଭଳି ଅନେକ ଲୋକ ସାମିଲ ହୋଇଛନ୍ତି, ଯେଉଁମାନେ ସାରା ବିଶ୍ୱରେ ପରିଚିତ । ସେହିଭଳି ଜଣେ ହେଲେ ଆପେଲ୍ କୋ ଫାଉଣ୍ଡର ଷ୍ଟିଭ୍ ଜବ୍ସଙ୍କର ଧର୍ମପତ୍ନୀ ଲଉରେନ୍ ପୋୱେଲ୍ । ଯିଏ ଭାରତରେ ଆୟୋଜିତ ହୋଇଥିବା ମହାକୁମ୍ଭମେଳାରେ ଯୋଗ ଦେଇଛନ୍ତି । ତେବେ କେବଳ ଲଉରେନ୍ ନୁହେଁ ଷ୍ଟିଭ୍ ଜବ୍ସ ମଧ୍ୟ ହିନ୍ଦୁ ଧର୍ମର ବଡ ପ୍ରଶଂସକ ଥିଲେ । ନିକଟରେ ତାଙ୍କର ଏକ ହାତଲେଖା ଚିଠି ମିଳିଥିଲା ଯେଉଁଥିରେ ସେ ନିଜ ସାଙ୍ଗଙ୍କୁ ମହାକୁମ୍ଭ ମେଳା ସମ୍ପର୍କରେ ଅବଗତ କରାଇଛନ୍ତି । ସେ ଏଠାକୁ ଯିବାକୁ ଚାହୁଁଥିବା ମଧ୍ୟ ଚିଠିରେ ଲେଖିଛନ୍ତି । ଏହି ଚିଠିଟି ୧୯୭୪ରେ ଷ୍ଟିଭ୍ ଲେଖିଥିଲେ ଏବଂ ତାହାକୁ ନିକଟରେ ୪.୩୨ କୋଟିରେ ନିଲାମ କରାଯାଇଛି ।



## ଯୋଗୀ ଫୁଲ!

ଦୁନିଆରେ ଏଭଳି ବିଭିନ୍ନ ଫୁଲ ରହିଛି ଯାହା ନିଜର ଆକାର ପାଇଁ ପରିଚିତ । ସେହିଭଳି ଏକ ଫୁଲ ହେଲା ଯୋଗୀ ଫୁଲ, ଯାହା ନିଜର ବିରଳ ଆକାର ପାଇଁ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ଫୁଲଟି ଦେଖିବାକୁ ଅବିକଳ ଯୋଗୀଙ୍କ ଭଳି । ଜଣେ ମଣିଷ ଯୋଗୀଙ୍କ ଭଳି ବସି ଧ୍ୟାନ କରିବା ସମୟରେ ଯେଉଁଭଳି ଦେଖାଯାଆନ୍ତି, ଠିକ୍ ସେହିଭଳି ଏହି ଫୁଲଟି ଅବିକଳ ଦେଖିବାକୁ । ଏହା କେବଳ ତୁର୍କୀର ହାଲ୍‌ଫେଟି ଗ୍ରାମରେ ଫୁଟିଥାଏ ବୋଲି ସୋସିଆଲ ମିଡିଆରେ ସୂଚନା ଦିଆଯାଇଛି । ଏହି ଗ୍ରାମର ମାଟିରେ କିଛି ସ୍ୱତନ୍ତ୍ରତା ରହିଥାଏ ଯେଉଁ କାରଣରୁ ଯୋଗି ଫୁଲ ଏଠାରେ ଫୁଟିଥାଏ । ସୋସିଆଲ ମିଡିଆର ତଥ୍ୟ ଅନୁସାରେ ଏହା ଖରାଦିନେ କଳା ରଙ୍ଗର ହେଉଥିବାବେଳେ ଅନ୍ୟ ଋତୁରେ ଗାଢ ଲାଲ ରଙ୍ଗର ହୋଇଥାଏ । ହେଲେ ସୋସିଆଲ ମିଡିଆରେ ବୁଲୁଥିବା ଏହି ଫୁଲର ଫଟୋଟିର କୌଣସି ସତତ୍ୟା ନାହିଁ । ଏହା ଏଆଇ ଜେନେରେଟେଡ୍ ଫୁଲ ବୋଲି ଜଣା ପଡିଛି । ଏଭଳି ଯୋଗୀ ଫୁଲ କେବେ ବି ଫୁଟିନାହିଁ । ତେବେ ତୁର୍କିରେ ଆଉ ଏକ ଫୁଲ ରହିଛି ଯାହା ନିଜର ରଙ୍ଗ ବଦଳାଇଥାଏ ତାହା ହେଲା କାରା ଗୁଲ୍ । ଯାହା ଏକ ଗୋଲାପ ପ୍ରଜାତିର । ଏହି ଗୋଲାପଟି ଶୀତଦିନେ ଲାଲ୍ ଥିବାବେଳେ ଖରାଦିନେ କଳା ରଙ୍ଗ ପାଲଟିଯାଇଥାଏ ।

## ପଶ୍ଚିମୋତ୍ତନାସନ

ଏହି ଆସନଟିକୁ ଦଣ୍ଡାସନରୁ କରିବା ଆରମ୍ଭ କରନ୍ତୁ । ଆଣ୍ଠୁ ଅଳ୍ପ ବଙ୍କା କରି ଗୋଡ ସିଧା ରଖନ୍ତୁ । ହାତକୁ ସିଧା କରି ଆଗଶରୀରକୁ ଭାଙ୍ଗନ୍ତୁ । ଶରୀର ଉପରି ଭାଗକୁ ତଳ ଭାଗ ଉପରେ ରଖନ୍ତୁ । ଏହାପରେ କହୁଣୀ ଭାଙ୍ଗିବା ସହିତ ହାତରେ ବୃଦ୍ଧା ଆଙ୍ଗୁଳିକୁ ଧରନ୍ତୁ । ଏହାପରେ ଧୀରେଧୀରେ ନାକରେ ଆଣ୍ଠୁକୁ ଛୁଇଁବାକୁ ଚେଷ୍ଟା କରନ୍ତୁ । ଯେତିକି ହେଉଛି ସେତିକି କରନ୍ତୁ । ଏଭଳି ପୋଜିସନ୍‌ରେ କିଛି ସମୟ ରହିବାକୁ ଚେଷ୍ଟା କରନ୍ତୁ । ଧୀରେଧୀରେ ସାଧାରଣ ଅବସ୍ଥାକୁ ଆସନ୍ତୁ । ଏହାସହ ଯଦି ଆପଣଙ୍କର ଆଣ୍ଠୁ କିମ୍ବା ପିଠାରେ ପୀଡା ଅଛି ତେବେ ଏହି ଆସନ କରନ୍ତୁ ନାହିଁ, କିମ୍ବା କାହାସହ ପରାମର୍ଶ ପରେ କରନ୍ତୁ ।



## କାର୍ତ୍ତିକ କରଣ ପ୍ୟାଚଅପ୍



କାର୍ତ୍ତିକ ଆରିୟନ ଓ କରଣ ଜୋହର ନିଜ ସମ୍ପର୍କକୁ ନେଇ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛନ୍ତି । ଉଭୟଙ୍କ ଭିତରେ କେତେବେଳେ ଝଗଡାର ଖବର ମିଳୁଥିବାବେଳେ କେତେବେଳେ ଉଭୟଙ୍କର ପ୍ୟାଚ୍ ହୋଇଥିବା ନେଇ ଖବର ଆସୁଛି । ନିକଟରେ କରଣ କାର୍ତ୍ତିକଙ୍କୁ ନେଇ ଏକ ଫିଲ୍ମ କରିବାକୁ ଯାଉଛନ୍ତି । କରଣଙ୍କର ଆଗକୁ ଏକ କମେଡି ଫିଲ୍ମ, 'ତୁ ମେରୀ ମେ ତେରା ମେ ତେରା ତୁ ମେରୀ' ଆସିବାକୁ ଯାଉଛି । ଏହି ଫିଲ୍ମ ପାଇଁ କରଣ କାର୍ତ୍ତିକଙ୍କୁ ମେଲ୍ ଲିଡ୍ ଭାବେ ଫାଇନାଲ କରିଛନ୍ତି । ସେହିଭଳି ନିକଟରେ ଏକ ଇଭେଣ୍ଟରେ କରଣଙ୍କ ସହିତ ତାଙ୍କର ଖଟାମିଠା ବା ଘୃଣା ଓ ପ୍ରେମର ସମ୍ପର୍କ ରହିଛି ବୋଲି ମତ ଦେଇଛନ୍ତି । ଉଭୟଙ୍କର ଫିଲ୍ମ ଦୋସ୍ତାନା ୨ ସମୟରେ କୌଣସି କାରଣରୁ ଝଗଡା ହୋଇଥିଲା । ଏହାପରେ ଦୋସ୍ତାନା ପ୍ରୋଜେକ୍ଟରୁ ଆରିୟନଙ୍କୁ ବାଦ ଦିଆଯାଇଥିବା ମଧ୍ୟ ଚର୍ଚ୍ଚା ହୋଇଥିଲା । ତେବେ ବର୍ତ୍ତମାନ ଉଭୟଙ୍କ ମିଳନ ଏହି ସବୁ ଚର୍ଚ୍ଚାରେ ଯେପରି ପୂର୍ଣ୍ଣଛେଦ ପକାଇଛି ।

## ସୋସିଆଲ କୋଟ୍ସ



ସେଫ୍‌ଙ୍କ ଉପରେ ହୋଇଥିବା ଆକ୍ରମଣ ଆମ ସମସ୍ତଙ୍କୁ ବ୍ୟତିବେସ୍ତ କରିଛି । ଏହା ଖୁବ ଭୟଙ୍କର ଘଟଣା । ସମସ୍ତଙ୍କ ସୁରକ୍ଷା ନେଇ ବର୍ତ୍ତମାନ ଚିନ୍ତିତ ।

**ଚିରଞ୍ଜୀବୀ, ଅଭିନେତା**



ବାପା କହିଥିଲେ କି ହନୁମାନଙ୍କ ଚରିତ୍ରରେ ଅଭିନୟ କରିବା ସହଜ ନୁହେଁ । ଏଥିପାଇଁ ଖୁବ ନିଷ୍ଠାରେ କଡା ନିୟମ ମାନିବାକୁ ହେବ । ସବୁଦିନ ପ୍ରାର୍ଥନା କରିବାକୁ ହେବ, ମାଂସ ଖାଇବା ଛାଡିବାକୁ ହେବ ।

**ବିନ୍ଦୁ ଦାରା ସିଂ, ଅଭିନେତା**



ମୋର ସୋଭାଗ୍ୟ, ଆମ ପୁରା ଟିମ୍‌ର ଗୁଡ୍‌ଲକ୍ କି ଗୁରୁଜୀ ଆମ ଫିଲ୍ମର ସ୍କ୍ରିନିଂରେ ଆସିଲେ । ଗୁରୁଜୀଙ୍କର ଆମ ପାଖକୁ ଆସିବା ଆମକୁ ଏକ ପଜିଟିଭ୍ ଏନର୍ଜି ଦେଇଛି ।

**କଙ୍ଗନା ରାଣାୱତ, ଅଭିନେତ୍ରୀ**

## ଚିକେନ୍ ଗୁପ୍‌ଚୁପ୍



ସାମଗ୍ରୀ : ୧୦୦ ଗ୍ରାମ ବୋନ୍‌ଲେସ୍ ଚିକେନ୍ (ଛୋଟଛୋଟ କଟା ହୋଇଥିବା), ଏକ ଚାମଚ ଅଦାରସୁଣ ବଟା, ଦୁଇ ଚାମଚ ଦହି, ଏକ ଚାମଚ ତନ୍ଦୁରି ଚିକେନ୍ ମସଲା, ସ୍ୱାଦ ଅନୁସାରେ ଲୁଣ, ଦୁଇ ଚାମଚ କ୍ରିମ୍, ଅଳ୍ପ ହଳଦୀ ଗୁଣ୍ଡ, ତେନ୍ତୁଳି ଚଟଣି, ଗ୍ରୀନ୍ ଚଟଣି, ଗୁପ୍‌ଚୁପ୍ ପାଣି ପାଇଁ ସମସ୍ତ ମସଲା ।

ପ୍ରଣାଳୀ : ପ୍ରଥମେ ଚିକେନ୍‌କୁ ହଳଦି, ଲୁଣ, ଦହି ଓ ମସଲା ଗୁଣ୍ଡ ଗୋଳାଇ ଫ୍ରିଜ୍‌ରେ ୨ରୁ ୩ଘଣ୍ଟା ପର୍ଯ୍ୟନ୍ତ ରଖନ୍ତୁ । ଏହାପରେ ଏକ ପ୍ୟାନ୍‌ରେ ତେଲ ଗରମ କରନ୍ତୁ । ଏଥିରେ ଚିକେନ୍‌କୁ ପକାଇ ଭାଜନ୍ତୁ । ଏହାକୁ ୧୦ରୁ ୧୫ ମିନିଟ୍ ଭାଜନ୍ତୁ । ଏହାପରେ ଏଥିରେ କ୍ରିମ ପକାନ୍ତୁ । ଚିକେନ୍ ଭଲ କରି ସିଝିବା ପରେ ଏହାକୁ ଥଣ୍ଡା କରନ୍ତୁ । ବର୍ତ୍ତମାନ ଏଥିରେ ଗୁପ୍‌ଚୁପ୍‌ର ସମସ୍ତ ମସଲା ପକାନ୍ତୁ । ଏହାପରେ ଏହି ଚିକେନ୍ ପୁରକୁ ଦେଇ ପ୍ରସ୍ତୁତ କରନ୍ତୁ ଗୁପ୍‌ଚୁପ୍ । ଏଥିରେ ବାଦାମ, ଧନିଆ ପତ୍ର ସହ ଚଟଣି ଦେଇ ପରଷନ୍ତୁ ଚିକେନ୍ ଗୁପ୍‌ଚୁପ୍ ।

## ବୁର୍ଲା ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ କପ୍ - ୨୦୨୫

# ୨୦୩୬ ଅଲିମ୍ପିକରେ ଓଡ଼ିଆ ପିଲାଙ୍କ ଭାଗିଦାରୀକୁ ବଢାଇବା : ଧର୍ମେନ୍ଦ୍ର



ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ସମ୍ବଲପୁର ବୁର୍ଲା ଠାରେ ମହିଳା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ବୁର୍ଲା କପ୍ - ୨୦୨୫ର ପ୍ରଦର୍ଶନୀ ମ୍ୟାଚରେ ଯୋଗଦେବା ଅବସରରେ ୨୦୩୬ ଅଲିମ୍ପିକ ପାଇଁ ଓଡ଼ିଆ ପିଲାଙ୍କ ଭାଗିଦାରୀକୁ ବଢାଇବା ପାଇଁ ପ୍ରୟାସ କରିବାକୁ ଆହ୍ୱାନ କରିଛନ୍ତି । 'ବୁର୍ଲା ଆଥଲେଟିକ୍ ଆସୋସିଏସନ' ପକ୍ଷରୁ ଆୟୋଜିତ ଏହି ଫୁଟବଲ ପ୍ରତିଯୋଗିତା ସମାରୋହରେ ସେ କହିଛନ୍ତି ଯେ ଫୁଟବଲ ମୋର ଅତ୍ୟନ୍ତ ପ୍ରିୟ ଖେଳ । ବୁର୍ଲା, ହୀରାକୁଦ ସମେତ ସମ୍ବଲପୁରରେ ଫୁଟବଲ ଖେଳ ପ୍ରତି ଯୁବବର୍ଗଙ୍କ ଆଗ୍ରହ ବଢିବା ବହୁତ ସୁଖର କଥା । ଏହି ଅଞ୍ଚଳରେ ଖେଳୁଆଡ ମନୋଭାବକୁ ବଢାଇବା ଦିଗରେ ଏହି ପ୍ରତିଯୋଗିତାର ଆୟୋଜନ ପ୍ରଶଂସନୀୟ । ମହିଳା ଫୁଟବଲର ଆୟୋଜନ କରି କ୍ରୀଡ଼ା କ୍ଷେତ୍ରରେ ନାରୀଶକ୍ତିଙ୍କୁ ସେମାନଙ୍କ ଦକ୍ଷତା ଓ ପରାକାଷ୍ଠାକୁ ପ୍ରମାଣିତ କରିବାର ଏକ ପ୍ଲାଟଫର୍ମ ଦେଇଥିବାରୁ ଆସୋସିଏସନର ସମସ୍ତ ସଦସ୍ୟଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । ବୁର୍ଲା ସମେତ ସମ୍ବଲପୁରରେ କ୍ରୀଡାର ବିକାଶ ପାଇଁ ଜିଲ୍ଲା ପ୍ରଶାସନ ଯୋଜନା କରିବା ଦରକାର । ବିଶେଷ ଭାବରେ ୨୦୩୬ ଅଲିମ୍ପିକରେ ଓଡ଼ିଆ ପିଲାମାନେ କିପରି ଅଧିକରୁ ଅଧିକ ଭାଗ ନେବେ, ଏଥିପାଇଁ ଆମେ ସମସ୍ତେ ପ୍ରୟାସ କରିବା ଦରକାର ବୋଲି ସେ କହିଥିଲେ ।

# ସିଙ୍ଗାପୁର ରାଷ୍ଟ୍ରପତିଙ୍କ ରଘୁରାଜପୁର ଓ କୋଣାର୍କ ମନ୍ଦିର ପରିଦର୍ଶନ




ପୁରୀ/କୋଣାର୍କ (ସବ୍ୟୁ): କଡ଼ା ସୁରକ୍ଷା ବଳୟ ମଧ୍ୟରେ ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ସନ୍ମୁଗରତ୍ନମ ଶନିବାର ସକାଳେ ପୁରୀ ଗସ୍ତରେ ଆସି ଚନ୍ଦନପୁର ଅନ୍ତର୍ଗତ କଳା ପଟ୍ଟଚିତ୍ର ଗ୍ରାମ ରଘୁରାଜପୁର ଓ ସୂର୍ଯ୍ୟ ମନ୍ଦିର କୋଣାର୍କ ପରିଦର୍ଶନ କରିଛନ୍ତି । ସକାଳ ୯ ଘଟିକାରେ ରାଷ୍ଟ୍ରପତି ରଘୁରାଜପୁରରେ ସସ୍ତ୍ରୀକ ପହଞ୍ଚି ଥିଲେ । ଓଡିଶା ସରକାରଙ୍କ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ପର୍ଯ୍ୟଟନ ନିର୍ଦ୍ଦେଶକ ସମର୍ଥ ବର୍ମା, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସପି ବିନୀତ ଅଗ୍ରୱାଲ ରାଷ୍ଟ୍ରପତିଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରି ସ୍ୱାଗତ କରିଥିଲେଛ ପାରମ୍ପରିକ ଲୋକ କଳା ଓ ଗୋଟିପୁଅ ନୃତ୍ୟ ମାଧ୍ୟମରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରାଯାଇଥିଲା । ପରେ କଳାଗ୍ରାମ ରଘୁରାଜପୁର କୁ ରାଷ୍ଟ୍ରପତି ପରିଦର୍ଶନ କରିବା ସହ ପଟ୍ଟଚିତ୍ର ଦେଖି ଥିଲେ । ରାଷ୍ଟ୍ର ପତି ସେଠାରେ ଶୀଳ୍ପୀ ମାନଙ୍କ ସହ ବାର୍ତ୍ତାଳାପ କରିଥିଲେ । ଏତେ ସୁନ୍ଦର କାରୁକାର୍ଯ୍ୟ ଦେଖି ସେ ଖୁବ ଖୁସି ବ୍ୟକ୍ତ କରିଥିଲେ । ରାଷ୍ଟ୍ରପତି ଦମ୍ପତି ଲକ୍ଷାଧିକ ଟଙ୍କାର ପଟ୍ଟଚିତ୍ର କ୍ରୟ କରିଥିଲେ । ରଘୁରାଜପୁର ଗ୍ରାମ, ପ୍ରଦର୍ଶନୀ ସ୍ଥଳ, ଅଙ୍ଗନବାଡ଼ି କେନ୍ଦ୍ର ଓ ଆରୋଗ୍ୟ ମନ୍ଦିରକୁ ରାଷ୍ଟ୍ରପତି ପରିଦର୍ଶନ କରିଥିଲେ ଟ ଏହା ପରେ ରାଷ୍ଟ୍ରପତି କୋଣାର୍କ ଅଭିମୁଖେ ଯାଇ ଥିଲେ । ସେଠାରେ ପହଞ୍ଚିବା ପରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କ ସମେତ ଶକ୍ତି ବିଭାଗ ପ୍ରମୁଖ ସଚିବ ବିଶାଳ ଦେବ ପର୍ଯ୍ୟଟନ ସଚିବ ବଲଓ୍ୱନ୍ତ ସିଂ, ଅତିରିକ୍ତ ଡିଜି ସଞ୍ଜୟ କୁମାର, ରାଧାକୃଷ୍ଣ ଶର୍ମା, ଆଇଜି ଅନୂପ କୁମାର ସାହୁ, ଡିଆଇଜି ଅଖିଳେଶ୍ୱର ସିଂ, ଜିଲ୍ଲାପାଳ ଓ ଏସପି ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ । ରଷ୍ଟ୍ରପତି ପ୍ରଥମେ ଆଇଓସିଏଲର ଇଣ୍ଟରପ୍ରିଟେସନ କେନ୍ଦ୍ର ପ୍ରଥମେ ପରିଦର୍ଶନ କରି ଥିଲେ । ପରେ ସୂର୍ଯ୍ୟ ମନ୍ଦିର ପରିଦର୍ଶନ ପାଇଁ ଯାଇ ଥିଲେ । ସୂର୍ଯ୍ୟ ମନ୍ଦିର ଦେଖି ସେ ଆନନ୍ଦ ପ୍ରକାଶ କରିଥିଲେ । ସୂର୍ଯ୍ୟ ମନ୍ଦିର ସମ୍ପର୍କରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥାର ପ୍ରତିନିଧି ଓ ଗାଇଡ ରାଷ୍ଟ୍ରପତିଙ୍କୁ ବିସ୍ତୃତ ସୂଚନା ପ୍ରଦାନ କରିଥିଲେଛ ରାଷ୍ଟ୍ରପତି ସନ୍ମୁଗରତ୍ନମ ଆଗ୍ରହର ସହ ସେ ସବୁ ଶୁଣି ବିଭିନ୍ନ ଜିଜ୍ଞାସା କରିଥିଲେ ଓ ସ୍ପଷ୍ଟୀକରଣ ପାଇଥିଲେ । ପରେ ପରେ ରାଷ୍ଟ୍ରପତି ଦମ୍ପତି ଓ ସିଙ୍ଗାପୁରରୁ ଆସିଥିବା ପ୍ରତିନିଧି ମଣ୍ଡଳୀ କୋଣାର୍କ ମନ୍ଦିର ପରିଦର୍ଶନ ଓ ପରିକ୍ରମଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ, ପୁରୀ ସଦର ବିଡ଼ିଓ ସମ୍ବିତ ଶତପଥୀ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଗୋପ ବିଡ଼ିଓ ତଥା କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ଛବିରାଣୀ ସାହୁ, କାକଟପୁର ବିଡ଼ିଓ ବିଷ୍ଣୁ ଗୋବିନ୍ଦ, ଗୋପ ତହସିଲଦାର ଅନିଲ କୁମାର ମହାନ୍ତି,ଲୋକ ସମ୍ପର୍କ ଅଧିକାରୀ ଅମ୍ଳାନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲାପାଳଙ୍କ ସହ ସୁଭଦ୍ରା କାର୍ଯ୍ୟନ୍ୱୟନର ସମୀକ୍ଷା

# ଇ-କେୱାଇସି ପ୍ରକ୍ରିୟା ଶୀଘ୍ର ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର(ସବ୍ୟୁ): ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲାପାଳମାନଙ୍କ ସହ ସୁଭଦ୍ରା ଯୋଜନାର କାର୍ଯ୍ୟନ୍ୱୟନ ସମ୍ବନ୍ଧରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଅଧ୍ୟକ୍ଷତା କରି ସୁଭଦ୍ରା ଯୋଜନା ଅନ୍ତର୍ଗତ କ୍ଷେତ୍ର ଅନୁଧ୍ୟାନକୁ ଶୀଘ୍ର ସାରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ସମସ୍ତ ଜିଲ୍ଲାର ଇ-କେୱାଇସି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀମତୀ ପରିଡା ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ଏନପିସୀଆଇ ଓ ବ୍ୟାଙ୍କର ବିଫଳ କେସ ବିଷୟରେ ମଧ୍ୟ ତର୍ଜମା କରାଯାଇଥିଲା । ଏଯାବତ ଅପଟ-ଇନ ବ୍ୟବସ୍ଥା ମାଧ୍ୟମରେ ୧୨ ହଜାର ୭୭୩ ଜଣ ହିତାଧିକାରୀ ମାନେ ଯୋଡି ହୋଇଛନ୍ତି । ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ସହ ବିଭାଗର ଅନ୍ୟ ଅଧିକାରୀ ଏବଂ ୩୦ଟି ଜିଲ୍ଲାର ଜିଲ୍ଲାପାଳ ଓ ୫ଟି ସହରର ମୁନିସିପାଲ କମିଶନର ଉପସ୍ଥିତ ଥିଲେ ।

## ଟାଙ୍ଗୋଳ ଅଞ୍ଚଳରେ ପୋଲିସର ଅତର୍କିତ ଚଢ଼ାଉ

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଟାଙ୍ଗୋଳ ଅଞ୍ଚଳରେ ଜଂକିଆ ପୋଲିସ ଶୁକ୍ରବାରି ରାତିରେ ଅତର୍କିତ ଚଢ଼ାଉ ୭ ପଥର ଟ୍ରକ, ଦୁଇ ପାୱାର ଟିଲର, ୧ ବାଇକ୍ ଜବତ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ କି ଟାଙ୍ଗୋଳ ମୌଜାରେ ବେଆଇନ ମାଙ୍କଡ଼ା ପଥର ଖଣି ଚାଲୁଥିବା କୌଣସି ସୂତ୍ରରୁ ଖବର ପାଇ ଜଂକିଆ ଆଇଆଇସି ପ୍ରଜ୍ଞା ରିତମ୍ଭରା କର ସଦଳବଳେ ଉକ୍ତ ଖଣି ଚାଲୁଥିବା ସ୍ଥାନରେ ଚଢ଼ାଉ ଶୁକ୍ରବାର ରାତିରେ କରିଥିଲେ। ଏହି ଚଢ଼ାଉ ସମୟରେ ଖଣି ମାଲିକ, ଗାଡି ଚାଳକ ଗାଡି ଛାଡ଼ି ଛତ୍ରଭଙ୍ଗ ଦେଇଥିଲେ। ପୋଲିସ ଘଟଣା ଘଟଣାସ୍ଥଳ ରୁ ୭ ଟି ପଥର ବୋଝେଇ ଟ୍ରକ୍, ଦୁଇଟି ପାୱାର ଟିଲର ଓ ଗୋଟିଏ ବାଇକ୍ ଜବତ କରି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## କୋଣାର୍କ ସୂର୍ଯ୍ୟ ମନ୍ଦିର ପରିସରରେ ଡିଏମ୍ଏଫ୍ ପ୍ରଦର୍ଶନୀ ଉଦ୍‌ଘାଟିତ



ଭୁବନେଶ୍ୱର(ସବ୍ୟୁ): କୋଣାର୍କ ସୂର୍ଯ୍ୟ ମନ୍ଦିର ପରିସରରେ ଖଣି ମନ୍ତ୍ରଣାଳୟ ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ସହଭାଗିତାରେ ଡିଏମଏଫ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି । ଜାନୁଆରୀ ୧୮ ରୁ ୨୧ ଯାଏ ଚାଲିବାକୁଥିବା କାର୍ଯ୍ୟକ୍ରମରେ ଖଣି ପ୍ରଭାବିତ ଅଞ୍ଚଳର ଦୀର୍ଘସ୍ଥାୟୀ ବିକାଶ ତଥା ଉନ୍ନତି ସମ୍ବନ୍ଧୀୟ ପ୍ରଦର୍ଶନୀ ସାମିଲ ହୋଇଛି । ନାଲକୋ, ଓଡ଼ିଶା ଖଣି ନିଗମ, ତଥା ଖଣି ମନ୍ତ୍ରଣାଳୟରଉଚ୍ଚ ପଦାଧିକାରୀଙ୍କ ଉପସ୍ଥିତିରେ ଖଣି ମନ୍ତ୍ରଣାଳୟରଯୁଗ୍ମ ସଚିବ ଶ୍ରୀମତୀ ଫରିଦା ଏମ. ନାୟକ ଏହି ପ୍ରଦର୍ଶନୀର ଉଦ୍ଘାଟନ କରିଥିଲେ ।

ନିରନ୍ତର ବିକାଶ ଦ୍ୱାରା ସମ୍ପ୍ରଦାୟକୁ ସଶକ୍ତ କରିବା ବିଷୟବସ୍ତୁ ଉପରେ ଆଧାରିତ ଏହି ପ୍ରଦର୍ଶନୀରେଡିଏମଏଫ,ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଜିଏସଆଇ), ହିନ୍ଦୁସ୍ତାନ କପର ଲିମିଟେଡ୍, ନାଲକୋ, ହିନ୍ଦୁସ୍ତାନ ଜିଙ୍କ ଏବଂ ଓଡ଼ିଶା ସରକାରଙ୍କ ତରଫରୁ ବିଭିନ୍ନ ଷ୍ଟଲ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ତଥା ଅନ୍ୟାନ୍ୟ ଗୋଷ୍ଠୀ ବିକାଶ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଛି । ଏହି ଷ୍ଟଲଗୁଡ଼ିକରେ ସ୍ଥାନୀୟ ହସ୍ତଶିଳ୍ପ, ଅଭିନବ ଜୀବିକା ପ୍ରକଳ୍ପ ଏବଂ ଗୋଷ୍ଠୀ-ପରିଚାଳିତ ବିଭିନ୍ନ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଛି । ଏହି ପ୍ରଦର୍ଶନୀରେ ଡିଏମଏଫ ଦ୍ୱାରା ସ୍ଥାନୀୟ ଅଞ୍ଚଳର ଜୀବନଧାରଣ, ଆତ୍ମନିର୍ଭରଶୀଳତା ତଥା ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ପ୍ରତିଫଳିତ ହୋଇଛି । ଶ୍ରୀମତୀ ଫରିଦା ଏମ. ନାୟକ ଖଣି ପ୍ରଭାବିତ ଅଞ୍ଚଳଗୁଡ଼ିକରେ ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ହାସଲ କରିବା ପାଇଁ ମନ୍ତ୍ରଣାଳୟର ଦୃଢ଼ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । ସେ ଓଡ଼ିଶା ସରକାର,କର୍ପୋରେଟ ଅଂଶୀଦାର ଏବଂ ଡିଏମଏଫ ଦ୍ୱାରା ନିଆଯାଉଥିବା ପଦକ୍ଷେପ ଓ ଅବଦାନକୁ ପ୍ରଶଂସା କରିଥିଲେ ।

## ୪ରୁ ଖଣ୍ଡଗିରି କୁମ୍ଭମେଳା

# ଏଥର ଏକକ ପ୍ଲାଷ୍ଟିକ, ପଲିଥିନ୍ ସମ୍ପୂର୍ଣ୍ଣ ବ୍ୟାନ

ଭୁବନେଶ୍ୱର(ସବ୍ୟୁ): ଖଣ୍ଡଗିରିରେ ଆସନ୍ତା ୪ ତାରିଖରୁ ଅନୁଷ୍ଠିତ ହେବାକୁ ଥିବା ଐତିହାସିକ ମାଘମେଳା ବା କୁମ୍ଭମେଳା । ଖଣ୍ଡଗିରି ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ଖଣ୍ଡଗିରି ଛକରୁ ଜୟଦେବ ଭାଟିକା ଛକ ପର୍ଯ୍ୟନ୍ତ ହୋଇଥିବା ଜବର ଦଖଲ ଉଠାଇବାକୁ କୁହାଯାଇଛି । ଖଣ୍ଡଗିରି ମେଳାରେ ସାମିଲ ହେବେ ଦେଶର ୧ ହଜାରରୁ ଅଧିକ ସାଧୁସନ୍ଥ । ସେମାନଙ୍କ ପାଇଁ ସ୍ୱତନ୍ତ୍ର ଟେଣ୍ଟ, ଆଲୋକ ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ । ବିଭିନ୍ନ ପ୍ରବେଶ ପଥରେ ଲାଗିବ ଗେଟ୍ । ମୁତୟନ ରହିବ ୧୦ଟି ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡି । ବଞ୍ଜାରାଙ୍କ ଅନୁପ୍ରବେଶ ଉପରେ ରୋକ୍ ଲଗାଇବା ପାଇଁ ପଦକ୍ଷେପ ନିଆଯିବା ସହ ରାସ୍ତା ଜାମରୁ ଦର୍ଶକଙ୍କୁ ରକ୍ଷା କରିବା ପାଇଁ ଏକ ସମୟରେ ଯାତ୍ରା ନଭାଙ୍ଗିବାକୁ ଯାତ୍ରାଦଳ ତଥା ସଂପୃକ୍ତ କମିଟିଙ୍କୁ ଅବଗତ କରାଯାଇଛି ବୋଲି ମେୟର ସୁଲୋଚନା ଦାସ କହିଛନ୍ତି । ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଚଳିତବର୍ଷ ଖଣ୍ଡଗିରି ମାଘ ମେଳାକୁ ଶାନ୍ତି ଶୃଙ୍ଖଳାର ସହ ସରସ, ସୁନ୍ଦର ଓ ଚିତ୍ତାକର୍ଷକ କରିବା ପାଇଁ ବ୍ୟାପକ ଆୟୋଜନ କରାଯାଇଛି । ଏବର୍ଷ ଖଣ୍ଡଗିରି ମେଳା ତଥା ଜାଗମରାର ଆରାଧ୍ୟ ଦେବତା ଅନନ୍ତ କେଶରୀଙ୍କ ଉତ୍ସବ ପାଇଁ ବିଏମ୍‌ସି ପକ୍ଷରୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରାଯାଇଛି । ଗତବର୍ଷ ଏହି ରାଶି ୨ ଲକ୍ଷ ଥିଲା । ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି କରିବା ପାଇଁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ରାସ୍ତାରେ ଥିବା ଖାଲଖମା ତୁରନ୍ତ ମରାମତି କରିବା ସହ ପଡିଆକୁ ସମତଳ କରିବା ପାଇଁ କୁହାଯାଇଛି ।

### ଗାଡ଼ି ପାର୍କିଂ ଲାଗି ଅଧିକ ସ୍ଥାନ ଚିହ୍ନଟ ହେବ

ଖଣ୍ଡଗିରି ପାହାଡ ଉପରକୁ ପାଣି ନେବା ଏକ ସମସ୍ୟା ହୋଇ ରହିଛ । ସେହି ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ୱାଟକୋକୁ ନିର୍ଦ୍ଦେଶ ଦିଆଯାଇଛି । ଖଣ୍ଡଗିରି ଛକରୁ ଜୟଦେବ ଭାଟିକା ଛକ ପର୍ଯ୍ୟନ୍ତ, ମେଳା ପଡିଆ, ଆଦି ଅଞ୍ଚଳକୁ ଆଲୋକିକରଣ କରାଯିବା ସହିତ ଏବର୍ଷ ଅଧିକ ସଂଖ୍ୟକ ସିସି ଟିଭି, ବ୍ୟାରିକେଡ୍ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଛି । ମେଳାରେ ବ୍ୟବସାୟୀମାନଙ୍କ ପାଇଁ ଷ୍ଟଲ ସଂଖ୍ୟା ବୃଦ୍ଧି କରିବା ସହ ଗତବର୍ଷ ହୋଇଥିବା ସାଇଜ୍‌ର ଷ୍ଟଲ କରିବାକୁ ମଧ୍ୟ କୁହାଯାଇଛି । ଏବର୍ଷ ମେଳାରେ ୪ଶହରୁ ଅଧିକ ଷ୍ଟଲ ଖୋଲିବାକୁ ଯୋଜନା ହୋଇଛି । ଯେଉଁମାନଙ୍କର ବ୍ୟବସାୟିକ ଅନୁମତି ପତ୍ର ଥିବ, ସେହିମାନଙ୍କୁ ଷ୍ଟଲ ପକାଇବା ପାଇଁ ପ୍ରୋତ୍ସାହିତ କରାଯିବ । ଭ୍ରାମ୍ୟମାଣ ବ୍ୟବସାୟୀଙ୍କଠାରୁ ଟ୍ରେଡ ଲାଇସେନ୍ସ ଫି ମଧ୍ୟ ଆଦାୟ କରାଯିବ । କୌଣସି ବ୍ୟବସାୟୀ ଥର୍ମକୁଲ, ନିଷିଦ୍ଧ ପଲିଥିନି ବା ଏକକ ବ୍ୟବହାର ପ୍ଲାଷ୍ଟିକର ଉପଯୋଗ ନ କରିବାକୁ କଡାକଡି କରାଯାଇଛି । ଖଣ୍ଡଗିରି ମେଳାରେ ଆଇନଶୃଙ୍ଖଳା ପରିସ୍ଥିତି ରକ୍ଷା କରିବା ସହ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ମୁତୟନ କରାଯିବ । କମିଶନରେଟ୍ ପୋଲିସ ସହ ବିଏମ୍‌ସିର ୭ଟି ସ୍କ୍ୱାଡ୍ ଏବଂ ସ୍ୱତନ୍ତ୍ର ଭାବେ ୨୫୦ ଜଣ ଅବସରପ୍ରାପ୍ତ ସେନାଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରାଯିବ । ବ୍ୟବସାୟୀମାନଙ୍କୁ ଅସ୍ଥାୟୀ ଦୋକାନ ଗୃହ ବା ଷ୍ଟଲ ବଣ୍ଟନ ପାଇଁ ବିଭିନ୍ନ ଖବର କାଗଜରେ ପ୍ରଚାର ପ୍ରସାର କରାଯିବାକୁ ନିଷ୍ପତ୍ତି ହୋଇଛ ।

ଯାତ୍ରା ସମୟରେ ଗାଡି ପାର୍କିଂ ଗୁରୁତର ସମସ୍ୟା ସୃଷ୍ଟି କରୁଛି । ସେଥିପାଇଁ ୪ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଥିବା ବେଳେ ଆଉ ଅଧିକ ସ୍ଥାନରେ ପାର୍କିଂ ସ୍ଥାନ ଚିହ୍ନଟ କରିବା ପାଇଁ କମିଶନରେଟ ପୋଲିସ ଏବଂ ବିଏମ୍‌ସିର ସାଉଥ-ୱେଷ୍ଟ ଜୋନାଲ କମିଶନରଙ୍କୁ ଦାୟିତ୍ୱ ଦିଆଯାଇଛ । ଆବଶ୍ୟକ ପଡିଲେ ଦୁଇରୁ ତିନି କିଲୋମିଟର ଦୂରରେ ପାର୍କିଂ ସ୍ଥାନ ନିରୂପଣ କରି ସେଠାରୁ ଦେଖଣାହାରୀଙ୍କୁ ବସ୍ ଯୋଗେ ଖଣ୍ଡଗିରି ମେଳାସ୍ଥଳକୁ ଆଣିବା ପାଇଁ ବ୍ୟବସ୍ଥା କରାଯିବ । ରାସ୍ତା ପାର୍ଶ୍ୱରେ କୌଣସି ଗାଡି ନରଖିବା ପାଇଁ କଡାକଡି ନିର୍ଦ୍ଦେଶ ଦିଆଯାଇଛି । ଏହା ବ୍ୟତୀତ ସାଧୁ ସନ୍ଥଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବା, ଯାତ୍ରା ପଡିଆ, ଯାତ୍ରା ପାର୍ଟି ଆଦିକୁ ସୁନିୟନ୍ତ୍ରିତ କରିବା ଆଦି ବହୁ ଦିଗ ଉପରେ ଆଲୋଚନା କରାଯାଇଛ । ଏହି ପ୍ରସ୍ତୁତି ବୈଠକରେ ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ ଉପସ୍ଥିତ ଥିବାବେଳେ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ।

## ୩ କେନ୍ଦ୍ରରେ ନବୋଦୟ ପ୍ରବେଶିକା ପରୀକ୍ଷା

ଖଣ୍ଡପଡା,(ସବ୍ୟୁ): ନୟାଗଡ଼ ଜିଲ୍ଲା ଖଣ୍ଡପଡା ବ୍ଲକ ଅଧିନ ୩ଟି କେନ୍ଦ୍ରରେ ନବୋଦୟ ପ୍ରବେଶିକା ପରୀକ୍ଷା ଶନିବାର ଦିନ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ସହରାଂଚଳ ଅଧିନ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ୧୯୨ ଜଣ ଛତ୍ରଛାତ୍ରୀଙ୍କ ମଧ୍ୟରୁ ୧୭୫ ଜଣ ପରୀକ୍ଷା ଦେଇଥିବା ବେଳେ ଖଳିସାହିସ୍ଥିତ ଶ୍ରୀନୀଳକଣ୍ଠେଶ୍ୱର ଦେବ ବାଳିକା ଉଚ୍ଚ ବିଦ୍ୟାଳୟରେ ୭୨ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୨ଜଣ ଓ କଂଟିଲୋ ନୀଳମାଧବ ନୋଡ଼ାଲ ବିଦ୍ୟାଳୟରେ ୧୮୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୭୦ଜଣ ପରୀକ୍ଷା ଦେଇଥିବା ଖଣ୍ଡପଡ଼ା ବ୍ଲକ୍ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କ ଠାରୁ ପ୍ରକାଶ। ଉକ୍ତ ୩ଟି ପରୀକ୍ଷା କେନ୍ଦ୍ରରେ ସର୍ବମୋଟ ୪୫୧ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ନିମନ୍ତେ ବ୍ୟବସ୍ଥା ହୋଇଥିବା ବେଳେ ତନ୍ମଧ୍ୟରୁ ୪୪ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ଜଣାପଡ଼ିଛି।




## ଜରୁରୀକାଳିନ ପରିସ୍ଥିତିର ମୁକାବିଲା ପାଇଁ

# ଏଏମ୍/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ପୂର୍ଣ୍ଣକାଳିନ ମକ୍‌ଡ୍ରିଲ୍

ଭୁବନେଶ୍ୱର (ସବ୍ୟୁ): ଆର୍ସେଲର ମିତଲ ନିପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ପକ୍ଷରୁ ଜରୁରୀକାଳିନ ପରିସ୍ଥିତିର ମୁକାବିଲା ପାଇଁ କିଭଳି ପ୍ରସ୍ତୁତି କରାଯାଇଛି ସେ ସଂପର୍କରେ ପୂର୍ଣ୍ଣକାଳିନ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂକଟ ଗ୍ରୁପ୍ (ଡିସିଜି) ଜଗତସିଂହପୁର ଆନୁକୂଲ୍ୟରେ ଏହି ମକ୍‌ଡ୍ରିଲ୍ କରାଯାଇଥିଲା । ସରକାରୀ ଅଧିକାରୀ ପଡୋଶୀ ଶିକ୍ଷାନୁଷ୍ଠାନର ପ୍ରତିନିଧି ଏବଂ ଆପଦକାଳିନ ସେବା ସଂସ୍ଥାମାନେ ଏଥିରେ ଉପସ୍ଥିତ ଥିଲେ । ପରୀକ୍ଷା ସ୍ୱରୂପ ପାରାଦୀପ ପେଲେଟ୍ ପ୍ଲାଣ୍ଟ କମ୍ପ୍ଲେକ୍ସରେ ଥିବା ପାୱାର ପ୍ଲାଣ୍ଟର ଜିଟି ଟ୍ରାନ୍ସଫରମର ଅଞ୍ଚଳରେ ଅଗ୍ନିକାଣ୍ଡ ଘଟିଥିଲା । ଏହାକୁ ଲିଭାଇବା ପାଇଁ ଅପରେସନ୍, ମେକାନିକାଲ୍, ଇଲେକ୍ଟ୍ରିକାଲ, ସ୍ୱାସ୍ଥ୍ୟ ଓ ନିରାପତ୍ତା, ପ୍ରଶାସନ, ମାନବସମ୍ବଳ, ଅଗ୍ନିଶମ ସଂସ୍ଥା ଏବଂ ମେଡିକାଲ ସମେତ ବିଭିନ୍ନ ବିଭାଗ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ । ଓଡ଼ିଶା ଅଗ୍ନିଶମ ବିଭାଗ କୁଜଙ୍ଗ ସହାୟତାରେ ଅଗ୍ନି ଲିଭାଉଥିବା ରୋବର୍ଟ, କୃଷ୍ଣକୁ ସଫଳତାର ସହ ମୁତୟନ କରିଥିଲା । ଏହା ମକ୍‌ଡ୍ରିଲ୍‌ର ମୁଖ୍ୟ ବିଶେଷତ୍ୱ ଥିଲା । ଅଗ୍ନିନିର୍ବାପନ କାର୍ଯ୍ୟରେ ଯଥାସମ୍ଭବ କମ୍ ସଂଖ୍ୟକ କର୍ମଚାରୀଙ୍କୁ ମୁତୟନ କରିବା ଏହାର ମୂଳ ଉଦ୍ଦେଶ୍ୟ ଥିଲା । ଏହାଫଳରେ କର୍ମଚାରୀଙ୍କ ନିରାପତ୍ତାକୁ ଅଧିକ ସୁଦୃଢ଼ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପାରାଦୀପର ଅତିରିକ୍ତ ଏସ୍‌ପି ସ୍ମୃତି ରଞ୍ଜନ କର, ଫ୍ୟାକ୍ଟ୍ରି ଓ ବଏଲର୍ସ କଟକର ଡେପୁଟି ଡାଇରେକ୍ଟର ମନୋଜ ପଣ୍ଡା, ଫ୍ୟାକ୍ଟ୍ରି ଓ ବଏଲର୍ସର ପାରାଦୀପ ସହକାରୀ ନିର୍ଦ୍ଦେଶକ ଚନ୍ଦ୍ର ଶେଖର ବେହେରା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଫିସର ପୁଷ୍କର ଚନ୍ଦ୍ର ବେହେରା, କୁଜଙ୍ଗ ଫାୟାର ଅଫିସର କାର୍ତ୍ତିକ ବିଶ୍ୱାଳ, ନୂଆଗଡ ଗ୍ରାମପଞ୍ଚାୟତର ସରପଞ୍ଚ ଦେବେନ୍ଦ୍ର ରାଉତ, ପାୱାର ପ୍ଲାଣ୍ଟର ମୁଖ୍ୟ ରାଜର୍ଷି ସିହ୍ନା, ପାୱାର ପ୍ଲାଣ୍ଟର ମୁଖ୍ୟ ସରୋଜ ପଟ୍ଟନାୟକ, ହେଲ୍ଥ ଆଣ୍ଡ ସେଫ୍ଟି ଏଏମ୍ଏନ୍ଏସ୍ ଇଣ୍ଡିଆ ସଞ୍ଜୀବ କୁମାର ମୁଦୁଲି, ତ ଟର କ୍ଷୀବ।ହିନ1, ସିଆଇଏସ୍ଏଫ୍ ପାରାଦୀପ, ଡିସିଜି ଆଇଓସିଏଲ୍-ଏଲ୍‌ପିଜି ଟର୍ମିନାଲ ପାରାଦୀପ ପୋର୍ଟ ଅଥରିଟି ଓ ଇଫ୍‌କୋ, ଗୋଆ କାର୍ବୋନର କର୍ମକର୍ତ୍ତାମାନେ ମଧ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ଏଏମ୍/ଏନ୍ଏସ୍‌ଇଣ୍ଡିଆ ଓଡ଼ିଶା ଅପରେସନ୍‌ର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ସୁରେଶ ଜୀ କହିଛନ୍ତି ଏଏମ୍/ଏନ୍ଏସ୍‌ଇଣ୍ଡିଆ ନିରାପତ୍ତା କ୍ଷେତ୍ରରେ ଆଦୌ ସାଲିସ କରିବ ନାହିଁ । ନିରାପତ୍ତା ଦିଗକୁ ଅଧିକ ସୁଦୃଢ଼ କରିବା ପାଇଁ ନିୟମିତ ଭାବେ ବିଭିନ୍ନ ଡ୍ରିଲ୍ କରାଯାଇଥାଏ । ଯେକୌଣସି ଜରୁରୀକାଳିନ ପରିସ୍ଥିତିରେ ଫଳପ୍ରଦ ମୁକାବିଲା ପାଇଁ ଆମେ ସବୁବେଳେ ସଂପୂର୍ଣ୍ଣ ପ୍ରସ୍ତୁତ ଥାଉ । ଏହି ମକ୍‌ଡ୍ରିଲ୍ ଦ୍ୱାରା ଆମର ଜରୁରୀକାଳିନ ପ୍ରସ୍ତୁତି ଏବଂ ସାମର୍ଥ୍ୟକୁ ଅଧିକ ମଜଭୂତ କରିବ ବୋଲି ସୁରେଶ ଜୀ କହିଛନ୍ତି ।



## କାନାରା ବ୍ୟାଙ୍କ ତରଫରୁ କାନାରା କ୍ରେଷ୍ଟର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଦେଶର ଅଗ୍ରଣୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ମଧ୍ୟରୁ ଅନ୍ୟତମ ବ୍ୟାଙ୍କ, କାନାରା ବ୍ୟାଙ୍କ ନୂତନ ସଞ୍ଚୟ ଖାତା କାନାରା କ୍ରେଷ୍ଟ ର ଶୁଭାରମ୍ଭ କରିଅଛି। କାନାରା କ୍ରେଷ୍ଟ ହେଉଛି ସମାଜର ଧନୀ ବର୍ଗର ବ୍ୟକ୍ତି ବିଶେଷଙ୍କ ପାଇଁ ପ୍ରସ୍ତୁତ ଏକ ନୂତନ ସଞ୍ଚୟ ଖାତା। ଏହା ଏକ ପ୍ରକାରର ସ୍ୱତନ୍ତ୍ର ସଦସ୍ୟତା କାର୍ଯ୍ୟକ୍ରମ ଯାହା ସୁବିଧାପ୍ରାପ୍ତ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବା ସହିତ ସ୍ୱତନ୍ତ୍ର ସୁବିଧା ଯେପରି ଶାଖାଗୁଡିକରେ ପ୍ରାଥମିକ ଏବଂ ଆଟ୍-ପାର ସର୍ଭିସ୍ ଯୋଗାଇ ଦେବା, ସେବା ଦେୟ ଛାଡ କରିବା ଏବଂ ପ୍ରିମିୟମ୍ ଡେବିର୍ଡ / କ୍ରେଡିଟ୍ କାର୍ଡ ଆଦି ସେବା ଅନ୍ତର୍ଭୁକ୍ତ କରିଥାଏ । କାନାରା କ୍ରେଷ୍ଟ ର ଶୁଭାରମ୍ଭ ଅବସରରେ କାନାରା ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ଭୁବନେଶ୍ୱରସ୍ଥିତ ହୋଟେଲ କ୍ରାଉନ୍‌ଠାରେ କାନାରା କ୍ରେଷ୍ଟ ଗ୍ରାହକ ସମ୍ମିଳନୀର ଆୟୋଜନ ହୋଇଯାଇଛି। କାନାରା କ୍ରେଷ୍ଟର ଦୁଇଟି ପ୍ରକାର ଯଥା କ୍ରେଷ୍ଟ ପ୍ଲସ୍ ଏବଂ କ୍ରେଷ୍ଟ ଉପଲବ୍ଧ। ୫୦ଲକ୍ଷ ଟଙ୍କା ଏବଂ ତା ଠାରୁ ଅଧିକ ହାରାହାରି ବାଲାନ୍ସ ବଜାୟ ରଖୁଥିବା ଗ୍ରାହକଙ୍କ ପାଇଁ କ୍ରେଷ୍ଟ ପ୍ଲସ୍ ଏବଂ ୧୦ ଲକ୍ଷ ଟଙ୍କାରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହାରାହାରି ବାଲାନ୍ସ ବଜାୟ ରଖୁଥିବା ଗ୍ରାହକଙ୍କ ପାଇଁ କ୍ରେଷ୍ଟ ଉପଲବ୍ଧ ଅଟେ। ଏହି ଅବସରରେ ଭୁବନେଶ୍ୱର ମଣ୍ଡଳର ମଣ୍ଡଳ ମୁଖ୍ୟ ତଥା ମହାପ୍ରବନ୍ଧକ ଜଗଦୀଶ ଚନ୍ଦରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୬୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ ଗ୍ରାହକ ଉପସ୍ଥିତ ରହିଥିବା ସହ ଏହି ନୂତନ ଯୋଜନାର ଲାଭ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଉପସ୍ଥିତ ସମସ୍ତ ଗ୍ରାହକ କାର୍ଯ୍ୟକ୍ରମକୁ ସକାରତ୍ମକ ଭାବେ ଗ୍ରହଣ କରିଥିଲେ।

### ମା' ସମଲେଶ୍ୱରୀଙ୍କ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# ମା' ସମଲେଶ୍ୱରୀଙ୍କ ପୀଠ ଆମ ଆସ୍ଥା ଓ ବିଶ୍ୱାସର କେନ୍ଦ୍ର



ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଦର୍ଶନ କରିବା ସହ ପ୍ରସାଦ ସେବନ କରି ସୌଭାଗ୍ୟ ଲାଭ କରିଥିବା କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ମା' ସମଲେଶ୍ୱରୀଙ୍କ ପୀଠ ଆମ ଆସ୍ଥା ଓ ବିଶ୍ୱାସର ଅନନ୍ୟ କେନ୍ଦ୍ର । ଶନିବାର ସମଲେଶ୍ୱରୀ ମନ୍ଦିରରେ ପରିଚାଳନା ବ୍ୟବସ୍ଥା ତରଫରୁ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ପୁନଃ ପ୍ରଚଳନ ହୋଇଛି । ଆଜିର ଅବସରରେ ମା'ଙ୍କ ଦର୍ଶନ ଲାଭ କରିବା ସହ ପ୍ରସାଦ ସେବନ କରିବା ମୋର ସୌଭାଗ୍ୟ । ଏଥିପାଇଁ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟମାନଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ସମ୍ବଲପୁରର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗରେ ରାଜ୍ୟ ସରକାର ବିଭିନ୍ନ ପ୍ରକଳ୍ପ କ୍ରିୟାନ୍ୱୟନ କରୁଛନ୍ତି । ସମ୍ବଲପୁରର ପୁରୁଣା ଅଯୋଧ୍ୟା ସାଗର ବନ୍ଧକୁ 'ରିଭରଫ୍ରଣ୍ଟ ଡେଭଲପମେଣ୍ଟ ପ୍ରୋଜେକ୍ଟ' ଅଧୀନରେ ବିକଶିତ କରିବାର କଳ୍ପନା କରାଯାଇଛି । ମା' ସମଲେଶ୍ୱରୀଙ୍କ ମନ୍ଦିର ପ୍ରକଳ୍ପକୁ କେନ୍ଦ୍ରରେ ରଖି ସମ୍ବଲପୁରର ସର୍ବାଙ୍ଗୀନ ବିକାଶ ପାଇଁ ଯୋଜନା ହେଉଛି । ସମ୍ବଲପୁର ଭଳି ପ୍ରାଚୀନ ଓ ଐତିହ୍ୟ ସମ୍ପନ୍ନ ଅଞ୍ଚଳକୁ ଆଧୁନିକ ବ୍ୟବସ୍ଥା ସହ ଯୋଡିବା ପାଇଁ ଡବଲ ଇଞ୍ଜିନ ସରକାର କାମ କରୁଛି ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି । ସମ୍ବଲପୁର ଗସ୍ତ କାଳରେ ଶ୍ରୀ ପ୍ରଧାନଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

## ଓଡିଶା ଯୁବ ଶିଳ୍ପୋଦ୍ୟୋଗୀ ସଂଘ (ଓଇଆ)ର ନୂତନ କର୍ମକର୍ତ୍ତା

କଟକ, (ସ୍ୱପ୍ର): ଚଳିତବର୍ଷ ପାଇଁ ଓଡିଶା ଯୁବ ଶିଳ୍ପଦ୍ୟୋଗୀ ସଂଘ (ଓଇଆ)ର ବାର୍ଷିକ ସାଧାରଣ ସଭା ଖପୁରିଆ ଶିଳ୍ପାଞ୍ଚଳ ସ୍ଥିତ ଓଇଆ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ବାର୍ଷିକ ବିବରଣୀ ପାଠ କରାଯିବା ସହ ବାର୍ଷିକ ଆୟ-ବ୍ୟୟର ହିସାବ ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ୨୦୨୫ ବର୍ଷ ପାଇଁ ସଂଘର କର୍ମକର୍ତ୍ତା ନିର୍ବାଚନ କରାଯାଇ ନୂତନ କାର୍ଯ୍ୟକାରୀ କମିଟି ଗଠିତ ହୋଇଥିଲା । ଚଳିତବର୍ଷ ସଙ୍ଘର ସଭାପତି ଭାବେ ମିହିର କୁମାର କାନୁନଗୋ, ଉପସଭାପତି ଭାବେ ବିଜୟ କୁମାର ସାହୁ, ସାଧାରଣ ସମ୍ପାଦକ ଭାବେ ଡ଼ଃ. ଶିବ୍ରତ ରାଉତ, କାର୍ଯ୍ୟନିର୍ବାହୀ ସମ୍ପାଦକ ଭାବେ ଭୈରବ ଚନ୍ଦ୍ର ବେହେରା, ସଂଗଠନ ସମ୍ପାଦକ ଭାବେ ମହେଶ୍ୱର ପରିଡ଼ା ଓ ଅର୍ଥ ସମ୍ପାଦକ ଭାବେ ସୁରେନ୍ଦ୍ର କୁମାର ପତି ପ୍ରମୁଖ ନିର୍ବାଚିତ ହୋଇଛନ୍ତି । ଏହା ସହ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଶିବେନ୍ଦୁ ଶେଖର ମିଶ୍ର, ବାନାମ୍ବର ମହାନ୍ତି, ସୁହେଲ ସାଜଦ ସରିଫ, ଶାରଦା ପ୍ରସନ୍ନ ଦାସ, ଶୀତଳ ପ୍ରସାଦ ଦାସ, ଆରତତ୍ରାଣ ଭୂୟାଁ, ପୀୟୁଷ ମହାନ୍ତି, ବିଶ୍ୱରଞ୍ଜନ ଦାସ ପ୍ରମୁଖ ୮ ଜଣ ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ଅଧିକାରୀ ରୂପେ ଦାମୋଦର ନାୟକ ଓ ବିପିନ ବିହାରୀ ମହାନ୍ତି ଥିବାବେଳେ ମୁଖ୍ୟ ନିର୍ବାଚନ ଅଧିକାରୀ ଥିଲେ ଅଶୋକ କୁମାର ପଟ୍ଟନାୟକ।

### ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ଠାରେ

# ଓଏଏସ୍ ଶିକ୍ଷାନବିଶମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦଯାପନ ସମାରୋହ

ଭୁବନେଶ୍ୱର, (ସବ୍ୟୁ): ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ଠାରେ ଆଜି ଓଡ଼ିଶା ପ୍ରଶାସନିକ ଅଧିକାରୀ ଶିକ୍ଷାନବିଶ (ପ୍ରୋବେସନର)ଙ୍କ ପାଇଁ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମର 'ଉଦଯାପନ ସମାରୋହ' ଅନୁଷ୍ଠିତ ହୋଇଯାଇଛି ଗତ କିଛି ମାସ ଧରି ଏକାଡେମୀରେ ୧୧୨ ଜଣ ଓଏଏସ ଅଫିସର ପ୍ରଶିକ୍ଷଣର୍ଥୀମାନଙ୍କୁ ତାଲିମ ଦିଆଯାଇଥିଲା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗ ଦେଇ ପ୍ରଶାସନିକ ଅଧିକାରୀମାନେ କିପରି ପ୍ରତ୍ୟେକ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣି ପାରିବେ, ସେ ସମ୍ପର୍କରେ ସେ ଗୁରୁତ୍ୱାରୋପ କରିଥିଲେ । ଶାସନରେ ଉନ୍ନତି ଆଣିବା ପାଇଁ ସେମାନଙ୍କର ଅନନ୍ୟ ଦକ୍ଷତା ଉପରେ ସେ ଗୁରୁତ୍ୱାରୋପ କରିବା ସହ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଉପଯୁକ୍ତ ଭାବେ ସେବା ଯୋଗାଇଦେବା ପାଇଁ ଟେକ୍ନୋଲୋଜିକୁ ଆପଣାଇବାକୁ ସେ ଅନୁରୋଧ କରିଥିଲେ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ଯୁବ ଅଧିକାରୀମାନଙ୍କୁ ପଢ଼ିବା ଓ ଜ୍ଞାନ ଅର୍ଜନ କରିବାର ଅଭ୍ୟାସ ଜାରି ରଖିବାକୁ ଉତ୍ସାହିତ କରିଥିଲେ ।

ପ୍ରାରମ୍ଭରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହାନିର୍ଦ୍ଦେଶକ ଜି. ମାଥିଭଥନନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରମୁଖ କାର୍ଯ୍ୟକଳାପ ସମ୍ପର୍କରେ ଏକ ଉପସ୍ଥାପନା କରିଥିଲେ । ଏହି ଅବସରରେ ମୁଖ୍ୟ ଶାସନ ସଚିବ ଗୋପବନ୍ଧୁ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେସନରେ ସେଣ୍ଟର ଫର ଗୁଡ୍ ଗଭର୍ଣ୍ଣାନ୍ସ, ଓଡ଼ିଶା (ସିଜିଜିଓ) ଦ୍ୱାରା ପ୍ରସ୍ତୁତ ଓ ସମ୍ପାଦିତ 'ଓଏଏସ୍ ପ୍ରୋବେସନର୍ସ (ଡିଆର୍) ୨୦୨୧ ର ପୁସ୍ତକ ସମୀକ୍ଷା ସଂକଳନ'କୁ ଉନ୍ମୋଚନ କରିଥିଲେ । ଓଏଏସ୍ (ଡିଆର୍) ୨୦୨୧ ପାଇଁ ଇଣ୍ଡକ୍ସନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପାଠ୍ୟକ୍ରମ ନିର୍ଦ୍ଦେଶିକା ତଥା ଅତିରିକ୍ତ ନିର୍ଦ୍ଦେଶିକା ଡ. ମୋନାଲିସା ଲେଙ୍କା କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଆନୁଷ୍ଠାନିକ ଭବେ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏକାଡେମୀର ଉପ ମହା ନିର୍ଦ୍ଦେଶକ ଲାଲା ମନୋଜ କୁମାର ରାୟ, ଅତିରିକ୍ତ ନିର୍ଦ୍ଦେଶକ ଶିବ ନାରାୟଣ ସାହୁ, ଯୁଗ୍ମ ନିର୍ଦ୍ଦେଶକ (ଅର୍ଥ ଓ ହିସାବ ) ଦେବକଲ୍ୟାଣ ବେହେରା, ନିର୍ଦ୍ଦେଶକ (ସିଜିଜିଓ) ଡ. ଶଶାଙ୍କ ଗ୍ରହଝଚାର୍ଯ୍ୟ , ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ସମସ୍ତ କର୍ମଚାରୀ ଓ ଟିମ୍ 'ସେଣ୍ଟର ଫର ଗୁଡ଼ ଗଭର୍ଣ୍ଣାନ୍ସ'ର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଲୋକଙ୍କ ନିକଟତର ହେବ ରାଜଭବନ



ଭୁବନେଶ୍ୱର(ସବ୍ୟୁ): ରାଜଭବନ ଉଦ୍ୟାନ ଜନସାଧାରଣଙ୍କ ପରିଦର୍ଶନ ପାଇଁ ଖୋଲାଯାଇଥିବା ବେଳେ ଜନସମାଗମକୁ ଦେଖି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଖୁସି ବ୍ୟକ୍ତ କରିଛନ୍ତି । ଏପରି ସମାଗମ ରାଜଭବନ ଲୋକଙ୍କର ନିକଟତର ହେବାର ଏକ ମାଧ୍ୟମ ବୋଲି କହିବା ସହିତ ରାଜଭବନ ଉଦ୍ୟାନ ବର୍ଷକୁ ଏକାଧିକ ଥର ଖୋଲିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି ।

ଶନିବାର ଅପରାହ୍ନରେ ରାଜଭବନ ଉଦ୍ୟାନ ପରିଦର୍ଶନରେ ଆସିଥିବା ସଧାରଣ ଜନତାଙ୍କ ସହିତ ରାଜ୍ୟପାଳ ମତବିନିମୟ କରିଥିଲେ । ଶିଶୁମାନଙ୍କୁ ଦେଖି ରାଜ୍ୟପାଳ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ । ସେମାନଙ୍କୁ ଚକୋଲେଟ୍ ଓ କଲମ ପ୍ରଦାନ କରି ଆଶୀର୍ବାଦ ଦେଇଥିଲେ। ଶିଶୁ, ଛୋଟପିଲା, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଜନସାଧାରଣ ରାଜଭବନ ଉଦ୍ୟାନ ପରିସରରେ ଥିବା ନାନାପ୍ରକାରର ବୃକ୍ଷରାଜି, ପୁଷ୍ପ ଉଦ୍ୟାନ, ହରିଣ ପାର୍କ, ମୟୁର ପାର୍କ, ଆକ୍ୱାରିୟମ୍, ମ୍ୟୁଜିକାଲ ଫାଉଣ୍ଟେନ୍ ଆଦିର ସୌନ୍ଦର୍ଯ୍ୟ ଉପଭୋଗ କରୁଛନ୍ତି ଯାହାକି ଆନନ୍ଦର କଥା । ଜନସାଧାରଣ ବହୁସଂଖ୍ୟାରେ ରାଜଭବନ ଉଦ୍ୟାନ ପରିଦର୍ଶନ କରିବା ପାଇଁ ରାଜ୍ୟପାଳ ଡ. କମ୍ଭମ୍ପାଟି ଅନୁରୋଧ କରିଛନ୍ତି । ଏହି ଅବସରରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ମଧ୍ୟ ଉପସ୍ଥିତ ଥିଲେ । ଜାନୁଆରୀ ୧୩ ତାରିଖରୁ ୧୮ତାରିଖ ମଧ୍ୟରେ ୩୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ରାଜଭବନ ଉଦ୍ୟାନ ପରିଦର୍ଶନ କରିଛନ୍ତି ।

## ଆଗ୍ରାହାଟ ପଞ୍ଚାୟତରେ ଧାନମଣ୍ଡି ଉଦ୍‌ଘାଟିତ

ଚୌଦ୍ୱାର,(ସ.ବ୍ୟୁ.) : ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ଆଗ୍ରାହାଟ ପଂଚାୟତର ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଉଦ୍ଘାଟିତ ହୋଇଯାଇଛି । ସମିତିର ସଭାପତି କେଦାରନାଥ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ଏହି ଉଦ୍‌ଘାଟନ ଉତ୍ସବରେ ସରପଂଚ ସଂଧ୍ୟାରାଣୀ ରାଉତ, ସମିତି ସଭ୍ୟା ରୀତା ରାଉତ ସମ୍ମାନିତ ଅତିଥି ଭାବେ ନିମନ୍ତ୍ରିତ ଥିବା ବେଳେ ପଂଚାୟତର ମୁନା ରାଉତ, ପ୍ରିୟବ୍ରତ ସ୍ୱାଇଁ, ହୃଷିକେଶ ରାଉତ, ପ୍ରମୋଦ ପଣ୍ଡା, ଧରଣୀଧର ରାଉତ, ଜୟନ୍ତ ବରାଳ, ନାଗମଣି ମହାନ୍ତି, ଭରତ ସାହୁ, ବସନ୍ତ ନାୟକ, ପବିତ୍ର ମୋହନ ପଣ୍ଡା, ବିଶ୍ୱରଂଜନ ବେହେରା ଓ ପ୍ରକାଶ ଜେନାଙ୍କ ସମେତ ବ୍ଲକ୍ ଅଧିକାରୀମାନେ ଉପସ୍ଥିତ ଥିଲେ ଛ ଆଗ୍ରାହାଟ ପଂଚାୟତର ମୋଟ ୩୪୧ ଜଣ ଚାଷୀ ନିଜ ନାମ ପଞ୍ଜିକୃତ କରିଥିବା ନେଇ ସମିତି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

### ୧୪ରୁ ମତ୍ସ୍ୟ-ପ୍ରାଣୀ ସମାବେଶ

# ସାମିଲ ହେବେ ୧୦ ହଜାରରୁ ଅଧିକ ଚାଷୀ



ଭୁବନେଶ୍ୱର(ସବ୍ୟୁ): ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫ ଫେବ୍ରୁଆରୀ ୧୪ରୁ ୧୬ ପର୍ଯ୍ୟନ୍ତ ଅର୍ଥାତ ତିନିଦିନ ଧରି ବରମୁଣ୍ଡା ବିଜୁ ପଟ୍ଟନାୟକ ଖେଳପଡ଼ିଆରେ ଆୟୋଜନ ହେବ । ରାଜ୍ୟର ସମସ୍ତ ବ୍ଲକରୁ ଗୋପାଳକ, ପ୍ରାଣିପାଳକ ଓ ମତ୍ସ୍ୟଚାଷୀମାନେ ଏହି ସମାବେଶରେ ଯୋଗ ଦେବେ । ପ୍ରାୟ ୧୦ ହଜାରରୁ ଅଧିକ ଚାଷୀ ସମାବେଶରେ ଯୋଗ ଦେବା ପାଇଁ ଆୟୋଜନ ହେଉଥିବା ବେଳେ ପାଖାପାଖି ୧ ଲକ୍ଷରୁ ଅଧିକ ଲୋକଙ୍କ ସମାଗମ ହେବ ବୋଲି ଆଶା କରାଯାଇଛି । ରାଜ୍ୟର ପ୍ରତ୍ୟେକ ଉପଖଣ୍ଡରୁ ୬ଜଣ ସଫଳ ପ୍ରାଣିପାଳକ ଓ ମତ୍ସ୍ୟଚାଷୀଙ୍କୁ ଏହି ସମାବେଶରେ ସମ୍ବର୍ଦ୍ଧିତ କରାଯିବ । ଏହା ରାଜ୍ୟର ଅନ୍ୟ ଚାଷୀଙ୍କୁ ପ୍ରେରଣା ପ୍ରଦାନ କରିବ ବୋଲି ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି । ପ୍ରାଣିଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଠାରେ ମନ୍ତ୍ରୀ ଶ୍ରୀ ମଲ୍ଲିକଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏହି ସମାବେଶର ଉପଯୋଗିତାକୁ ତୃଣମୂଳସ୍ତରରେ ପହଞ୍ଚାଇ ଏହାକୁ ସଫଳ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ରାଜ୍ୟସ୍ତରୀୟ ସମାବେଶରେ ସାଧାରଣ ସଭା, କୃଷକ-ବୈଜ୍ଞାନିକ ଆଲୋଚନା ଚକ୍ର, ଷ୍ଟଲ ପ୍ରଦର୍ଶନୀ, ଜୀବନ୍ତ ମତ୍ସ୍ୟ ଓ ପ୍ରାଣୀ ପ୍ରଦର୍ଶନୀ, ଡଗ୍ ଶୋ, ଘୋଡ଼ା ଶୋ'ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଅବସରରେ ମତ୍ସ୍ୟ ନିର୍ଦ୍ଦେଶାଳୟ, ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଯାଇଥିଲା । ଏହି ବୈଠକରେ ମତ୍ସ୍ୟ ନିର୍ଦ୍ଦେଶକ ସାଦିକ ଆଲାମ, ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜରା ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ନଡ଼ିଆ ଗଛରେ ଝୁଲି ଯୁବକଙ୍କ ଆତ୍ମହତ୍ୟା

ଭୁବନେଶ୍ୱର, (ସବ୍ୟୁ) : ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଇଞ୍ଜୋଣା ଗ୍ରାମରେ ଜଣେ ଯୁବକ ନଡ଼ିଆ ଗଛରେ ଝୁଲି ଆତ୍ମହତ୍ୟା କରିଛନ୍ତି । ମଞ୍ଚେଶ୍ୱର ଥାନା ପୋଲିସ ଶବ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କ ଜିମା ଦେଇଛି ।

ଇଞ୍ଜୋଡ଼ା ଗ୍ରାମର ନବଘନ ଭୋଇଙ୍କ ପାଳିତ ପୁତ୍ର ପ୍ରଦୀପ ଭୋଇ ଓରଫ ଶେଷ (୨୬) ତାଙ୍କର ୨୦୨୦ ମସିହାରେ ବିବାହ ହୋଇଥିବାବେଳେ ଦୁଇଟି ପୁଅ ଅଛନ୍ତି । ପାରିବାରିକ କଳହରୁ ସେ ନଡ଼ିଆ ଗଛରେ ଚଢ଼ି ଝୁଲିପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଛି । ମଞ୍ଚେଶ୍ୱର ଥାନା ପୋଲିସ, ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲେ ମଧ୍ୟ ଶବ ଉଦ୍ଧାର କରିପାରି ନଥିଲେ । ଶେଷଙ୍କ ଶ୍ୱଶୁର ନଡ଼ିଆଗଛରେ ଚଢ଼ି ଶବ ଉଦ୍ଧାର କରିବା ପରେ ପୋଲିସ ପଞ୍ଚାନାମା କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା ।

### ୪ ଲକ୍ଷ ଆୟକର ଦାତାଙ୍କ କଟିବ ରାସନ

# ଇ-କେୱାଇସି ସରିବା ପରେ ଖୋଲିବ ପୋର୍ଟାଲ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ୪ ଲକ୍ଷ ଆୟକର ଦାତା ନେଉଥିଲେ ରାସନ । ପ୍ରକୃତ ସତ୍ୟାସତ୍ୟ ଜାଣିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଶନିବାର ଏଭଳି ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି ଖାଉଟି ଓ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ।

ମନ୍ତ୍ରୀ କହିଛନ୍ତି, ୪ ଲକ୍ଷ ଆୟକର ଦାତା ରାସନ ନେଉଥିବା ତଥ୍ୟ ଆସିଛି । ଫିଲ୍ଡ ଭେରିଫିକେସନ୍ କଲା ପରେ ସତ ଜଣାପଡ଼ିବ । ଯେଉଁମାନେ ଆୟକର ଦେଉଛନ୍ତି, ସେମାନେ ଯଦି ରାସନ କାର୍ଡ ପାଉଛନ୍ତି ବୋଲି ଜଣାପଡ଼ିବ, ତାହାହେଲେ ସେମାନଙ୍କର କାଟି ଦିଆଯିବ । ଇ-କେୱାଇସି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ । ଯେଉଁ ସ୍ଥାନରେ ଇ-କେୱାଇସି ସରି ନାହିଁ, ଜିଲ୍ଲା ଅଧିକାରୀଙ୍କୁ ତୁରନ୍ତ ଶେଷ କର ବୋଲି କୁହାଯାଇଛି । ଚଳିତମାସ ୩୧ତାରିଖ ସୁଦ୍ଧା ସାରିବାକୁ ସେମାନଙ୍କୁ ଟାର୍ଗେଟ ଦିଆଯାଇଛି । ଏହା ଭିତରେ ସରିଯିବା ପରେ ସ୍ପଷ୍ଟ ହେବ କେତେ ଭୂତ ରାସନକାର୍ଡଧାରୀ ଅଛନ୍ତି । ଯୋଗ୍ୟ ହିତାଧିକାରୀ ଜଣେ ବି କଟିବେ ନାହିଁ । କେବଳ ଅଯୋଗ୍ୟ ହିତାଧିକାରୀଙ୍କୁ କାଟିବା ପାଇଁ ଯୋଜନା ଚାଲିଛି ।

ଇ-କେୱାଇସି ସରିବା ପରେ ନୂଆ ପୋର୍ଟାଲ ଖୋଲିଦେବୁ । ଯେଉଁମାନେ ରାସନ କାର୍ଡ ଆବେଦନ କରିବା କଥା କରିବେ । ୬ ଲକ୍ଷ ଲୋକ ରାସନ କାର୍ଡ ଆବେଦନ କରିଛନ୍ତି, ସେମାନଙ୍କର ମଧ୍ୟ ସର୍ଭେ କରାଯିବ । ତା'ପରେ ରାସନକାର୍ଡ ଦିଆଯିବ । ପୂର୍ବ ସରକାରରେ ଯାହାକୁ ନାହିଁ ତାକୁ ରାସନ କାର୍ଡ ଦିଆଯାଉଥିଲା । ଏହି ବିଷୟରେ କହିଲେ ତାଙ୍କୁ ଖରାପ ଲାଗୁଛି ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି ।

ଉଲ୍ଲେଖଯୋଗ୍ୟ, ବିଧାନସଭାର ପ୍ରଶ୍ନକାଳରେ ରାସନ କାର୍ଡ ନେଇ ବିଜେଡି ଉପରେ ସଙ୍ଗୀନ ଅଭିଯୋଗ ଆଣିଥିଲେ ଯୋଗାଣ ମନ୍ତ୍ରୀ । ସେ କହିଥିଲେ, ପୂର୍ବ ସରକାର ଅମଳରେ ବହୁ ଧନୀ ଲୋକ ବିଜେଡି ନେତାମାନଙ୍କ ଜରିଆରେ ରାସନକାର୍ଡ ହାତେଇଛନ୍ତି । ପୂର୍ବ ସରକାର ସମୟରେ ରାସନ ଡିଲରମାନେ ସବୁ ଖାଇ ଖୋଳ କରି ଦେଇଛନ୍ତି । ଭୋଟ ବେଳେ ସେମାନେ ବିଜେଡି ପାଇଁ ଟଙ୍କା ବାଣ୍ଟୁଥିଲେ । ଯଦି ଏବେ ସେମତି କେହି ଦୁର୍ନୀତି କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଥିଲେ ।

### ଦୁଇ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ସହ ୪ ଗିରଫ

# କାର୍, କଟୁରୀ ଜବତ

ଭୁବନେଶ୍ୱର, (ସବ୍ୟୁ) : ମୈତ୍ରୀବିହାର ଥାନା ପୋଲିସ ଦୁଇ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ସହ ୪ ଜଣଙ୍କୁ ଗିରଫ କରି ସେମାନଙ୍କ ନିକଟରୁ କାର୍, ଦୁଇଟି କଟୁରୀ, ଲୁଟ୍ ମୋବାଇଲ ସହ ୫ ମୋବାଇଲ ଜବତ କରିଛି । ଏସମ୍ପର୍କରେ ଡିସିପି ପିନାକ ମିଶ୍ର ଶନିବାର ମଧ୍ୟାହ୍ନରେ ସାମ୍ବାଦିକ ସମ୍ମିଳନୀ କରି ଅପରାଧୀଙ୍କ ସମ୍ପର୍କରେ ସୂଚନା ଦେଇଥିଲେ । ଗିରଫ ୪ଜଣଙ୍କ ମଧ୍ୟରେ ଦୁଇଜଣଙ୍କ ନାମରେ ରାଜଧାନୀର ବିଭିନ୍ନ ଥାନାରେ ବହୁ ସଂଗୀନ ମାମଲା ପଞ୍ଜିକୃତ ହୋଇଛି । ଡିସେମ୍ବର ୨୨ ତାରିଖ ରାତି ସାଢ଼େ ୧୨ଟା ବେଳେ ଚନ୍ଦ୍ରଶେଖରପୁର ବିଡିଏ କଲୋନୀରେ ରହୁଥିବା ଆକାଶ ସିଂ ଲୁମ୍ବିନୀବିହାରର ତାଙ୍କ ଗାର୍ଲଫ୍ରେଣ୍ଡ ରୋଜାଲିନ ନାୟକଙ୍କୁ ଧରି ଆସୁଥିବାବେଳେ ତାଙ୍କ ସ୍କୁଟରରୁ ତେଲ ସରିଯାଇଥିଲା । ସେ ତେଲ ପକାଇ ଫେରୁଥିବାବେଳେ ଏକ ଧଳାରଙ୍ଗର କାରରେ ୪ ଜଣ ଆସି ତାଙ୍କ ଗାଡ଼ିକୁ ଧକ୍କା ଦେବା ସହ ଗାର୍ଲଫ୍ରେଣ୍ଡଙ୍କୁ ଦୁର୍ବ୍ୟବହାର କରିଥିଲେ । ଆକାଶ କ୍ୟାପିଟାଲ ହସ୍ପିଟାଲରୁ ଚିକିତ୍ସିତ ହୋଇ ଆସିବା ପରେ ମୈତ୍ରୀ ବିହାର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ପ୍ରଣବ ନାୟକ, ରାହୁଲ ନାୟକ, ଚନ୍ଦନ ମଲ୍ଲିକ ଓ ଜାଣେ ନାବାଳକଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ମାରଣାସ୍ତ୍ର ଜବତ କରିଛି । ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ପ୍ରଣବ ଓ ରାହୁଲଙ୍କ ନାମରେ ରାଜଧାନୀର ବିଭିନ୍ନ ଥାନାରେ ବହୁ ମାମଲଶ ପଞ୍ଜିକୃତ ରହିଛି । ପୀଡ଼ିତା ଯୁବତୀଙ୍କ ଠାରୁ ଛଡ଼ାଇ ନେଇଥିବା ଆଇ ଫୋନ ମଧ୍ୟ ପୋଲିସ ଜବତ କରିଥିବା କହିଛି ।

# ଶୈଳଭାଷା ପାଠକାର୍ପିତ

ଭୁବନେଶ୍ୱର, (ସବ୍ୟୁ): ତେଲଲୁଣ ଦୁନିଆର ନାନାବିଧ ଜଞ୍ଜାଳ ଭିତରେ ଜଣେ ସାଧାରଣ ଗୃହିଣୀ କିପରି ଅସାଧାରଣ ସୃଜନଶୀଳତାର ନିଦର୍ଶନ ହୋଇପାରନ୍ତି । ନିଜର ଚିନ୍ତା ଚେତନା ଭିତରେ କିପରି ଜଣେ ଏ ବିପଥମୁଖି ସମାଜରୁ କେବଳ ପଥମୁଖି ପରିଦୃଶ୍ୟକୁ ନିଜ କବିତା ମାଧ୍ୟରେ ସରଳ ସାବଲିଳ ଭାଷାରେ ପରିପ୍ରକାଶ କରିପାରନ୍ତି ତାହାର ଜ୍ୱଳନ୍ତ ଉଦାହରଣ ହେଉଛି ଶୈଳଭାଷା । ଭୁବନେଶ୍ୱର କ୍ଲବରେ କବି ଶୈଳବାଳା ଦାସଙ୍କ କବିତା ସଂକଳନ ଶୈଳଭାଷାକୁ ପାଠକାର୍ପିତ କରି ମୁଖ୍ୟ ଅତିଥି ଓଡ଼ିଶାର ପ୍ରସିଦ୍ଧ ଲେଖକ, ଚିନ୍ତକ ତଥା ଶିକ୍ଷାବିତ୍ ଅଧ୍ୟାପକ ବିଶ୍ୱରଂଜନ ଏପରି ମତବ୍ୟକ୍ତ କରିଛନ୍ତି । ନୂଆଦିଲ୍ଲୀର ପଲ୍ଲିବାଣୀ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏହି କବିତା ସଂକଳନର ଉନ୍ମୋଚନ ଉତ୍ସବର ଶୁଭାରମ୍ଭ କବିଙ୍କ ପୁତ୍ର ନବଜ୍ୟୋତି ଦାସଙ୍କ ସ୍ୱାଗତ ଅଭିଭାଷଣରୁ ଆରମ୍ଭ ହୋଇଥିଲା । ଏହି ଉତ୍ସବରେ ବିଶିଷ୍ଟ ଚିକିତ୍ସକ ତଥା ଲେଖିକା ଡକ୍ଟର ସେବା ମହାପାତ୍ର, ବୋଉ ଫାଉଣ୍ଡେସନର ଅଧ୍ୟକ୍ଷ ଅତିସ ମହାନ୍ତି, ଲେଖକ ଏବଂ ଶିକ୍ଷାବିତ ଡକ୍ଟର ବ୍ରଜସୁନ୍ଦର ମିଶ୍ର, ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ନିର୍ଦ୍ଦେଶକ ଡକ୍ଟର ଶଶାଙ୍କ ଗ୍ରହାଚାର୍ଯ୍ୟ ବିଶିଷ୍ଟ ଅତିଥି ଭାବରେ ଯୋଗ ଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିବା ବେଳେ ନୂଆଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲର ପୂର୍ବତନ ସୁପରିଟେଣ୍ଡେଣ୍ଟ ତଥା ଲେଖକ ଡକ୍ଟର ଅଭୟ କୁମାର ଦାଶ ଶୈଳଭାଷାରେ ସ୍ଥାନିତ କେତେକ କବିତା ଉପରେ ଆଲୋକପାତ ଏବଂ ସମୀକ୍ଷା କରିଥିଲେ । ନିଜେ କବି ଶୈଳବାଳା ଦାସ ତାଙ୍କ ସୃଜନଶୀଳଜୀବନରେ ସାହିତ୍ୟର ଭୂମିକା କଣ ଥିଲା ତାହା ଖୁବ୍ ମର୍ମସ୍ପର୍ଶୀ ଭାବରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଅନୁପସ୍ଥିତ ଥିବା ପ୍ରକାଶକ ରାମଚନ୍ଦ୍ର ନାଥଙ୍କ ସଂଦେଶ ପାଠ କରାଯାଇଥିଲା ଏବଂ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ଡିପିଏସ ଦାମନଯୋଡିର ପୂର୍ବତନ ପ୍ରିନ୍ସିପାଲ ତଥା ଲେଖିକା ଦ୍ୱୀପାନ୍ୱିତା ଦାସ । ଭୁବନେଶ୍ୱରର ନାତିଶୀତୋଷ୍ଣ ପାଗରେ ଏହି ପାଠକାର୍ପଣ ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ କବିଙ୍କ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ ।



# ବିଧାୟିକାଙ୍କ ୬ ନମ୍ବର ୱାର୍ଡ ଅଞ୍ଚଳରେ ଜନ ଅଭିଯୋଗ ଶୁଣାଣି



କଟକ, (ସବ୍ୟୁ): ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋଷ ୱାର୍ଡ ନମ୍ବର ୦୬ ଅଞ୍ଚଳରେ ଏକ ଜନ ଅଭିଯୋଗ ଶୁଣାଣି କରିଥିଲେ । ଏହି ଜନ ଅଭିଯୋଗ ଶୁଣାଣି ବୈଠକରେ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ଅବଗତ ଯିବା ସହିତ ତାର ତୁରନ୍ତ ସୁଧାର ଦିଗରେ ଆବଶ୍ୟକ ପଦକ୍ଷେପ ପାଇଁ ଉପସ୍ଥିତ ସିଏମସି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଖାଲ ଖମଣା, ରାସ୍ତାଘାଟର ମରାମତି, ପରିମଳ, ସ୍ୱରେଜ୍, ରାସ୍ତା ଆଲୁଅ, ବରିଷ୍ଠ ନାଗରିକଙ୍କୁ ଭତ୍ତା ପ୍ରଦାନ ଆଦି ସଂପର୍କରେ ଆଲୋଚନା କରିବା ସହ ୱାର୍ଡର ବିଭିନ୍ନ ଅଞ୍ଚଳ ବୁଲି ଦେଖିଥିଲେ । ଉପସ୍ଥିତ ଅଧିକାରୀମାନଙ୍କୁ ସମସ୍ୟା ଗୁଡ଼ିକୁ ତୁରନ୍ତ ଦୃଷ୍ଟି ଦେଇ ସମାଧାନ କରିବା ପାଇଁ ବିଧାୟିକା ନିର୍ଦ୍ଦେଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କଟକ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ଶୈଳବାଳା ଜେନା, ରାଜେନ୍ଦ୍ର ପ୍ରସାଦ ଦାସ, ମାନସ ପଟ୍ଟନାୟକ, ଗିରିଜା ପଟ୍ଟନାୟକ, ଯତୀନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ବାବା ଅମୃତାନନ୍ଦ ଦାସ ମହାରାଜଙ୍କ ଶ୍ରୀମଦ୍ ଭାଗବତ କଥା ମହୋତ୍ସବ ଉଦଘାଟିତ

ଭୁବନେଶ୍ୱର, (ସବ୍ୟୁ): ଚଳିତ ବର୍ଷ ଶ୍ରୀମଦ ଭାଗବତ ଦିବ୍ୟ ଚେତନା ସଂସ୍ଥାନ ଭୁବନେଶ୍ୱର ପକ୍ଷରୁ ୱାର୍ଡ଼ ନଂ - ୩୭ ମା ବରଦେଇ ମନ୍ଦିର ପ୍ରାଙ୍ଗଣ ନୂଆପଲ୍ଲୀ ଭୁବନେଶ୍ୱର ଠାରେ ବାବା ଅମୃତାନନ୍ଦ ଦାସ ମହାରାଜଙ୍କ ଶ୍ରୀମଦ ଭାଗବତ କଥା ମହୋତ୍ସବ ଆଜି ଶୁଭ ଆରମ୍ଭ ହୋଇଅଛି । ଏହା ଜାନୁଆରୀ ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଆଜି ପ୍ରଥମେ କଳସରେ ପାଣି ଅଣାଯାଇ ବିଧି ମୁତାବକ ପୂଜା ଅର୍ଚ୍ଚନା କରାଯାଇ ମୁରଲୀ ଧର ପଲେଇ ସାଥି ମାନେ ମିଳିତ ଶ୍ରୀଜଗନ୍ନାଥ ସହସ୍ର ନାମ ପଠନ କରିଥିଲେ ପରେ ପରେ ପୁରୀ ଶ୍ରମନ୍ଦିରରୁ ଅଣା ଯାଇ ଥିବା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଜ୍ଞାମାଳ ମଞ୍ଚରେ ସ୍ଥାପନା କରାଯାଇଥିଲା ।

ସଭାପତି ଦୁର୍ଯୋଧନ ସାହୁ ସମ୍ପାଦକ ପ୍ରଦୀପ କୁମାର ରାଉତ ରାୟ,ପବିତ୍ର ବାବୁ ସରୋଜ ବାବୁ ଅକ୍ଷୟ ସାହୁ ବାବାଜୀ ବିଶ୍ୱାଳ ମଧୁସ୍ମିତା ଦାସ ଅନ୍ୟ ପ୍ରମୁଖ ସଦସ୍ୟ ସଦସ୍ୟା ଓ ସର୍ବୋପରି ସ୍ଥାନୀୟ ବାସିନ୍ଦା ମାନଙ୍କ ମିଳିତ ଶୋଭା ଯାତ୍ରାରେ ବାବା ଅମୃତାନନ୍ଦ ଦାସ ମହାରାଜଙ୍କୁ ସ୍ୱାଗତ କରାଯାଇ ମା ଙ୍କ ମନ୍ଦିର ପ୍ରାଙ୍ଗଣକୁ ଅଣା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂଜ୍ୟ ବାବାଜୀ ଅମୃତାନନ୍ଦ ଦାସ ମହାରାଜ ଭଜନ ପରେ ପରେ ଭାଗବତ କଥା ମହୋତ୍ସବର ପ୍ରଥମ ଦିନର ତାଙ୍କ ଆଶ୍ରିବଚନ ଦେଇଥିଲେ । ଏହି ଅବସରରେ ସ୍ଥାନୀୟ ବାସିନ୍ଦା ମାନେ ବହୁତ ସଂଖ୍ୟାରେ ଯୋଗ ଦେଇଥିଲେ । ଆସନ୍ତା ୨୦ ତାରିଖ ସନ୍ଧ୍ୟାରେ ମା ସୁଭଦ୍ରାଙ୍କ ମୁଖ୍ୟ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର, ବଡୁ ନିଯୋଗର ସଭାପତି ବିଶ୍ୱନାଥ ସାମନ୍ତରାୟ ଏହି ଭାଗବତ ମହୋତ୍ସବରେ ଅତିଥି ଭାବେ ଯୋଗ ଦେବେ ।

## ବିଜ୍ଞାନ ଛାତ୍ରଙ୍କ ପାଇଁ ଆଉଟରିଚ୍ କାର୍ଯ୍ୟକ୍ରମ

ଭଞ୍ଜନଗର, (ସବ୍ୟୁ): ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ ଭୁବନେଶ୍ୱର ପକ୍ଷରୁ ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ନିମନ୍ତେ ଆଉଟରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଫେସର ଶ୍ରୀ ନନ୍ଦ ମାନବ ଜୀବନରେ ଗବେଷଣାର ମହତ୍ତ୍ୱ ଉପରେ କହିଥିଲେ। ବୈଜ୍ଞାନିକ ଡ. ସଚିନ୍ଦ୍ର ନାଥ ଷଡ଼ଙ୍ଗୀ ନାନୋ ବିଜ୍ଞାନ ଏବଂ ଆଜିର ବିଜ୍ଞାନ ଶୀର୍ଷକ ଉପରେ କହିଥିଲେ।




ବୈଜ୍ଞାନିକ ଡ କ୍ଷୀରୋଦ ଚନ୍ଦ୍ର ପାତ୍ର ରସାୟନିକ ବିକିରଣ ଉପରେ କହିଥିଲେ। ଅଧକ୍ଷ ରାଜେନ୍ଦ୍ର କୁମାର ଦାସ ଅଧକ୍ଷତା କରିଥିଲେ। ପ୍ରଶାସନିକ ଅଧିକାରୀ ବିଭାସ ଦାସ ସଭାକୁ ସଂଯୋଜନା କରିଥିଲେଛ ଅଧାପିକା ସସ୍ମିତା ଦାସ ଧନ୍ୟବାଦ୍ ପ୍ରଦାନ କରିଥିଲେ। ଅଧାପିକା ସୁନିତା ରାଣୀ ଖଣ୍ଡୁଆଳ, ସ୍ମରଣିକା ପାଢ଼ୀ, ସୁଧାଶ୍ରୀ ନାୟକ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଆଇ କ୍ୟୁ ଏସି ସଂଯୋଜକ ପି ସୁନାମ ପାତ୍ର, କ୍ୟାରିୟର କାଉନସିଲ ସେଲ୍ ସଂଯୋଜକ ସୁନିଲ ଦାସ, ବୁଦ୍ଧିନାଥ ବେହେରା, ଅଧାପକ ରଜତ ମିଶ୍ର, ରମାକାନ୍ତ ସାହୁ, ଅର୍ପଣ ପ୍ରଧାନ, ବୁଧିବନ୍ତ ବରିହା, ଶରତ ବେହେରା, ଫିଲିପ୍ ମଲ୍ଲିକ, ଲକ୍ଷ୍ମୀ ପ୍ରିୟା ବାନାରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।

## ବାରିପଦାରେ ପ୍ରଥମ ସୂର୍ଯ୍ୟନମସ୍କାର ପ୍ରତିଯୋଗିତା
## ପ୍ରେମକାଲ ଯୋଗ ମନ୍ଦିରର ପ୍ରଥମ ବାର୍ଷିକୋତ୍ସବ

ବାରିପଦା, (ସବ୍ୟୁ) : ସ୍ଥାନୀୟ ଦେବେନ୍ଦ୍ରପୁର ସ୍ଥିତ ପ୍ରେମକାଲ ଯୋଗ ମନ୍ଦିର ଆନୁକୁଲ୍ୟରେ ପ୍ରଥମ ବାର୍ଷିକ ଉତ୍ସବରେ ବାରିପଦା କ୍ଲୋବ ପ୍ରାଙ୍ଗଣରେ ମୟୂରଭଞ୍ଜରେ ପ୍ରଥମଥର ଏକ ଶହ ଆଠ ରାଉଣ୍ଡ (୨୧୬ଥର)ସୂର୍ଯ୍ୟ ନମସ୍କାର ପ୍ରତିଯୋଗିତା ଯୋଗିରାଜ ରାକେଶ ମହାନ୍ତଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଚିନ୍ମୟ ମିଶନ ବାରିପଦାର ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ, ସମ୍ମାନୀୟ ଅତିଥି ବରିଷ୍ଠ ସାମ୍ବାଦିକ କବି ବିଷ୍ଣୁ ଶତପଥୀ, ଡାଃ ନିରୋଜ ପୋଥାଳ, ଡ଼ାଃ ଦିଲ୍ଲୀପ ପଣ୍ଡା, ରୋଟରୀୟନ୍ ରାକେଶ ସିଂ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ । ସଚ୍ଚିଦାନନ୍ଦ ଗୁରୁକୁଳର ଅଧକ୍ଷ ଅଜିତ୍ କୁମାର ବେହେରା ଶିବିର ପରିଚାଳନା କରିଥିଲେ । ମୟୂରଭଞ୍ଜ କ୍ରୀଡା ସଂସଦର ସମ୍ପାଦକ ବିଜୟ ଦାସ, ସହସମ୍ପାଦକ ଅମର ସେଠୀ, ଓଆରଡି ସଂସ୍ଥାର ଅଧକ୍ଷ ସାଇ ପ୍ରକାଶ ମହାନ୍ତି, ସଚ୍ଚିଦାନନ୍ଦ ସେବା ଟ୍ରଷ୍ଟର ଟ୍ରଷ୍ଟି ଉର୍ମିଳା ବେହେରା, ବିରଞ୍ଚି ନାରାୟଣ ବେହେରା, ସବ୍ୟସାଚୀ ପଲେଇ ପ୍ରତିଯୋଗିତା ମାନଂକୁ ସାର୍ଟିଫିକେଟ ପ୍ରଦାନ କରିଥିଲେ ।

ଅନ୍‌ଲାଇନ୍ ମଧମରେ ନେପାଳ, ରାଜସ୍ଥାନ ଓ ଉତ୍ତରପ୍ରଦେଶର ବହୁ ପ୍ରତିଯୋଗୀ ଭାଗ ନେଇଥିଲାବେଳେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ,



ବିବେକାନନ୍ଦ କେନ୍ଦ୍ର, ଚିନ୍ମୟ ମିଶନର ସଦସ୍ୟଗଣ ତଥା ଅନ୍ୟାନ୍ୟ ଅନୁଷ୍ଠାନର ବହୁ ସଦସ୍ୟ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଶେଷରେ ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟରର ସାଧାରଣ ସମ୍ପାଦକ ଜ୍ୟୋତିରଂଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଆସନ୍ତା ୨୫ତାରିଖ ଦିନ ବାର୍ଷିକ ଉତ୍ସବର ଉଦ୍‌ଯାପିତ ଦିବସରେ କର୍ଣ୍ଣାଟକର ବିଖ୍ୟାତ ଯୋଗଗୁରୁ କରୁଣାକର ଉପାଧ୍ୟାୟ ଯୋଗଦେଇ ବିଜେତା ମାନଙ୍କୁ ପୁରସ୍କୃତ କରିବେ । ବରିଷ୍ଠ ଆଇନ୍‌ଜିବୀ ସତ୍ୟବ୍ରତ ମହାନ୍ତି, ଇଞ୍ଜିନିୟର ବିଜୟ ସାହୁ, ଓମ୍ ପ୍ରକାଶ ସାହୁ, ସଂଜିତ୍ ମହାନ୍ତ, ଚିତ୍ରସେନ ମହାନ୍ତ, ସୁଶାନ୍ତ ମହାନ୍ତ, ପଦ୍ମନାଭ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ସୌମ୍ୟ ରଂଜନ ମହାନ୍ତ ଓ ଚିନ୍ମୟ ମହାନ୍ତ ପ୍ରମୁଖ ସହଯୋଗ କରିଥଲେ ।


**St. Xavier's Senior Secondary School**
**Ranapasi, Gengutia, Dhenkanal - 759013**

**NOTICE TO PARENTS/ TEACHERS/ STUDENTS**

ପ୍ରିୟ ଅଭିଭାବକ/ ଶିକ୍ଷକ/ ଶିକ୍ଷୟତ୍ରୀ/ ଛାତ୍ରଛାତ୍ରୀ ବୃନ୍ଦ ।
ଏତଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଶ୍ରୀ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ ଆଉ ଆମ ସ୍କୁଲର Principal ନାହାନ୍ତି । ସେ ସେପ୍ଟେମ୍ବର ୨୦୨୩ ରୁ ଅବସର-ପ୍ରାପ୍ତ କରିଛନ୍ତି । କିନ୍ତୁ ସେ କେତେକ ନ୍ୟର୍ଥ ସ୍ୱାର୍ଥ ବ୍ୟକ୍ତିଙ୍କ ସହିତ ମିଶି ଆପଣମାନଙ୍କ ଠାରୁ ନୋଟିସ ଦେଇ Fees ଆଦାୟକରି ପଇସା ହଡପ କରିବାରେ ଲାଗିଛନ୍ତି । ଆପଣମାନଙ୍କୁ ଅନୁରୋଧ ଉକ୍ତ ବ୍ୟକ୍ତିଙ୍କ ସହିତ ସମ୍ପର୍କ ରଖନ୍ତୁ ନାହିଁ କି ତାଙ୍କ ଲିଖିତ ନୋଟିସକୁ ମାନ୍ୟତା ଦିଅନ୍ତୁ ନାହିଁ । Fees ଉପରୋକ୍ତ ବ୍ୟକ୍ତିବିଶେଷଙ୍କର ପର୍ସନାଲ ଆକାଉଣ୍ଟ କୁ ଯାଉଛି । ଶିକ୍ଷକ, ଶିକ୍ଷୟତ୍ରୀ ଓ ଷ୍ଟାଫମାନେ ସ୍କୁଲ ଆକାଉଣ୍ଟରୁ ଦରମା ପାଉନାହାନ୍ତି । Scanning ପାଇଁ false QR Code ଦେଖାଇ ଆପଣ ମାନଙ୍କଠାରୁ ପଇସା ଆଦାୟ କରାଯାଉଛି । Fees ବା ଅନ୍ୟାନ୍ୟ ଦେୟ ପୂର୍ବରୁ ପଇସା କେଉଁ Account ରେ Credit ହେଉଛି ଟିକେ ଯାଞ୍ଚ କରି ନିଅନ୍ତୁ । ନଚେତ ଭୀଷଣ Financial fraud ର ଭାଗିଦାର ହୋଇପାରନ୍ତି । ଆପଣମାନଙ୍କୁ ଆଉଥରେ Fees ଦେବାକୁ ପଡିପାରେ । CBSE guideline ଅନୁସାରେ Cash ରେ Fees ଆଦାୟ କରିବା ନିୟମର ଉଲଂଘନ ଅଟେ । ଏତଦ୍ୱାରା ଉଭୟ ଦାତା ଏବଂ ଗ୍ରହୀତା ଅଇନି ଅନୁଯାୟୀ ଦଣ୍ଡନୀୟ ହୋଇପାରନ୍ତି । ଆପଣମାନେ ନିମ୍ନ ଲିଖିତ QR Code ରେ ସ୍କାନିଂ ଦ୍ୱାରା Fees payment କରନ୍ତୁ । ଏହା School ର ପ୍ରକୃତ Account ର QR Code ।

**Account : St. Xavier's High School,**
**Bank : HDFC Bank Ltd., Dhenkanal**
**A/C No.- 50200051792580,**
**IFSC - HDFC0001978**

For any difficulty please contact the following
**Arun Kumar Bhuyan, Chairman & Managing Trustee,**
**Mob.: 9040090317, 9439814557.**
**Mail: saviourseducational.t@gmail.com**


## ମରୁଡ଼ିର ସଫଳ ପରିଚାଳନା ନେଇ ଆଲୋଚନା ବୈଠକ

ଛତ୍ରପୁର, (ସବ୍ୟୁ): ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇଙ୍କ ଅଧକ୍ଷତାରେ ମରୁଡ଼ିର ସଫଳ ପରିଚାଳନା ନିମନ୍ତେ ଜିଲ୍ଲାପାଳଙ୍କ ସମ୍ମିଳନୀକକ୍ଷ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମରୁଡି ପରିସ୍ଥିତିର ସଫଳ ମୁକାବିଲା ପାଇଁ କୃଷି, ମତ୍ସ୍ୟ, ପ୍ରାଣୀ ସମ୍ପଦ, ଉଦ୍ୟାନ, ଜଳ ବିଭାଜିକା, ଉଠା ଜଳସେଚନ, ମଧମ ଜଳସେଚନ, କୃଷି ବିଜ୍ଞାନ କେନ୍ଦ୍ର, ଜଙ୍ଗଲ ବିଭାଗ ରାଜସ୍ୱ ବିଭାଗ ଏବଂ ପଞ୍ଚାୟତିରାଜ ବିଭାଗଙ୍କ ସହାୟତାରେ ଜିଲ୍ଲାସ୍ତରୀୟ ମରୁଡି ପରିଚାଳନା ଯୋଜନା ପ୍ରସ୍ତୁତି କରିବା ନିମନ୍ତେ ବୈଠକରେ ସ୍ଥିର ହୋଇଛି ।

ଚଳିତ ମାସ ୨୬ ତାରିଖ ସୁଦ୍ଧା ଆବଶ୍ୟକ ତଥ୍ୟ ଉପବିଭାଗକୁ ପ୍ରେରଣ କରିବା ପାଇଁ ଉପସ୍ଥିତ ପଦାଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ପରାମର୍ଶ ଦେଇଥିଲେ। ସମ୍ପୃକ୍ତ ବିଭାଗ ପକ୍ଷରୁ ତଥ୍ୟ ଅଦାୟ ପରେ ଜିଲ୍ଲା କାର୍ଯ୍ୟାଳୟ ସେହି ତଥ୍ୟକୁ ଏକତ୍ରିତ କରି ଏକ ଚୁଡାନ୍ତ ଯୋଜନା ପ୍ରସ୍ତୁତ ନିମନ୍ତେ ଆଲୋଚନା କରଯାଇଥିଲା। ଚଳିତ ମାସ ୩୧ ତାରିଖ ସୁଦ୍ଧା ଉକ୍ତ ଯୋଜନାକୁ ନେଇ ଏକ ପୁସ୍ତକ ପ୍ରସ୍ତୁତ କରି ସରକାରଙ୍କୁ ପ୍ରେରଣ କରିବାକୁ ନିଷ୍ପତ୍ତି ନିଆ ଯାଇଥିଲା। ବୈଠକରେ ମୁଖ୍ୟଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ, ନିର୍ବାହୀ ଯନ୍ତ୍ରୀ(ଟି.ପି .ଏସ.ଓ.ଡି.ଏଲ.), ଜିଲ୍ଲା ମୁଖ୍ୟ ମତ୍ସ୍ୟ ସମ୍ପଦ ଅଧିକାରୀ, ବରିଷ୍ଠ କୃଷି ବିଜ୍ଞାନୀ ପଦାଧିକାରୀ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଆୟୁଷି ପତି, ଜିଲ୍ଲା ଜରୁରୀ କାଳୀନ ବିଭାଗ ପ୍ରକଳ୍ପ ଅଧିକାରୀ ଦେବେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ରହ୍ମାବାବାଙ୍କ ଅବ୍ୟକ୍ତ ସ୍ମୃତି ଦିବସ

ଆସିକା, (ସବ୍ୟୁ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ସଂସ୍ଥାପକ ପ୍ରଜାପିତା ବ୍ରହ୍ମାବାବାଙ୍କ ୫୬ତମ ଅବ୍ୟକ୍ତ ସ୍ମୃତି ଦିବସ ସ୍ଥାନୀୟ ସେବାକେନ୍ଦ୍ର ଶାନ୍ତି ଶକ୍ତି ଭବନରେ ପାଳିତ ହୋଇଯାଇଛି । ଏହି ଅବସରରେ ଦିନ ତମାମ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମଧାହ୍ନରେ ଆଧାତ୍ମିକ ସ୍ନେହମିଳନ କାର୍ଯ୍ୟକ୍ରମ ସତ୍ୟପ୍ରିୟ ଭାଇଙ୍କ ସଂଯୋଜନାରେ ଚିନିଶିକ୍ସ ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ସବ୍ ଟ୍ରେଜେରି ଅଫିସର ଯଜ୍ଞେଶ୍ୱର ସେଠୀ ଟିପିଏସ୍‌ଓଡିଏଲ୍‌ର ଯନ୍ତ୍ରୀ ଜିତେନ୍ଦ୍ର ସିଂ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବ୍ରହ୍ମାବାବାଙ୍କ ଉଦେଶ୍ୟରେ ନିଜର ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ର ସଂସ୍ଥାପକ ଦାଦା ଲେଖରାଜ କିଭଳି ପରମାତ୍ମାଙ୍କ ନିର୍ଦ୍ଦେଶ କ୍ରମେ ପ୍ରତିଷ୍ଠିତ ହୀରା ବ୍ୟବସାୟରୁ ଅବ୍ୟାହତି ନେଇ ନିଜର ସମସ୍ତ ସମ୍ପତ୍ତିକୁ ଶିବପିତା ବିଶ୍ୱ କଲ୍ୟାଣର ଚେତନାରେ ମାନବଜାତିକୁ ଶାନ୍ତି ପ୍ରେମ ଓ ଭାତୃଭାବର ସନ୍ଦେଶ ପ୍ରଦାନ କରିବାକୁ ସମର୍ପିତ କରିଥିବା ମତବ୍ୟକ୍ତ କରିଥିଲେ। ଆଜି ଅବ୍ୟକ୍ତ ସ୍ମୃତି ଦିବସରେ ଆମେ ସକାରାତ୍ମକ, ପବିତ୍ର, ଶୁଦ୍ଧ ସଂକଳ୍ପର ସହଯୋଗ ଦେଇ ବିଶ୍ୱ ନବ ନିର୍ମାଣର ସନ୍ଦେଶ ପ୍ରଦାନ କରିବାପାଇଁ ପ୍ରତିଶୃତିବଦ୍ଧ ହେବା ହିଁ ଆଜିର ଦିବସରେ ଯଜ୍ଞପିତା ବ୍ରହ୍ମାବାବାଙ୍କ ପ୍ରତି ସତ୍ୟ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ ମତ ବ୍ୟକ୍ତ କରିଥିଲେ । ଆସନ୍ତା ୨୩ ତାରିଖ ରେ ପ୍ରସ୍ତାବିତ ରକ୍ତଦାନ ଶିବିରରେ ସମସ୍ତ ମା ଭଉଣୀ ଓ ଭାଇ ମାନେ ବହୁ ସଂଖ୍ୟାରେ ଯୋଗ ଦେଇ ରକ୍ତ ଦାନ ଭଳି ପୂଣ୍ୟ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଶେଷରେ ଭଉଣୀ ସୁଜ୍ଞାନୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ଛବ୍ରହ୍ମାକୁମାରୀ ସୁଜ୍ଞାନୀ,ଭାଗ୍ୟ,ସବିତା, ଆଶା ନୀଳିମା, ଆସୀନା, ସୁମିତ୍ରା, ସୁମତୀ, କସ୍ତୁରୀ, ଲୀଲି ଓ ବ୍ରହ୍ମାକୁମାର ବୁଲୁ, ବସନ୍ତ, ପଞ୍ଚାୟତ୍ରି, ନିରଞ୍ଜନ, ନୀଳାଞ୍ଚଳ, ଦୀପକ, ରବିନ୍ଦ୍ର, ଯୋଗୀ, କାହ୍ନୁ, ଲୋଚନ, ରାଧାଶ୍ୟାମ, ମଙ୍ଗୁଲୁ, ଘନଶ୍ୟାମ, ବଳରାମ ଓ ଚରଣ ଆଦି ସହଯୋଗ କରିଥିଲେ। ଆସିକା ସମେତ ଆଖପାଖ ବହୁ କେନ୍ଦ୍ରର ଭାଇ ଓ ଭଉଣୀ ଏଥିରେ ଯୋଗ ଦେଇଥିଲେ।

## ପିପୁଲ୍ସ କଲେଜରେ ଏକଦିବସୀୟ ଜାତୀୟ ଆଲୋଚନାଚକ୍ର

ବୁଗୁଡା, (ସବ୍ୟୁ): ସ୍ଥାନୀୟ ପିପୁଲ୍ସ କଲେଜର ଆଇକ୍ୟୁଏସି ସହଯୋଗରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ କଲେଜ ସମ୍ମିଳନୀ କକ୍ଷରେ ଶୀର୍ଷକ ବିଶ୍ୱବନ୍ଧୁ ଟୁ ବିଶ୍ୱଗୁରୁ ଦ ରିସେଣ୍ଟ ଟ୍ରେଣ୍ଡସ୍ ଇନ୍ ଇଣ୍ଡିଆସ୍ ଫରେନ୍ ପଲିସି ଅଣ୍ଡର ମୋଦି ଗଭର୍ଣ୍ଣମେଣ୍ଟ ଉପରେ ଏକ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଫକୀର ମୋହନ ୟୁନିଭରସିଟି ପ୍ରଫେସର ଅନିଲ କୁମାର ମହାପାତ୍ର, ମୁଖ୍ୟବକ୍ତା ଭାବେ ମୋତିଲାଲ ନେହେରୁ ୟୁନିଭରସିଟି ପ୍ରଫେସର ରାଧାକାନ୍ତ ତ୍ରିପାଠୀ, ସମ୍ମାନିତ ଅତିଥିଭାବେ କଟକ ରଘୁନାଥଜୀଉ କଲେଜ ଅଧ୍ୟାପକ ଶାରଦା କାନ୍ତ ମିଶ୍ର ଓ ବ୍ରହ୍ମପୁର ଖଲିକୋଟ ୟୁନିଟାରୀ ୟୁନିଭରସିଟି ପ୍ରଫେସର ବରୁଣ କୁମାର ବେହେରା ପ୍ରମୁଖ ଯୋଗଦେଇ ମୋଦି ସରକାରଙ୍କ ଅଧିନରେ ସାମ୍ପ୍ରତିକ ବିଦେଶ ନୀତି ଓ ପ୍ରବୃତି ସମ୍ପର୍କରେ ଦୃଷ୍ଟାନ୍ତମୂଳକ ତଥ୍ୟ ଉପସ୍ଥାପନ କରିବା ସାଙ୍ଗକୁ ଶାନ୍ତି ଓ ମୈତ୍ରୀର ବାହକ ସାଜିଥିବା ବିଶ୍ୱବନ୍ଧୁ ଭାରତ ଭବିଷ୍ୟତରେ ସାଂସ୍କୃତିକ ଓ ଆଧାତ୍ମିକ କ୍ଷେତ୍ରରେ ମାର୍ଗ ଦର୍ଶକ ସାଜି ବିଶ୍ୱଗୁରୁ ହେବାର ସମ୍ଭାବନା ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ଅତିଥିମାନଙ୍କ ଦ୍ୱାରା ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ବିଭାଗୀୟ ମୁଖ୍ୟ ଅଧାପକ ଅକ୍ଷୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଧାପକ ପ୍ରଦୀପ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ ଅଧାପକ ବିନୋଦ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ। ଏଥି ସହ ଦ୍ୱିତୀୟ ପର୍ଯ୍ୟାୟରେ ତିନୋଟି କକ୍ଷରେ ସମାନ୍ତରାଳ ଭାବେ ତିନୋଟି ପାରିଭାଷିକ ଅଧିବେଶନ ଅନୁଷ୍ଠିତ ହୋଇ ଭାରତ ଓ ପଡୋଶୀ ନୀତି , ଭାରତ ଓ ମୁଖ୍ୟ ଶକ୍ତି, ଭାରତ ଓ ଆଞ୍ଚଳିକ ସଂଗଠନ ସମୂହ, ଆତଙ୍କବାଦ, ଜଳବାୟୁ ପରିବର୍ତ୍ତନ ଆଦି ବିଷୟବସ୍ତୁ ଗୁଡିକ ସମ୍ପର୍କେ ପ୍ରଶ୍ନୋତ୍ତର ମାଧମରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିବା ବେଳେ ୯୦ଟି ସନ୍ଦର୍ଭ ଉପସ୍ଥାପନ କରାଯାଇଥିଲା। ଶେଷରେ ଅଧାପକ ପବିତ୍ର ଖଣ୍ଡୁଆଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜ୍ଞାନ ମହାବିଦ୍ୟାଳୟରେ ଏକଦିବସୀୟ ଆଲୋଚନାଚକ୍ର

ବ୍ରହ୍ମପୁର, (ସବ୍ୟୁ): ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ଛତ୍ରପୁରର ସମ୍ମିଳନୀ କକ୍ଷରେ 'କ୍ୱାଲିଟି ଇକୋସିଷ୍ଟମ ଆଣ୍ଡ ଷ୍ଟାଣ୍ଡାଡ଼ାଇଜେସନ' ଶୀର୍ଷକ ଏକ ଦିବସୀୟ ସ୍ୱତନ୍ତ୍ର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ର ଭାରତୀୟ ମାନକ ବ୍ୟୁରୋ, ଭୁବନେଶ୍ୱର, ଆଇକ୍ୟୁଏସି ସେଲ୍, ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ଛତ୍ରପୁର ଏବଂ ମଡର୍ଣ୍ଣ ଟେଷ୍ଟ ସେଣ୍ଟର, ବ୍ରହ୍ମପୁରର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା । ଏଥିରେ ଶୁଭଦୀପ ବାସୁ, ନିର୍ଦ୍ଦେଶକ ଏବଂ ମୁଖ୍ୟ ଭାରତୀୟ ମାନକ ବ୍ୟୁରୋ, କୋଲକତା, ଏ.କେ. ପୁରୋହିତ, ନିର୍ଦ୍ଦେଶକ ଏବଂ ମୁଖ୍ୟ ଭାରତୀୟ ମାନକ ବ୍ୟରୋ, ଭୁବନେଶ୍ୱର ଏବଂ ରାଜେନ୍ଦ୍ର ପଣ୍ଡା, ସି.ଇ.ଓ., ମଡର୍ଣ୍ଣ ଟେଷ୍ଟ ସେଣ୍ଟର, ବ୍ରହ୍ମପୁର ପ୍ରମୁଖ ବିଷୟ ବିଶେଷଜ୍ଞ ଭାବରେ ଯୋଗ ଦେଇଥିଲେ । ଏହି ଆଲୋଚନାଚକ୍ରକୁ ମହାବିଦ୍ୟାଳୟର ଅଧକ୍ଷ ଡ. ଅଜୟ କୁମାର ତ୍ରିପାଠୀ ଆନୁଷ୍ଠାନିକ ଭାବରେ ଉଦଘାଟନ କରି ଭାରତୀୟ ମାନକ ବ୍ୟୁରୋର କାର୍ଯ୍ୟପଦ୍ଧା ତଥା ଉପଭୋକ୍ତାଙ୍କ ବିଭିନ୍ନ ଉତ୍ପାଦର ଗୁଣବତ୍ତା ନିର୍ଦ୍ଧାରଣ ତଥା ତାର ସୁରକ୍ଷା ବ୍ୟବସ୍ଥା ଦିଗରେ କିପରି କାର୍ଯ୍ୟକରୁଛି ତାହା ଆଲୋଚନା କରିଥିଲେ। ଆଲୋଚନା ଚକ୍ରର ବିଷୟ ବିଶେଷଜ୍ଞ ଶ୍ରୀଯୁକ୍ତ ବାସୁ ସାଧାରଣ ବ୍ୟବସାୟୀ ଖାଉଟିଙ୍କୁ ଆକୃଷ୍ଟ କରିବା ନିମନ୍ତେ କିପରି ବିଶେଷ କଳାକୌଶଳ ଆପଣେଇଥାନ୍ତି, ଯାହା ଫଳରେ ଉପଭୋକ୍ତା ଜଣଙ୍କ ତାଙ୍କ ଉତ୍ପାଦ କିଣିବା ଦିଗରେ ଆକୃଷ୍ଟ ହୋଇଥାଏ ସେ ବିଷୟରେ ଆଲୋଚନା କରିଥିଲେ । ଶ୍ରୀଯୁକ୍ତ ପୁରୋହିତ ତାଙ୍କ ବକ୍ତବ୍ୟରେ ବର୍ତ୍ତମାନ ସମୟରେ ବୈଷୟିକ ପରିବର୍ତ୍ତନ ଏବଂ ବିଭିନ୍ନ ଉତ୍ପାଦ କ୍ଷେତ୍ରରେ ଭାରତୀୟ ମାନକ ବ୍ୟୁରୋର କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଏହି ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ମୁଖ୍ୟ ଡ. ରଘୁନାଥ ସାହୁ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିବା ବେଳେ ଆଇକ୍ୟୁଏସି କୋଡିନେଟର୍ ଡ.ସୁଚିସ୍ମିତା ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧାପିକା ଡ.ପ୍ରଣତୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜେପି ଛାଡି ବିଜେଡିରେ ଯୋଗଦେଲେ ପଞ୍ଚାୟତ ପ୍ରତିନିଧି ଓ କର୍ମୀ

ହିଞ୍ଜିଳିକାଟୁ, (ସବ୍ୟୁ): ସମ୍ପ୍ରତି ହିଞ୍ଜିଳିରେ ରାଜନୈତିକ ପାଣିପାଗରେ ପରିବର୍ତ୍ତନର ହାଓ୍ୱା ଦେଖିବାକୁ ମିଳୁଛି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ହିଞ୍ଜିଳି ବ୍ଲକ ବୁରୁପଡ଼ା ପଞ୍ଚାୟତର କିଛି ପ୍ରତିନିଧି ଓ କର୍ମୀ ବିଜେଡ଼ି ଉପରେ ବିମୁଖ ହୋଇ ବିଜେପି ପ୍ରତି ଆକର୍ଷିତ ହୋଇଥିଲେ। ପରେ ବିଜେପିରେ ଯୋଗ ଦେଇ ନିର୍ବାଚନରେ ଦଳ ପାଇଁ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ନିର୍ବାଚନ ଫଳାଫଳ ପ୍ରକାଶ ପ୍ରକାଶ ପାଇବା ପରେ ସଂମ୍ପୃକ୍ତ ପଞ୍ଚାୟତରେ ମତଦାନ ହାର ମଧ ପ୍ରଭାବିତ ହୋଇଥିଲା। ନିର୍ବାଚନ ପରେ ରାଜ୍ୟରେ ବିଜେଡ଼ି ସରକାରର ପରିବର୍ତ୍ତନ ଘଟି ବିଜେପି କ୍ଷମତା ଦଖଲ କରି ଶାସନ ଭାର ଗ୍ରହଣ କଲା। ଇତି ମଧରେ ରାଜ୍ୟ ଶାସନ ଭାର ଗ୍ରହଣ କରିବାରେ ବିଜେପି ସରକାରକୁ ୭ ମାସ ସମୟ ଅତିକ୍ରାନ୍ତ ହୋଇ ସାରିଲାଣି। ହେଲେ ରାଜ୍ୟରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶ ଛୁଆଁ ଦରଦାମ୍ ବୃଦ୍ଧି ନିୟନ୍ତ୍ରଣ କରିବାରେ ବିଫଳ, କୃଷକ ମାରଣ ନୀତି, ଯୁବ ସମାଜରେ ବେକାରୀ ସମସ୍ୟା, ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ, ଗ୍ରାମାଞ୍ଚଳରେ ବିକାଶ ଠପ୍, ହିଞ୍ଜିଳିରେ ଅଯୋଗ୍ୟ, ଦୁର୍ନୀତି ଗ୍ରସ୍ତ ଓ ଅହଙ୍କାରୀ ବ୍ୟକ୍ତିଙ୍କୁ



ସାଙ୍ଗଠନିକ ଦାୟିତ୍ୱ ନ୍ୟସ୍ତ କରିବା ଫଳରେ ବିଜେପି ପ୍ରତି ଆସ୍ଥା ଓ ବିଶ୍ୱାସ ରଖିଥିବା ହିଞ୍ଜିଳି ବ୍ଲକ ବୁରୁପଡା ପଞ୍ଚାୟତର ଜନ ପ୍ରତିନିଧି ଓ ନେତା ବିଜେପି ପରିତ୍ୟାଗ କରିଛନ୍ତି। ଆଜି ବି ରାଜ୍ୟରେ ନବୀନ ସରକାରଙ୍କ ପ୍ରତି ଲୋକଙ୍କ ବିଶ୍ୱାସ ଓ ଭରସା ଅତୁଟ ରହିଛି। ନବୀନ ସରକାରଙ୍କ ସବୁ କ୍ଷେତ୍ରରେ ବିକାଶ ପାଇଁ ତାଙ୍କ ଲୋକପ୍ରିୟତା ବୃଦ୍ଧି ପାଇଛି। ନବୀନ ବାବୁଙ୍କ ବଳିଷ୍ଠ ନେତୃତ୍ୱ ଓ ବିଜୁ ଜନତା ଦଳର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିରୁ ପ୍ରତିନିଧି ଗଣ ଇସ୍ତଫା ଦେଇଛନ୍ତି। ଶନିବାର ଭୁବନେଶ୍ୱର ସ୍ଥିତ ଶଙ୍ଖ ଭବନରେ ବିଜେଡ଼ି ରାଜ୍ୟ ଉପଦେଷ୍ଟା ମଣ୍ଡଳୀର ବରିଷ୍ଠ ନେତା ଦେବୀ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା ଓ ପ୍ରଣବ ବଳବନ୍ତ ରାୟଙ୍କ ଉପସ୍ଥିତିରେ ବୁରୁପଡ଼ା ସରପଞ୍ଚ ସନ୍ତୋଷି କୁମାରୀ ବେହେରା, ନାଏବ ସରପଞ୍ଚ ରଞ୍ଜନ ସ୍ୱାଇଁ, ଓ୍ୱାର୍ଡ ସଭ୍ୟା ପୁନମ୍ ପାଳ, ଉମାରାଣୀ ପୋଲାଇ ପ୍ରମୁଖଙ୍କ ସମେତ ବହୁ କର୍ମୀ ବିଜେଡିର ପ୍ରାଥମିକ ସଦସ୍ୟତା ଗ୍ରହଣ କରି ବିଜେଡିରେ ଯୋଗଦାନ କରିଥିଲେ। ପରେ ବିରୋଧୀ ଦଳ ନେତାଙ୍କ ଡିଆରଡିଏ ପ୍ରତିନିଧି ଦେବାନନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ନବୀନ ନିବାସ ଯାଇ ସ୍ଥାନୀୟ ବିଧାୟକ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଆର୍ଶିବାଦ ନେଇଥିଲେ। ଆଗାମୀ ଦିନରେ ହିଞ୍ଜିଳିରେ ବିଜେଡ଼ିକୁ ସୁଦୃଢ଼ କରିବା ସହ ପଞ୍ଚାୟତର ସମସ୍ତ ନିର୍ବାଚନରେ ସଂଗଠିତ ଭାବେ ବିଜେଡିର ବିଜୟ ପାଇଁ ସଂକଳ୍ପ ନେଇଥିଲେ। ଏହି ମିଶ୍ରଣ ପର୍ବରେ ଯୁବ ନେତା ଅନିଲ କୁମାର ସ୍ୱାଇଁ, ସମିତି ସଭ୍ୟ ବସନ୍ତ ସେଠୀ, ବ୍ଲକ ପ୍ରତିନିଧି ଏ ସୁଦର୍ଶନଙ୍କ ସମେତ ବ୍ଲକ ସଭାପତି ଓ ସମ୍ପୃକ୍ତ ପଞ୍ଚାୟତର ଯୁବ ନେତା ଓ ବହୁ କର୍ମୀ ଉପସ୍ଥିତ ଥିଲେ ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଧରାକୋଟ, (ସବ୍ୟୁ): ଧରାକୋଟ ବ୍ଲକ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଡେନିସ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଅତିଥି ଭାବରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ବ୍ଲକ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ତହସିଲଦାର ଲମ୍ବୋଦର ମାରାଣ୍ଡି, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର ପ୍ରମୁଖ ଉପସ୍ଥିତ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ମୋଟ ୬୬୭ ଜଣ ବିଭିନ୍ନ ପ୍ରକାରର ଭିନ୍ନକ୍ଷମ ନିଜର ନାମ ପଞ୍ଜିକରଣ କରିଥିଲେ। ସେଥି ମଧ୍ୟରୁ ଶାରୀରିକ ଭିନ୍ନକ୍ଷମ ୩୨୫, ବାକ ଓ ଶ୍ରବଣ ଅକ୍ଷମ ୮୭, ଦୃଷ୍ଟି ଶକ୍ତି ବାଧିତ ୮୩, ମାନସିକ ବିକଳାଙ୍ଗ ୯୧ଓ ଅନ୍ୟାନ୍ୟ ୪୧ ଜଣ ରହିଥିଲେ । ଏହି ଅବସରରେ ବିଧାୟକ ଓ ବ୍ଲକ ଅଧକ୍ଷାଙ୍କ ଦ୍ୱାରା ୧୦ ଜଣଙ୍କୁ ହ୍ୱିଲ୍ ଚେୟାର ଓ ୬ ଜଣଙ୍କୁ ଟ୍ରାଇ ସାଇକେଲ ବଣ୍ଟନ କରାଯାଇଥିଲା। ଆଜିର ଶିବିରରେ ବ୍ରହ୍ମପୁରରୁ ଅସ୍ଥି ସୈଲ୍ୟ, ଇ ଏଣ୍ଡ ଟି, ଚକ୍ଷୁ ବିଭାଗ ଓ ମାନସିକ ବିକାର ବିଭାଗର ଡାକ୍ତର ମାନେ ଯୋଗଦେଇ ସମସ୍ତ ଭିନ୍ନକ୍ଷମ ମାନଙ୍କ ପରୀକ୍ଷା କରିଥିଲେ। ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କୁ ବିକଳାଙ୍ଗ ପ୍ରମାଣପତ୍ର, ବସ ଓ ରେଳ ପାସ, ରାସନ କାର୍ଡ, ଆବାସ ଘର, ଭତ୍ତା, ଦକ୍ଷତା ବୃଦ୍ଧି ତାଲିମ, ଆୟ ଓ ସ୍ଥାୟୀ ପ୍ରମାଣ ପତ୍ର, ଆବାସ ପଞ୍ଜିକରଣ ଡିଆରଆଇ ଋଣ ଓ ୟୁଡିଆଇଡି କାର୍ଡ ଗୋଟିଏ ସ୍ଥାନରେ ପ୍ରଦାନ କରି ସମାଜର ମୁଖ୍ୟ ସ୍ରୋତରେ ସେମାନଙ୍କୁ ସାମିଲ କରିବା ପାଇଁ ପ୍ରୟାସ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଚିନ ପାତ୍ର ଶିବିରର ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ସହାୟକ ବାବୁ ବେହେରା ଓ ଦୀପକ ବେହେରାଙ୍କ ସମେତ ସତ୍ୟ ନାରାୟଣ ବେହେରା, ପ୍ରଶାନ୍ତ କୁମାର ଦାସ ସହାୟତା ପ୍ରଦାନ କରିଥିଲେ ।

## କବି ସମ୍ରାଟ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବ

କୁଲାଡ଼, (ସବ୍ୟୁ): ଗଂଜାମ ଜିଲ୍ଲାର କୁଲାଡ କବି ସମ୍ରାଟ ସରକାରୀ ଉଚ୍ଚମାଧମିକ ବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧକ୍ଷ ଗୌରୀନନ୍ଦନ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଅନୁଷ୍ଠାନର ପ୍ରାକ୍ତନ ଛାତ୍ର ପ୍ରଦ୍ୟୁମ୍ନ କୁମର ନାୟକ, ମୁଖ୍ୟବକ୍ତା ଭାବେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟ ବ୍ରହ୍ମପୁର, ଗଂଜାମର ସହ ନିର୍ଦ୍ଦେଶକ ଶୁଶାନ୍ତ କୁମାର ଦାଶ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସରପଞ୍ଚ ଭି, ସଂଯୁକ୍ତା ରାଜୁ, ସମିତି ସଭ୍ୟା ପି, ରେଣୁକା ପାତ୍ର, ପ୍ରାକ୍ତନ ପ୍ରଧାନ ଶିକ୍ଷକ ବୈଷ୍ଣବ ଦାଶ, କୁମୁଦ ଚନ୍ଦ୍ର ବାଡତ୍ୟା, ପ୍ରାକ୍ତନ ଶିକ୍ଷକ ମନୁନନ୍ଦ ପତି, ପୂର୍ଣ୍ଣଚନ୍ଦ୍ର ଦାଶ ଓ ଦିବାକର ପାତ୍ର ଯୋଗ ଦେଇଥିଲେ। ଅତିଥି ପରିଚୟ ଓ ପ୍ରଦୀପ ପ୍ରଜ୍ୱଳନ ପରେ ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ମଳିକ ବାର୍ଷିକ ବିବରଣୀ ପାଠ କରିଥିଲେ । ଅତିଥିବୃନ୍ଦ ନିଜ ନିଜର ଭାଷଣ ପ୍ରଦାନ କରିଥିଲେ। ଆସନ୍ତା ଅକ୍ଟୋବର ୨୪, ୨୫ ଓ ୨୬ ତାରିଖରେ ଏହି ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବ ବୋଲି ବିଧାୟକ ଶ୍ରୀ ନାୟକ ଉତ୍ସବରେ ଘୋଷଣା କରିଥିଲେ । ଶେଷରେ ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ଶିକ୍ଷକ ଲକ୍ଷ୍ମୀଧର ସଂଗ୍ରାମ ସିଂ ଉତ୍ସବ ପରିଚାଳନା କରିଥିବାବେଳେ ଶିକ୍ଷକ ସୂର୍ଯ୍ୟ ନାରାୟଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଛାତ୍ର, ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଅଧାପକ, ଅଧାପିକା, ଶିକ୍ଷାବିତ୍ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।



## ଗଞ୍ଜାମ ଜିଲ୍ଲା ପୁରୁଷ ଓ ମହିଳା ବକ୍ସିଂ ଚୟନ ଶିବିର

ବ୍ରହ୍ମପୁର, (ସବ୍ୟୁ): ଆସନ୍ତା ୨୧ ଏବଂ ୨୨ ତାରିଖରେ ରାଉରକେଲା ଠାରେ ରାଜ୍ୟସ୍ତରୀୟ ବକ୍ସିଂ ୟୁଥ୍ ଓ ଜୁନିଅର ମହିଳା ଏବଂ ଜୁନିଅର ପୁରୁଷ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଜିଲ୍ଲାସ୍ତରୀୟ ବକ୍ସିଂ ମହିଳା ଏବଂ ପୁରୁଷ ଚୟନ ଶିବିର ଆଜି ବ୍ରହ୍ମପୁର ସ୍ଥିତ ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଚୟନ ଶିବିରରେ ପ୍ରାୟ ୪୦ଜଣ ବକ୍ସର ଯୋଗ ଦେଇଥିଲେ । ସେଥିରୁ ୧୭ ଜଣ ବକ୍ସର ରାଉରକେଲା ଠାରେ ରାଜ୍ୟସ୍ତରୀୟ ବକ୍ସିଂ ୟୁଥ୍ ଓ ଜୁନିଅର ମହିଳା ଏବଂ ଜୁନିଅର ପୁରୁଷ ପ୍ରତିଯୋଗିତାରେ ଭାଗ ନେବାପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି ଗଞ୍ଜାମ ଜିଲ୍ଲା ଅଥଲେଟିକ ଆସୋସିଏସନ୍‌ର ସମ୍ପାଦକ ଜେ କାମେଶ୍ୱର ରାଓ ଏଂ ବକ୍ସିଂ ସମ୍ପାଦକ କେ ପ୍ରଭାକର ରାଓ ଜଣାଇଛନ୍ତି। ଏହି ପ୍ରତିଯୋଗିତାକୁ ଅନ୍ତର୍ଜାତୀୟ ରିଫେରି ତଥା ସ୍ଥାନୀୟ କୋଚ୍ ଶିଶିର କୁମାର ପାଣିଗ୍ରାହୀ, ରାଜ୍ୟ ରିଫେରି ଶିବରାମ ପାତ୍ର, ଲଡୁ କିଶୋର ସାହୁ, ବୁଲୁ ପାତ୍ର, ସୁମନ ଦାସ, ଅବିନାଶ ନାୟକ ପରିଚାଳନା କରିଥିଲେ ।

## ବାରିପଦା ନିର୍ବାଚନମଣ୍ଡଳୀ ବିଜେପିର ୩ ମଣ୍ଡଳ ସଭାପତିଙ୍କ ନାମ ଘୋଷଣା

ବାରିପଦା, (ସବ୍ୟୁ) : ରାଜ୍ୟ ବିଜେପି ପକ୍ଷରୁ ବାରିପଦା ନିର୍ବାଚନ ମଣ୍ଡଳୀର ୩ଟି ମଣ୍ଡଳ ସଭାପତିଙ୍କ ନାମ ଘୋଷଣା କରାଯାଇଛି । ବିଜେପି ରାଜ୍ୟ ସଭାପତି ମନୋମହୋନ ସାମଲ ଓ ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ଅନୁମୋଦନ କ୍ରମେ ଖୁଣ୍ଟା ମଣ୍ଡଳର ସଭାପତି ଭାବେ ଛାକୁରାମ ସୋରେନ୍, କହ୍ନେଇବନ୍ଧ ମଣ୍ଡଳ ସଭାପତି ଭାବେ ଦୁଷ୍ମନ୍ତ ଘୋଷ ଓ ବାରିପଦା ଗ୍ରାମୀଣ ମଣ୍ଡଳର ସଭାପତି ଭାବେ ମନୋରଞ୍ଜନ ମହାନ୍ତଙ୍କ ନାମ ଘୋଷଣା କରାଯାଇଛି ।

## ଆଦାନୀ ଫାଉଣ୍ଡେସନ ପକ୍ଷରୁ ସ୍ୱାସ୍ଥ୍ୟ ସେବା ଶିବିର

ଛତ୍ରପୁର, (ସବ୍ୟୁ): ଗୋପାଳପୁର ବନ୍ଦର ପାର୍ଶ୍ୱବର୍ତୀ ଗ୍ରାମାଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ସଚେତନତା ଆଣିବା ଲକ୍ଷ୍ୟ ନେଇ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଛତ୍ରପୁର ଉପକଣ୍ଠ ସ୍ଥାନୀୟ ଆର୍ଯ୍ୟପଲ୍ଲୀ ପଞ୍ଚାୟତ ସ୍ଥିତ ସାନ ଆର୍ଯ୍ୟପଲ୍ଲୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରାଙ୍ଗଣରେ ଏକ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଯାଇଛି।

ମୁଖ୍ୟଅତିଥି ଭାବେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ବିଜୟ କୁମାର ପଣ୍ଡା ଯୋଗଦେଇ ଏହି ଶିବିରକୁ ଉଦଘାଟନ କରି ଆଜି ଆଦାନୀ ଫାଉଣ୍ଡେସନ ଏହାର ପ୍ରଥମ ସ୍ୱାସ୍ଥ୍ୟ ଶିବିର ଆରମ୍ଭ କରିଛି । ଏଥିପାଇଁ ମୁଁ ସାଧୁବାଦ ଜଣାଉଛି । ଏହି ପ୍ରୟାସ ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସେମାନେ ଦୃଢ




ପ୍ରତିଶୃତିବଦ୍ଧ ବୋଲି ଅନୁଭବ କରୁଛି। ଆଦାନୀ ଗ୍ରୁପର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମକୁ ସାରା ଭାରତ ବର୍ଷରେ ଆଦାନୀ ଫାଉଣ୍ଡେସନ ଦ୍ୱାରା ପରିଚାଳିତ କରାଯାଏ । ଏହି କାର୍ଯ୍ୟକ୍ରମରେ ଗୋପାଳପୁର ବନ୍ଦରର ବିଜନେସ ମୁଖ୍ୟ ସନ୍ଦୀପ ଜୟଶ୍ୱାଳ ଉପସ୍ଥିତ ରହି ଆମେ ବିଶ୍ୱାସ କରୁ ଯେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଆମ ଜନଗୋଷ୍ଠୀଙ୍କର ଉନ୍ନତ ସ୍ୱାସ୍ଥ୍ୟ ଏବଂ ଉତ୍ତମ ସହାବସ୍ଥାନ ନିଶ୍ଚିତ କରାଇବା ଏକ ମୌଳିକ ଆବଶ୍ୟକ ଅଟେ । ସୁସ୍ଥ ସମାଜ ଏବଂ ସୁସ୍ଥ ଜୀବନଶୈଳୀ ଉପଲବ୍ଧ କରାଇବା ପାଇଁ ଆମେ ସର୍ବଦା ପ୍ରତିଶ୍ରୁତିବଦ୍ଧ।

ଏହି ସ୍ୱାସ୍ଥ୍ୟ ଶିବିର ଏକ ଛୋଟ ପଦକ୍ଷେପ ମୁଁ ଲୋକମାନଙ୍କୁ ଅନୁରୋଧ କରୁଛି । ଏହି ଶିବିରରେ ବିଶିଷ୍ଟ ଚିକିତ୍ସକ ମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ସହ ରୋଗୀଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ପର୍କୀୟ ପରାମର୍ଶ ଦିଆଯାଇଥିଲା। ବ୍ରହ୍ମପୁର ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି (ଏମକେସିଜି) ବଡ ମେଡିକାଲ୍ କଲେଜର ଅଭିଜ୍ଞତା ସମ୍ପନ୍ନ ଡାକ୍ତର ଓ ବିଶେଷଜ୍ଞ ଏହି ସ୍ୱାସ୍ଥ୍ୟସେବା ଶିବିରରେ ପ୍ରାୟ ୪୦୦ ରୁ ଉର୍ଦ୍ଧ୍ୱ ଶିଶୁ, ମହିଳା ଓ ବୃଦ୍ଧ ସ୍ୱାସ୍ଥ୍ୟାବସ୍ଥାର ପରୀକ୍ଷଣ କରିବା ସହ ଡାକ୍ତରଙ୍କ ସହ ସେମାନଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ପରାମର୍ଶ କରିଥିଲେ । ଆର୍ଯ୍ୟପଲ୍ଲୀ ପଞ୍ଚାୟତ ସରପଞ୍ଚ ତ୍ରିଲୋଚନ ବେହେରା ତଥା ଅନ୍ୟାନ୍ୟ ନେତୃବୃନ୍ଦ ଏବଂ ବୁଦ୍ଧିଜୀବୀ ଆଦାନୀ ଗୋପାଳପୁର ବନ୍ଦରର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହି କାର୍ଯ୍ୟକ୍ରମକୁ ଅଧିକରୁ ଅଧିକ ଆୟୋଜନ କରିବା ପାଇଁ ଅନୁରୋଧ କରିଥିଲେ ।

# ୨୧ରୁ ଆଇଟିଆଇ ପଡ଼ିଆରେ ଏକ୍ସପୋ ଓଡ଼ିଶା -୨୦୨୫

ବାଲେଶ୍ୱର, (ସବ୍ୟୁ) : ଶନିବାର ଦିନ ସ୍ଥାନୀୟ ଶିଳ୍ପାଞ୍ଚଳରେ ଥିବା ଉଦ୍ୟୋଗ ଭବନ ସମ୍ମିଳନୀ କକ୍ଷରେ ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘ ତରଫରୁ ଏକ୍ସପୋ ଓଡ଼ିଶା -୨୦୨୫ ଆୟୋଜନ ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ସଂଜୟ କୁମାର ଦାସ ଅଧକ୍ଷତା କରି ସୂଚନା ଦେଇଥିଲେ ଯେ ଆସନ୍ତା ୨୧ ତାରିଖ ମଙ୍ଗଳବାର ଠାରୁ ୨୬ ତାରିଖ ରବିବାର ପର୍ଯ୍ୟନ୍ତ ସ୍ଥାନୀୟ ଆଇଟିଆଇ ପଡ଼ିଆରେ ୬ଦିନ ବ୍ୟାପୀ ଅନୁଷ୍ଠିତ ହେବ ଜାତୀୟସ୍ତରୀୟ ଶିଳ୍ପ ଓ ବାଣିଜ୍ୟ ମେଳା ଏକ୍ସପୋ ଓଡ଼ିଶା- ୨୦୨୫ ଏହାକୁ ଏମ୍‌ଏସ୍ ଏମ୍‌ଇ - ଡିଏଫ୍‌ଓ କଟକ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଭାରତ ସରକାର, ଜିଲ୍ଲା ପ୍ରଶାସନ, ଜିଲ୍ଲାକ୍ଷୁଦ୍ର ଶିଳ୍ପସଂଘ, ବିସିଆଇସି ଓ ନୋସିର ମିଳିତ ସହଯୋଗରେ ଆୟୋଜନ କରାଯାଉଛି ।




ଏହି ଅବସରରେ ୩୨୦ଟି ଷ୍ଟଲ ନିର୍ମାଣ କରାଯାଇଛି । ଏହି ଷ୍ଟଲଗୁଡ଼ିକରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ବାଣିଜିକ ସଂସ୍ଥାମାନେ ସେମାନଙ୍କର ସାମଗ୍ରୀ ପ୍ରଦର୍ଶନ କରିବା ସହ ବିକ୍ରୟ କରିବେ ଏହି କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍ଘାଟନ କରିବେ । ପ୍ରତ୍ୟେକଦିନ ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଓ ସରକାରଙ୍କ ତରଫରୁ ତିନୋଟି ସାଂସ୍କୃତିକ ଦଳ ଭାଗନେବେ ଓଲିଉଡ଼ ଓ ବଲିଉଡ଼ର ଗାୟକ ଓ ଗାୟିକାମାନେ ଭାଗନେବା ସହ ୨୩ ତାରିଖ ଗୁରୁବାର ସନ୍ଧ୍ୟାକୁ ସଂଘ ତରଫରୁ ନାରୀମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଉତ୍ସର୍ଗ କରାଯାଇଥିବା ସୂଚନା ଦେଇଥିଲେ । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଜିଲ୍ଲା ଶିଳ୍ପକେନ୍ଦ୍ର ସାଧାରଣ ସମ୍ପାଦକ ପ୍ରଣବ କୁମାର ନାୟକ, ବାଲେଶ୍ୱର ଶିଳ୍ପ ବାଣିଜ୍ୟ ସଂଘ, ଉପସଭାପତି ଭଗବାନ ଗୁପ୍ତା, ଅର୍ଥ ସଚିବ ବିଷ୍ଣୁ କୁମାର ମାରୁ, ସାଂସ୍କୃତିକ ସମ୍ପାଦକ ନୀଳମାଧବ ବିଶ୍ୱାଳ, ବିସିଆଇସିର ସହସଂଯୋଜିକା କୀର୍ତ୍ତି ଦାସ ପ୍ରମୁଖ ଉପସ୍ଥିତ ରହି ସାମ୍ବାଦିକମାନଙ୍କୁ ସୂଚନା ଦେଇଥିଲେ ।

# ବିନାୟକପୁର ସୋସାଇଟିରେ କଟଣୀକୁ ନେଇ ଉତ୍ତେଜନା
# ଧାନ ବସ୍ତା ଓଜନ ପାଇଁ ନିଆଯାଉଛି ୪ ଟଙ୍କା

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ବ୍ଲକର ଧାନର ଅଭାବୀ ବିକ୍ରିକୁ ନେଇ ବଢୁଛି ଅସନ୍ତୋଷ । ବାସୁଦେବପୁର ବ୍ଲକର ବିନାୟକପୁର ସୋସାଇଟିର ଚାଷୀ ଧାନ ମଣ୍ଡିରେ ବିକ୍ରି ବେଳେ ସାଢେ ଆଠ ପର୍ସେଣ୍ଟ କଟଣୀ ଛଟଣୀକୁ ନେଇ ଉତ୍ତେଜନା ଦେଖାଦେଇଛି । ଖବର ଗଣମାଧମର ପ୍ରତିନିଧିମାନେ ପହଂଚିବା ପରେ ମଣ୍ଡି ଛାଡି ସଦସ୍ୟମାନେ ପଳାଇ ଯାଇଥିଲେ ।ସରକାର କହିଲେ କଟଣୀ ଛଟଣୀ ନାହିଁ ।

ହେଲେ ବାସୁଦେବପୁର ବ୍ଲକର ଧାନ କିଣାରେ ଆଠ ପର୍ସେଣ୍ଟରୁ ଆରମ୍ଭ କରି ଦଶ ପଶ ପର୍ସେଣ୍ଟ କଟଣୀ ଛଟଣୀ ଖୋଲମ ଖୋଲା ଚାଲିଛି । ଏହି କଟଣୀ ଛଟଣୀର ମାଷ୍ଟର ମାଇଣ୍ଡ ସାଜିଛନ୍ତି ପରଚେଜ୍ କମିଟିର ସଦସ୍ୟ । ରାତି ଅଧିଆ ମିଲର ଓ ସୋସାଇଟିର ମେମ୍ବରଙ୍କ ଅଘୋଷିତ ମେଳି ଯୋଗୁଁ ଚାଷୀଙ୍କ ପେଟକୁ ଲାତ ମାରୁଛନ୍ତି ବୋଲି ଚକଷୀ ଅଭିଯୋଗ କରିଛନ୍ତି । ବିନାୟକପୁର ସୋସାଇଟିର ମହାଦେବ ପଡିଆର ଧାନ ମଣ୍ଡିର ଧାନ କ୍ରୟ ହୋଇଥିଲା । ଶ୍ରୀକାନ୍ତ ମଳିକଙ୍କ ଟୋକନ ନମ୍ବର-୨୦୪୦୭୦୫ ଠାରୁ ୫୦ ବସ୍ତା ଧାନ ଓଜନ କରି ନେଇଥିଲେ । ଧାନ ବସ୍ତା ଓଜନ ବାବଦକୁ ୪ଟଙ୍କା କରି ଦୁଇ ଶହ ଟଙ୍କା ଚାଷୀଙ୍କ ଠାରୁ ନେଇଥିଲେ । ସେଠାରେ ଖୋଦ ସୋସାଇଟିର ସମ୍ପାଦକ ମହେଶ୍ୱର ମହାକୁଡ ଉପସ୍ଥିତରେ ଆଦାୟ ହୋଇଥିଲା । ସରକାର ମଣ୍ଡିର ପରିଚାଳନା କରିବାକୁ ୧୩ଟଙ୍କା ୧୪ପଇସା ଯୋଗାଇ ଦେଉଛନ୍ତି । ବିନାୟକପୁର ସୋସାଇଟି ମଣ୍ଡିର ଧାନ ବସ୍ତା ଓଜନ ପିଛା ୪ଟଙ୍କା ନେଇଥିବାର ଶ୍ରୀକାନ୍ତ ମଳିକ ଅଭିଯୋଗ କରିଛନ୍ତି ।

ଧାନ କିଣାରେ ସାଢେ ଆଠ ପର୍ସେଣ୍ଟ କଟଣୀ ଛଟଣୀ ଚାଷୀମାନେ ବିରୋଧ କରିଥିଲେ । ସୋସାଇଟିର ସମ୍ପାଦକ ବନ୍ଦ କରିଥିଲେ । ରାତି ଅଧିଆ କଟଣୀ ଛଟଣୀ ନିଷ୍ପତ୍ତି ଚାଷୀଙ୍କ ଅସନ୍ତୋଷର କାରଣ ହୋଇଛି । ବାସୁଦେବପୁର ବ୍ଲକର ୩୬ଗୋଟି ପଂଚାୟତ ଓ ପୌରପାଳିକାର ୨୩ଗୋଟି ୱାର୍ଡର ରହିଛି ୨୨ଟି ସେବା ସମବାୟ ସମିତି । ବାସୁଦେବପୁର ୭ଟି ମଣ୍ଡି ଦାୟିତ୍ୱ ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଦାନ କରାଯାଇଛି । ଧାନ କିଣାରେ ଆଠ ପର୍ସେଣ୍ଟ କଟଣୀ ଛଟଣୀକୁ ନେଇ ବାସୁଦେବପୁର ବ୍ଲକର ବିନାୟକପୁର ଧାନ ମଣ୍ଡିର ଅସନ୍ତୋଷର ଦେଖା ଦେଇଛି । କେବଳ ବିନାୟକପୁର ନୁହେଁ ତ ସମସ୍ତ ମଣ୍ଡିର ଚାଷୀଙ୍କୁ ଲଣ୍ଡା କରି ପକେଟ ଗରମ କରିବାକୁ ପରଚେଜ୍ କମିଟିର ଓ ମିଲର୍ସଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ଧାନ କିଣା । ଧାନ କିଣାରେ ଆଠ ପର୍ସେଣ୍ଟ କଟଣୀ ଛଟଣୀକୁ ନେଇ ବାସୁଦେବପୁର ବ୍ଲକର ଆନ୍ଦୋଳନର ରୂପ ନେଉଛି । ଆଗାମୀ ଦିନର ଚାଷୀ ରାଜରାସ୍ତା ଅବରୋଧ କରିବେ ବୋଲି ଆଲୋଚନା ଶୁଣିବାକୁ ମିଳୁଛି ।

# ଚୋରା ବାଲିମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ରାସ୍ତା ରୋକ

ନୀଳଗିରି,(ସବ୍ୟୁ) : ନୀଳଗିରି ତହସିଲ ଅଧିନରେ ଥିବା ସୋନନଦୀରୁ ଦିନରାତି ବାଲିମାଫିଆମାନେ ଟ୍ରିପଟ୍ରିପ ବାଲି ଚୋରାରେ ଚାଲାଣ କରୁଥିବା ବେଳେ ରାଜସ୍ୱ ବିଭାଗ ଦେଖିଜାଣି ଚୁପ୍ ରହିବା ଘଟଣା କେଉଁଠି ନା କେଉଁଠି ତାଙ୍କର ଅପାରଗତାକୁ ପଦାରେ ପକାଉଛି । ଗୋଟିଏପଟେ ମାଫିଆମାନେ କୋଟିକୋଟି ଟଙ୍କା ଆୟ କରୁଥିବା ବେଳେ ନୀଳଗିରି ରାଜସ୍ୱ ବିଭାଗ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛି । ଏବାବଦରେ ସୋନ ନଦୀର ପାର୍ଶ୍ୱବର୍ତ୍ତୀ ଗ୍ରାମ କାଠପାଳର ଗ୍ରାମବାସୀମାନେ ଅନେକଥର ଉପଖଣ୍ଡ ଅଧିକାରୀଙ୍କ ଠାରୁ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଲିଖିତଭାବେ ଅଭିଯୋଗ କରିଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ନମିଳିବାରୁ ଶନିବାର ସକାଳେ ଶତାଧିକ ଅଞ୍ଚଳବାସୀ କାଠପାଳ ନିକଟରେ ରାସ୍ତା ଅବରୋଧ କରି ବସିଥିଲେ । ଫଳରେ ମିତ୍ରପୁର ଉଦଳା ରାସ୍ତାରେ ଗାଡ଼ିଚଳାଚଳ ବନ୍ଦ ହୋଇଯାଇଥିଲା । ରାସ୍ତାର ଦୁଇପାଖରେ ଅନେକ ଗାଡ଼ି ଛିଡ଼ାହୋଇ ରହିଥିବାର ଦେଖିବାକୁ ମିଳିଥିଲା । ଯଦି ଏହି ଚୋରା ବାଲି ଚାଲାଣ ଉପରେ ରୋକ୍ ଲଗା ନଯାଏ ତେବେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ରାସ୍ତାରୋକ କରାଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଥିଲେ । ଖବରପାଇ ନୀଳଗିରି ତହସିଲଦାର ସୋନମ ଦାସ, ଖଣିବିଭାଗ ଅଧିକାରୀ ନୀଳଗିରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତାଅବରୋଧ କାରୀମାନଙ୍କ ସହିତ ଆଲୋଚନା କରି ପ୍ରତିଶୃତି ଦେବାପରେ ରାସ୍ତାରୋକ ହଟିଥିଲା ।

# ହାଇକୋର୍ଟଙ୍କ ଛାଟ
## ୨ ସପ୍ତାହ ମଧ୍ୟରେ ସବୁ ଇଟାଭାଟି ବନ୍ଦ ନିର୍ଦ୍ଦେଶ

ନୀଳଗିର,(ସବ୍ୟୁ) :ଇକୋସେନସିଟିଭ୍ ଜୋନ୍‌ରେ ସମସ୍ତ ବେଆଇନ ଇଟାଭାଟି ଅଞ୍ଚଳଗୁଡ଼ିକର ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ନିମନ୍ତେ ଓଡ଼ିଶା ହାଇକୋର୍ଟ ଗତ ୧୬ ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି । ସୂଚନା ମୁତାବକ ନୀଳଗିରି ଉପଖଣ୍ଡ କୁଲଡ଼ିହା ଅଭୟାରଣ୍ୟ ଇକୋସେନ୍‌ସିଟିଭ ଜୋନ୍ ମଧ୍ୟରେ ବର୍ଷବର୍ଷ ଧରି ବେଆଇନ ଚିମିନିଭାଟି ଚାଲି ଆସୁଥିଲା । ନୀଳଗିରି ତହସିଲ ପକ୍ଷରୁ ପ୍ରତିବର୍ଷ ଏହି ସବୁ ଭାଟିଗୁଡ଼ିକ ଉପରେ ପେନାଲଟି ଓ ରୟାଲଟି ଆଦାୟ କରି ଓଲଟି ପ୍ରସାହନ ଦେଇ ଆସୁଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରୁଥିଲେ । ଏନେଇ ଘୋର ବିବାଦ ହେବାପରେ ପ୍ରଶାସନ ପକ୍ଷରୁ ସେନସିଟିଭ ଅଞ୍ଚଳରେ ବେଆଇନ ଇଟାଭାଟି ବନ୍ଦ ପାଇଁ ଅଣ୍ଟା ଭିଡ଼ିଥିଲେ । ପ୍ରଶାସନ ପକ୍ଷରୁ ଏବାବଦରେ ୨୦୨୩ ମସିହାରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ନୟାପାଟଣା ଗ୍ରାମର ଇଟାଭାଟି ମାଲିକ ହରିଶ୍ଚନ୍ଦ୍ର ଜେନାଙ୍କ ମାମା ଇଟାଭାଟିକୁ ଭାଙ୍ଗିଦିଆଯାଇଥିଲା । ମାତ୍ର ଏ ଅଞ୍ଚଳରେ ସେ ଅନ୍ୟ ବେଆଇନ ଇଟାଭାଟି ଭଙ୍ଗାଯାଇ ନଥିବାରୁ ହରିଶ୍ଚନ୍ଦ୍ର ଜେନା ମାନ୍ୟବର ହାଇକୋର୍ଟଙ୍କ ନିକଟରେ ୨୩୪୨୦ନମ୍ବରରେ ଏକ ରିଟ୍ ପିଟିସନ ଦାଖଲ କରିଥିଲେ। ପରେ ୨୦୨୪ ମସିହା ଅକ୍ଟୋବର ୪ ତାରିଖରେ ଅନ୍ୟ ଇଟାଭାଟି ମାଲିକମାନେ ଏକ ମଧ୍ୟବର୍ତ୍ତୀ କାଳୀନ ଦରଖାସ୍ତ କରି ୨୦୨୫ ମସିହା ଜୁଲାଇମାସ ଶେଷ ପର୍ଯ୍ୟନ୍ତ ଇଟା ନିର୍ମାଣ କାର୍ଯ୍ୟ କରିବାକୁ ଅନୁରୋଧ କରାଯାଇଥିଲା । ଉଭୟ ପକ୍ଷଙ୍କ ଆବେଦନକୁ ବିଚାର କରି ଓଡ଼ିଶା ହାଇକୋଟର ମାନ୍ୟବର ବିଚାରପତି ଏସ୍‌କେ ପାଣିଗ୍ରାହୀ ଜାନୁୟାରି ୧୬ ତାରିଖ ଦିନ ଏକ ରାୟ ପ୍ରଦାନ କରି ସେନ୍‌ସିଟିଭ ଅଞ୍ଚଳରୁ ସମସ୍ତ ଇଟାଭାଟିକୁ ୨ସପ୍ତାହ ମଧ୍ୟରେ ବନ୍ଦ କରିବା ସହିତ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଏହି କାର୍ଯ୍ୟ ବାଲେଶ୍ୱର ଇଟାଭାଟି ମାଲିକମାନେ ୨ସପ୍ତାହ ମଧ୍ୟରେ ଇଟାଭାଟି ଗୁଡ଼ିକୁ ଉଚ୍ଛେଦ ନକଲେ ଜିଲ୍ଲାପାଳ କରିବେ ବୋଲି ରାୟରେ ଉଲ୍ଲେଖ କରାଯାଇଛି ।

# ଆନନ୍ଦପୁର ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସପ୍ତାହ

ଆନନ୍ଦପୁର, (ସବ୍ୟୁ) : ଆନନ୍ଦପୁର ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସପ୍ତାହ ପାଳନ ହୋଇଯାଇଛି ।ଏହି ଅବସରରେ ଏକ ଶୋଭାଯାତ୍ରାକୁ ମହାବିଦ୍ୟାଳୟ ଅଧକ୍ଷ ଡ଼କ୍ଟର ନାରାୟଣ ମିଶ୍ର ଉଦଘାଟନ କରିଥିଲେ ।ଏହି ଶୋଭାଯାତ୍ରା ମହାବିଦ୍ୟାଳୟ ପରିସରରୁ ବାହାରି ବ୍ରିଜ ଛକ ପର୍ଯ୍ୟନ୍ତ ଯାଇ ସ୍ଲୋଗାନ ମାଧ୍ୟମରେ ଲୋକମାନଙ୍କୁ ତଥା ଗାଡି ଚାଳକମାନଙ୍କୁ ସଚେତନ କରିଥିଲେ ।ଯେଉଁମାନେ ହେଲମେଟ ନପିନ୍ଧି ଗାଡି ଚଲାଉଥିଲେ ସେମାନଙ୍କୁ ଚକୋଲେଟ ଦେଇ ହେଲମେଟ ବ୍ୟବହାର କରିବା ପାଇଁ ବୁଝାଇଥିଲେ ।ହେଲମେଟ ପିନ୍ଧିଥିବା ବ୍ୟକ୍ତିମାନଙ୍କୁ ଧନ୍ୟବାଦ ସହିତ ଚକୋଲେଟ ମଧ ଦେଇଥିଲେ । ଆନନ୍ଦପୁର ଥାନା ପୋଲିସ କର୍ମଚାରୀ ଉପସ୍ଥିତ ରହି




ସହଯୋଗ କରିଥିଲେ ।ଯୁବ ରେଡକ୍ରସ ,ଏନସିସି,ସ୍କାଉଟସ୍ ଗାଇଡ୍ସ, ଏନଏସଏସ ସ୍ୱେଚ୍ଛାସେବୀମାନେ ଶୋଭାଯାତ୍ରାରେ ସ୍ଲୋଗାନ ଦେଇ ଶୋଭା ଯାତ୍ରାକୁ ସଫଳ କରିଥିଲେ । ଯୁବ ରେଡକ୍ରସ ଉପଦେଷ୍ଟା ଭଗବାନ ସାହୁ, ପୂର୍ଣାନନ୍ଦ ପାର୍ଥସାରଥି ଶଙ୍ଖୁଆ, ପ୍ରଫୁଲ୍ଲ କୁମାର ପଣ୍ଡା ,ଶିବଚରଣ ବେହେରା, ସଂଘମିତ୍ରା ରାଉତ, ଏନ୍‌ଏସଏସ୍ ଅଧିକାରୀ ଓଜେଲ ପଟନାୟକ, ମଧୁସ୍ମିତା ସାହୁ, ଗୀତାଞ୍ଜଳି ନାୟକ, ପ୍ରାଧ୍ୟାପକ ଶ୍ରୀକାନ୍ତ ପଟେଲ, ଦୟାନିଧି ନାୟକ ବିଶ୍ୱଜିତ ରାଉତ ,କେଶବ ଜେନା, ନିରଞ୍ଜନ ସେଠି, ସତ୍ୟ ନାୟକ, ଲକ୍ଷ୍ମୀଧର ପାତ୍ର ସବିନା ଆରା ବେଗମ, ଶ୍ରୀଲେଖା ସାହୁ ସତ୍ୟବାନ ସେଠିପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଜାଳିଦେଲେ ୧୫୦ ବସ୍ତା ଅମଳ ଧାନ

ଭଣ୍ଡାରିପୋଖରୀ, (ସବ୍ୟୁ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ରଣଜିତ ଗ୍ରାମର ପ୍ରଦୀପ କୁମାର ଜେନାଙ୍କ ୧୫୦ ବସ୍ତା ଅମଳ ଧାନକୁ ଦୁର୍ବୃତ୍ତମାନେ ଗତ ଶୁକ୍ରବାର ରାତ୍ରରେ ଜାଳି ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ପ୍ରଦୀପଙ୍କ ବାସଭବନ ଖଳାରେ ୧୫୦ ଟି ଝୋଟ ଅଖାରେ ଧାନ ଭରାଯାଇ ବିକ୍ରୟ ପାଇଁ ରଖାଯାଇଥିଲା। ଏହି ଧାନବସ୍ତା ଉପରେ ଜରିପାଲ ଘୋଡା ଯାଇଥିଲା। ଶୁକ୍ରବାର ରାତ୍ର ପ୍ରାୟ ଗୋଟାଏ ବେଳେ ପରିବାର ଲୋକେ ଶୌଚ ପାଇଁ ବାହାରକୁ ଉଠିଥିବା ବେଳେ ଧାନବସ୍ତା ହୁତହୁତ ହୋଇ ଜଳୁଥିବା ଦେଖିଥିଲେ। ସେମାନଙ୍କ ଚିତ୍କାର ଶୁଣି ପାଖପଡିଶା ମିଳିମିଶି ଅଗ୍ନିକୁ ଆୟତ୍ତ କରିଥିଲେ। ପୋଡା ଧାନରୁ ଡିଜେଲ ଗନ୍ଧ ବାହାରୁଥିବା ଜଣାପଡିଥିଲା। ଶନିବାର ସକାଳେ ପ୍ରଦୀପ ଥାନାରେ ଅଭିଯୋଗ କରିଥିଲେ। ଥାନାରେ ୨୩/୨୫ନଂ ମାମଲା ଅଜଣା ଦୁର୍ବୃତ୍ତଙ୍କ ନାମରେ ରୁଜୁ କରାଯାଇଥିଲା। ସନ୍ଧାନୀ କୁକୁର ସହାୟତାରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲେ ମଧ ବିଶେଷ କିଛି ଅଗ୍ରଗତି ହୋଇ ପାରିନଥିବା ଜଣାଯାଇଛି। ଖଳାରେ ରଖାଯାଇଥିବା ଧାନର ପରିମାଣ ୮୦ କ୍ୱିଣ୍ଟାଲ ହେବ। ଆଗାମୀ ଫେବୃୟାରୀ ୪ ତାରିଖରେ ସରକାରୀ ମଣ୍ଡିରେ ଧାନ ବିକ୍ରୟ ପାଇଁ ଟୋକନ ମଧ ଆସିଥିଲା। ହେଲେ ଏହା ପୂର୍ବରୁ ଧାନକୁ ଜାଳି ଦିଆଯାଇଛି ବୋଲି ପରିବାର ସୂତ୍ରରୁ ପ୍ରକାଶ।

# ଯୋଗଦେଲେ ନୂତନ ତହସିଲଦାର

ଠାକୁରମୁଣ୍ଡା , (ସବ୍ୟୁ) : ଶୁକ୍ରବାର ଠାକୁରମୁଣ୍ଡା ତହସିଲଦାର ଭାବେ ସମ୍ବିତ କୁମାର କର କାର୍ଯ୍ୟରେ ଯୋଗ ଦେଇଛନ୍ତି । ଏହା ପୂର୍ବରୁ ସେ ସିମୁଳିଆ ବିଡ଼ିଓ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ । ନିକଟରେ ତାଙ୍କର ଏଠାକୁ ବଦଳି ହୋଇଥିଲା । ଏଠାରେ କାର୍ଯ୍ୟରତ ତହସିଲଦାର ସୁଶ୍ରୀ



ସୁପ୍ରିୟାଙ୍କର ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଡେପୁଟି କଲେକ୍ଟର ଭାବେ ବଦଳି ହୋଇଛି ।ସମ୍ବିତ କୁମାର କର ଗତ ୧୩ ତାରିଖରେ ଯୋଗ ଦେବା ପରେ ୧୭ ତାରିଖ ଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି ।ଶ୍ରୀଯୁକ୍ତ କର ଜଣେ ଭଲ ପ୍ରଶାସକ ଭାବେ ସୁନାମ ଅର୍ଜନ କରିଛନ୍ତି ।ତାଙ୍କୁ କାର୍ଯ୍ୟାଳୟର କର୍ମଚାରୀ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।

# ଫଳକରେ ସୀମିତ ରହିଲା ଶ୍ମଶାନ ଘାଟ: ଫେରିଗଲା ଆସିଥିବା ଟଙ୍କା

ବାହାନଗା, (ସବ୍ୟୁ) : ବାହାନାଗା ବ୍ଲକ ଖରାସାହାପୁର ପଞ୍ଚାୟତରେ ଅବସ୍ଥାନ କରୁଥିବା ଖରାସାହାପୁର ଗ୍ରାମର କୌଣସି ବ୍ୟକ୍ତିଙ୍କ ମୃତ୍ୟୁପରେ ମୃତ ବ୍ୟକ୍ତିଙ୍କ ଶବ ସତ୍କାର ନିମନ୍ତେ ଏକ ଶ୍ମଶାନ ଘାଟର ଆବଶ୍ୟକତା ରହିଥିଲା । ଏହାକୁ ଦୃଷ୍ଟିରେ ରଖି ଚହଟ ଠାରେ ୨୦୨୩-୨୪ ଆର୍ଥୀକ ବର୍ଷରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ମାଧ୍ୟମରେ ନୂତନ ଶ୍ମଶାନ ଘାଟ ନିର୍ମାଣ ପାଇଁ ୨ଲକ୍ଷ ୫୦ ହଜାର ଟଙ୍କା ଆସିଥିଲା ଓ ଫଳକ ମଧ୍ୟ ଲାଗିଥିଲା । ମାତ୍ର ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ କାର୍ଯ୍ୟଟି ଫଳକ ମଧ୍ୟରେ ସୀମିତ ରହିଥିବା ବେଳେ ଆସିଥିବା ଟଙ୍କା ଫେରିଯାଇଥିବାରୁ ଗ୍ରାମବାସୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।

ଏହି ପଞ୍ଚାୟତଟି ଉତ୍ତରରୁ ଦକ୍ଷିଣକୁ ୨କି.ମି. ପର୍ଯ୍ୟନ୍ତ ଲମ୍ବିଥିବା ବେଳେ ଗ୍ରାମରେ ଲୋକସଂଖ୍ୟା ୭ହଜାରରୁ ଅଧିକ ମୃତବ୍ୟକ୍ତିଙ୍କ ଶବସତ୍କାର କରିବା ପାଇଁ ଉଦିଷ୍ଟ ଜାଗା ନଥିବାରୁ ଲୋକମାନଙ୍କୁ ନାକେଦମ ହେବାକୁ ପଡୁଛି । ଏବାବଦରେ ସ୍ଥାନୀୟ ବାସିନ୍ଦାମାନେ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ କୌଣସି ସୁଫଳ ମିଳିନଥିବା ଗ୍ରାମର ସଭାପତି ଆକାଶ ରାୟ, ସମ୍ପାଦକ ରବିନ୍ଦ୍ର ମହାଳିକ,ଭାଗିରଥି ପଲେଇ, ଦେବାଶିଷ ଜେନା, ଦିବାକର ମହାଳିକ, ମୁକ୍ତିକାନ୍ତ ମହାଳିକ, ପ୍ରଭାତ ବାରିକ, ଲକ୍ଷ୍ମୀକାନ୍ତ ଜେନା, ନିର୍ମଳ ନାୟକ ପ୍ରମୁଖ କହିଛନ୍ତି । ଏବାବଦରେ ଖରାସାହାପୁର ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ ସରସ୍ୱତୀ ଧଡ଼ାଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ୍ ଉଠାଇନଥିଲେ । ସେହିପରି ବାହାନଗା ବିଡ଼ିଓ ନୀଳମାଧବ ସୁନାଙ୍କୁ ପଚାରିବାରୁ ସେ କହିଥିଲେ ଯେ ପୂର୍ବରୁ ନବୀନ ଓଡ଼ିଶା, ଆମ ଓଡ଼ିଶା ଯୋଜନା ଅନୁଯାୟୀ କାର୍ଯ୍ୟ କରାଯାଉଥିଲା । ମାତ୍ର ତାହା ପରିବର୍ତନ ହୋଇ ବିକଶିତ ଗାଁ ବିକଶିତ ଓଡ଼ିଶା ହୋଇଥିବାରୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଅଟକି ଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି ମତ ବ୍ୟକ୍ତ କରିଥିଲେ ।

# ଏନ୍‌ଏସିରେ ୨୨୨ ଜଣଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ

ନୀଳଗିରି,(ସବ୍ୟୁ) :ମୋହନ ସରକାର ୮୦ବର୍ଷରୁ ଅଧିକ ବୃଦ୍ଧ, ବୃଦ୍ଧା, ବିକଳାଙ୍ଗମାନଙ୍କ ପାଇଁ ୩୫୦୦ ଟଙ୍କା ଭତ୍ତା ପାଇବାର ଘୋଷଣା କରିଥିବା ବେଳେ ନୀଳଗିରି ଏନ୍‌ଏସିର ୧୩ ଗୋଟି ୱାର୍ଡରେ ମୋଟ ୨୨୨ଜଣ ହିତାଧିକାରୀଙ୍କୁ ଚୟନ କରାଯାଇଛି । ଗୁରୁବାର ଦିନ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଆନୁଷ୍ଠାନିକ ଭାବେ ୬୧ଜଣଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରିଛନ୍ତି । ସିଧାସଳଖଭାବେ କିଛି ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଦିଆଯିବ ବୋଲି ସୂଚନା ଦେଇଛନ୍ତି । ଏହି ଭତ୍ତା ବଣ୍ଟନ ସମୟରେ ଅଧକ୍ଷ ମହେନ୍ଦ୍ର ବେହେରା, ସମସ୍ତ କାଉନସିଲରଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଟିପିଏନ୍‌ଓଡିଏଲର ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ

ବାଲେଶ୍ୱର,(ସବ୍ୟୁ) : ଟିପିଏନ୍‌ଓଡିଏଲ୍ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଯନ୍ତଶୀଳ ହେବା ସୁରକ୍ଷିତ ରହିବା ଥିମ୍‌ରେ କୋର୍ପରେଟ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ସମସ୍ତ ସର୍କଲ, ଡିଭିଜନ, ସବ୍‌ଡିଭିଜନସ୍ତରରେ ଥିବା କାର୍ଯ୍ୟାଳୟମାନଙ୍କରେ କର୍ମଚାରୀମାନେ ସଡ଼କ ସୁରକ୍ଷାନେଇ ସଚେତନ ହେବାସହ ସୁରକ୍ଷା ମାର୍ଗଦର୍ଶିକା ସର୍ବଦା ଅନୁପାଳନ ପାଇଁ ଶପଥ ନେଇଥିଲେ । କେବଳ କର୍ତ୍ତବ୍ୟସ୍ଥଳ ନୁହେଁ ସର୍ବତ୍ର ସର୍ବଦା ସୁରକ୍ଷାର ଅନୁପାଳନ କରିବାକୁ ସେମାନେ ଦୃଢ ଶପଥ ନେଇଥିଲେ । ବିଦ୍ୟାଳୟସ୍ତରରେ ସଚେତନତା କାର୍ଯ୍ୟକ୍ରମ, ପଥପ୍ରାନ୍ତ ନାଟକ ଆଦି ଦ୍ୱାରା ସଡ଼କ ସୁରକ୍ଷା ପାଇଁ ସଚେତନ କରାଯିବା ସହ ଗାଡ଼ିଚାଳକଙ୍କ ପାଇଁ ସଡ଼କ ସୁରକ୍ଷା ସମ୍ପର୍କିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଥିଲା । ସେହିପରି ଗାଡ଼ିଚାଳକଙ୍କ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯିବା ସହ ବିଭିନ୍ନ କାର୍ଯ୍ୟାଳୟସ୍ତରରେ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଟିପିଏନ୍‌ଓଡିଏଲ୍‌ର ସିଇଓ ଦ୍ୱିଜଦାସ ବସାକ କହିଥିଲେ ଯେ ସୁରକ୍ଷା ଆମର ମୂଲ୍ୟବୋଧର ମୂଳଭିତ୍ତି ଅଟେ । ପ୍ରତ୍ୟକ ବ୍ୟକ୍ତିଙ୍କ ମଧ୍ୟରେ ନିରାପତ୍ତା ଏବଂ ସଚେତନତାର ସଚେତନତା ସୃଷ୍ଟି କରିବା ତଥା କର୍ମଚାରୀ ଓ ଅଂଶୀଦାର ମାନଙ୍କ କଲ୍ୟାଣକୁ ସୁନିଶ୍ଚିତ କରିବା ପାଇଁ ଟିପିଏନ୍‌ଓଡିଏଲ୍ ସର୍ବଦା ପ୍ରତିବଦ୍ଧ । କେବଳ ବିଦ୍ୟୁତ ସେବା ବିତରଣରେ ଉତ୍କର୍ଷତା ନୁହେଁ । ଅଞ୍ଚଳର ସାମଗ୍ରୀକ ବିକାଶ ଓ ସୁରକ୍ଷିତ ପରିବେଶକୁ ପ୍ରସାହନ ଟିପିଏନ୍‌ଓଡିଏଲ୍‌ର ମୌଳିକ ଉଦ୍ଦେଶ୍ୟ ବୋଲି ଶ୍ରୀ ବସାକ କହିଥିଲେ ।

# ଥାନାରେ ପ୍ରତାରିତ ସ୍ତ୍ରୀର ଆତ୍ମହତ୍ୟା ଉଦ୍ୟମ
# ଆସିଥିଲେ ଅହମଦାବାଦରୁ ଭଦ୍ରକ

ଭଦ୍ରକ,(ସବ୍ୟୁ)ସ୍ୱାମୀଙ୍କୁ ଖୋଜିଲା ନାହିଁ ପୋଲିସ,ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ଥାନାରେ ଆତ୍ମହତ୍ୟା ଉଦ୍ୟମ କଲେ ପ୍ରତାରିତ ସ୍ତ୍ରୀ । ଅହମଦାବାଦରୁ ଆସି ଭଦ୍ରକରେ ଦୀର୍ଘଦିନ ହେବ ସ୍ୱାମୀଙ୍କୁ ଖୋଜୁଥିଲେ । ସୂଚନା ଅନୁଯାୟୀ କମ୍ପାନୀରେ କାମ ବେଳେ ପ୍ରେମ ହେଲା,ବିବାହ କଲେ । ନିଜେ ସ୍ୱାବଲମ୍ବୀ ହେବା ପାଇଁ ସ୍ତ୍ରୀ ଓ ତାଙ୍କ ପରିବାର ଲୋକଙ୍କ ଘରକୁ ବନ୍ଧକ ରଖି ପର୍ଯ୍ୟାୟ କ୍ରମେ ପ୍ରାୟ ୫କୋଟି ଟଙ୍କା ଆଣିଲେ । ଶେଷରେ ସ୍ତ୍ରୀ ଓ ପୁଅକୁ ଛାଡ଼ି ଫେରାର ହୋଇଗଲେ ସ୍ୱାମୀ । ଛୋଟ ପୁଅକୁ ଧରି ଅହମଦାବାଦରୁ ଆସି ସ୍ୱାମୀଙ୍କୁ ଭଦ୍ରକ ଜିଲ୍ଲା ବନ୍ତରେ ଖୋଜୁଥିଲେ । ବନ୍ତ ପୋଲିସ ଠାରୁ ପୋଲିସ ଡିଜି ପୁଣି ଗାଁରୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଂଚିଥିଲେ କିନ୍ତୁ ଫଳ ଶୂନ । ଛୁଆକୁ ଧରି ବାର ଦୁଆର ସୁଣ୍ଠି ପିଣ୍ଡା ହେଉଥିଲେ ନିରଲ ମୋଦି । କୋଟି କୋଟି ଟଙ୍କା ଠକି ଫେରାର ହେଲେ ସ୍ୱାମୀ । ସ୍ୱାମୀଙ୍କୁ ଖୋଜି ଖୋଜି ଶଶୁର ଘରେ ପହଂଚିବା ପରେ ମଧ ସ୍ୱାମୀଙ୍କର ଖୋଜ ଖବର ପାଇନଥିଲେ । ଗୁଜୁରାଟ ଅହମ୍ମଦାବାଦ ନିଉ ରିମିପୁର ଅଂଚଳର ନିରଲ ମୋଦୀଙ୍କୁ ଭଦ୍ରକ ଜିଲ୍ଲା ବନ୍ତ ଥାନା ଅଧୀନ ନରସିଂହପୁର ଅଞ୍ଚଳର ମନୋଜ ନାୟକ ପ୍ରେମ ବିବାହ କରିଥିଲେ । ମନୋଜ ଓ ହୀରଲ ଦୁହେଁ ଏକ ଆଇଟି କମ୍ପାନୀରେ କାମ କରୁଥିବାବେଳେ ପ୍ରେମ ପରେ ବିବାହ କରିଥିଲେ । ମନୋଜ ଓ ହୀରଲଙ୍କର ଗୋଟେ ଦୁଇ ବର୍ଷର ପୁଅ ଅଛି । ହୀରଲ ଏକ ର୍ୟାଙ୍କ ଓ୍ୱୟ ନାମକ ଏକ ଆଇଟି କମ୍ପାନୀ ଥିଲା । ମନୋଜ ସେବେଠୁ ବ୍ୟାଙ୍କରେ ବନ୍ଧକ ରଖି ଲୋନ ଆଣିଥିଲେ । କମ୍ପାନୀ ଏବେ ବନ୍ଦ ହେଇଗଲାଣି । ରହୁଥିବା ଘରକୁ ବନ୍ଧା ରଖି ଟଙ୍କା ଆଣିବାରୁ ବ୍ୟାଙ୍କ ଏବେ ଘର ନିଲାମ କରିବାକୁ ବସିଲାଣି । ମନୋଜ ଗାଁରେ ବ୍ୟବସାୟ କରୁଥିବା କହି ନିରଲଙ୍କ ବାପାମାଆଙ୍କ ଠୁ କୋଟି କୋଟି ଟଙ୍କା ଆଣି ଏବେ ଫେରାର ଅଛନ୍ତି । କିନ୍ତୁ ପୋଲିସ ଦୀର୍ଘ ଦିନ ହେବ କୌଣସି ଅଭିଯୋଗ ଶୁଣୁ ନଥିବାରୁ ଥାନା ଭିତରେ ଫିନାଇଲ୍ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ତାଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଛି ।

# ଚୋର ଗିରଫ, ଚୋରି ସାମଗ୍ରୀ ଜବତ

ସୋର,(ସବ୍ୟୁ) :ସୋର ପୌରପାଳିକା ଅନ୍ତର୍ଗତ ଖଣ୍ଡାସହି ଗ୍ରାମରେ ଘଟିଥିବା ଏକ ପାଣି ମଟର ଚୋରୀ ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଘଟଣାରୁ ପ୍ରକାଶ ଖଣ୍ଡାସାହି ବଣିଆପଦା ଗ୍ରାମର ବାସିନ୍ଦା ପ୍ରଭାସ ପରିଡ଼ାଙ୍କ ଘରେ ପଶି ଶୁକ୍ରବାର ବିଳମ୍ବିତ ରାତିରେ ୩ଜଣ ଚୋର ତାଙ୍କ ଘରେ ଲାଗିଥିବା ପାଣିମଟର ଚୋର କରୁଥିଲେ । ପରିବାର ଲୋକେ ଏକଥା ଜାଣିପାରି ଉଠିପଡ଼ିବାରୁ ୨ଜଣ ଚୋର ସେଠାରୁ ଖସି ପଳାଇଥିବା ବେଳେ ଖଣ୍ଡାସାହି ଗ୍ରାମର ହରିହର ମହାଳିକ ଧରାପଡ଼ିଥିଲା । ପରେ ହରିହରଙ୍କୁ ଧରି ପ୍ରଭାସ ପରିଡ଼ା ପରିବାର ପକ୍ଷରୁ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଥାନାରେ କେଶ ନମ୍ବର ୫୩/୨୦୨୫ ମୂଳେ ଏକ ମାମଲା ରୁଜୁ କରି ହରିହରଙ୍କୁ କୋର୍ଟ ଚାଲାଣ କରିଛି । ହରିହରଙ୍କ ନିକଟରୁ ପୁଲିସ ଅନ୍ୟସ୍ଥାନରୁ ଚୋରି କରିଥିବା ପାଣିମଟର ମଧ ଜବଦ କରିଛି ।

# କୁଣ୍ଡେଶ୍ୱର ମକରମେଳାରେ ନିରଞ୍ଜନ ପଟ୍ଟନାୟକ

ଢେଙ୍କିକୋଟ ,(ସବ୍ୟୁ) :ଘଟଗାଁ ବ୍ଲକ୍ ବଡ ମସିଣାବିଲା ପଞ୍ଚାୟତ ଅନ୍ତର୍ଗତ କୁଣ୍ଡେଶ୍ୱର ମହାଦେବ ମନ୍ଦିର ପରିସରରେ ମକରମେଳା ଜମୁଛି ଝ। ମକର ସଂକ୍ରାନ୍ତିଠାରୁ ଏହି ମେଳା ହେଉଛି ।ଦୈନିକ ହଜାର ହଜାର ମେଳା ପ୍ରେମୀ ଓ ଅନେକ ବରେଣ୍ୟ ଅତିଥି ଯୋଗ ଦେଉଛନ୍ତି ଗୁରୁବାର ଦିନ ମୁଖ୍ୟ ଅତିଥିଭାବେ ବର୍ଷୀୟାନ୍ ରାଜନେତା,ସମାଜସେବୀ, ପୁର୍ବତନ ମନ୍ତ୍ରୀ ତଥା ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ,ମୁଖ୍ୟ ବ୍ୟକ୍ତା ଭାବେ ଜିଲ୍ଲା ମହିଳା ମୋର୍ଚ୍ଚା ବିଜେପି ସଭାନେତ୍ରୀ ମମତା ସିଂ,କଂ ସମେତ ପଞ୍ଚାୟତ ସମିତି ସଭ୍ୟ ରଘୁନାଥ ମହାନ୍ତ ପ୍ରମୁଖ ଯୋଗଦାନ କରିଥିଲେ । ମଂଚ ପରିଚାଳନା କରିଥିଲେ ସୁନାମଧନ୍ୟ ଉଦଘୋଷକ ସଂଜୟ କୁମାର ସାହୁ ।ମେଳାର ଉଦ୍ୟୋକ୍ତ୍ରଝ ବିଜୟ କୁମାର ପଲେଇ ମେଳାର ଐତିହ ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ । ଅତିଥି ମାନେ ନୃତ୍ୟ ସଂଗୀତ ଉପରେ ଅଭିନୟ କରିଥିବା କୃତୀ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବେତନଟୀ ,(ସବ୍ୟୁ) : ଶିକ୍ଷାବର୍ଷ ୨୦୨୪-୨୫ର ସରକାରୀ ବୃତ୍ତି ପରୀକ୍ଷାରେ ବେତନଟୀ ବ୍ଲକ ଅଧୀନ ଗଡଦେଉଳିଆ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪ ଜଣ ଛାତ୍ରଛାତ୍ରୀ ସରକାରୀ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଶୁକ୍ରବାର ପରୀକ୍ଷାରେ ସଫଳତା ପାଇଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ତରଫରୁ କୃତି ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ବୃତ୍ତି ପରୀକ୍ଷାରେ ବ୍ଲକରୁ ଏହି ବିଦ୍ୟାଳୟର ତୃତୀୟ ଶ୍ରେଣୀର ଛାତ୍ରୀ ଆଦ୍ୟାଶା ମହାନ୍ତ ୪ର୍ଥ ସ୍ଥାନ ଦୈତ୍ରିକ ପରିଡ଼ା ୯ମ ସ୍ଥାନ ଅଧିକାର କରିଥିବା ବେଳେ ପଞ୍ଚମ ଶ୍ରେଣୀରୁ ଶୁଭଶ୍ରୀ ନାଥ ୧ମ ସ୍ଥାନ ଓ ଅଭିପ୍ସା ମାହାର୍ଣ୍ଣା ୭ମ ସ୍ଥାନ ଅଧିକାର କରି



ଶିଶୁମନ୍ଦିରର ସୁନାମ ଅର୍ଜନ କରିଛନ୍ତି। ଏଥିପାଇଁ ଶିଶୁ ବିଦ୍ୟା ମନ୍ଦିରର ପରିଚାଳନା କମିଟି ତରଫରୁ କୃତକାର୍ଯ୍ୟ ହୋଇଥିବା ଏହି ଛାତ୍ର ଛାତ୍ରୀ ଓ ଅଭିଭାବକ ମାନଙ୍କୁ ନେଇ ଆଜି ଏକ ସମ୍ବର୍ଦ୍ଧନାର ପର୍ବ ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ସୁଶିଳାମଣୀ ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ରଣଜିତ ରାୟ ,ସଦସ୍ୟା କାଞ୍ଚନ ବାଳା କର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସଫଳତାର ଶ୍ରେୟ ସମସ୍ତ ଗୁରୁଜୀ ଏବଂ ଗୁରୁମାଙ୍କର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।ଶେଷରେ ମନୋଜ କୁମାର ବାରିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଦ୍ଧିତ ଭତ୍ତା ପାଇଲେ ୨୮୩୯ ହିତାଧିକାରୀ

ଧାମନଗର,(ସବ୍ୟୁ) : ବୁଧବାର ଦିନ ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳରେ ହିତାଧିକାରୀ ମାନଙ୍କୁ ମିଳିଛି ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା। ଧାମନଗର ବ୍ଲକ ଓ ଏନଏସି ପକ୍ଷରୁ ୮୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଓ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମଙ୍କୁ ଏହି ବର୍ଦ୍ଧିତ ଭତ୍ତା ଟଙ୍କା ପ୍ରଦାନ କରାଯାଇଛି।ଚଳିତ ମାସରୁ ରାଜ୍ୟର ପ୍ରାୟ ୪ ଲକ୍ଷ ୧୫ ହଜାରରୁ ଅଧିକ ହିତାଧିକାରୀ ଏଥିରେ ଉପକୃତ ହେବା ବେଳେ ଧାମନଗର ବ୍ଲକ ଓ ଏନଏସିରେ ୨୮୩୯ ଜଣ ଉପକୃତ ହେବେ ବୋଲି ଜଣାଯାଇଛି।ଧାମନଗର ବ୍ଲକ ଅଞ୍ଚଳରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ୧୧୬୪ ଜଣ ବ୍ୟକ୍ତି ଓ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ୧୯୫ ଜଣ ମଧୁବାବୁ ଭତ୍ତା ଯୋଜନାରେ ଏବଂ ୮୦ ବର୍ଷରୁ ଉର୍ଦ୍ଧ୍ୱ ୧୦୭୦ ଜଣ ଓ ୮୦ ଶତକଡ଼ାରୁ ଉର୍ଦ୍ଧ୍ୱ ୩୧ ଜଣ ଇନ୍ଦିରା ଗାନ୍ଧୀ ଭତ୍ତା ଯୋଜନାରେ ବର୍ଦ୍ଧିତ ଭତ୍ତା ପାଇବେ।ସେହିଭଳି ଏନଏସି ଅଞ୍ଚଳରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ୨୨୭ ଜଣ ଓ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ୭୧ ଜଣ ମଧୁବାବୁ ଭତ୍ତା ଯୋଜନା ଏବଂ ୮୦ ବର୍ଷରୁ ଉର୍ଦ୍ଧ୍ୱ ୭୮ ଜଣ ଓ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ୩ ଜଣ ଇନ୍ଦିରା ଗାନ୍ଧୀ ଭତ୍ତା ଯୋଜନାରେ ବର୍ଦ୍ଧିତ ଭତ୍ତା ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଯୋଜନା ଅନ୍ତର୍ଗତ ହିତାଧିକାରୀ ମାନେ ପୂର୍ବରୁ ୧୨୦୦ ଟଙ୍କା ପାଉଥିବା ବେଳେ ଏବେ ୩ ହଜାର ୫ ଶହ ଟଙ୍କା ପାଇବେ।ଏହି ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଧାମନଗର ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଥିଲା।ପଞ୍ଚାୟତ ସମିତି ଅଧକ୍ଷା ଶର୍ମିଷ୍ଠା ବେହେରା, ଉପାଧକ୍ଷ ଜଗବନ୍ଧୁ ପ୍ରଧାନ,ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ କୁମାର ପୁହାଣ,ସାଂସଦଙ୍କ ପ୍ରତିନିଧି ଅରବିନ୍ଦ ପତି, ବିଡ଼ିଓ ବନବିହାରୀ ଦିନ୍ଦା,ଏବିଡିଓ ଶର୍ମିଷ୍ଠା ମଲ୍ଲିକ,ସାମାଜିକ ସୁରକ୍ଷା ଅଧିକାରିଣୀ ଯଶୋଦାରାଣୀ ସାହୁ ପ୍ରମୁଖ ଉପସ୍ଥିତ ରହି ଭତ୍ତା ପ୍ରଦାନ କରିଥିବାବେଳେ ଏନଏସି ସଭା ଗୃହରେ ଉପାଧକ୍ଷ ଓସିମ ଏଜଦାନି କାଦରୀ,ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାଶ ମହାପାତ୍ର,ସାଂସଦଙ୍କ ପ୍ରତିନିଧି ସରୋଜ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥାଇ ବର୍ଦ୍ଧିତ ଭତ୍ତା ପ୍ରଦାନ କରିଥିଲେ।

# ଅବକାରୀ ବିଭାଗର ଚଢ଼ାଉ

ସୋର,(ସବ୍ୟୁ) :ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ମିଳିତ ଚଢାଉ କରାଯାଇ ଗୁଡ଼ପୋଚ ନଷ୍ଟ କରିବା ସହ ଦେଶୀମଦ ଜବଦ କରି ଜଣକୁ ଗିରଫ ପରେ କୋର୍ଟ ଚାଲାଣ କରିଛନ୍ତି । ଘଟଣାରୁ ପ୍ରକାଶ ସୋର ଆଦର୍ଶନ ଅବକାରୀ ଥାନା ଅଧିକାରୀ ସନ୍ତୋଷ ସ୍ୱାଇଁ, ନୀଳଗିରି ରେଞ୍ଜ ଅଧିକାରୀ କେଶବ ଚନ୍ଦ୍ର ଦାସ, ନୀଳଗିରି ଅବକାରୀ ଅଧିକାରୀ ଜଗନ୍ନାଥ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ସିଙ୍ଗାଖୁଣ୍ଟା ପଞ୍ଚାୟତ ନୂଆଗାଁ ଏବଂ ସିଙ୍ଗାଖୁଣ୍ଟା ଗ୍ରାମଉପରେ ଚଢାଉ କରି ସେଠାରେ ଥିବା ଏକ ମଦରନ୍ଧା କାରଖାନାକୁ ଠାବ କରିଥିଲେ । ଅବକାରୀ ଚଢାଉ ହେଉଥିବା ଜାଣିପାରି ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ସେଠାରୁ ଏହି ଟିମ୍ ୩୭୫୦ ଲିଟର ଗୁଡ଼ପୋଚ ଜବଦ କରି ନଷ୍ଟ କରିବା ସହ ୨୯୦ଲିଟର ଦେଶୀମଦ ଓ ମଦରନ୍ଧା ସାମଗ୍ରୀକୁ ଜବଦ କରିଥିଲେ । ଏହାପରେ ଏହି ଟିମ୍ ଖଣ୍ଡାସାହି ଗ୍ରାମଉପରେ ଚଢାଉ କରି ରାଜେନ୍ଦ୍ର ତରେଇଙ୍କ ନିକଟରୁ ୩୦ଲିଟର ଦେଶୀମଦ ଜବଦ କରିବା ସହ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଏହି ଚଢାଉରେ ଏଏସ୍‌ଆଇ ବସନ୍ତ ବାରିକ ମିନତୀ ଜେନା, କନେଷ୍ଟବଳ ଶଶୀକାନ୍ତ ସାହୁ, ତପନ ମଲ୍ଲିକ, କାଜଲ ପ୍ରିୟଦର୍ଶନୀ ପ୍ରମୁଖ ସାମିଲ ଥିଲେ ।

## ଜେଜେ ବାପାର ଟାଙ୍ଗିଆ ଚୋଟରେ ନାତି ଗୁରୁତର

ବଅଁରପାଳ,(ସବ୍ୟୁ) : ନାଲକୋ ନଗର ଥାନା ଅନ୍ତର୍ଗତ କୁଲାଡ ଗ୍ରାମରେ ଏକ ଅଭିନବ ଘଟଣା ଘଟିଛି । ନିଜ ପୁତୁରାର ପୁଅ ନାତିକୁ ଟାଙ୍ଗିଆରେ ଆକ୍ରମଣ କରିବା ଅଭିଯୋଗରେ ଜେଜେ ବାପାକୁ ଗିରଫ କରିଛି ନାଲକୋ ନଗର ଥାନା ପୋଲିସ । ଘଟଣାରୁ ପ୍ରକାଶ କୁଲାଡ ଗ୍ରାମରର ବିଘ୍ନେଶ୍ୱର ଦେହୁରୀ ଓ ସୋମବାରି ଦେହୁରୀଙ୍କ ୧୪ ବର୍ଷୀୟ ପୁଅ ଘର ବାହାରେ ଖେଳୁଥିବା ସମୟରେ ପୂର୍ବ ଶତ୍ରୁତା ପାଇଁ ରାଗ ରଖି ବିଘ୍ନେଶ୍ୱର ଦେହୁରୀଙ୍କ ଦାଦା ପର୍ଶୁରାମ ଦେହୁରୀ (୫୫) ଏକ ଧାରୁଆ ଟାଙ୍ଗିଆରେ ବିଘ୍ନେଶ୍ୱର ଦେହୁରୀଙ୍କ ପୁଅକୁ ଆକ୍ରମଣ କରିଥିଲା । ଆକ୍ରମଣ କରିବା ଫଳରେ ୧୪ ବର୍ଷୀୟ ନାବାଳକ ପୁଅର କାନ ମୂଳ ରେ ଟାଙ୍ଗିଆ ଚୋଟ ଟି ବାଜିବା କ୍ଷଣେ ଘଟଣା ସ୍ଥଳରେ ସେ ଅଚେତ ହୋଇ ପଡ଼ି ଯାଇଥିଲେ । ପରେ ପରିବାର ପକ୍ଷରୁ ତୁରନ୍ତ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେଇ ଚିକିତ୍ସା କରିଥିଲେ । ଖବର ପାଇ ନାଲକୋ ନଗର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିବା ରେ ସଫଳ ହୋଇଥିଲା । ଘଟଣା ସ୍ଥଳରୁ ନାଲକୋ ପୋଲିସ ଦ୍ୱାରାଆକ୍ରମଣରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିଛି । ତେବେ ମୁଖ୍ୟ ଅଭିଯୁକ୍ତ ପର୍ଶୁରାମ ଦେହୁରୀଙ୍କୁ ଅଟକ ରଖି ପୋଲିସ ଅଧିକ ତଦନ୍ତ କରୁଛି ।

### ଗୋଡ଼ିବନ୍ଧ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

## ଗୁଣାତ୍ମକ ଶିକ୍ଷାଦାନ ଉପରେ ଫୋକସ



ଗୋଡିବନ୍ଧ, (ସବ୍ୟୁ): ଗୋଡ଼ିବନ୍ଧ ସରକାରି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଦିନ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀମତୀ ବୀଣାପାଣି ନନ୍ଦଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ହରିହରପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ଦିପ୍ତିମୟୀ ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ହରିହରପୁର ଗ୍ରାମ ପଞ୍ଚାୟତର ସମିତି ସଭ୍ୟା ଶ୍ରୀମତୀ ପୁଷ୍ପଲତା ସାହୁ , ପୂର୍ବତନ ଛାତ୍ର ଶ୍ରୀ ବଳରାମ ପତି, ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସୁଶ୍ରୀ ଶିଲ୍ପୀ ଦେ , ହରିହରପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କନ୍ତାରୁ ଚରଣ ସାହୁ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଅତିଥି ପରିଚୟ ଓ ପ୍ରାରମ୍ଭିକ ଭାଷଣ ମାଧ୍ୟମରେ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟର ଶ୍ରେଷ୍ଠ ଆଲୁମ୍ନି ଅନାଥ ବନ୍ଧୁ ସାହୁ, ବଳରାମ ପତି, ବିଜୟ କୁମାର ଦେବତା , ସୌଭାଗ୍ୟ କୁମାର ପ୍ରଧାନ ଓ ବିନୟ କୁମାର ଦେବତାଙ୍କୁ ସମ୍ମାନିତ କରାଯାଇଥିଲା । ବିଭିନ୍ନ ବିଭାଗରେ ପାରଦର୍ଶିତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ହିନ୍ଦୀ ଶିକ୍ଷୟିତ୍ରୀ ଶ୍ରୀମତୀ ଶ୍ରଦ୍ଧାଞ୍ଜଳି ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଆଲୁମ୍ନି ସଭାପତି ଶ୍ରୀ ଅନାଥ ବନ୍ଧୁ ସାହୁଙ୍କ ନିର୍ଦ୍ଦେଶିତ ନାଟକ ବିଶେଷ ଭାବରେ ସମସ୍ତଙ୍କ ମନକୁ ଛୁଇଁପାରିଥିଲା । ବିଦ୍ୟାଳୟର କର୍ମକର୍ତ୍ତା ରୋହିତ କୁମାର ପ୍ରଧାନ , ହରିଶ୍ଚନ୍ଦ୍ର ବେହେରା, ଡିକନ୍ କୁମାର ନାୟକ, ସୁମିରା ବାରଓ୍ୱା, ନର୍ମଦା ନାଏକ , ବସନ୍ତ କୁମାର ନାୟକ, ସୁରୁଚି ପ୍ରଧାନ ଏବଂ ଟିକନ କୁମାର ପ୍ରଧାନ ସହଯୋଗ କରିଥିଲେ । ବିଦ୍ୟାଳୟର ଅବସରପ୍ରାପ୍ତ ଅଫିସର କୈଳାଶ ଚନ୍ଦ୍ର ସାହୁ, ହୃଷୀକେଶ ଶତପଥୀଙ୍କ ସହିତ ପାଖ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ମଧ୍ୟ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ଧନ୍ୟବାଦ ଅର୍ପଣ କରି ଉତ୍ସବକୁ ଉଦଯାପନ କରିଥିଲେ ।

## ବଇଣ୍ଡା ସୋସାଇଟିରେ ଚାଷୀଙ୍କ ଆନ୍ଦୋଳନ, ରାସ୍ତାରୋକ ଚେତାବନୀ

ଠାକୁରଗଡ଼ ,(ସବ୍ୟୁ) : ଅନୁଗୋଳ ଆଠମଲ୍ଲିକ ଉପଖଣ୍ଡ ରେ ଏବେ ବିଭିନ୍ନ ସୋସାଇଟି ରେ ଧାନ କଟିନକୁ ନେଇ ବିବାଦ ଦେଖା ଦେଇଛି । ବିଶେଷ କରି ଚାଷୀ ଙ୍କର ଅମଳ ଧାନ ରୁ କୁଇଣ୍ଟାଲ ପିଛା ୫ କେଜି ଲେଖାଏ ଧାନ କାଟି ଦିଆଯାଉଥିବା ଯୋଗୁଁ ଅସନ୍ତୋଷ ଦେଖା ଦେଇଛି । ଶନିବାର ଦିନ କିଶୋରନଗର ବ୍ଲକ ବଇଣ୍ଡା ଠାରେ ଥିବା ଲୁହାମୁଣ୍ଡା ସେବା ସମବାୟ ସମିତି ରେ ମିଲର ଚାଷୀ ଙ୍କ ଠାରୁ କୁଇଣ୍ଟାଲ ପିଛା ୫ କେଜି ଲେଖାଏ ଧାନ କାଟିବା ପାଇଁ କହିବାରୁ ଅସନ୍ତୋଷ ଦେଖା ଦେଇଥିଲା । ଫଳରେ ଚାଷୀମାନେ ଧାନ ନେବାକୁ ଆସିଥିବା ଟ୍ରକକୁ ଅଟକାଇ ଆନ୍ଦୋଳନ କରିଥିଲେ । ଚାଷୀ ମାନେ କହିଥିଲେ ଯେ ଏହି ସୋସାଇଟି ରେ ନୁନୁକାପଶି , ଗାଁ ବଇଣ୍ଡା , ଜାମୁନାଳି , କଣ୍ଟେଇକୋଳିଆ , ଲୁହାମୁଣ୍ଡା , ଆଦି ପଞ୍ଚାୟତ ଗୁଡିକର ଶତାଧିକ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକୃତ କରିଛନ୍ତି । ଏପରିକି ଏହି ଅଞ୍ଚଳରେ ଭଲ ଧାନ ଅମଳ ହୋଇଥିବା ବେଳେ ଗୁରୁବାର ଠାରୁ ଚାଷୀମାନେ ଧାନ ଆଣି ସୋସାଇଟିରେ ରଖିଥିବା ସହ ଦିନ ରାତି ତମାମ ମଣ୍ଡରେ ଜଗି ରହିଛନ୍ତି । ଶନିବାର ଦିନ ଉକ୍ତ ଧାନ ଗୁଡିକ ଉଠାଣ ପାଇଁ ଥିବାବେଳେ ମିଲର କୁଇଣ୍ଟାଲରୁ ୫ କେଜି ଲେଖାଏ ଧାନ କାଟିବା ପାଇଁ କହିଥିଲେ । ଫଳରେ ଚାଷୀ ଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା । ପରେ ମିଲର ଆଣିଥିବା ଟ୍ରକ କୁ ଅଟକାଇ ଆନ୍ଦୋଳନ କରିଥିଲେ । ଏପରିକି ଧାନ କିଣାକୁ ବିରୋଧ କରିଥିଲେ । ଚାଷୀ ଙ୍କର ବିରୋଧ ଦେଖି ଘଟଣା ସ୍ଥଳ ରୁ ମିଲର ମାନେ ପଳାଇଯାଇଥିଲେ । ଧାନ କଟିନ ହେଲେ ଆଗାମୀ ଦିନ ରେ ବଇଣ୍ଡା – ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତା କୁ ଅବରୋଧ କରି ଆନ୍ଦୋଳନ କରାଯିବ ବୋଲି ଅରବିନ୍ଦ ସାହୁ , ପ୍ରବୀଣ ସାହୁ ବ୍ୟମକେଶ ରାଉତ, ବଂଶୀ ଧର ସାହୁ, ଧର୍ମେନ୍ଦ୍ର ପ୍ରଧାନ, ପ୍ରହଲାଦ ପ୍ରଧାନ, କରୁଣା ସାଗର ପ୍ରଧାନ, ରମେଶ ଚନ୍ଦ୍ର ସାହୁ, ହେମନ୍ତ ବିଶ୍ୱାଳ, ନାରାୟଣ ପ୍ରଧାନ, ଅମିତ ସାହୁ, ସରୋଜ କୁମାର ପ୍ରଧାନ, ନିମେଇଁ ଚରଣ ସାହୁ, ଅଜିତ ପ୍ରଧାନ, ଦେବେନ୍ଦ୍ର ସାହୁ, ଗୋବର୍ଦ୍ଧନ ପ୍ରଧାନ, ପ୍ରମୁଖ ଦାବି କରିଛନ୍ତି । ବଇଣ୍ଡା ରେ ଆନ୍ଦୋଳନ ଖବର ପାଇଁ କିଶୋରନଗର ତହସିଲଦାର ମନୋଜ କୁମାର ପ୍ରଧାନ , ଅତିରିକ୍ତ ତହସିଲଦାର ସୁଜିତ ଭୋଇ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ । ଏଥିସହ ଧାନର ମାନ କୁ ମେସିନ ସାହାଜ୍ୟ ରେ ଯାଞ୍ଚ କରିଥିଲେ । ଧାନ ଭଲ ଥିବା ଯାଞ୍ଚ ରିପୋର୍ଟ ଆସିବା ପରେ ବିନା କଟିନ ରେ ସମସ୍ତ ଧାନ ଉଠାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ ।

## ପୂର୍ତ୍ତ ବିଭାଗରେ ଯୋଗଦେଲେ ନୂତନ ଏସଡ଼ିଓ

ତାଳଚେର,(ସବ୍ୟୁ) : ଅମୂଲ୍ୟ କୁମାର ମଲ୍ଲିକ ପୂର୍ତ୍ତବିଭାଗରେ କିଛି ମାସ ଏସଡ଼ିଓ ଭାବେ ଅବସ୍ଥାପିତ ହେବାପରେ ସରକାରଙ୍କ ପକ୍ଷରୁ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇ ତାଙ୍କ ସ୍ଥାନରେ ସୋରେନ କୁମାର ସାହୁଙ୍କୁ ଅବସ୍ଥା କରାଯାଇଛି । ସେ ଏହାପୂର୍ବରୁ କଟକ ଡ଼ିଭିଜନରେ କାର୍ଯ୍ୟ କରୁଥିଲେ । ସେ ତାଳଚେରରେ ଯୋଗଦେବା ପରେ ତାଙ୍କୁ କର୍ମଚାରୀମାନେ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଥିବା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି । ତେବେ ଗଣମାଧ୍ୟମଙ୍କୁ ଏକ ସାକ୍ଷାତକାରରେ ପ୍ରକାଶ କରିଥିଲେ – ତାଳଚେରର ଅଟକି ରହିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରି ଜନହିତ ସେବାରେ ଉତ୍ସର୍ଗ କରିବି । ତାଳଚେର ଅଂଚଳରେ ରହିଥିବା ଅଧୁରା ଷ୍ଟାଡ଼ିୟମ, କୋଲମ୍ୟୁଜିୟମ, ଦ୍ୱିତୀୟ ବ୍ରାହ୍ମଣୀ ବ୍ରିଜ, ରାଣୀପାର୍କ ଉନ୍ନତିମୂଳକ କାର୍ଯ୍ୟ ଓ ଅଂଚଳରେ ବାକି ରହିଥିବା ଅଧିକ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି ।


**କାନାରା ବ୍ୟାଙ୍କ Canara Bank** | ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, ବ୍ରହ୍ମପୁର, ପ୍ଲଟ୍ ନଂ.: ୭୭୧, ଶୁଭମ ସାଇ ଆର୍କେଡ଼, ୨ୟ ମହଲା, ପୁରୁଣା ବସ୍ ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର-୭୬୦୦୦୧, ମୋ.: ୯୩୩୭୦୦୫୦୩୫

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ତା.୨୯.୦୧.୨୦୨୫ରିଖ ଅପରାହ୍ନ ୪.୦୦ଘଟିକା ସୁଦ୍ଧା ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ ଆସନ୍ତା ତା.୩୦.୦୧.୨୦୨୫ ପୂର୍ବାହ୍ନ ୧୧.୦୦ଘଟିକା ସମୟରେ ଆମ୍ଭ ବ୍ୟାଙ୍କ ଶାଖା ପରିସରରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ।

| କ୍ର. ନଂ. | ଋଣ ଆକାଉଣ୍ଟ ନଂ. | ସୁନା ଋଣଗ୍ରହୀତାଙ୍କ ନାମ ଓ ଠିକଣା | ବକେୟା ରାଶି (ଟଙ୍କାରେ) | ମୋଟଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|---|
| ଦଶପଲ୍ଲା ଶାଖା (୦୬୦୭୪), ଫୋନ୍ ନଂ.: ୭୬୦୫୦୦୯୦୨୨, ନିଲାମ ତାରିଖ: ୩୦.୦୧.୨୦୨୫ | | | | | |
| ୧. | ୧୮୦୦୦୮୩୧୪୦୬୦ | ସୁରଥ ପରିଡା, ଜଗାପୁର ରୋଡ଼, ସିମିଳିସାହି, ପୁରୁଣା ଦଶପଲ୍ଲା, ନୟାଗଡ଼, ଓଡ଼ିଶା, ପିନ୍-୭୫୨୦୯୧ | ୧୬,୭୧୨.୦୦ | ୪.୫୦ | ୩.୬୬ |
| ୨. | ୧୮୦୦୨୯୭୨୩୦୪୧ | ଦୋଳଗୋବିନ୍ଦ ଦଳେଇ, ମାର୍ଫତ: କାଶିନାଥ ଦଳେଇ, ଦ୍ୱାରଗାଁ, ଦିଣ୍ଡାଭୂଇଁ, ଦଶପଲ୍ଲା, ନୟାଗଡ଼, ଓଡ଼ିଶା, ପିନ୍-୭୫୨୦୯୩ | ୬୯,୩୭୩.୦୦ | ୧୮.୦୦ | ୧୪.୫୦ |
| ୩. | ୧୮୦୦୩୦୨୬୬୮୨୯ | ବୃନ୍ଦାବନ ପୃଷ୍ଟି, ମାର୍ଫତ: ଅର୍ଜୁନ ପୃଷ୍ଟି, ଦୁର୍ଗାବଜାର, ଦଶପଲ୍ଲା, ନୟାଗଡ଼, ଓଡ଼ିଶା, ପିନ୍-୭୫୨୦୮୪ | ୩,୦୪,୫୩୪.୦୦ | ୯୩.୦୦ | ୬୬.୫୦ |
| ୪. | ୬୬୦୪୮୪୨୦୦୫୧୫୬ | କିଶୋର କୁମାର ସାହୁ, ପିତା: ଭିକାରୀ ଚରଣ ସାହୁ, ହରିଡାବାରି, ଦଶପଲ୍ଲା, ନୟାଗଡ଼, ଓଡ଼ିଶା, ପିନ୍-୭୫୨୦୯୧ | ୧୬,୮୦୮.୪୪ | ୨୩.୦୦ | ୩.୩୪ |
| ମାଲକାନଗିରି ଶାଖା (୦୪୪୨୯), ଫୋନ୍ ନଂ.: ୭୬୦୫୦୦୯୧୬୫, ନିଲାମ ତାରିଖ: ୩୦.୦୧.୨୦୨୫ | | | | | |
| ୫. | ୧୮୦୦୧୨୬୫୧୩୮୦ | ପଙ୍କଜ ସିକ୍‌ଦାର, ପିତା: ଶ୍ୟାମଳ ସିକ୍‌ଦାର, ସା: ଜଗନ୍ନାଥପଲ୍ଲୀ, କି. ତମସା, ଜିଲ୍ଲା: ମାଲକାନଗିରି, ଓଡ଼ିଶା, ପିନ୍-୭୬୪୦୪୫ | ୯୫,୮୧୨.୦୦ | ୨୭.୭୦ | ୨୧.୦୦ |
| ଗୋପାଳପୁର ଶାଖା (୦୩୩୬୫), ଫୋନ୍ ନଂ.: ୭୬୦୫୦୦୯୧୬୦, ନିଲାମ ତାରିଖ: ୩୦.୦୧.୨୦୨୫ | | | | | |
| ୬. | ୧୮୦୧୪୪୦୩୮୭୧୦ | ରାଜୁ ଦାସ, ପିତା: ନିରଞ୍ଜନ ଦାସ, ୱାର୍ଡ ନଂ. ୭, ଗୋପାଳପୁର, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୫୨ | ୬୧,୬୨୭.୦୦ | ୨୦.୫୦ | ୧୩.୦୦ |
| ୭. | ୧୮୦୩୧୧୫୨୪୮୩୯ | କାଇତି ଶ୍ରୀନୁକୁମାର, ପିତା: କାଇତି ସତେୟା, ବନ୍ଦର ଗୋପାଳପୁର, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୦୨ | ୧,୧୯,୮୮୧.୦୦ | ୨୮.୪୦ | ୨୨.୦୦ |
| ତନରଡ଼ା ଶାଖା (୦୧୬୦୩), ଫୋନ୍ ନଂ.: ୭୬୦୫୦୦୯୧୮୦, ନିଲାମ ତାରିଖ: ୩୦.୦୧.୨୦୨୫ | | | | | |
| ୮. | ୧୮୦୦୨୮୩୬୨୮୨୨<br>୧୮୦୦୯୫୩୬୭୧୦୩ | ପୁଷ୍ପାଞ୍ଜଳି ପ୍ରଧାନ, ମାର୍ଫତ: ଜଗନ୍ନାଥ ପ୍ରଧାନ, ସା: ଉତ୍ତିଆ, ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୦ | ୫୮,୫୦୩.୫୨ | ୮.୩୦<br>୨.୮୦ | ୬.୨୫<br>୨.୧୦ |
| ସିଧାମଲା ଶାଖା (୧୭୯୯୪), ଫୋନ୍ ନଂ.: ୯୪୩୭୯୬୧୪୬୪, ନିଲାମ ତାରିଖ: ୩୦.୦୧.୨୦୨୫ | | | | | |
| ୯. | ୧୮୦୩୦୬୪୫୫୬୬୫ | କାର୍ତ୍ତିକ ଚନ୍ଦ୍ର ଦଳେଇ, ପିତା: ଗୌରାଙ୍ଗ ଦଳେଇ, ସା/ପୋ: ଏକତାଳ, ଥାନା: କାନପୁର, କଟକ, ଓଡ଼ିଶା, ପିନ୍-୭୫୪୦୩୭ | ୧,୫୧,୨୪୦.୦୦ | ୫୭.୯୦ | ୨୮.୩୮ |
| ୧୦. | ୧୮୦୩୫୦୮୫୮୯୯୦<br>୧୮୦୧୬୬୦୧୨୮୫୫ | ଅର୍ଜୁନ ନାୟକ, ପିତା: ମେଘ ନାୟକ, ଗୋପାଳପ୍ରସାଦ, କିଶୋରପ୍ରସାଦ, ନୟାଗଡ଼, ଓଡ଼ିଶା, ପିନ୍-୭୫୨୦୮୫ | ୬୨,୬୩୦.୦୦ | ୯.୬୦<br>୬.୦୦ | ୭.୪୦<br>୪.୫୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡ଼ିକମାନି ନିଲାମରେ ଅଂଶଗ୍ରହଣ କରିପାରନ୍ତି।**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୫,୦୦୦/- (ପାଞ୍ଚ ହଜାର ଟଙ୍କା ମାତ୍ର) ଅମାନତ ଆକାରରେ ଜମା ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାର ଗୁଡ଼ିକୁ ନିଲାମ ସମୟରେ ନିଲାମ ଧରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ୨୫ ଭାଗ ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ଡାକର ଶତକଡା ୨୫ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ସର୍ବୋଚ୍ଚ ନିଲାମ ଡାକ, କାନାରା ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ବୈଧ ଘୋଷିତ ହେଲାପରେ ହିଁ ନିଲାମ ଡାକ ସିଦ୍ଧ ହେବ।
୬) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୭) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, କାନାରା ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବାର ୨ ଦିନ ମଧ୍ୟରେ ନିଲାମର ଅବଶିଷ୍ଟ ଶତକଡା ୭୫ ଭାଗ ଟଙ୍କା ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା କରିଥିବା ଶତକଡା ୨୫ ଭାଗ ଟଙ୍କା ଏବଂ ଅମାନତ ଟଙ୍କା ବାଜ୍ୟାପ୍ତି ହେବ।
୮) କାନାରା ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ। ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଶତକଡା ୨୫ ଭାଗ ଟଙ୍କା ଏବଂ ଅମାନତ ଟଙ୍କା ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୯) ନିଲାମରେ ରଖାଯାଇଥିବା ଅଳଙ୍କାର ଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ କାନାରା ବ୍ୟାଙ୍କ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୧୦) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

ତାରିଖ : ୧୮.୦୧.୨୦୨୫, ସ୍ଥାନ : ବ୍ରହ୍ମପୁର — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ


### ନିଶ୍ଚିହ୍ନ ହେଉଛି ନିଶ୍ଚିନ୍ତା ପାହାଡ : ନୂତନ କ୍ରସର ସ୍ଥାପନକୁ ବିରୋଧ

## ପରିବେଶ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଲେ ପୂର୍ବତନ ବିଧାୟକ



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ନିହଲପ୍ରସାଦ ନିକଟରେ ଥିବା ନିଶ୍ଚିନ୍ତା ପାହାଡ ଦିନକୁ ଦିନ କ୍ଷୟ ହେବାକୁ ଲାଗିଛି। ପଥର ମାଫିଆଙ୍କ ଯୋଗୁଁ ପାହାଡ ଲୋପ ପାଇବାକୁ ବସିଥିବା ବେଳେ ପରିବେଶ ମଧ୍ୟ ଦୂଷିତ ହୋଇ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଏହାକୁ ନେଇ ନିଶ୍ଚିନ୍ତା ପାହାଡ ଓ ପରିବେଶ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନକୁ ପୂର୍ବତନ ବିଧାୟକ ନବିନ ନନ୍ଦ ନିବେଦନ କରିଛନ୍ତି। ଯାଜପୁର ଜିଲ୍ଲାର ଧର୍ମଶାଳା ଅଞ୍ଚଳ ପରେ ଗନ୍ଦିଆ ବ୍ଲକର ନିହଲ ପ୍ରସାଦ ଓ ପିଙ୍ଗୁଆ ଅଞ୍ଚଳ କଳା ପଥର ଚୋରା ବେପାରୀଙ୍କ ଭୂସ୍ୱର୍ଗରେର ପରିଣତ ହୋଇଯାଇଛି।କିଛି ଦିନ ତଳେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ହସ୍ତକ୍ଷେପ ପରେ ନିଶ୍ଚିନ୍ତା ପାହାଡ ଉପରେ ଢ଼େଙ୍କାନାଳ ଜିଲ୍ଲା ପ୍ରଶାସନ ଏକ ବଡ଼ ଧରଣର ଚଢାଉ କରି ସଫଳତା ହାସଲ କରିଛି ।

ବିଗତ ୬ ମାସ ଧରି ଜିଲ୍ଲା ବାହାରର ଚୋରା ପଥର ମାଫିଆ ମାନେ ସକ୍ରିୟ ହୋଇ ସ୍ଥାନୀୟ ପ୍ରଶାସନ ଓ ରାଜନେତାଙ୍କ ସହାୟତାରେ ରାଜ୍ୟ ସରକାରଙ୍କର କୋଟି କୋଟି ଟଙ୍କା ରାଜସ୍ୱ ଲୁଟ କରି ଆସୁଛନ୍ତି । ନିଶ୍ଚିନ୍ତା ପାହାଡର ନିକଟ ବର୍ତ୍ତି ଅଞ୍ଚଳରେ ପ୍ରାୟ ୪/୫ ଟି କ୍ରସର୍ କମ୍ପାନୀ ଜିଲ୍ଲା ପ୍ରଶାସନ ଠାରୁ ପୂର୍ବରୁ ଅନୁମତି ନେଇ କାରଖାନା ସ୍ଥାପନ କରିଛନ୍ତି। ସେହି କ୍ରସର୍ କମ୍ପାନୀ ଗୁଡ଼ିକ ସେମାନଙ୍କୁ ଦିଆଯାଇଥିବ। ଅନୁମୋଦିତ ପରିମାଣ ଠାରୁ ଢେର ଅଧିକ କଳା ପଥର ସ୍ଥାନୀୟ ଅଞ୍ଚଳରେ ବିସ୍ଫୋରକ ବ୍ୟବହାର କରି ଉତ୍ପାଦନ କରି ଆସୁଥିବାର ଜଣାପଡିଛି।ସେହିପରି ନିହଲ ପ୍ରସାଦରେ ପ୍ରତିଷ୍ଠିତ ଏକ କ୍ରସର କମ୍ପାନୀ ମାସକୁ ୩ହଜାର ଟନ୍ କଳା ପଥର ଉତ୍ତୋଳନ ପାଇଁ ଅସ୍ଥାୟୀ ଅନୁମତି ନେଇ ଦିନକୁ ୧୦ହଜାର ଟନ୍‌ରୁ ଅଧିକ କଳା ପଥର ଉତ୍ତୋଳନ କରି ଦିନ ଦ୍ୱିପ୍ରହରରେ କୋଟି କୋଟି ଟଙ୍କା ସରକାରୀ ରାଜସ୍ୱ ଲୁଟ କରି ଚାଲିଥିଲେ ବି ସ୍ଥାନୀୟ ପ୍ରଶାସନ ଓ ଖଣି ବିଭାଗ ନୀରବ ଦ୍ରଷ୍ଟା ସାଜିଛି ।କିଛି ଦିନ ହେବ ପୁଣି ଆଉ ଏକ ନୂଆ କ୍ରସର କମ୍ପାନୀ ତାର ଶାଖା ବିସ୍ତାର କରିବା ପାଇଁ ଏକ ୫ ବର୍ଷିଆ ଅସ୍ଥାୟୀ ଅନୁମତି ପାଇଁ ଆବେଦନ ଜିଲ୍ଲା ପ୍ରଶାସନକୁ କରିଥିବାର ଜଣା ପଡ଼ିଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଏହିକି ଯେ ଏହି କ୍ରସର କମ୍ପାନୀକୁ ଅନୁମୋଦନ ଦେବା ପୂର୍ବରୁ କୌଣସି ଜନ ଶୁଣାଣି କରାଯାଉ ନାହିଁ କି ସ୍ଥାନୀୟ ପଞ୍ଚାୟତର ମତାମତ ନିଆ ଯାଉନାହିଁ। ନିହଲ୍ ପ୍ରସାଦ ଅଞ୍ଚଳରେ ଏହି କ୍ରସର କମ୍ପାନୀ ଗୁଡ଼ିକ ଭୂମୀ ଠାରୁ ପ୍ରାୟ ୨ଶହ ମିଟରରୁ ଅଧିକ ଡ୍ରିଲ୍ କରି ବ୍ଲାଷ୍ଟିଂ କରିବା ଦ୍ୱାରା ନିହଲ୍ ପ୍ରସାଦ ଆଖ ପାଖ ଅଞ୍ଚଳରେ ଶବ୍ଦ ପ୍ରଦୂଷଣ ହେବା ସାଙ୍ଗେ ସାଙ୍ଗେ ଟୋଲର ପଶି, କରଡ଼ାବଣୀ, ନିତ୍ୟାନନ୍ଦ ପୁର , ଚଡକମରା , ରାୟଗଡ଼ା , କଷ୍ଟି ପାଳ, ନିହଲ୍ ପ୍ରସାଦ , ବାଲି କିଆରୀ , ଶ୍ରୀମାନ୍ତ ପୁର୍ ଗ୍ରାମ ଗୁଡ଼ିକର ଜନ ସାଧାରଣଙ୍କ ର ମୂଲ୍ୟବାନ ଘର ଓ ସରକାରୀ ଅନୁଷ୍ଠାନର ଘର ଗୁଡ଼ିକ ଫାଟି ଯାଉଛି । ଏହି ବିପଦ ଜନକ ବିସ୍ଫୋରଣ ବେଳେ କୌଣସି ଅଧିକାରୀ ଉପସ୍ଥିତ ରହୁନାହାନ୍ତି ।

ଏଣୁ ଏହି ପରିସ୍ଥିତିକୁ ଆଖିଆଗରେ ରଖି ଜିଲ୍ଲା ପ୍ରଶାସନ ଆଉ ନୂଆ କ୍ରସର କମ୍ପାନୀ ପିଏସକେ ଇନଫ୍ରାଷ୍ଟ୍ରକ୍ଚର ଏଣ୍ଡ ପ୍ରାଜେକ୍ଟକୁ ଅନୁମୋଦନ ନଦେବା ପାଇଁ ଢ଼େଙ୍କାନାଳର ପୂର୍ବତନ ବିଧାୟକ ନବିନ ନନ୍ଦ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସଙ୍ଗେ ସଙ୍ଗେ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି । ପୂର୍ବତନ ବିଧାୟକ ଶ୍ରୀ ନନ୍ଦ ଢ଼େଙ୍କାନାଳ ଓ ଯାଜପୁର ସୀମା ଚଡକମରା ଗ୍ରାମରେ ସରକାରଙ୍କ ଦ୍ୱାରା ଦିର୍ଘ ଦିନ ରୁ ସ୍ଥାପିତ ଏକ ରାଜସ୍ୱ ଚେକ୍‌ଗେଟକୁ କାର୍ଯ୍ୟକ୍ଷମ କରି ଅଞ୍ଚଳରେ ହେଉଥିବା ବ୍ୟାପକ ଖଣିଜ ଦ୍ରବ୍ୟର ଚୋରା କାରବାରକୁ ରୋକିବାକୁ ନିବେଦନ କରିଛନ୍ତି । ନିଶ୍ଚିନ୍ତା ପାହାଡର ଯେଉଁ ଅଞ୍ଚଳରେ କଳା ପଥର ଚୋରି ହେଉଛି ସେହି ଅଞ୍ଚଳରେ ବ୍ୟାପକ ବୃକ୍ଷ ରୋପଣ କରି ସେହି ଅଞ୍ଚଳର ପରିବେଶର ସୁରକ୍ଷା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଜିଲ୍ଲା ପ୍ରଶାସନକୁ ଦାବୀ କରିବା ସହିତ ଆଗାମୀ ଦିନରେ ଏଥିପ୍ରତି କୌଣସି ପ୍ରକାର ପଦକ୍ଷେପ ନିଆନଗଲେ ଏକ ବିରାଟ ଜନ ଆନ୍ଦୋଳନ କରାଯିବବୋଲି ପୂର୍ବତନ ବିଧାୟକ ମଧ୍ୟ ପ୍ରରୋକ୍ଷରେ ଚେତାବନୀ ଦେଇଛନ୍ତି ।

## ଟାଟା ଷ୍ଟିଲ ପକ୍ଷରୁ ୨୫ ଏକର ପରିମିତ ଅଞ୍ଚଳରେ ଜୈବ ବିବିଧତା ପାର୍କ ଉଦ୍‌ଘାଟିତ



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ରେ ଥିବା ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସ୍‌ଏମ୍) ପକ୍ଷରୁ ୨୫ ଏକର ପରିମିତ ଅଞ୍ଚଳରେ ଜୈବ ବିବିଧତା ଉଦ୍ୟାନ ଉଦ୍ଘାଟିତ ହୋଇଛି। ଓଡାପଡା ତହସିଲ ଅଧିନ ଶିବପୁର ଗ୍ରାମ ନିକଟରେ ଅବସ୍ଥିତ ଏହି ପାର୍କ ପରିବେଶ ପ୍ରବନ୍ଧନ ପ୍ରତି ଟିଏସ୍‌ଏମର ପ୍ରତିବଦ୍ଧତା ଏବଂ ଶିଳ୍ପବର୍ଜ୍ୟ ସ୍ଥଳୀରୁ ସମୃଦ୍ଧ ସବୁଜ ବାତାବରଣ ସୃଷ୍ଟି କରିବାରେ ଏକ ଅଭିନବ ପଦକ୍ଷେପ।ଏହି ପାର୍କକୁ ରୁଚି ନରେନ୍ଦ୍ରନ୍ ଉଦଘାଟନ କରିଥିଲେ।ଅନ୍ୟତମ ଅତିଥି ଭାବେ‌ଟିଏସ୍‌ଏମ ଅପରେସନର ଉପାଧକ୍ଷ ଉତ୍ତମ ସିଂହ ଏବଂ ଟିଏସ୍‌ଏମର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପୂର୍ବରୁ ଫ୍ଲାଇ ଆସ୍‌ଗଦା ହୋଇ ଅବ୍ୟବହୃତ ହୋଇପଡିଥିବା ଏହି ସ୍ଥାନ ଯାହାକି ସମୁଦ୍ର ପତନଠାରୁ ସର୍ବାଧିକ ୭୨–୭୪ ମିଟର ଉଚ୍ଚତା ବିଶିଷ୍ଟ ଅଟେ।

ଏହି ସ୍ଥାନକୁ ବିକଶିତ କରିବା ପାଇଁ ସମସ୍ତ ବୈଧାନିକ ନିର୍ଦ୍ଦେଶାବଳୀକୁ ଅନୁସରଣ କରିଏହି ପ୍ରକଳ୍ପର ପୁନରୁଦ୍ଧାର କରାଯାଇପାରିଛି। ଜୈବବିବିଧତା ପାର୍କର ବୈଶିଷ୍ଟ୍ୟ ଗୁଡିକହେଲା ପ୍ରଜାପତି ଉଦ୍ୟାନ: ଯାହାକି ଭାରତୀୟ ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ ଅଧୀନରେ ସୁରକ୍ଷିତ ଥିବା ବିଭିନ୍ନ ପ୍ରଜାତିର ପ୍ରଜାପତି ପାଇଁ ଖାଦ୍ୟ ଏବଂ ବାସସ୍ଥାନ ପ୍ରଦାନ କରେ। ଇକ୍ୱୋରାପାର୍କ: ଅତିରିକ୍ତ ପ୍ରକୃତିକ ବାସସ୍ଥାନ ଏବଂ ଢାଲୁକୁ ସ୍ଥିରତା ପ୍ରଦାନ କରୁଥିବା ଏକ ଭୂଭାଗ। ଅମ୍ଳଜାନ ପାର୍କ: ଅମ୍ଳଜାନ ଉତ୍ପାଦନ ବୃଦ୍ଧି ପାଇଁ ନିର୍ଦ୍ଦିଷ୍ଟ ବୃକ୍ଷରୋପଣ। ବାଉଁଶ ଟନେଲ:ଏକ କାର୍ବନ ପୃଥକୀକରଣ ସୁବିଧା ଯାହାମୃତ୍ତିକା କ୍ଷୟର ନିୟନ୍ତ୍ରଣ ଏବଂ ଅଙ୍ଗାରକାମ୍ଳ ନିରୋଧ ବ୍ୟବସ୍ଥା ପାଇଁ ସ୍ଥାୟୀ ଏକ ପ୍ରତିକାର ସ୍ୱରୂପ ବାଉଁଶର ବ୍ୟବହାରକୁ ପ୍ରଦର୍ଶିତ କରେ।ସରୀସୃପ ପର୍ବତ: ସ୍ଥାନୀୟ ସରୀସୃପ ଜନସଂଖ୍ୟା ପାଇଁ ଏକ ଉତ୍ସର୍ଗୀକୃତ ବାସସ୍ଥାନ। ଔଷଧୀୟ ଉଦ୍ୟାନ: ଔଷଧୀୟଚାରା ରୋପଣ, ସ୍ଥାନୀୟ ଜ୍ଞାନକୁ ପ୍ରୋତ୍ସାହିତ କରିବା ଏବଂ ମୂଲ୍ୟବାନ ଉଦ୍ଭିଦ ଭିତ୍ତିକ ଉପଚାର ଉପଲବ୍ଧ କରାଇବା। ନେଷ୍ଟିଂ ନିଚ: ବିଭିନ୍ନ ପ୍ରଜାତିର ପକ୍ଷୀ ବିଶ୍ରାମ କରିବା ପାଇଁ ସୁରକ୍ଷିତ ପ୍ରକୃତିକ ବାସସ୍ଥାନ ପ୍ରଦାନ କରେ। ଏହି ଉଦ୍ୟାନ ବର୍ତ୍ତମାନ ଅନେକ ପ୍ରଜାତିର ପ୍ରଜାପତି, ପକ୍ଷୀ ଏବଂ ସରୀସୃପ ସମେତ ଉଦ୍ଭିଦ ଏବଂ ଜୀବଜନ୍ତୁଙ୍କ ସମୃଦ୍ଧ ବିବିଧତାକୁ ସଂରକ୍ଷଣ କରିବାରେ ସହାୟକ ହେବ। ଏହି ପ୍ରକଳ୍ପର ଆନୁମାନିକ ବାର୍ଷିକ ଅଙ୍ଗାରକାମ୍ଳ (କାର୍ବନ ଡାଇଅକ୍ସାଇଡ)ସଂରକ୍ଷଣ କ୍ଷମତା ପ୍ରାୟ ୧୨୦ ଟନ୍ ଅଟେ।ଏହି ପ୍ରକଳ୍ପ ଟାଟା ଷ୍ଟିଲର ପରିବେଶ ପରିଚାଳନା ପ୍ରତି ସମର୍ପଣ ଓ ସ୍ଥାନୀୟ ସମୁଦାୟ ଏବଂ ପରିବେଶ ଉପରେ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ଦର୍ଶାଉଛି।

## ଗରୁଡ଼ ଗ୍ରାମରେ ଟ୍ରାକ୍ଟର ଡାଲା ତଳେ ଚାପି ହୋଇ ଶ୍ରମିକ ମୃତ

ଠାକୁରଗଡ଼ ,(ସବ୍ୟୁ) : କିଶୋରନଗର ବ୍ଲକ ହଣ୍ଡପା ଥାନା ଗରୁଡ଼ ଗ୍ରାମରେ ଶନିବାର ସକାଳ ଏକ ଟ୍ରାକ୍ଟର ଓଲଟି ପଡି ଦୁର୍ଘଟଣା ଗ୍ରସ୍ତ ହୋଇଛି । ଉକ୍ତ ଟ୍ରାକ୍ଟର ଡାଲାରେ ଚାପି ହୋଇ ଠାକୁରଗଡ଼ ଥାନା ଝିଲ୍ଲୀମୁଣ୍ଡା ଗ୍ରାମର ଶ୍ରମିକ ବିଶୁଆ ବେହେରାଙ୍କର ମୃତ୍ୟୁ ହୋଇଛି । ଏହି ଘଟଣାକୁ ନେଇ ଗରୁଡ଼ରେ ଚାପା ଉତ୍ତେଜନା ଦେଖା ଦେଇଛି। ଘଟଣାରୁ ଜଣା ପଡିଛି ଯେ ଉକ୍ତ ଟ୍ରାକ୍ଟର ଟି ଧାନ ନେଉଥିବା ବେଳେ ଚାଳକ ଭାରଶ୍ୟାମ ହରାଇ ପଡିବାରୁ ଓଲଟି ପଡିଥିଲା । ଫଳରେ ଡାଲା ରେ ବିଶୁଆ ଚାପି ହୋଇ ମୃତ ବରଣ କରିଥିଲେ । ଏହି ଘଟଣା ଘଟିବା ପରେ ଉକ୍ତ ଟ୍ରାକ୍ଟରର ମାଲିକ ଘଟଣା ସ୍ଥଳରୁ ଦୁର୍ଘଟଣା ଘଟେଇ ଥିବା ଡାଲାଟି ନେଇ ପଳାଇ ଯାଇଥିବା ଜଣାପଡିଛି । ଏହି ଘଟଣାକୁ ନେଇ ପ୍ରଚାର ହେବା ପରେ ଖବର ପାଇଁ ହଣ୍ଡପା ପୋଲିସ ଘଟଣା ସ୍ଥଳ ରେ ପହଂଚି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ୯୦ଲିଟର୍ ଦେଶୀମଦ ଜବତ : ଜଣେ ଗିରଫ

ତାଳଚେର,(ସବ୍ୟୁ) :କୋନାଳ ଜିଲ୍ଲା ପର୍ଜଙ୍ଗ ବ୍ଲକ ଜାମୁନାଳୀ ଅଂଚଳର ରାମ କୁଲୁଡ଼ି (୨୮) ଏକ ହିରୋହୋଣ୍ଡା ସିବିଜେଡ ବାଇକରେ ୯୦ ଲିଟର ଦେଶୀମଦ ଧରି ତାଳଚେର ଆଡ଼କୁ ଆସୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ସ୍ଥାନୀୟ ଅବକାରୀ ବିଭାଗ ସନ୍ଥପଡ଼ା ବ୍ରିଜ ନିକଟରେ ତାକୁ କାବୁ କରି ନେଇଥିଲେ । ସମ୍ପୃକ୍ତ ବାଇକ ଚାଳକୁ ଗିରଫ କରି ତାଠାରୁ ୯୦ଲିଟର ଦେଶୀମଦ ଓ ଏଥିରେ ବ୍ୟବହୃତ ବାଇକ ଜବତ କରିଥିବା ଅବକାରୀ ପକ୍ଷରୁ ଜଣାପଡ଼ିଛି ।

## ସଡ଼କ ସୁରକ୍ଷା କମିଟି ବୈଠକ

ଅନୁଗୋଳ,(ସବ୍ୟୁ) : ଜିଲ୍ଲା ସଡକ ସୁରକ୍ଷା କମିଟିର ଏକ ବୈଠକ ଗତକାଲି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଅବଦାର ମୁହମ୍ମଦ୍ ଅଖତରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ମଧ୍ୟ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଡିସେମ୍ବର ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରକାର ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା । ପରିବହନ ବିଭାଗ ସୂଚନା ଅନୁଯାୟୀ ଗତ ଡିସେମ୍ବର ମାସରେ ଜିଲ୍ଲାରେ ମୋଟ ୩୮ଟି ଦୁର୍ଘଟଣା ଘଟିଥିବାବେଳେ ୧୭ ଜଣଙ୍କର ମୃତ୍ୟୁ ଘଟିଛି, ୧୧ ଜଣ ଗୁରୁତର ଆହତ ଓ ସାମାନ୍ୟ ଆହତ ୧୦ଜଣ ହୋଇଛନ୍ତି । ଏହି ଦୁର୍ଘଟଣା ମଧ୍ୟରୁ ଗତ ମାସରେ ୧୭ଟି ଦୁର୍ଘଟଣା ଜାତୀୟ ରାଜପଥରେ ଘଟିଥିବାବେଳେ ୨୧ ଟି ଦୁର୍ଘଟଣା ରାଜ୍ୟ ରାଜପଥ ଓ ଅନ୍ୟାନ୍ୟ ଅଞ୍ଚଳରେ ଘଟିଛି । ଗତ ମାସରେ ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ବିନା ହେଲମେଟରେ ଗାଡି ଚାଳନା ଯୋଗୁ ୧୨୦୧ ଜଣଙ୍କ ଠାରୁ ୧୨ ଲକ୍ଷ ୧ ହଜାର ଟଙ୍କା, ବିନା ସିଟ୍ ବେଲ୍ଟରେ ୪୮ ଜଣଙ୍କ ଠାରୁ ୩୭ ହଜାର ଟଙ୍କା, ଦ୍ରୁତ ଗାଡି ଚାଳନା କରିବା ଯୋଗୁ ୮୯୨ ଜଣଙ୍କ ଠାରୁ ୧୭ ଲକ୍ଷ ୮୪ ହଜାର ଟଙ୍କା, ମଦ୍ୟପାନ କରି ଗାଡିଚାଳନା ନିମନ୍ତେ ୧୧୫ ଜଣଙ୍କ ଠାରୁ ୪ ଲକ୍ଷ ୭୦ ହଜାର ଟଙ୍କା, ଅତ୍ୟଧିକ ମାଲପରିବହନ କରିଥିବା ୪୭ ଟି ମାମଲାରେ ୨୪ଲକ୍ଷ ୮୬ ହଜାର ୨୮୪ ଟଙ୍କା, ମାଲବାହି ଗାଡିଗୁଡିକରେ ଯାତ୍ରୀ ସେବା ଅଭିଯୋଗରେ ୧୯ଟି ମାମଲାରେ ୯୦ ହଜାର ଟଙ୍କା, ଟ୍ରାଫିକ ନିୟମ ଅବମାନନା ଏବଂ ନୋ ପାର୍କିଂ ଜୋନରେ ଗାଡି ପାର୍କିଂ କରିବା ଅଭିଯୋଗରେ ୩୦୨ଟି ମାମଲାରେ ୪୧ଲକ୍ଷ ୫୦୦ ଟଙ୍କା, ଗାଡି ଚାଳନା ସମୟରେ ମୋବାଇଲ ବ୍ୟବହାର ଅଭିଯୋଗରେ ୩୫ଟି ମାମଲାରେ ୧ ଲକ୍ଷ ୭୫ ହଜାର ଟଙ୍କା ଜୋରିମନା ଆଦାୟ କରାଯାଇଥିବା ବେଳେ ୪୬୭ ଜଣଙ୍କର ଲାଇସେନ୍ସ ନିଲମନ କରାଯାଇଥିଲା ଓ ୨୯ ଟି ଗାଡି ଜବତ କରାଯାଇଥିଲା ।

ସେହିପରି ଜିଲ୍ଲା ପୋଲିସ ଦ୍ୱାରା ଯାଞ୍ଚ କରିବା ସମୟରେ ଦ୍ରୁତ ଗାଡି ଚାଳନା କରିବା ଯୋଗୁ ୩ ଜଣଙ୍କ ଠାରୁ ୨ ହଜାର ୫୦୦ ଟଙ୍କା, ଗାଡି ଚାଳନା ସମୟରେ ମୋବାଇଲ ବ୍ୟବହାର ଅଭିଯୋଗରେ ୬୯ଟି ମାମଲାରେ ୩ ଲକ୍ଷ ୪୫ ହଜାର ଟଙ୍କା, ବିନା ହେଲମେଟରେ ଗାଡି ଚାଳନା ଯୋଗୁ ୯୪୪ ଜଣଙ୍କ ଠାରୁ ୯ ଲକ୍ଷ ୪୪ ହଜାର ଟଙ୍କା, ବିନା ସିଟ୍ ବେଲ୍ଟରେ ୯୫୪ ଜଣଙ୍କ ଠାରୁ ୯ ଲକ୍ଷ ୫୪ ହଜାର ଟଙ୍କା, ଟ୍ରାଫିକ ନିୟମ ଅବମାନନା ଏବଂ ନୋ ପାର୍କିଂ ଜୋନରେ ଗାଡି ପାର୍କିଂ କରିବା ଅଭିଯୋଗରେ ୧୩:୬୩ ଟି ମାମଲାରେ ୨୨ଲକ୍ଷ ୪୧ ହଜାର ଟଙ୍କା ଜୋରିମନା ଆଦାୟ କରାଯାଇଥିଲା ଏବଂ ମଦ୍ୟପାନ କରି ଗାଡିଚାଳନା ନିମନ୍ତେ ୩୪୦ ଟି ମାମଲା ରୁଜୁ କରାଯାଇଛି । ପୋଲିସ ଓ ପରିବହନ ବିଭାଗର ଅଧିକାରୀମାନେ ଯାନବାହନ ପାଂଚ ପ୍ରକ୍ରିୟାକୁ ଅଧିକ କ୍ରିୟାଶିଳ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ଅନୁଗୋଳ ଆଂଚଳିକ ପରିବହନ ଅଧିକାରୀ ନିଶୂଳ କୁମାର ପଟ୍ଟନାୟକ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନଞ୍ଜୟ ବେହେରା, ବରିଷ୍ଠ ସାମ୍ବାଦିକ ସଂଗ୍ରାମ ରଞ୍ଜନ ଦାସଙ୍କ ସମେତ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।


**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION, CUTTACK**
E-Mail I.D. - rw cuttack@yahoo.co.in
Ph.No.0671-2440662/
Fax No.0671-2440653

**1st Corrigendum**

**O-1295 :** In respect of the Tender Call Notice No **Tender Online-RWD-13/2024-25 dt.06.01.2025** through e Procurement, the date & time rescheduled due to unavoidable circumstances.

**Rescheduled Time Table**

| Sl No | Period of completion | As per Notice | Reschedule |
|---|---|---|---|
| 1. | Date & time of sale & receipt of bid document online | From: dt. 15.01.2025 at 11:00 AM<br>To: dt.22.01.2025 at 5:00 PM | **From: dt.15.01.2025 at 11:00 AM<br>To: dt.28.01.2025 at 5:00 PM** |
| 2. | Date & time of seeking of tender clarification | Dt.21.01.2025 at 5.00 PM | **Dt.27.01.2025 at 5.00 PM** |
| 3. | Date & time of opening of bids | Dt.24.01.2025 at 11.00 AM | **Dt.29.01.2025 at 11.00 AM** |

All other things in the Tender Call Notice remain unaltered

**Sd/- Superintending Engineer**
**Rural Works Division, Cuttack**

OIPR : 25053/11/0024/2425



**ଓଡ଼ିଶା ସରକାର : ଜଳ ସମ୍ପଦ ବିଭାଗ**
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା
ଟେଲିଫୋନ ନମ୍ବର – (06856)-291081 & ଇ–ମେଲ: eemirgd@ymail.com

**ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି**

A-912

ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା ଅନଲାଇନ-୧୦/କ୍ଷୁ:ଜ:ବି ରାୟଗଡା/୨୦୨୪-୨୫
**(e-PROCUREMENT NOTICE NO. ONLINE - 10/MID RGD/2024-25)**
ପତ୍ର ସଂଖ୍ୟା : ୨୦୯ // କ୍ଷୁ:ଜ:ବି ରାୟଗଡା // ତାରିଖ : ୧୬.୦୧.୨୦୨୫

ମହାମହିମ ରାଜ୍ୟପାଳ, ଓଡ଼ିଶାଙ୍କ ତରଫରୁ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡା ଦ୍ୱାରା ଶତକଡା ହାର ଚୁକ୍ତି (Percentage Rate Contract) ରେ ଯୋଡ଼ା ଆବରଣ ପଦ୍ଧତି (Double Cover System) ଦ୍ୱାରା ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି ଅନଲାଇନ ଜରିଆରେ ନିମ୍ନ ସାରଣୀ ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯାଉଛି ।

| | | | |
|---|---|---|---|
| ୧ | କାମର ନାମ | : | ରାୟଗଡ଼ା ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରୀ ଯୋଜନା (MATY)ରେ ୦୪ ଗୋଟି ନୂତନ ଆଡ଼ିବନ୍ଧ (ଚେକ ଡ୍ୟାମ)ର ନିର୍ମାଣ |
| ୨ | ସର୍ବମୋଟ କାମର ସଂଖ୍ୟା | : | ୦୪ (ଚାରି) ମାତ୍ର |
| ୩ | ଅଟକଳ ମୂଲ୍ୟ | : | ଆନୁମାନିକ ୫୩.୪୬ ରୁ ୭୪.୬ ଲକ୍ଷ |
| ୪ | ଠିକାଦାରଙ୍କ ଶ୍ରେଣୀ | : | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲେଖିତ |
| ୫ | କାର୍ଯ୍ୟର ସମାପ୍ତି କାଳ | : | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲେଖିତ |
| ୬ | ନିଲାମ ଉପଲବ୍ଧିର ତାରିଖ ଓ ସମୟ | : | ତା. ୨୦.୦୧.୨୦୨୫ ରିଖ ଦିବା ୧୦.୦୦ ଘଣ୍ଟିକା ଠାରୁ ତା. ୦୩.୦୨.୨୦୨୫ ରିଖ ସନ୍ଧ୍ୟା ୫.୩୦ ଘଣ୍ଟିକା ପର୍ଯ୍ୟନ୍ତ |
| ୭ | ନିଲାମ ପ୍ରାପ୍ତିର ଶେଷ ତାରିଖ ଓ ସମୟ | : | ତା. ୦୩.୦୨.୨୦୨୫ ରିଖ ସନ୍ଧ୍ୟା ୫.୩୦ ଘଣ୍ଟିକା ପର୍ଯ୍ୟନ୍ତ |
| ୮ | ଯାନ୍ତ୍ରିକ ନିଲାମ ଖୋଲିବା ତାରିଖ ଓ ସମୟ ଏବଂ ସ୍ଥାନ | : | ତା. ୦୪.୦୨.୨୦୨୫ ରିଖ ଦିବା ୧୧.୦୦ ଘଣ୍ଟିକା ଏବଂ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡାଙ୍କ କାର୍ଯ୍ୟାଳୟ |
| ୯ | ନିଲାମ ଆମନ୍ତ୍ରଣ ଅଧିକାରୀଙ୍କ ନାମ ଓ ଠିକଣା | : | ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡା କାର୍ଯ୍ୟାଳୟ |
| ୧୦ | ନିଲାମରେ ଭାଗନେବା ଓ ନିଲାମ ସୁରକ୍ଷା ଦେୟ ପୈଠ କରିବାର ପଦ୍ଧତି | : | ଅନଲାଇନ |

OIPR : 32524/11/0015/2425 — ସ୍ୱା/- ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡା



**NOTICE INVITING TENDER**
**Office of the District Manager,**
**Odisha State Civil Supplies Corporation Ltd., Nayagarh**
**Phone No.:- 06753-252439**
**District Website:- http://nayagarh.odisha.gov.in.**

**Tender No. 304 / Dt :17.01.2025**

**CAD-2216 :** District Manager, Odisha State Civil Supplies Corporation Ltd., Nayagarh (District] invites tenders in Double Cover System through ONLINE MODE ONLY for the works below.

| | | | |
|---|---|---|---|
| 1 | Name of the Work | : | Selection and appointment of Level-I Transport Contractor for transportation of foodgrains from FSD, FCI Khordha Road to all RRC-cum-DSCs in the Nayagarh District of the State of Odisha. |
| 2 | Availability of bid document in the portal | : | From 18.01.2025. |
| 3 | Last Date/Time for receipt of bids in the portal | : | Dt. 01.02.2025 upto 5:00 PM. |
| 4 | Date/Time of Opening of Technical Bid | : | Dt. 03.02.2025 at 11.00 AM onwards. |
| 5 | Name and address of the Officer inviting Tender | : | District Manager, O.S.C.S.C. Ltd., Nayagarh |

Tender Documents and other details can be seen from the e-procurement portal **www.oscsc.in,www.foododisha.in & www.tenderodisha.gov.in** along with district website. Amendments/corrigendum/cancellation/retenders etc. if any shall be published only in above websites.

**Sd/- District Manager,**
**O.S.C.S.C Ltd., Nayagarh**

OIPR : 07057/11/0003/2425

ରବିବାର ସମୟ

# ଜାତିପ୍ରାଣ ସଂକ୍ରାନ୍ତି ପୁରୁଷ ଫକୀରମୋହନ

## ଡ଼କ୍ଟର ଲକ୍ଷ୍ମଣ ସାହୁ

**ପ୍ରକୃତ ପକ୍ଷେ ଫକୀର ମୋହନ ଆଧୁନିକ ଓଡ଼ିଆ ଗଳ୍ପର ଆଦ୍ୟ ଜନକ । ପାଶ୍ଚାତ୍ୟ ଶିକ୍ଷା ପ୍ରଭାବରେ ତାଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟରେ କ୍ଷୁଦ୍ରଗଳ୍ପ ରଚନାର ଭିତ୍ତି ପ୍ରସ୍ତୁତି ଆରମ୍ଭ ହୋଇଥିଲେ ମଧ୍ୟ ଏହି ପ୍ରାକ୍ ଫକୀର ମୋହନୀୟ ଗଳ୍ପରେ ମୁଖ୍ୟତଃ ବିଦେଶୀୟ କଥାବସ୍ତୁ ଅନୁସରଣରେ ପ୍ରେମ ଓ କାରୁଣ୍ୟ ଦେଖିବାକୁ ମିଳିଛି । ଉତ୍କଳୀୟ ସମାଜ ସଂସ୍କାର ଆଧାରରେ ବ୍ୟଙ୍ଗାତ୍ମକ ଧାରାକୁ ଭିତ୍ତି କରି ଗଳ୍ପ ରଚନା ହୋଇଥିବା ଦୃଷ୍ଟିଗୋଚର ହୁଏ ।**

ଜାତିପ୍ରାଣ ଫକୀରମୋହନ ସେନାପତି ତାଙ୍କ ସାହିତ୍ୟ କୃତି ପାଇଁ ମକର ସଂକ୍ରାନ୍ତିରେ ମନେପଡନ୍ତି । ଊନବିଂଶ ଶତକରେ ଓଡ଼ିଶାରେ ଯେତେବେଳେ ନବଜାଗରଣର ଜୁଆର ଉଠିଲା, ସେତେବେଳେ ନୂତନ ରୁଚି ପରିଚର୍ଯ୍ୟାର ଇଚ୍ଛାର ସୃଷ୍ଟି ଘଟିଲା । ନୂତନ ଚିନ୍ତା ଓ ଚେତନାର ସୁଅ ପ୍ରବାହିତ ହେଉଥିଲା । ତା'ର ଅନ୍ତରାଳରେ ଯେଉଁ କେତେଜଣ ମୁଷ୍ଟିମେୟ ଜାତିପ୍ରାଣ ଓଡ଼ିଆ ଥିଲେ, ସେମାନଙ୍କ ମଧ୍ୟରୁ ଫକୀରମୋହନ ଅନ୍ୟତମ ସାରଥୀ । ଫକୀରମୋହନ ଜଣେ ଏଭଳି ସ୍ରଷ୍ଟା ଭାରତୀୟ ସାହିତ୍ୟ ଜଗତରେ ଏ ଯାବତ୍ କେହି ତାଙ୍କପରି ହୋଇଥିବା ମନେହୁଏ ନାହିଁ । ତାଙ୍କର ଜନ୍ମ ବାଲେଶ୍ୱରର ଏକ ସମ୍ଭ୍ରାନ୍ତ ବଂଶରେ ଘଟିଥିଲା । ହେଲେ ସେ ଥିଲେ ଶୈଶବରୁ ପିତୃମାତୃହୀନ, କପର୍ଦ୍ଦକଶୂନ୍ୟ, ସ୍ୱଳ୍ପଶିକ୍ଷାପ୍ରାପ୍ତ ଓ ରୁଗ୍ଣ ବ୍ୟକ୍ତିଟିଏ । ବାଲ୍ୟବସ୍ଥାରେ ବୃଦ୍ଧା ପିତାମହୀଙ୍କ ପାଖରେ ପାଳିତ ହୋଇଥିଲେ ଓ ସ୍ୱଳ୍ପଶିକ୍ଷାପ୍ରାପ୍ତ ପରେ ଅର୍ଥାଭାବରୁ ବାଲେଶ୍ୱର ବନ୍ଦରରେ ପାଲ ସିଲେଇ କାମ ତଦାରଖ କରିବା ନିମନ୍ତେ ସେ ନିଜକୁ ନିୟୋଜିତ କରିଥିଲେ ।

ଫକୀରମୋହନ ଏକାଧାରରେ କବି, ଔପନ୍ୟାସିକ, ଶାସକ, ପଣ୍ଡିତ, ସମାଜ-ସଂସ୍କାରକ, ମୁଦ୍ରାକର, ସଂପାଦକ, ବ୍ୟବସାୟୀ, ସର୍ବୋପରି ଜଣେ ଦେଶଭକ୍ତ ଓ ଜାତି ସେବକ ଥିଲେ । ତାଙ୍କ ଜୀବନ ଅତି ରୋମାଞ୍ଚକର । ଯାହାଫଳରେ ସେ ତାଙ୍କର ଅନବଦ୍ୟ ଗଳ୍ପ-ଉପନ୍ୟାସ ଦ୍ୱାରା ନିଜ ମାତୃଭାଷାକୁ ପ୍ରଚୁର ଉର୍ବର କରିବାରେ ସଫଳ ହୋଇପାରିଥିଲେ । ଅଧିକ ବିସ୍ମୟ ସେ ଦୁଇଟି ବର୍ଷରୁ ଅଧିକ ସ୍କୁଲ ଯାଇ ପାଠପଢ଼ିବାର ସୁଯୋଗ ପାଇନଥିବାବେଳେ ସେ ନିଜ ଚେଷ୍ଟାବଳରେ ଶିକ୍ଷକତା କରିବା ସମୟରେ ଇଁରାଜୀ ଓ ସଂସ୍କୃତ ସମେତ ପାଞ୍ଚଟି ଭାଷାକୁ ଆୟତ୍ତକରି ଏକ ବିରାଟ ପ୍ରତିଭାର ପରିଚୟ ଦେଇଥିଲେ । ସେ ଓଡ଼ିଆ, ଇଂରାଜୀ, ସଂସ୍କୃତ, ବଙ୍ଗାଳୀ ଓ ପାର୍ସୀ ଆଦି ଭାଷାରେ ଦକ୍ଷତା ହାସଲ କରିଥିଲେ । ବିଭିନ୍ନ ଆଲୋଚନାମାନଙ୍କରେ ଭାଗ ନେଇ ବାଲେଶ୍ୱରର ବୁଦ୍ଧିଜୀବି ମହଲରେ ନିଜର ସ୍ୱତନ୍ତ୍ର ସ୍ଥାନ ପ୍ରତିଷ୍ଠା କରିଥିଲେ । ତାଙ୍କ ଅସାଧାରଣ ବିଚକ୍ଷଣତା ଯୋଗୁଁ ତତ୍କାଳୀନ ବହୁ ଉଚ୍ଚପଦସ୍ଥ ଇଂରେଜ କର୍ମଚାରୀଙ୍କ ବନ୍ଧୁ ହେବା ସଙ୍ଗେ ସଙ୍ଗେ ସେ ବେଶୀୟ ରାଜ୍ୟମାନଙ୍କର ଶାସକ ମଧ୍ୟ ହୋଇଥିଲେ ।

ସେ ଖ୍ରୀଷ୍ଟିଆନ ମିଶନ ସ୍କୁଲର ପ୍ରଧାନଶିକ୍ଷକ ଥିବା ବେଳେ ଓଡ଼ିଆ ଛାତ୍ରମାନେ ସମସ୍ତ ପାଠ ବଙ୍ଗଳାରେ ପଢୁଥିଲେ । ତେଣୁ ସେ ଓଡ଼ିଆରେ ବିଭିନ୍ନ ବିଷୟରେ ପାଠ୍ୟପୁସ୍ତକମାନ ରଚନା କରିଥିଲେ । ଜଣେ ଗର୍ବିତ ଓଡ଼ିଆ ଭାବରେ ସେ ଓଡ଼ିଆରେ ପାଠ୍ୟପୁସ୍ତକ ସବୁକୁ ଅନୁବାଦ କରି ଓଡ଼ିଶାର ଓ ଓଡ଼ିଆ ଭାଷାର ସମ୍ମାନ ବଢାଇଥିଲେ । ଖ୍ରୀଷ୍ଟିଆନ ମିଶନ ସ୍କୁଲରେ ସେ ୧୮୭୧ ଯାଏ କାର୍ଯ୍ୟ କରିଆସିଥିଲେ । ଯାହା ଫଳରେ ତାଙ୍କର ପରିଚୟ ହୁଏ ବାଲେଶ୍ୱରର ତତ୍କାଳୀନ କଲେକ୍ଟର ଜନ୍ ବିମ୍ସଙ୍କ ସହ । 'ସୁନା ଚିହ୍ନେ ବଣିଆ, ଗୁଣ ଚିହ୍ନେ ଗୁଣିଆ' ପରି ବିମ୍ସ ସାହେବ ଯିଏ ନିଜେ ଜଣେ ପଣ୍ଡିତ ଥିଲେ, ଫକୀରମୋହନଙ୍କ ଅନ୍ତର୍ନିହିତ ପାଣ୍ଡିତ୍ୟକୁ ଚିହ୍ନିପାରିଥିଲେ । ସୁବର୍ଣ୍ଣ ସୁଯୋଗ ସଂଯୋଗ ହେତୁ ବିମ୍ସ ସାହେବ ବିଭିନ୍ନ ଭାରତୀୟ ଭାଷାର ତୁଳନାତ୍ମକ ବ୍ୟାକରଣ ଉପରେ ଗୋଟିଏ ପୁସ୍ତକ ରଚନା କରୁଥିଲେ । ସେ ଫକୀରମୋହନଙ୍କଠାରୁ ଏଥିଲାଗି ଓଡ଼ିଆ ଶିକ୍ଷା କରିଥିଲେ ।

ଫକୀରମୋହନ କେବଳ ମୌଳିକ ରଚନାକାର ନୁହଁନ୍ତି, ଛାପାଖାନା ପ୍ରତିଷ୍ଠା, ପାଠ୍ୟପୁସ୍ତକ ପ୍ରଣୟନ, ପତ୍ରପତ୍ରିକା ସମ୍ପାଦନ, ପ୍ରଶାସନ, ସମାଜସେବା, ଭାଷା ଓ ସାହିତ୍ୟର ସୁରକ୍ଷା ଆଦି ପ୍ରତ୍ୟେକ କ୍ଷେତ୍ରରେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ନିର୍ବାହ କରିଛନ୍ତି, ସେଥିପାଇଁ ଓଡ଼ିଆ ଜାତି ତାଙ୍କ ପାଖରେ ଯୁଗେ ଯୁଗେ ଋଣୀ ହୋଇ ରହିଥିବ । ସେ ଥିଲେ ମନ ଓ ଚିନ୍ତନରେ ଖାଣ୍ଟି ଓଡ଼ିଆ । ଭାଷା ଆନ୍ଦୋଳନରେ ଓ ଦେଶମିଶ୍ରଣ ଆନ୍ଦୋଳନରେ ସେ ଯେପରି ସଫଳ ଭୂମିକା ଗ୍ରହଣ କରିଛନ୍ତି । ସେପରି ମଧ୍ୟ ତାଙ୍କ ଭାଷା ଓ ପ୍ରକାଶଭଙ୍ଗୀ ସ୍ପଷ୍ଟ ଓ ନିର୍ଭୀକ, ଯାହା ଓଡ଼ିଆ ଜାତିର ପ୍ରାଣକୁ ନିବିଡ ଭାବରେ ସ୍ପର୍ଶ କରିଛି । ତେଣୁ କଥାଶିଳ୍ପୀ ଫକୀରମୋହନ ଏ ଜାତିର ସାହିତ୍ୟରେ ଅଦ୍ୱିତୀୟ ଓ ଚିରନମସ୍ୟ ହୋଇ ରହିଛନ୍ତି ।

ଫକୀରମୋହନ ମାନବ ଜୀବନର ବାସ୍ତବ ଅନୁଭୂତି, ନାନାବିଧ ସମସ୍ୟା, ଅର୍ନ୍ତଦ୍ୱନ୍ଦ୍ୱ ଆଦିକୁ ନାନା ବର୍ଣ୍ଣବିଭାରେ ଉଦ୍ଘାଟନ କରିଛନ୍ତି । ଜୀବନ ଓ ଜଗତକୁ ଆଧାରର କ୍ଷେତ୍ରଭାବରେ ଧାରଣ କରି ସୃଷ୍ଟିକର୍ମରେ ମନୋନିବେଶ କରିଛନ୍ତି । ଜୀବନର ବିଶ୍ଳେଷଣ ସହିତ ସମାଜର ମୂଲ୍ୟବୋଧକୁ ନିରୂପଣ କରିଛନ୍ତି । ତାଙ୍କର ସୃଷ୍ଟି ମଧ୍ୟରେ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, କବିତା ଓ ଆତ୍ମଜୀବନୀ ଆଦି ଖୁବ୍ ଗୁରୁତ୍ୱପୂର୍ଣ୍ଣ । ତାଙ୍କର କୃତିସମୂହ ଓଡ଼ିଆ ସାହିତ୍ୟ ଭଣ୍ଡାରର ଏକ ଏକ ଅନନ୍ୟ ସାଧାରଣ ଲିପି-ସଂପଦ । ତାଙ୍କର ଅମ୍ଳାନ କୃତିଗୁଡିକ, 'କବିତା- ପୁଷ୍ପମାଳା, ଉପହାର ଓ ଅବସର ବାସରେ, କାବ୍ୟଗୁଡିକ ହେଉଛି- ଉତ୍କଳ ଭ୍ରମଣ, ବୌଦ୍ଧବତାର କାବ୍ୟ, ପୂଜାଫୁଲ, ଧୂଳି ।' ସେ ଥିଲେ ସଫଳ ଅନୁବାଦକ, ମହାଭାରତ (ଅସଂପୂର୍ଣ୍ଣ), ରାମାୟଣ, ଶ୍ରୀମଦ୍ ଭଗବତ୍ ଗୀତା ଓ ଉପନିଷଦର ଅନୁବାଦ କରିଛନ୍ତି । ତାଙ୍କର ରାମାୟଣ ଓ ମହାଭାରତ ରଚନା ଦ୍ୱୟ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିବାରୁ ତାଙ୍କୁ ବ୍ୟାସକବିର ଆଖ୍ୟା ଦିଆଯାଇଛି । ତତ୍କାଳୀନ ବାମଣ୍ଡାର ରାଜାଙ୍କ ଦ୍ୱାରା ସେ ମଧ୍ୟ ସରସ୍ୱତୀ ଉପାଧିରେ ପୁରସ୍କୃତ ହୋଇଥିଲେ ।

ଇତିହାସ ରଚନାରେ ଭାରତବର୍ଷର ଇତିହାସ ଗ୍ରନ୍ଥ ଦ୍ୱୟ ଗଳ୍ପ ଓ ଉପନ୍ୟାସ କ୍ଷେତ୍ରରେ ତାଙ୍କର କୋଡିଏଟି ଗଳ୍ପ ଓ ଚାରୋଟି ଉପନ୍ୟାସ- 'ଛ'ମାଣ ଆଠଗୁଣ୍ଠ, ଲଚ୍ଛମା, ମାମୁଁ ଓ ପ୍ରାୟଶ୍ଚିତ' ଏକ ଏକ ଅମର କୃତି । ତାଙ୍କ ରଚିତ କବିତା ଓ କାବ୍ୟଗୁଡିକରେ ବ୍ୟକ୍ତିଗତ ବିଷାଦବୋଧ, ଅତୀତପ୍ରୀତି, ପଲ୍ଲୀପ୍ରାଣତା ଜାତୀୟତା, ସମାଜଚିନ୍ତନ, ନାରୀବାଦୀ ଦୃଷ୍ଟିଭଙ୍ଗୀ, ମୃତ୍ୟୁବୋଧ, ବ୍ୟଙ୍ଗଧର୍ମିତା ଆଦିରେ ସ୍ୱରସମ୍ଭାର ରହିଛି । ବିଶେଷତଃ ଦୁଇଦୁଇଟି ପତ୍ନୀ ଓ ମାତାମହୀ ଆଦିଙ୍କ ପ୍ରଭାବପୁଷ୍ଟ ତିକ୍ତ-ମଧୁର ଅନୁଭୂତି ତାଙ୍କ କାବ୍ୟ କବିତା, ଗଳ୍ପ ଉପନ୍ୟାସ ଓ ଆତ୍ମକାହାଣୀରେ ନାନା ଚରିତ୍ର ଓ ଭାବଭାବନାରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ପ୍ରକାଶଲାଭ କରି ପାଠକୀୟ ହୃଦୟ ମନ୍ଥନ କରିଛି ।

ପ୍ରତ୍ୟେକଟି ଗଳ୍ପ, ଉପନ୍ୟାସ ଓ ଆତ୍ମଜୀବନୀରେ ସମାଜ, ସଂସ୍କୃତି, ରାଜନୀତି, ଧର୍ମ ଆଦି ନାନା ପ୍ରସଙ୍ଗ ଉପସ୍ଥାପନର କଳାତ୍ମକ ଚିତ୍ର ପ୍ରତିଫଳିତ । ବିଶେଷତଃ ଊନବିଂଶ ଓ ବିଂଶ ଶତକର ଜୀବନଚିତ୍ର ଅଙ୍କନ କରିବା ତାଙ୍କ ସୃଷ୍ଟିର ଶ୍ରେଷ୍ଠ ଉପାଦାନ ଥିଲା । ହାସ୍ୟବ୍ୟଙ୍ଗ ଶୈଳୀ, କଟାକ୍ଷ, କରୁଣ ମଧୁର ରସ ପରିବେଷଣ ହିଁ ତାଙ୍କ ସାହିତ୍ୟର ବୈଶିଷ୍ଟ୍ୟ । ବିଶିଷ୍ଟ କବି ଓ ସମାଲୋଚକ ଡକ୍ଟର ମାୟାଧର ମାନସିଂ ତାଙ୍କୁ ସମଗ୍ର ଆଧୁନିକ ଭାରତୀୟ ସାହିତ୍ୟର ପ୍ରଥମ ଲୋକ-ଲେଖକର ସମ୍ମାନ ଦେବାକୁ ଯାଇ ବିଖ୍ୟାତ ବଙ୍ଗଳା ଔପନ୍ୟାସିକ ବଙ୍କିମଚନ୍ଦ୍ର ଓ ହିନ୍ଦୀ ଔପନ୍ୟାସିକ ପ୍ରେମ୍ ଚନ୍ଦ୍ରଙ୍କ ସହ ତୁଳନା କରିଛନ୍ତି ।

ଉତ୍କଳୀୟ ନବ ଜାଗରଣ ଯୁଗର ସେ ଜଣେ ସମୟ ସଚେତନ କର୍ମୀ ଓ କଳାକାର । ଓଡ଼ିଆ ସାହିତ୍ୟରେ ଏକ ଅଭିନବ ଗଦ୍ୟରୀତିର ପ୍ରବର୍ତ୍ତକ ଓ ସଫଳ ପରୀକ୍ଷକ ରୂପେ ସ୍ୱୀକୃତ ଓ ସମ୍ମାନିତ ତଥା ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ସେନାପତି ଫକୀର ମୋହନ ଓଡ଼ିଆ ଭାଷାରେ ସାର୍ଥକ ଉପନ୍ୟାସ ଓ ଆଧୁନିକ କ୍ଷୁଦ୍ରଗଳ୍ପର ସ୍ରଷ୍ଟା । ଓଡ଼ିଶାର ବିଭିନ୍ନ ଅଞ୍ଚଳର ସାଧାରଣ ଜନତାଙ୍କ ସଂସ୍ପର୍ଶରେ ଆସିଥିବା ପ୍ରତ୍ୟକ୍ଷ ଅନୁଭୂତି ତଥା ପ୍ରଶାସକ ଜୀବନର ପ୍ରଚୁର ଅଭିଜ୍ଞତାକୁ ଭିତ୍ତି କରି ପରିଣତ ବୟସରେ ସୃଷ୍ଟି କରିଥିବା ତାଙ୍କ କଥା ସାହିତ୍ୟରେ ସାଧାରଣ ଲୋକ ଜୀବନର ପ୍ରତିଛବି ଫୁଟି ଉଠିଛି ।

ପ୍ରକୃତ ପକ୍ଷେ ଫକୀର ମୋହନ ଆଧୁନିକ ଓଡ଼ିଆ ଗଳ୍ପର ଆଦ୍ୟ ଜନକ । ପାଶ୍ଚାତ୍ୟ ଶିକ୍ଷା ପ୍ରଭାବରେ ତାଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟରେ କ୍ଷୁଦ୍ରଗଳ୍ପ ରଚନାର ଭିତ୍ତି ପ୍ରସ୍ତୁତି ଆରମ୍ଭ ହୋଇଥିଲେ ମଧ୍ୟ ଏହି ପ୍ରାକ୍ ଫକୀର ମୋହନୀୟ ଗଳ୍ପରେ ମୁଖ୍ୟତଃ ବିଦେଶୀୟ କଥାବସ୍ତୁ ଅନୁସରଣରେ ପ୍ରେମ ଓ କାରୁଣ୍ୟ ଦେଖିବାକୁ ମିଳିଛି । ଉତ୍କଳୀୟ ସମାଜ ସଂସ୍କାର ଆଧାରରେ ବ୍ୟଙ୍ଗାତ୍ମକ ଧାରାକୁ ଭିତ୍ତି କରି ଗଳ୍ପ ରଚନା ହୋଇଥିବା ଦୃଷ୍ଟିଗୋଚର ହୁଏ । ଗଳ୍ପଗୁଡ଼ିକରେ ରୋମାଞ୍ଚକର ପରିବେଶ, ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି, କଥାବସ୍ତୁର ଆରମ୍ଭ ଓ ପରିଣତିରେ ଚମତ୍କାରିତା ଓ କଥାର କ୍ରମବିକାଶ ଥିଲେ ମଧ୍ୟ କ୍ଷୁଦ୍ରଗଳ୍ପର ଆତ୍ମିକ ଓ ଆଙ୍ଗିକ ମୂଲ୍ୟବୋଧ ନ ଥିବାରୁ ତାହାକୁ ଯଥାର୍ଥ କ୍ଷୁଦ୍ରଗଳ୍ପ ବୋଲି କୁହାଯାଇ ପାରେନାହିଁ ।

୧୮୯୮ ମସିହା ଅକ୍ଟୋବର ମାସରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶିତ 'ରେବତୀ' ଗଳ୍ପ ଓଡ଼ିଆ ଭାଷାରେ ପ୍ରକାଶିତ ପ୍ରଥମ ସାର୍ଥକ କ୍ଷୁଦ୍ରଗଳ୍ପ । 'ରେବତୀ' ଗଳ୍ପ ରଚନା ପୂର୍ବରୁ ଫକୀର ମୋହନ 'ବୋଧଦାୟିନୀ' ପତ୍ରିକାରେ 'ଲଛମନିଆ' ନାମକ ଏକ କ୍ଷୁଦ୍ରଗଳ୍ପ ଲେଖିଥିଲେ । ଫକୀର ମୋହନ ତାଙ୍କ ଆତ୍ମଜୀବନୀରେ ଏପରି ଉଲ୍ଲେଖ କରି ଲେଖିଛନ୍ତି - ବାଲେଶ୍ୱରରେ ଶିକ୍ଷକତା କାର୍ଯ୍ୟ କରୁଥିବା ସମୟରେ ମୋର କବିତା ଲେଖିବାର ପ୍ରବୃତ୍ତି ଥିଲା । ସେଠାକାର ପ୍ରେସ୍‌ରୁ ଖଣ୍ଡେ ମାସିକ ପତ୍ରିକା ବାହାରୁଥିଲା ମୁଁ ସେଥିରେ ଆମୋଦ ଜନକ କବିତା ଲେଖୁଥିଲି ।

କୁହାଯାଇପାରେ ଫକୀରମୋହନ ତାଙ୍କ ଜୀବନର ଶେଷ ୨୧ ବର୍ଷ ମଧ୍ୟରେ ଗଳ୍ପ ଓ ଉପନ୍ୟାସ ରଚନା କରିଥିଲେ । ୧୮୬୦ରେ ଫକୀରମୋହନଙ୍କ ରଚିତ କ୍ଷୁଦ୍ରଗଳ୍ପ 'ଲଛମନିଆ', ତାଙ୍କରି ଦ୍ୱାରା ସମ୍ପାଦିତ ଓ ବାଲେଶ୍ୱରରୁ ପ୍ରକାଶିତ ବୋଧଦାୟିନୀ ପତ୍ରିକାରେ ପ୍ରକାଶିତ ହୋଇଥିଲା । ତେବେ ଦୁର୍ଭାଗ୍ୟବଶତଃ ତାଙ୍କର ଆତ୍ମଜୀବନୀରେ ଏ ବିଷୟରେ ସାମାନ୍ୟ ଟିକିଏ ବର୍ଣ୍ଣନା ବ୍ୟତୀତ ଏହି ଗଳ୍ପର ସ୍ରୋତ ସମ୍ବନ୍ଧରେ ଅନ୍ୟ କୌଣସି ଖିଅ ମିଳେନାହିଁ । ନଚେତ୍ ସେ ସମଗ୍ର ଭାରତବର୍ଷରେ ସାହିତ୍ୟିକ ବିଭାଗର ସ୍ରଷ୍ଟା ରୂପେ ବିବେଚିତ ହୋଇଥାନ୍ତେ । ୧୮୯୮ରେ ତାଙ୍କ ରଚିତ 'ରେବତୀ' ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇ ପ୍ରଥମ ଓଡ଼ିଆ ଗଳ୍ପର ମାନ୍ୟତା ପାଇଲା । 'ରେବତୀ' ଗଳ୍ପଟିରେ ଗୋଟିଏ ଛୋଟ ଝିଅର ପାଠ ପଢିବାର ଉତ୍ସାହ ଓ ଏଥିରେ ତା'ର ଅନ୍ତରାୟ ସାଜୁଥିବା ପାରମ୍ପରିକ ଅନ୍ଧବିଶ୍ୱାସପୂର୍ଣ୍ଣ ଗ୍ରାମୀଣ ସମାଜର ଚିତ୍ରଣ କରାଯାଇଛି । ପରେ ଯେବେ ଗାଁରେ ମହାମାରୀ ବ୍ୟାପିଛି, ଏଥିପାଇଁ ମଧ୍ୟ ତା'ର ଅଧ୍ୟୟନକୁ ହିଁ ଦାୟୀ କରାଯାଇଛି ।

ଫକୀର ମୋହନ ସେନାପତି ଜାତୀୟତା ଓ ଭାଷାକୁ ଏକତ୍ର କରିଥିଲେ । କାରଣ ସେ ବିଶ୍ୱାସ କରୁଥିଲେ ଯେ 'ଜାତୀୟତା ଭାଷା ଦ୍ୱାରା ନିର୍ଣ୍ଣୟ କରାଯାଏ' ।

ଏଥିପାଇଁ ସେ ଚାରୋଟି ଅର୍ଥ ପରାମର୍ଶ ଦେଇଛନ୍ତି । ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତି ଜାତୀୟ ସାହିତ୍ୟକୁ ପ୍ରୋତ୍ସାହିତ କରିବା ପାଇଁ କରିବା ଉଚିତ । ଏହାକୁ ପଢ଼ିବା, ଲେଖିବା ଓ ଅନ୍ୟମାନଙ୍କୁ ଏହାକୁ ଲେଖିବା ପାଇଁ ପ୍ରବର୍ତ୍ତାଇବା । ସେ କହିଛନ୍ତି ଯେ ମାତୃଭାଷାକୁ ହରାଇ ଏକ ରାଷ୍ଟ୍ର ଅଗ୍ରଗତି କରିପାରିବ ନାହିଁ ଓ ବିଶ୍ୱାସ କରେ ଯେ ଗୋଟିଏ ଦେଶର ଭାଷା ପାଇଁ ସାହିତ୍ୟର ବିକାଶ ଗୁରୁତ୍ୱପୂର୍ଣ୍ଣ ଅଟେ । ଅର୍ଥାତ୍ ତାଙ୍କ ଭାଷାରେ ଯେଉଁ ଦେଶର ଭାଷା ବିକଶିତ ହୋଇନାହିଁ, ତାହା ଜାଗ୍ରତ ନୁହେଁ । ଏଥିରେ ଉଦ୍ୟମର ଅଭାବ ରହିଛି ଏବଂ ଆତ୍ମ ସମ୍ମାନ ବଜାୟ ରଖିବାରେ ଅସମର୍ଥ । ବାସ୍ତବରେ ଫକୀରମୋହନଙ୍କ ସୃଷ୍ଟି ସଂପଦକୁ ଅନୁଶୀଳନ କଲେ ସ୍ପଷ୍ଟ ହୁଏ, ସେ ଯେଭଳି ଜଣସାଧାରଣଙ୍କ ଲୌକିକ ଭାଷାକୁ ମାଟି ଓ ପ୍ରକୃତି ସହ ଘନିଷ୍ଠ ଭାବେ ସଂପୃକ୍ତ ଥିବା ନରନାରୀମାନଙ୍କୁ ସାହିତ୍ୟରେ ଅଙ୍ଗୀକାର କରି ଆମକୁ ବିଶ୍ୱଜନୀନତାର ଯେଉଁ ସ୍ୱାଦ ଦେଇଛନ୍ତି, ସେଥିପାଇଁ ଯଥାର୍ଥରେ ସେ 'ବ୍ୟାସକବି' ଓ 'ସରସ୍ୱତୀ' ଉପାଧିର ଯୋଗ୍ୟ ଏକ ଅମ୍ଳାନ ମହାପୁରୁଷ । ଯୁଗଜନ୍ମା ସଂକ୍ରାନ୍ତି ପୁରୁଷ ଫକୀର ମୋହନ ସଂକ୍ରାନ୍ତି ଭୂମିଷ୍ଠ ହୋଇ ସଂକ୍ରାନ୍ତିରେ ଇହଲୀଳା ସମ୍ବରଣ କରିଥିଲେ...!!!!

**ଅଧକ୍ଷ, ଓଡିଆ ଭାଷା ଓ ସାହିତ୍ୟ ବିଭାଗ**
**ମହାନଦୀ ବିହାର ମହିଳା ସ୍ନାତକ**
**ମହାବିଦ୍ୟାଳୟ, କଟକ,**
**ମୋ-୯୦୪୦୧୫ ୧୪୭୫**

# ଝରକା ସେପଟେ ଏପଟେ

## ସୁନନ୍ଦା ମହାନ୍ତି

ଗଳ୍ପ

ସେଇ ଗାଁଟିରେ ଏବେ ସହର ପରି କଂକ୍ରିଟ ଘର । ଘରେ ତ ଅନେକ ଝରକା । ନ ହେଲେ ଆଲୋକ ଯିବା ଆସିବା, ବାୟୁ ଚଳାଚଳ ହେବ କେମିତି କିନ୍ତୁ ଆଜିକାଲିକା କମ୍ପାକ୍ଟ ଘରର ଝରକା କୋଉ ଖୋଲି ହୁଏ ! ସେପଟେ ପରା ଇଞ୍ଚେ ବି ଜାଗା ନାହିଁ ଝରକା ଖୋଲିବାକୁ । ଆଉ ଏପଟକୁ ମାନେ ଘର ଭିତରକୁ ଝରକା ଖୋଲିଲେ ତାଙ୍କର ମାନେ ଡାହାଣ ଓ ବାମ ପଟର ପଡୋଶୀ ଯଦି ସେଇ ସିଧା ବା ଟିକେ ତୀର୍ଯ୍ୟକ ଝରକା ଖୋଲି ତା ଘର ପଟକୁ କବାଟ ଆଉଜେଇ ବା ଖୋଲା ରଖିଥାଏ ତ କଥା ସଇଲା ।

ଏପଟର ସୋରିଷ ଫୁଟଣ ସେପଟକୁ ବାସିବ ଓ ପ୍ରସରି ଯିବ ସାରା ଗାଁକୁ । ପୁଣି ଗାଁରୁ ସହରକୁ । ଖାଲି କଣ ସେତିକି ଦି' ପଟର ପଡୋଶୀଙ୍କର ଯଦି ବଢିଲା ପୁଅ ଝିଅ ଅଛନ୍ତି ତ କଥା ସରିଲା ଜାଣ । ପୁଅ ପଟ ଘରେ ନିଶ୍ଚୟ ନବଗ୍ରହକୂଟ କପଟ ଗୋଟି ଚାଳନା କରିବେ ଏମିତି ତ ସେପଟ ପଡୋଶୀର ଝିଅ ଏପଟକୁ ବୋହୂ ହୋଇ ଆସିବ ନହେଲେ ତ କୋର୍ଟ କଚେରୀ ମାମଲା ଲାଗିରହି ଜୀବନ ବରବାଦ ହେଲା ଜାଣ । ଏତିକି କଣ ! ଆହୁରି କେତେ କଥାର ନଥା ଅଛି । ତେଣୁ ଝରକା ଆଜି ଘରେ ଗୋଟେ ଦି'ଟା ବା କାଁ ଭାଁ ଦେଖିବାକୁ ମିଳୁଥିବା ବେଳେ ମନଝରକା କିନ୍ତୁ ଖୋଲା । ଖାଲି କବି କି ଲେଖକଙ୍କ ପାଇଁ ନୁହେଁ ସାଧାରଣ ମଣିଷ ସଭିଏଁ ଏ ଝରକା ଦେଇ ଦେଖନ୍ତି । କଣ ! ଏଇ ସ୍ମୃତି, ପ୍ରେମ, ପ୍ରଣୟ, ବିରହ, ପ୍ରତାରଣା ସବୁକିଛି । ମିନା କିନ୍ତୁ ଦେଖେ ତା ପିଲାଦିନ । ସତରେ ସେ ଯାହା ଶୁଣିଛି, ତା' ବୋଉ ବି କାଳେ ଏଇ ଝରକାର ଶୀକାର ହୋଇ ବାପାଙ୍କ ଘରଣୀ ସାଜିବା ପରେ ତା' ନିଜ ଘର ତା'ର ପଡୋଶୀ ତ ପଡୋଶୀ ଏକଦମ ବାସନ୍ଦ ହୋଇଗଲା । ଜାତିର ବ୍ୟତିକ୍ରମ ଯୋଗୁଁ ସେମାନେ ଝିଅକୁ ଶୁଦ୍ଧି ହୋଇପଡିଲେ ଆଉ ବୋଉ ! ଜୀବନ ଯୁଦ୍ଧରେ କୋଉପଟର ହୋଇନପାରି ବିଚାରୀ ବାପାଙ୍କ ଅଭାବୀ ସଂସାରରେ ସ୍ୱାର୍ଥ ଓ ସର୍ତ୍ତ ତ୍ୟାଗ କରି ରୋଗୀଣା ହୋଇଗଲା ବେଳେ କହେ କେବଳ ଗୋଟିଏ କଥା ମୋ ପାଇଁ ମୋ ବୋଉ ନାଲି ପାଟ କିଣି ରଖିଥିଲା କିନ୍ତୁ ତାକୁ ପିନ୍ଧିବା ମୋ ଭାଗ୍ୟରେ ନାହିଁ । ସେପଟ ପଡୋଶୀ ହୋଇ ଅଜା ଆଈ ଡାକି ପାରୁନଥିବା ବୁଢା ବୁଢ଼ୀ ଦି'ଟା ବାହୁଡ଼ି ଗଲା ଦିନ ବୋଉ ଢେର କାନ୍ଦିଥିଲା ।

ଏପଟେ ତା ଶାଶୁ ଶଶୁର ଉଲୁଗୁଣା ଦେଲେ ବି ସେ ସହିଯାଉଥିଲା ସବୁ କିଛି । ଗାଁରେ ବର୍ଷକୁ ଥରେ ଯୋଉ ଦୋଳ ମେଳଣ ବସେ, ବାପା ବୋଉକୁ ନେଇ ବୁଲିବାକୁ ଗଲାବେଳେ ବୋଉ ସମ୍ବଲପୁରୀ ଷ୍ଟଲରେ ପଡ଼ିଥିବା ନାଲି ପାଟ ଆଡକୁ ଚାହିଁ ରହେ କିନ୍ତୁ କିଣି ଆଣେ ନିଜ ଶାଶୁ ଶଶୁରଙ୍କ ମନ ପସନ୍ଦର ଶାଢ଼ି ଓ ସମ୍ବଲପୁରୀ ଧୋତି ।

ସରକାରୀ ଚାକିରି କରିଥିଲେ ବି ବାପାଙ୍କୁ ସଂସାର ଚଳେଇବା କଷ୍ଟ ହେଉଥିଲା । ରୋଗୀଣା ବାପାମାଆଙ୍କ ପାଇଁ ଭାବୁ ଭାବୁ ମୋର ପାଠ ପଢ଼ା ଖର୍ଚ୍ଚ ବଢିଚାଲିଥିଲା । କିନ୍ତୁ ବୋଉର ଦେହ ମଧ୍ୟ ଭିତରେ ଭିତରେ କେତେ ଖରାପ ହେଉଛି କେହି ବୁଝିଲେ ବି ବୋଉ କହୁଥିଲା ତା'ର ତ ଯନ୍ତ୍ରଣା କିଛି ନାହିଁ । କାହିଁକି ଡାକ୍ତରଙ୍କ ପାଖକୁ ଯାଇ ଟଙ୍କା ଗଣିବା ? ବୋଉ କିନ୍ତୁ ମୋ ପ୍ରଥମ ମାସର ଦରମା ଦେଖିବା ପୂର୍ବରୁ ଆରପାରିକୁ ବାଟ କାଟିଥିଲା । ବୋଉ ବଞ୍ଚିଥିଲା ପର୍ଯ୍ୟନ୍ତ ବନ୍ଦ ଥିବା ଝରକା କିନ୍ତୁ ଦରଆଉଜାରୁ ଏବେ ସମ୍ପୂର୍ଣ୍ଣ ଖୋଲାଥିଲା । ଖାଲି ଖୋଲା ନୁହେଁ ସମ୍ପର୍କ ଯୋଡି ହୋଇଯାଇଥିଲା । ମାମୁଁ ମାଇଁ ମାଉସୀଙ୍କ ସ୍ନେହ ଭିତରେ ମୁଁ ମୋ ବୋଉ ମୁହଁ ଖୋଜୁଥିଲି ବିକଳରେ । ଆଜି ମାମୁଁ ଠିକ୍ କରିଥିବା ପ୍ରସ୍ତାବର ବ୍ୟାଙ୍କ ଅଫିସର ପୁଅ ସଙ୍ଗେ ମୋର ବାହାଘର ହେଉଛି । ମୁଁ ମଧ୍ୟ ବ୍ୟାଙ୍କ ଚାକିରି ପାଇ ବାପାଙ୍କୁ କାନ୍ଧ ଦେଇପାରୁଛି କିନ୍ତୁ ମୋ ବୋଉ ନଥିବା ଘରେ ମାମୁଁ, ମାଇଁ, ମାଉସୀଙ୍କ ଉପସ୍ଥିତି ମତେ ଅଣନିଃଶ୍ୱାସୀ କରିପକାଉଛି କାହିଁକି । ମୋ ବାହାଘର ପାଇଁ ମାଇଁ, ମାଉସୀ ସମସ୍ତେ ଭଲ ଟ୍ରଲି ବ୍ୟାଗରେ ଭଲ ଭଲ ଜିନିଷ ଉପହାର ଦେଇଛନ୍ତି । ହେଲେ ସେସବୁ ମୋର ଆଜି କିଛି ଆବଶ୍ୟକତା ନାହିଁ । ମୋର ଯାହା ଆବଶ୍ୟକ ତାହା ମୋ ବୋଉ, ତା'ର ଭଲପାଇବା ଓ ତା ନିଆରା ଆଶୀର୍ବାଦ ମୁଁ ଖୋଜି ପାଉନଥିବା ବେଳେ ମାଉସୀ କହିଲେ ମନ ଦୁଃଖ କରନା ମିନା, ଦେଖିଲୁ ତୋ ପାଇଁ ଯୋଉ ନାଲି ପାଟ ଆଣିଛି କେମିତି ଲାଗୁଛି ତତେ ।

ମତେ ଖୁବ୍ ଭଲ ଲାଗୁଛି ମାଉସୀ କିନ୍ତୁ ମୋର ଅଲଗା କିଛି ମାଗୁଣୀ ଥିଲା । କହ ମିନା କହ । ତୁ ଆମ ନାନୀର ଏକମାତ୍ର ଅଲିଅଳି ଝିଅ । ତୁ ଯାହା ମାଗିବୁ ମୁଁ ବା ଆମେ ଦେବୁ । ମୁଁ ସେହି ନାଲି ପାଟ ଶାଢ଼ିଟା ଚାହେଁ ମାଉସୀ, ଯୋଉଟା ଆଈ ମୋ ବୋଉ ପାଇଁ କିଣି ରଖିଥିଲେ ବି ବୋଉ ଭାଗ୍ୟରେ ତାହା ନଥିଲା । ମାଉସୀ ହତ ଚକିତ ହେଲେ କହିଲେ ସେଇ ଶାଢିରେ ମୁଁ ବିଦା ହେଇଥିଲି । ଆଉ ସେଇଟା ପୁରୁଣା ହେଲାଣି ମିନା । ହଉ ପୁରୁଣା । ମତେ ସେଇଟା ଦେଇପାରିବ ମାଉସୀ ।

ମାଉସୀ ମିନା ଆଖିରୁ ବର୍ଷା ବାରି ପରି ଖସିପଡୁଥିବା ବରକୋଳିଆ ଟୋପା ଲୁହ ସବୁକୁ ଆଞ୍ଜୁଳିରେ ଧରି କହୁଥିଲେ ନିଶ୍ଚୟ । ମୁଁ କହୁଥିଲି ସେଥିରେ ମୋ ବୋଉ ଅଛି ମାଉସୀ । ସେ ଶାଢ଼ି ଖଣ୍ଡକ ମୋ ପାଇଁ ସବୁଠୁ ମୂଲ୍ୟବାନ । ତାକୁହିଁ ପିନ୍ଧି ମିନା ଯେବେ ବିଦା ହେଲା ମାଉସୀ କଣ ସମସ୍ତେ ଅନୁଭବ କରିଥିଲେ ଏ ଘରର ଝରକା ସେଇଦିନୁ ଖୋଲା ରଖିଥିଲେ କ୍ଷତି କଣ ହୋଇଥାନ୍ତା ! ଶାଶୁଘରେ ମିନା ସେହି ନାଲି ପାଟ ପିନ୍ଧି ମାଣବସା ପାଇଁ ଝୋଟି ଦେଉ ଦେଉ ଅରୁଆ ଚାଉଳ ପିଠଉରେ ଲୁହ ଟପ ଟପ ପଡି ବୋଉ କଥା ମନେପଡୁଥିଲା ଖୁବ୍ । କାରଣ ବୋଉ କହେ ଝିଅ ଯେତେ ସୁନ୍ଦରୀ, ଶିକ୍ଷିତା ଓ ରୋଜଗାରକ୍ଷମ ହେଉନା କାହିଁକି ସଂସ୍କୃତି ଓ ପରମ୍ପରାର ରକ୍ଷକ ହିଁ ଝିଅ, ବୋହୂ ଓ ନାରୀ ।

**ସାକ୍ଷୀଗୋପାଳ,**
**ପୁରୀ,ମୋ-୯୦୪୦୯୭୭୩୨୭**

# କବିତା

## ମା' ତୁଳସୀ

### ରାମଚନ୍ଦ୍ର ବେହେରା

ମାତା ବେଦବତୀ ପିତା ଧର୍ମଧ୍ୱଜ
ମହେଶଙ୍କୁ କଲେ ପ୍ରୀତ
ତାଙ୍କ କୃପା ବଳେ ତୁମେ ଜନ୍ମ ନେଲ
ପୁରାଣେ ଅଛି ବର୍ଣ୍ଣିତ ।
ଚାରିଯୁଗେ ତୁମେ ପରିଚିତା ମାତ
ସତ୍ୟଯୁଗେ ସତ୍ୟବତୀ
ମାଳତୀ ତ୍ରିପୁରା ତ୍ରେତୟା ଦ୍ୱାପରେ
କଳିଯୁଗେ ବୃନ୍ଦାବତୀ ।
ତୁମ ପତ୍ର ପୁଷ୍ପ ଚଉଷଠି ବ୍ୟାଧି
ଶରୀରୁ ଦୂରେଇ ଥାଏ
ତୁମ ପତ୍ର ବିନା ଶ୍ରୀମହାପ୍ରସାଦ
ପୂଜା ଆଦର ନ ପାଏ ।
ଶ୍ୱେତ କୃଷ୍ଣ ଆଉ ସବୁଜ ବର୍ଣ୍ଣରେ
ଜଗତରେ ଶୋଭାପାଅ
ଦୟଣା ରୂପରେ କଳା ଶ୍ରୀମୁଖଙ୍କ
ଶରୀରରେ ଝୁଲୁଥାଅ ।
ସ୍ୱାମୀ ଜଳନ୍ଧର ତୁମ ସତୀତ୍ୱର
ପ୍ରଭାବେ ହେଲା ଅଜେୟ
ତୁମ ଶ୍ରୀଚରଣେ କଲେ ଜଳଦାନ
ନ ରୁହେ ପରାଣେ ଭୟ ।
ଘରେ ଘରେ ତୁମେ ପୂଜାପାଅ ମାତ
ପବିତ୍ର ଚଉଁରା ଶିରେ
ତୁମ ମୂଳେ ଯିଏ ତପ କରିଥାଏ
ବିଘ୍ନ ତା'ଲୁଚଇ ଦୂରେ ।
କୁଆଁରୀ ପାଳନ୍ତି ତୁମ ଶ୍ରୀଚରଣେ
କୁମାର ପୂର୍ଣ୍ଣିମା ବିଧି
ପୁଣ୍ୟ ପଞ୍ଚୁକରେ ତୁମ ପାଶେ ଜଳେ
ଆକାଶ ପ୍ରଦୀପ ନିତି ।
ତୁମକୁ ସୁମରି ଶୁଭ କାମ କଲେ
ନ ଆସଇ କିଛି ବାଧା
ତୁମରି ଦର୍ଶନ ସଭିଙ୍କ ପରାଣେ
ଭରିଥାଏ ପବିତ୍ରତା ।

**ତେନ୍ତୁଳିପଦା,ଜଗତସିଂହପୁର**
**ମୋ-୭୩୫୫୬୩୪୩୪୬**

## ମହାକୁମ୍ଭ

### ଡକ୍ଟର ସଦା ବିହାରୀ ସାହୁ

ବିଶ୍ୱାସ ଓ ସଂସ୍କୃତିର ସେ ଆମ ପ୍ରତୀକ
ପ୍ରୟାଗରାଜର ପବିତ୍ର
ଭୂଇଁରେ ଆସିଛି ମହାକୁମ୍ଭ
ସନାତନ ସଂସ୍କୃତିର ଏହି
ଗୌରବମୟ ପରମ୍ପରା
ଭକ୍ତି, ଉଲ୍ଲାସରେ ସମସ୍ତଙ୍କ ମନ ଭରା
ଭକ୍ତି, ବିଶ୍ୱାସ ଓ ସଂସ୍କୃତିର
ଏଇ ଯେ ସଂଗମ
ଯୁଗେ ଯୁଗେ ହେଉ ଧର୍ମର ଜୟଗାନ
ମାନବ ଜୀବନ ନୁହେଁ ଏଠି ତୁଚ୍ଛ
ଭକ୍ତି, ପ୍ରେମ, ଶାନ୍ତି ହେଉ ଆମ ଲକ୍ଷ୍ୟ
ମହାକୁମ୍ଭେ କରି ଆମେ ସ୍ନାନ
ଧର୍ମ କାମେ କରିବା ନିଜକୁ ନିୟୋଜନ
କରି ସତ୍ କର୍ମ ଓ ଚିନ୍ତନ
ଅମୃତମୟ ହେବ ଆମ ଏ ଜୀବନ
ଜୀବନ ଯାତ୍ରା ଏକ ମହାକୁମ୍ଭ
ଦାନ, ଭକ୍ତି, ଜ୍ଞାନ,
ସତ୍ କର୍ମ ଦେବ ମୁକ୍ତି ଓ ଦମ୍ଭ ।

**ସହାୟକ ମହାପ୍ରବନ୍ଧକ,ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ, ମୁମ୍ବାଇ**

## ସଡ଼କ ସୁରକ୍ଷା

### ଦୀନବନ୍ଧୁ ପୋଇ

ହେଉଛି ପାଳନ ସଡ଼କ ସୁରକ୍ଷା
ଜାନୁଆରି ମାସ ସାରା
ଦୁର୍ଘଟଣା ପଥେ ନ ହେଉ କାହାର
ଇଏ ସମସ୍ତଙ୍କ ନାରା ।
ଗାଡି ଚଳେଇବା ନିୟମ ବୁଝିବା
ଅଛି ସବୁ ଯାହା ଯାହା
ଜଣ ଜଣ କରି ସଚେତନ ହୋଇ
ମାନି ନେବା ଆମେ ତାହା ।
ଯେ ସାବାଳକ, ହେଉ ସେ ଚାଳକ
ଲାଇସେନସ୍ ପ୍ରାପ୍ତ ହୋଇ
ଉପଯୁକ୍ତ ଗାଡି କାଗଜପତ୍ର ସହ
ଇନସୁରାନସ ସବୁ ଥାଇ ।
ଗାଈ ଗୋରୁ ଛେଳି ହେଉ ବି କୁକୁର
ପଶୁ ହେଲେ ଅଛି ପ୍ରାଣ
ଅମୂଲ୍ୟ ଜୀବନ ତାଙ୍କୁ ଦିଅ ଧ୍ୟାନ
ସିଏ ବି ଈଶ୍ୱର ଦାନ ।
ତାଙ୍କ ପାଇଁ ଆମେ ପାଉ ଉପକାର
ହେଲେ ବି ସେମାନେ ପଶୁ
ଜୀବେ ଦୟାକର ହେବ ଉପକାର
ଏଇ ଭାବ ମନେ ଆସୁ ।
ସଡ଼କ ଅଟଇ ଜାତୀୟ ସମ୍ପତ୍ତି
ବ୍ୟକ୍ତିଗତ ନୁହେଁ କା'ର
ନିଜେ ବଞ୍ଚି ଆନେ ବଞ୍ଚାଇବା ନୀତି
ସର୍ବଦା ପାଳନ କର ।
ମଦ୍ୟପାନ କରି ଗାଡି ଚଳାଇଲେ
କଠୋର ଦଣ୍ଡିତ କର
ତେବେ ଯାଇ ଗାଡି ଚାଳକ ଚେତିବେ
ମନରେ ରହିବ ଡର ।

**ଗୋରଡ଼ାପାଳ, କରମୂଳ**
**ଢେଙ୍କାନାଳ, ମୋ-୯୯୩୮୮୦୨୪୧୨**

## ଯାଚଞ୍ଚା

### ପ୍ରମୋଦ କୁମାର ମହାପାତ୍ର

ପାଦ ଥାପି ଥାପି ଦେଖ ନୂଆବର୍ଷ ଆସିଲା,
ସଜ ସଜ ଫୁଟା ଫୁଲେ ଚଉଦିଗ ହସିଲା ।
ପୁରୁଣା ବରଷ କଥା ସ୍ମୃତି ହୋଇ ରହିଲା,
କେତେ କଥା,କେତେ ବ୍ୟଥା,
ଅବଶୋଷ ରହିଲା ।
ବିତିଗଲା ଦିନ ସବୁ ଆସିବାର ନୋହିଲା,
ନୂତନ ସୁରୁଜ ଉଇଁ ଏହି କଥା କହିଲା ।
ନୂଆ ସ୍ୱପ୍ନ, ନୂଆ ଆଶା
ପୁଣି ଶୁଭ ମନାସି,
ସ୍ୱାଗତ କରିଲେ ଆମେ ଦୁଇହଜାରପଚିଶି ।
ଭୁଲିଯିବା ଘୃଣା, ହିଂସା ପର କୁତ୍ସା ରଟନା,
ଭେଦ ଭୂଲି କରିଯିବା ସମସ୍ତଙ୍କୁ ଆପଣା ।
ଦୁଃଖେ କେହି ନ ଭୋଗନ୍ତୁ ନିରାମୟ ରୁଅନ୍ତୁ,
ସ୍ନେହ,ପ୍ରେମ ସରାଗରେ ହସି, ଖୁସି ବାଣ୍ଟନ୍ତୁ ।

**କଳାପାଣି,ବରଗଡ଼**
**ମୋ – ୯୪୩୭୫୬୭୮୩୧୧**



ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୨୦୩୬...

ଭାରତର ଏକ ପ୍ରମୁଖ ଗ୍ରୋଥ୍ ଇଞ୍ଜିନ୍ ଭାବରେ ଗଢି ତୋଳିବା । ସେହି ଲକ୍ଷ୍ୟ ନେଇ ରାଜ୍ୟର ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ନିବେଶ କରିବା ସହିତ ଦେଶ ଓ ସାରା ବିଶ୍ୱର ପ୍ରମୁଖ ନିବେଶକମାନଙ୍କୁ ଓଡିଶାରେ ପୁଞ୍ଜି ନିବେଶ କରିବା ପାଇଁ ନିମନ୍ତ୍ରଣ କରୁଛୁ ।

ସେହି ପରିପ୍ରେକ୍ଷୀରେ ମୁଁ ଆମ ଟିମ୍ ଓଡିଶାର ନେତୃତ୍ୱ ନେଇ ଦିଲ୍ଲୀ ଓ ମୁମ୍ବାଇରେ ରୋଡ୍ ଶୋ' କରିବା ସହ ସିଙ୍ଗାପୁର ମଧ୍ୟ ଗସ୍ତ କରିଥିଲି । ସିଙ୍ଗାପୁରରେ ବିଭିନ୍ନ ଅଗ୍ରଣୀ ଶିଳ୍ପ ସଂସ୍ଥା ପରିଦର୍ଶନ କରିବା ସହ ଶିଳ୍ପପତିମାନଙ୍କ ସହ ଆଲୋଚନା କରିଥିଲି । ସିଙ୍ଗାପୁର ସରକାରଙ୍କ ବିଭିନ୍ନ ମନ୍ତ୍ରୀମାନଙ୍କ ସହିତ ମଧ୍ୟ ଆଲୋଚନା କରିବା ସହିତ ସିଙ୍ଗାପୁର ରାଷ୍ଟ୍ରପତିଙ୍କୁ ଓଡିଶା ଆସିବାକୁ ନିମନ୍ତ୍ରଣ କରିଥିଲି । ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ରାଜ୍ୟ ସରକାର ସିଙ୍ଗାପୁର ସହିତ ୮ଟି ଗୁରୁତ୍ୱପୂର୍ଣ୍ଣ ଏମଓୟୁ କରିଛନ୍ତ । ଏହି ୮ଟି ଏମଓୟୁ ଦ୍ୱାରା ଆମେ ଓଡିଶା ପାଇଁ ୮ଟି ସୁନିଶ୍ଚିତ ପ୍ରକଳ୍ପ ଲକ୍ଷ୍ୟ ରଖିଛୁ । ଏଗୁଡିକ କାର୍ଯ୍ୟକାରୀ ହେବା ପରେ ସମ୍ପୃକ୍ତ କ୍ଷେତ୍ର ଗୁଡିକରେ ଆମ ରାଜ୍ୟ ଓଡିଶା ବିଶ୍ୱର ଅଗ୍ରଣୀ ଦେଶ ମାନଙ୍କ ସହିତ ସମକକ୍ଷ ହୋଇପାରିବ ।

ଇଡକୋ ସହ ସିଙ୍ଗାପୁରର ସେମ୍ବକର୍ପର ଏମଓୟୁ ଜରିଆରେ ଓଡିଶାରେ ବିଶ୍ୱ ସ୍ତରୀୟ ବହୁମୁଖୀ ଶିଳ୍ପ ପାର୍କ ପ୍ରତିଷ୍ଠା କରାଯିବା ପାଇଁ ସୁଯୋଗ ସୃଷ୍ଟି ହୋଇଛି । ଏହି ପାର୍କ ଗୁଡିକରେ ଅତ୍ୟାଧୁନିକ ଟେକ୍ନୋଲୋଜିର ପ୍ରୟୋଗ କରାଯିବା ସହିତ ଏହି ପ୍ରୋଜେକ୍ଟ ଗୁଡିକ ଯେପରି ସ୍ଥାୟୀ ହେବ, ସେଥିପ୍ରତି ଦୃଷ୍ଟି ଦିଆଯିବ । ଇପିକଲ୍ ସହିତ ମଧ୍ୟ ସେମ୍ବକର୍ପର ଏକ ଏମଓୟୁ ହୋଇଛି । ଏଥିରେ ପାରାଦୀପରେ ଏକ ଗ୍ରୀନ ସିପିଙ୍ଗ୍ କରିଡର୍ ଓ ଏକ ଗ୍ରୀନ ହାଇଡ୍ରୋଜେନ୍ ପ୍ଲାଣ୍ଟ ସ୍ଥାପନ କରାଯିବ । ଏହା ଦ୍ୱାରା ଭାରତର ଗ୍ରୀନ ଏନର୍ଜି କ୍ଷେତ୍ରରେ ଓଡିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ହାସଲ କରିପାରିବ ।

ଇପିକଲ୍ ଓ ସିଙ୍ଗାପୁରର ସୁରବନ୍ ଜୁରଙ୍ଗ୍ ମଧ୍ୟରେ ହୋଇଥିବା ଏମଓୟୁ ଅନୁଯାୟୀ ପାରାଦୀପ ପିସିପିଆଇଆର ଅଞ୍ଚଳର ବିକାଶ ପାଇଁ ଏକ ବିସ୍ତୃତ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯିବ । ବିଡିଏ ଓ ସୁରବନ୍ ଜୁରଙ୍ଗ୍ ସହିତ ଯେଉଁ ଏମଓୟୁ ହୋଇଛି, ସେଥିରେ ଭୁବନେଶ୍ୱର ନିକଟରେ ଏକ ଅତ୍ୟାଧୁନିକ ସହରର ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରାଯିବ । ଅତ୍ୟାଧୁନିକ ସହରାଞ୍ଚଳ ଯୋଜନା ପ୍ରସ୍ତୁତ କରିବାରେ ସୁରବନ୍ ଜୁରଙ୍ଗର ଦକ୍ଷତା ଓ ଅଭିଜ୍ଞତା ଆମକୁ ନିଶ୍ଚୟ ସହାୟକ ହେବ । ଆମ ସରକାରଙ୍କ ଶକ୍ତି ବିଭାଗ, ଭୁବନେଶ୍ୱର ଆଇଆଇଟି ଓ ସିଙ୍ଗାପୁରର ନାନ୍ୟାଙ୍ଗ୍ ଟେକ୍ନୋଲୋଜିକାଲ ୟୁନିଭର୍ସିଟି ମଧ୍ୟରେ ଏକ ତ୍ରି-ପାକ୍ଷିକ ଏମଓୟୁ କରାଯାଇଛି । ଏହାଦ୍ୱାରା ଭବିଷ୍ୟତରେ ଆମର ଶକ୍ତି ଆବଶ୍ୟକତା ପୂରଣ କରିବା ପାଇଁ ଗ୍ରୀନ ହାଇଡ୍ରୋଜେନ୍ ଓ ସୋଲାର୍ ଏନର୍ଜି ପରି ବିଭିନ୍ନ ବିକଳ୍ପ ସମାଧାନର ସୂତ୍ର ବାହାର କରାଯିବ ।

ଓଡିଶା ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ସହିତ ସିଙ୍ଗାପୁରର ଗ୍ଲୋବାଲ ଫାଇନାନ୍ସ ଓ ଟେକ୍ନୋଲୋଜି ନେଟ୍‌ୱାର୍କ ଏବଂ ଜିଏଫ୍‌ଟିଏନ୍ ସହିତ ଯେଉଁ ଏମଓୟୁ ହୋଇଛି । ସେଥିରୁ ଫାଇନାନ୍ସିଆଲ୍ ଟେକ୍ନୋଲୋଜି ଇକୋସିଷ୍ଟମର ବିକାଶ କରିବା ପାଇଁ ଲକ୍ଷ୍ୟ ରଖିଛୁ । ଦକ୍ଷତା କ୍ଷେତ୍ରରେ ଆମେ ଯଥେଷ୍ଟ ଅଗ୍ରଗତି କରିଛୁ । କିନ୍ତୁ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡିଶାରେ ଏକ ବିଶ୍ୱସ୍ତରୀୟ ଦକ୍ଷତାସମ୍ପନ୍ନ ବ୍ୟକ୍ତି ପ୍ରସ୍ତୁତ କରିବା ଆମର ଲକ୍ଷ୍ୟ । ଆଧୁନିକ ସହରାଞ୍ଚଳ ଯୋଜନା ଠାରୁ ଆରମ୍ଭ କରି ନୂତନ ସହର ପ୍ରତିଷ୍ଠା, ପେଟ୍ରୋଲିୟମ, କେମିକାଲ୍ସ, ଗ୍ରୀନ ଏନର୍ଜି ଓ ଦକ୍ଷତା ବିକାଶ ପରି ଆଧୁନିକ କ୍ଷେତ୍ରର ବିକାଶ ପାଇଁ ବର୍ତ୍ତମାନ ଆମର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ପ୍ରସ୍ତୁତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଓଡିଶାର ବିକାଶ ଉପରେ ସ୍ୱତନ୍ତ୍ର ଫୋକସ୍ ରହିଛି । ଡବଲ ଇଞ୍ଜିନ୍ ସରକାରରେ ମିଳିତ ସହଯୋଗ ଯୋଗୁ ଆମର ବିକାଶମୂଖୀ ପଦକ୍ଷେପ ଉପରେ ଏକ ବହୁବିଧ ପ୍ରଭାବ ପଡିଛି ।

## ସଞ୍ଜୟ...

ସଞ୍ଜୟ ରୟଙ୍କ ନାଁରେ ଭାରତୀୟ ନ୍ୟାୟ ସଂହିତାର ଧାରା ୬୪ , ୬୬ ଓ ୧୦୩-୧ରେ ମାମଲା ରୁଜୁ ହୋଇଥିଲା । ଧାରା ୬୪ ପାଇଁ ସର୍ବାଧିକ ଦଣ୍ଡ ଆଜୀବନ କାରାଦଣ୍ଡ ହୋଇଥିବା ବେଳେ ଧାରା ୬୬ ପାଇଁ ସର୍ବାଧିକ ଦଣ୍ଡ ଆଜୀବନ କାରାଦଣ୍ଡ ବା ମୃତ୍ୟୁଦଣ୍ଡ ଏବଂ ୧୦୩ (୧) ପାଇଁ ସର୍ବାଧିକ ଦଣ୍ଡ ଆଜୀବନ କାରାଦଣ୍ଡ ବା ମୃତ୍ୟୁଦଣ୍ଡ ରହିଛି । ତେଣୁ ସୋମବାର କୋର୍ଟ ସଞ୍ଜୟ ରୟଙ୍କୁ କି ଦଣ୍ଡ ଶୁଣାଇବେ, ତାକୁ ସମସ୍ତେ ଅପେକ୍ଷା କରିଛନ୍ତି ।

କୋର୍ଟଙ୍କ ଏହି ରାୟ ଆସିବା ବେଳେ ମୃତ ଟ୍ରେନି ଡାକ୍ତରଙ୍କ ବାପା ସେଠାରେ ଉପସ୍ଥିତ ଥିଲେ । ସେ କାନ୍ଦି ଥିଲେ ଓ ବିଚାରପତିଙ୍କୁ କହିଥିଲେ, ଆପଣଙ୍କ ଉପରେ ମୋର ସଂପୂର୍ଣ୍ଣ ବିଶ୍ୱାସ ଥିଲା । ଆମ ବିଶ୍ୱାସକୁ ସମ୍ମାନ ଦେଇଥିବାରୁ ଆପଣଙ୍କୁ ଧନ୍ୟବାଦ । ଆଜି କୋର୍ଟଙ୍କ ରାୟ ଆସିବା ପରେ କେନ୍ଦ୍ର ମନ୍ତ୍ରୀ ସୁକାନ୍ତ ମଜୁମଦାର କହିଛନ୍ତି, କୋର୍ଟ ତାଙ୍କୁ (ସଞ୍ଜୟ ରୟ) ଦୋଷୀ ସାବ୍ୟସ୍ତ କରିଛନ୍ତି । କିନ୍ତୁ ପଶ୍ଚିମବଙ୍ଗବାସୀ ବିଶ୍ୱାସ କରୁଛନ୍ତି ଯେ ଏହି ମାମଲାରେ ଏକାଧିକ ଲୋକଙ୍କ ସଂପୃକ୍ତି ରହିଛି । ସେହିପରି ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ଜଣେ ଜୁନିୟର ଡାକ୍ତର କହିଛନ୍ତି, ଆମେ ପ୍ରଥମ ଦିନରୁ କହି ଆସୁଛୁ ଯେ ତା' (ସଞ୍ଜୟ ରୟ) ଭଳି ଜଣେ ସିଭିକ ପୁଲିସ ସେଚ୍ଛାସେବୀ କିଭଳି ମେଡିକାଲ କଲେଜ ଭିତରକୁ ପ୍ରବେଶ କରିବାକୁ ଅନୁମତି ପାଇଲା ଓ ଏମିତି ଏକ ଅପରାଧ ଘଟାଇଲା । ପ୍ରମାଣକୁ ନଷ୍ଟ କରାଯାଇଛି । ସିବିଆଇ ଚାର୍ଜଶିଟରେ ମଧ୍ୟ ଏହା ଉଲ୍ଲେଖ ଅଛି । ଏହି ଘଟଣା ପଛରେ ଏକାଧିକ ଅପରାଧୀଙ୍କ ହାତ ରହିଛି, ଯେଉଁମାନେ ଏବେ ନିର୍ଭୟରେ ବୁଲୁଛନ୍ତି । ତେଣୁ ସେମାନଙ୍କୁ ଗିରଫ କରାଯାଉ ଓ ଦଣ୍ଡ ଦିଆଯାଉ । ଆମର ଲଢେଇ ଜାରି ରହିବ । ସୂଚନାଯୋଗ୍ୟ ଯେ ୨୦୨୪ ଅଗଷ୍ଟ ୯ ତାରିଖରେ ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ସେମିନାର ହଲରୁ ମିଳିଥିଲା ଟ୍ରେନି ଡାକ୍ତରଙ୍କ ମୃତଦେହ । ତାଙ୍କୁ ନ୍ୟାୟ ଦେବା ପାଇଁ ସାରା ଦେଶରେ ଉଠିଥିଲା ସ୍ୱର । ବିଶେଷ କରି ସେହି ମେଡିକାଲ କଲେଜ ଓ ହସ୍ପିଟାଲର ଜୁନିୟର ଡାକ୍ତରଙ୍କ ଆନ୍ଦୋଳନ ପଶ୍ଚିମବଙ୍ଗ ସରକାରଙ୍କୁ ଦୋହଲାଇ ଦେଇଥିଲା । ସେଠାକାର ସରକାର ମାମଲାର ତଦନ୍ତ ଭାର ସିବିଆଇଙ୍କୁ ହସ୍ତାନ୍ତର କରିଥିଲେ । ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷଙ୍କୁ ସିବିଆଇ ଗିରଫ କରିଥିଲା । ତାଙ୍କ ସହିତ ସ୍ଥାନୀୟ ଥାନା ଅଧିକାରୀଙ୍କୁ ସିବିଆଇ ଗିରଫ କରିଥିଲା । ସେମାନେ ପ୍ରମାଣ ନଷ୍ଟ କରିଥିଲେ ବୋଲି ଅଭିଯୋଗ ହୋଇଥିଲା । ତେବେ ସେମାନେ ଜାମିନ ପାଇଥିଲେ । କିନ୍ତୁ ମେଡିକାଲ କଲେଜରେ ହୋଇଥିବା ଆର୍ଥିକ ଅନିୟମିତତା ନେଇ ଅନ୍ୟ ଏକ ମାମଲାରେ ସନ୍ଦୀପ ଘୋଷ ଜେଲରେ ଅଛନ୍ତି ।

## ଓଡ଼ିଶା...

ବ୍ୟବସ୍ଥାକୁ ସମନ୍ୱିତ କରାଯାଇଛି ଯାହା ସମଗ୍ରଓଡିଶାରେ ବାସ୍ତବ ସମୟ ନେଟୱାର୍କ ନିରୀକ୍ଷଣ, ନିରବଚ୍ଛିନ୍ନ ବ୍ୟବସ୍ଥା ପରିଚାଳନା ଏବଂ ଭରସାଯୋଗ୍ୟ ବିଦ୍ୟୁତଯୋଗାଣ ସୁନିଶ୍ଚିତ କରିବ। ଏହା ସମଗ୍ର ରାଜ୍ୟରେ ନିରବଚ୍ଛିନ୍ନ ସେବା ଯୋଗାଣକୁ ସୁନିଶ୍ଚିତ କରିବା ସହିତ ବିଦ୍ୟୁତବିତରଣ ନେଟୱାର୍କର ସ୍ଥିରତାରେ ଉନ୍ନତି ଆଣିବାରେ ସହାୟକ ହେବ।ଏହି ବିଦ୍ୟୁତ୍ ବଂଟନ ପ୍ରଯୁକ୍ତି କେନ୍ଦ୍ର ଓଡ଼ିଶାକୁ ଶକ୍ତି ବିତରଣ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଉନ୍ନତ ଭିତ୍ତିଭୂମି ଏବଂ ଜ୍ଞାନକୌଶଳ ସହିତ ଏହା ରାଜ୍ୟ ପାଇଁ ସ୍ଥିର ଏବଂ ବିଶ୍ୱସନୀୟ ଶକ୍ତି ସୁନିଶ୍ଚିତ କରିବ। ଏହା ଭବିଷ୍ୟତରେ ପ୍ରସ୍ତୁତ ଶକ୍ତି ବ୍ୟବସ୍ଥା ପାଇଁ ଆମର ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି ଯାହାଉଭୟ ଉପଭୋକ୍ତା ଏବଂ ଶିଳ୍ପକୁ ସମର୍ଥନ କରୁଛି। ଓଡ଼ିଶାରେ ବିଦ୍ୟୁତ୍ ବଂଟନକୁ ସୁଦୃଢ଼ କରିବା ଦିଗରେ ଟାଟାପାୱାରର ଅତୁଟ ପ୍ରତିବଦ୍ଧତାକୁ ମୁଁ ପ୍ରଶଂସା କରୁଛି ବୋଲି ଉଦ୍ଘାଟନ ଅବସରରେ ଉପମୁଖ୍ୟମନ୍ତ୍ରୀ ତଥାଶକ୍ତି ମନ୍ତ୍ରୀ କେଭି ସିଂହଦେଓ କହିଛନ୍ତି।ଉନ୍ନତ ନେଟୱାର୍କ ବିଶ୍ୱସନୀୟତା ଏବଂ ସଠିକ ପରିଚାଳନା ନିୟନ୍ତ୍ରଣ ସୁନିଶ୍ଚିତ କରିବା ପାଇଁ ଏହା ଉନ୍ନତ ବିତରଣ ପରିଚାଳନା ପ୍ରଣାଳୀ (ଏଡିଏମଏସ) ସହିତ ସୁସଜ୍ଜିତ। ଭୌଗୋଳିକ ସୂଚନା ପ୍ରଣାଳୀ (ଜିଆଇଏସ୍) ପ୍ରଯୁକ୍ତି, ସମ୍ପିପରିଚାଳନା ଏବଂ ଉପଭୋକ୍ତା ସୂଚକାଙ୍କକୁ ସୁବ୍ୟବସ୍ଥିତ କରୁଥିବା ବେଳେ ୟୁଟିଲିଟି ଡାଟା ଷ୍ଟ୍ରିମ୍ (ୟୁଡିଏସ୍)ଜିଆଇଏସ୍, ବିଲିଂ ଏବଂ ମିଟର ପରିଚାଳନାର ସମନ୍ୱୟ ମାଧ୍ୟମରେ ଶକ୍ତି ଅଡିଟ୍‌କୁ ସ୍ୱୟଂଚାଳିତ କରିଥାଏ। ଏହା ବାସ୍ତବ ସମୟରେ ପାଣିପାଗ ନିରୀକ୍ଷଣ, ଉପଗ୍ରହ ଯୋଗାଯୋଗ ଏବଂ ପରିଚାଳନାଗତ ନିରନ୍ତରତାକୁ ଆହୁରି ସୁଦୃଢ଼କରିବ।ପିଏସସିସି ୩୩ କେଭି ନେଟୱାର୍କ ପରିଚାଳନା କରିଥାଏ, ଯେଉଁଥିରେ ୨୨୪ଟି ସ୍କାଡା-ସମନ୍ୱିତ ପ୍ରାଥମିକ ସବ୍‌ଷ୍ଟେସନ ଏବଂ ସେମାନଙ୍କ ସହ ଜଡିତ ୧୧ କେଭି ଭିତ୍ତିଭୂମି ଅନ୍ତର୍ଭୁକ୍ତ ଯାହା ନେଟୱାର୍କ ବିଶ୍ୱସନୀୟତା ଏବଂଦକ୍ଷତାକୁ ସୁଦୃଢ଼ କରୁଛି। ଏହି ସୁବିଧା କେନ୍ଦ୍ରରେ ଏକ ସୁଦୃଢ଼ ଡାଟା ସେଣ୍ଟର ରହିଛି ଯେଉଁଥିରେ ୧୦୦ରୁ ଅଧିକ ଥାକ (ରାକ୍) ଏବଂ ୪୦୦ରୁ ଅଧିକ ସର୍ଭର ରହିଛି। ଏହି ଭିତ୍ତିଭୂମି ୱେବସାଇଟ୍, ମୋବାଇଲ୍ ଆପ୍, କଲ୍ ସେଂଟରଏବଂ ବିଲିଂ ସିଷ୍ଟମ୍ ପରି ଗୁରୁତ୍ୱପୂର୍ଣ୍ଣ ଉପଭୋକ୍ତା ସେବାକୁ ସମର୍ଥନ କରୁଛି । ବୈଷୟିକ ଦକ୍ଷତା ବ୍ୟତୀତ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍ ପାଇଁ ବିପର୍ଯ୍ୟୟ ପୁନରୁଦ୍ଧାର ବ୍ୟବସ୍ଥାକୁ ସୁଦୃଢ଼ କରୁଛି ଏହି କେନ୍ଦ୍ର । ଏହି ପିଏସସିସି ଟିପିସିଓଡିଏଲ ପାଇଁ ମୁଖ୍ୟ ନିୟନ୍ତ୍ରଣ କେନ୍ଦ୍ର (ଏମସିସି) ଏବଂ ଟିପିଡବ୍ଲୁଓଡିଏଲ, ଟିପିଏସଓଡିଏଲ ଏବଂ ଟିପିଏନଓଡିଏଲ ପାଇଁ ବ୍ୟାକଅପ୍ କଂଟ୍ରୋଲ ସେଂଟର (ବିସିସି) ଭାବରେକାର୍ଯ୍ୟ କରିବ ଯାହା କୌଣସି ସମ୍ଭାବ୍ୟ ବାଧା ସମୟରେ ବ୍ୟବସାୟର ନିରନ୍ତରତାକୁ ସୁନିଶ୍ଚିତ କରିବ। ସେହିଭଳି ସମ୍ବଲପୁରରେ ଥିବା ବିସିସି ସମଗ୍ର ଓଡ଼ିଶାରେ ନିରବଚ୍ଛିନ୍ନ ସେବା ଯୋଗାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ବିତରଣ ବ୍ୟବସାୟ ହାତକୁ ନେବା ପରଠାରୁ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍‌ଗୁଡ଼ିକ ବିଶ୍ୱସନୀୟ ଏବଂସ୍ଥାୟୀ ଶକ୍ତି ଯୋଗାଇବା ପାଇଁ କ୍ରମାଗତ ଭାବରେ ସେମାନଙ୍କ ଭିତ୍ତିଭୂମିରେ ଉନ୍ନତି ଆଣିଛନ୍ତି। ଉନ୍ନତ ପ୍ରଯୁକ୍ତି ବିଦ୍ୟା କେନ୍ଦ୍ରକୁ ସ୍ଥାନାନ୍ତର ଉପଭୋକ୍ତା ଏବଂ ଅଂଶୀଦାରଙ୍କ ଲାଭ ପାଇଁ ଉନ୍ନତ ଜ୍ଞାନକୌଶଳର ଉପଯୋଗ କରିବାକୁରହିଥିବା କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ପ୍ରଯୁକ୍ତି କେନ୍ଦ୍ର ଉଦ୍ଘାଟନ ଟାଟା ପାୱାର ଓଡ଼ିଶା ଡିସକମ୍‌ର ପ୍ରଯୁକ୍ତିଭିକ ସୁଦୃଢ଼ ବିଦ୍ୟୁତ ବିତରଣ ବ୍ୟବସ୍ଥା ସୃଷ୍ଟି କରିବାର ସାମୂହିକ ଲକ୍ଷ୍ୟକୁ ଦର୍ଶାଉଛି। ଏହି ଅତ୍ୟାଧୁନିକ ସୁବିଧା ଓଡ଼ିଶା ଡିସକମଗୁଡ଼ିକ ଦେଶର ଅନ୍ୟତମ ଅତ୍ୟାଧୁନିକ ଡିସକମରେ ପରିଣତ କରିବାରେ ସହାୟକ ହେବ ଏବଂ ରିୟଲ୍ ଟାଇମ୍ ନେଟୱାର୍କ ମନିଟରିଂ ଏବଂ ନିରବଚ୍ଛିନ୍ନ ପରିଚାଳନା ମାଧ୍ୟମରେ ୫ କୋଟିରୁ ଅଧିକ ଉପଭୋକ୍ତାଙ୍କୁ ସେବା ଯୋଗାଇବ।

## ସୀମାରେ...

କରିଥିଲେ । ଯାହାକୁ ଯବାନ ଠାବ କରି ନକ୍ସଲଙ୍କର ଅଣ୍ଟା ଭାଙ୍ଗି ଦେଇଛନ୍ତି । ଏହି ସୁଡଙ୍ଗ ଠାବ ପରେ ନକ୍ସଲଙ୍କୁ ଆଉ ବନ୍ଧୁକ ଏବଂ ବୋମା ମିଳିବା କଷ୍ଟକର ହୋଇପଡିବ । ଯବାନ ଏବେ ଆବୁଝମାଡ ଜଙ୍ଗଲକୁ ତନ୍ନତନ୍ନ କରି ସର୍ଚ୍ଚ କରୁଛନ୍ତି । ଜଙ୍ଗଲରେ ନକ୍ସଲଙ୍କର ଏଭଳି ସୁଡଙ୍ଗକୁ ଠାବ କରି ତାକୁ ଧ୍ୱଂସ କରୁଛନ୍ତି ।ତେବେ ଏହି ଅପରେସନରେ ଦୁଇଟି ବଡ଼ ସଫଳତା ଯବାନଙ୍କୁ ମିଳିବା ପରେ ସେମାନଙ୍କର ମନୋବଳ ବଢିଥିବା ପୁଲିସ କହିଛି ।

## ଏ ବର୍ଷ...

୧, ୫୪, ୯୩୭ , ବ୍ଲାକ ଟେଲଡ୍ ଗଡ୍‌ୱାଇଟି ( ଡାଙ୍ଗୁଆ ହଂସ )୬୮, ୦୭୯ ଏବଂ କମନ କୁଟ ୫୪,୭୮୭ ଅଛନ୍ତି ।

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଅଧିନ ୫ ଗୋଟି ରେଞ୍ଜ ତଥା ଟାଙ୍ଗୀ, ବାଲୁଗାଁ, ଚିଲିକା, ସାତପଡ଼ା ଏବଂ ରମ୍ଭା ଚିଲିକା ଅଞ୍ଚଳରେ ଏହି ପକ୍ଷୀ ଗଣନା ହୋଇଥିଲା । ବାଲୁଗାଁ ରେଞ୍ଜ ଅଧିନ ପକ୍ଷୀ ଅଭୟାରଣ୍ୟ ନଳବଣରେ ସର୍ବାଧିକ ସଂଖ୍ୟାରେ ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ଦ୍ୱିତୀୟରେ ଟାଙ୍ଗୀ ରେଞ୍ଜ ଅନ୍ତର୍ଗତ ମଙ୍ଗଳାଯୋଡ଼ି, ସୁନ୍ଦରପୁର, ଭୂଷଣ୍ଡପୁର ଅଞ୍ଚଳ ଏବଂ ସର୍ବନିମ୍ନ ଭାବେ ରମ୍ଭା ରେଞ୍ଜରେ ପକ୍ଷୀଙ୍କ ସମାଗମ ହୋଇଛି । ବିଭାଗ ପକ୍ଷରୁ ସମଗ୍ର ଚିଲିକାକୁ ୨୧ ଟି ଜୋନ ରେ ବିଭକ୍ତ କରାଯାଇ ୨୧ ଟି ଦଳକୁ ପକ୍ଷୀ ଗଣନା କାର୍ଯ୍ୟରେ ନିୟୋଜିତ କରାଯାଇଥିଲା । ସଡ଼କ ପଥରେ ୨ ଗୋଟି ଗ୍ରୁପ ଏବଂ ଜଳ ପଥରେ ୧୯ ଟି ଗ୍ରୁପ ଡ଼ଙ୍ଗାରେ ରହି ପକ୍ଷୀ ଗଣନା କରିଥିଲେ । ସମସ୍ତ ଗ୍ରୁପକୁ ବାଇନାକୁଲାର, ୱାକିଟକି, ଜି ପି ଏସ ଏବଂ ଭିଏଚଏଫ ଆଦି ଯନ୍ତ୍ରାଂଶ ଯୋଗାଇ ଦିଆଯାଇଥିଲା। ପକ୍ଷୀ ଅଭୟାରଣ୍ୟ ନଳବଣରେ କେବଳ ୬ ଟି ଦଳ ରହି ପକ୍ଷୀ ଗଣନା କରିଥିବା ବେଳେ ସ୍ଥଳ ପଥରେ ତଥା ଉପକୂଳବର୍ତ୍ତୀ ଅଞ୍ଚଳରେ ୨ ଟି ଏବଂ ଅବଶିଷ୍ଟ ୧୩ ଟି ଦଳ ବାଲୁଗାଁ ନିକଟ ଚନ୍ଦ୍ରାପୁଟ ଠାରୁ କଳିଯୁଗେଶ୍ୱର ପାହାଡ଼, ମଙ୍ଗଳାଯୋଡି ଠାରୁ କାଳୁପଡା, ଭୂଷଣ୍ଡପୁର, ସୁନ୍ଦରପୁର, ସୋରଣ, ନଈରୀ, ବାଲିପାଟପୁର, ଅଭିମାନପୁର, ସାତଭାୟା ଏବଂ ତିନିମୁହାଣ ପର୍ଯ୍ୟନ୍ତ, ପୁରୀ ଜିଲ୍ଲା କୃଷ୍ଣପ୍ରସାଦ, ସାତପଡା ଠାରୁ ଗମ୍ଭାରୀ, ବଡଗୋଠ, ଗୁରୁବାଇ ଏବଂ ଅରଖକୁଦା, ରମ୍ଭା ନିକଟ ପାଲୁର ଠାରୁ ଶିଆଳ ଏବଂ ମାଲୁଦ ଚିଲିକା ଅଞ୍ଚଳରେ ଗଣନା କରିଥିଲେ । ଶନିବାର ଭୋର ୬ ଟାରୁ ମଧ୍ୟାହ୍ନ ୧ ଘଟିକା ପର୍ଯ୍ୟନ୍ତ ଗଣନା ହୋଇଥିଲା ଝ ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ ସୋସାଇଟିର ନିର୍ଦ୍ଦେଶକ ଡ଼ଃ ସୁଜିତ, ବନ୍ୟପ୍ରାଣୀ ବିଭାଗ ପି ସି ସି ଏଫ ପ୍ରେମ କୁମାର ଝା, ସିଡିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ମନୋଜ ଭି. ନାୟାର, ବନ୍ୟପ୍ରାଣୀ ବିଭାଗ ମୁଖ୍ୟ ସଂରକ୍ଷକ ବିକାଶ ରଞ୍ଜନ ଦାସ,ବରିଷ୍ଠ ବିଶେଷଜ୍ଞ ଆର. ଏନ. ସାମଲ, ଡ଼ି ଏଫ ଓ ଅମ୍ଲାନ ନାୟକ, ଏ ସି ଏଫ ପ୍ରମୋଦ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ଗଣନା କାର୍ଯ୍ୟରେ ଦିଗଦର୍ଶନ ଦେଇଥିଲେ । ସି ଡ଼ି ଏ ଓ ବନ୍ୟପ୍ରାଣୀ ବିଭାଗ କର୍ମଚାରୀ ସମେତ ଓୟୁଏଟି, ଡବ୍ଲୁ ଡବ୍ଲୁ ଏଫ ଇଣ୍ଡିଆ, ୱାଇଲଡ ଓଡିଶା, ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର ଏବଂ ଛାତ୍ରୀଛାତ୍ରଙ୍କ ସମେତ ମୋଟ ୧୩୦ ଜଣ ଏହି ଗଣନା କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ । ତେବେ ଚଳିତ ବର୍ଷ ଚିଲିକାରେ ଜଳସ୍ତର ଅଧିକ ଥିବା ହେତୁ ଉପଯୁକ୍ତ ଖାଦ୍ୟଅଭାବରୁ ଚିଲିକା ମୋହ ଛାଡି ପକ୍ଷୀ ସବୁ ଉପକୂଳବର୍ତ୍ତୀ ଧାନ କ୍ଷେତ ମାନଙ୍କରେ ଆଶ୍ରୟ ନେଇଛନ୍ତି, ଯାହାକି ଗଣନା ବେଳେ ପକ୍ଷୀ ସଂଖ୍ୟା ହ୍ରାସର ମୂଳ କାରଣ ବୋଲି ଡ଼ିଏଫଓ ଅମ୍ଲାନ ନାୟକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

# ଅଗ୍ନିବିପନ୍ନ ପରିବାରକୁ ସହାୟତା

ନୀଳଗିର,(ସବ୍ୟୁ) :ନୀଳଗିରି ଏନ୍‌ଏସି ଅଧିନ ୧୧ନମ୍ବର ୱାର୍ଡ କ୍ଷେତ୍ରସନସାହି ଅଞ୍ଚଳର ବାସିନ୍ଦା ରଥିଆ ସିଂଙ୍କ ପୁତ୍ର ପ୍ରଦୀପ ସିଂଙ୍କ ଘର ବିଦ୍ୟୁତ ସଟ୍‌ସାର୍କିଟରେ ପୋଡ଼ି ଯାଇଥିଲା । ଏହି ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବ ପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା । ଖବରପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ପ୍ରଦୀପଙ୍କ ଘରେ ପହଞ୍ଚି ତମ୍ବୁ, ପିନ୍ଧାବସ୍ତ୍ର,ଶୀତବସ୍ତ୍ର ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହାଛଡ଼ା ସରକାରୀସ୍ତରରେ ସହାୟତା ଯୋଗାଇ ଦେବାକୁ ପ୍ରତିଶୃତି ମଧ୍ୟ ଦେଇଥିଲେ । ଏହି ଅବସରରେ ନୀଳଗିରି ଏନ୍‌ଏସି ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା ୧୧ନମ୍ବର ୱାର୍ଡ କାଉନସିଲର ସୁଲୋଚନା ଖଟୁଆଙ୍କ ସମେତ ବାଲେଶ୍ୱର ଯୁବମୋର୍ଚ୍ଚା ଉପସଭାପତି ଦେବାଶିଷ ଆଚାର୍ଯ୍ୟ,ପଙ୍କଜ କୁମାର ପଣ୍ଡା, ରୁଦ୍ରେଶ୍ୱର ପାତ୍ର, ରାଜେନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ସରିଲା ପକ୍ଷୀ ଗଣନା: ୫୬ଟି ପ୍ରଜାତିର ପକ୍ଷୀ ଠାବ, ବିରଳ ଲେସର ହୁଇଲ ଡ଼କ୍ ଚିହ୍ନଟ

ନୀଳଗିରି (ସବ୍ୟୁ) :ପ୍ରତିବର୍ଷ ଭଳି ଚଳିତବର୍ଷ ଜାନୁଆରୀ ମାସରେ କୁଲଡ଼ିହା ବନବିଭାଗ ପକ୍ଷରୁ ଚଳିତମାସ ୧୮ ତାରିଖ ଦିନ ପକ୍ଷୀଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୁଲଡ଼ିହା ରେଞ୍ଜ ଅଧିକାରୀ ସୁବ୍ରତ ବେହେରାଙ୍କ ନେତୃତ୍ୱରେ ୧୫ଜଣ ଅଧିକ କର୍ମଚାରୀଙ୍କୁ ନେଇ ଖୁମକୁଟ, ରିଷିଆ, ବଗାଳିବନ୍ଦ ପ୍ରମୁଖ ଅଞ୍ଚଳରେ ପକ୍ଷୀ ଗଣନା କରାଯାଇ ୫୬ ପ୍ରଜାତିର ପକ୍ଷୀ ଠାବ କରାଯାଇଛି । ସବୁଦାୟ ୧୦୫୦ଟି ପକ୍ଷୀ ଗଣନା କରାଯାଇଛି ବୋଲି ରେଞ୍ଜର ଶ୍ରୀ ବେହେରା ସୂଚନା ଦେଇଛନ୍ତି । ଖୁମକୁଟ ଅଞ୍ଚଳରୁ ୧୮୮ଟି , ରିଷିଆ ଅଞ୍ଚଳରୁ ୨୦୬ଟି ବୁଗାଲି ବନ୍ଦରୁ ୬୫୬ଟି ପକ୍ଷୀ ଠାବ କରାଯାଇଛି। ଇଣ୍ଡିଆର ଲେସର,ହୁଇସଲଡକ୍ ଚିହ୍ନଟ ହୋଇଛି ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପକ୍ଷୀ ଗଣନାରେ ଓଡ଼ିଶା ଓୟୁଏଟିର ଛାତ୍ରଛାତ୍ରୀ ସର୍ବଶ୍ରୀ ଅସିତ୍ ପରିଡ଼ା ,ନୀହାରିକା ପ୍ରଧାନ, ପ୍ରତୀକ ରଣଜିତ, ଟି.ଗଣନାୟକ, ଶ୍ରୀୟାନ କୁମାର ଗୌଡ଼, ରଶ୍ମିରଂଜନ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ। ପ୍ରତିବର୍ଷ ଟୁରିଷ୍ଟ ଗାଇଡ ମନୋରଂଜନ ଦାସଙ୍କୁ ବିଭାଗ ପକ୍ଷରୁ ସହଯୋଗ କରିବା ପାଇଁ ଚିଠି କରାଯାଇଥାଏ । ମାତ୍ର ଚଳିତ ବର୍ଷ ବନବିଭାଗ ପକ୍ଷରୁ ତାଙ୍କୁ କୌଣସି ପ୍ରକାର ସହଯୋଗ ନମଳିବାରୁ ଶ୍ରୀ ଦାସ କ୍ଷୋଭ ପ୍ରକାଶ କରିଛନ୍ତି । ପ୍ରତ୍ୟେକ କ୍ଷେତ୍ରରେ ମନୋରଂଜନ ଦାସ ବନବିଭାଗକୁ ସହଯୋଗ କରିଆସୁଥିବା ବେଳେ ତାଙ୍କୁ ଚଳିତବର୍ଷ ପକ୍ଷୀଗଣନା ପାଇଁ ନଡାକିବା ପଛରେ କଣ କାରଣ ରହିଛି ସେନେଇ ସାଧାରଣରେ ଚର୍ଚ୍ଚା ଯୋର ଧରିଛି ।


**LOST**

I, **Biswajit Mishra,** aged about 25 years, S/o: Kunal Chandra Mishra, At: Haripur, PO: Buxi Bazar, PS: Purighat, Dist.: Cuttack, declare that when carrying the ROR/Patta vide Khata No.: 143, Plot No.: 771, Area: Ac. 092 Dec. of my Grand Father Late Kishore Chandra Mishra has been lost at Dolamudai area on 17.01.2025. I have made diligent efforts to locate the lost document but have been unsuccessful. If anybody find this ROR/Patta please inform me on **Mob.: 7978187936**

**AFFIDAVIT**

I, Ashok Kumar Khandelwalla, S/o - Muralidhar Khandelwalla, resident of At- Lalbazar, Po/Ps - Baripada, Dist- Mayurbhanj, Odisha, Pin - 757001 declare by this affidavit No.- 03/vol-11, dtd.- 04.01.2025 that I shall be known as **ASHOK KUMAR KHANDELWAL** for all future purposes.
**Sd/- Ashok Kumar Khandelwal**

**AFFIDAVIT**

I, Dharma Chand Agrawal, S/o- Late Ram Karan Agrawal, resident of Ward No. - 12, Durgamandap Road, Po/Ps - Kesinga, Dist - Kalahandi, Odisha, Pin - 766012 declare by this affidavit No - 478 dtd.- 15.01.2025 that now onwards I shall be known as **DHARAM CHAND AGRAWAL** for all future purposes.
**Sd/- Dharam Chand Agrawal**

**ROURKELA DEVELOPMENT AUTHORITY**
**UDITNAGAR: ROURKELA-769012**
**No. 49 / RDA, dated. 15.01.2025**

CAD-2219

**PROCLAMATION**

It is hereby informed to the General public that **Alok Behera, S/o Late Premanand Behera** have applied for permission for transfer of allotment of **House Site No. S2M/61. under Site & Services Scheme. Stage-II. Chhend. Rourkela-15** in favour of **Swati Sinha, W/o Vipul Vaibhav & Vipul Vaibhav, S/o Brij Kishore Prasad.** If anybody has got objection to the proposed transfer, He/She may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated Period.

Sd/- Secretary
Rourkela Development Authority

OIPR : 13250/11/0061/2425

**OFFICE OF THE COLLECTOR & DM, SUNDARGARH**
**( ST & SC Dev. Section)**
**E-mail: dwosundargarh@gmail.com**
g-160
**No.102 /ST &SC Dev. Date. 16.01.2025 /**

**Tender Call Notice**

Sealed Tenders in plain paper are invited from the reputed registered Firms/Suppliers for supply of Water Filters, Washing Machines, Mixer Grinders, and LED TVs with DTH connection for the hostels in Sundargarh District under the control of ST & SC Development, M&BCW Department, Govt, of Odisha as per the specifications given in the Annexures - 'I', 'II', 'III' & 'IV.

The details can be downloaded from the district website **www.sundaraarh.odisha.gov.in**. The last date of submission of Tender documents is up to 5.00 PM Dt. 29.01.2025.

**Sd/-**
**District Welfare Officer**
**Sundargarh**

OIPR : 24340/11/0004/2425

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA,**
**DIST: KALAHANDI-766026, E-mail: sgmel uihep@ohpcltd.com**
**ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)**
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com. CIN: U40101OR1995SGC003963

**'e - Procurement Notice**

**NOTICE INVITING TENDER NO.UIHEP/47/2024-25 DATED.16.01.2025**

**CAD-2205 :** The Unit Head, UIHEP, Mukhiguda, Dist- Kalahandi invites percentage rate bids in double cover system i.e. Cover-I (Technical Bid) & Cover II (Price Bid) in Online mode from eligible contractors for the work as detailed in the table below.

| Sl. No. | Name of work | Approx. Estimated cost (inRs.) | EMD (in Rs.) (online) | Class of Contractor | Cost of bid document (in Rs.) (online) | Period of contract |
|---|---|---|---|---|---|---|
| 1 | Operation of Water Supply System on job contract basis at Sector-I, II and III of Power House Colony, UIHEP, Mukhiguda for the year 2024-25 | 10,70,362/- (Excluding GST) | 10,750/- | 'D' & 'C' Class Contractor registered with State Govt./ Central Govt./MES Railways. | 6,000/- + GST @ 18% =7,080/- | One (01) Calendar year |

Availability of tender document in the portal: From 19.01.2025 (10:00 Hrs) to 28.01.2025 (up to 13:00 Hrs.) Last date & time of submission of tenders in the portal: 28.01.2025 up to 13:00 Hrs. The date & time of opening of the bid: 28.01.2025 at 16:30 Hrs (Only Technical Bid) The bidders have to participate in ONLINE bidding only. Further details can be seen and tender document can be downloaded from the e-Procurement Portal **"https:/tendersodisha.gov.in".**

**Sd/- Unit Head**
**UIHEP, Mukhiguda**

OIPR : 32136/11/0029/2425

**OFFICE OF THE SUPERINTENDING ENGINEER, MINOR IRRIGATION DIVISION, DHENKANAL**
**No. 66 / Dt. 15.01.2025**
**e- Procurement Notice : Bid Identification No.- DMID / 08 / 2024-25**
**e-mail ID: eemidkl@gmail.com**

**A-920 :** The Superintending Engineer, Minor Irrigation Division Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the work | : | Civil works in Different Blocks of Dhenkanal District under the MATY Scheme for the year 2024-25. |
| No. of Works | : | 09 (Nine) Nos. Only |
| Estimated Cost | : | Varies from 34.47 lakhs to 74.47 lakh (Approximately) |
| Cost of Tender Paper | : | 6000/- to 10000/- (Non-refundable) |
| Period of Completion | : | 06(Six) Calendar months |
| Availability of bid documents for sale and receipt through on-line | : | From dt.20.01.2025, 10.00 A.M, to dt.03.02.2025, up to 5.00 P.M. |
| Last date / time of receipt of bids in the portal | : | 03.02.2025 (5.00PM) |
| Date of Technical bid opening through online | : | On dt.04.02.2025 at 11.00 A.M in the Office of the S.E, M.I. Division, Dhenkanal. |
| Transparent Lottery Date | : | 11.02.2025 (11.30 AM) in the O/o of the Superintending Engineer, M.I.Division, Dhenkanal |
| Mode of payment of Bid Cost | : | Online |
| Digital Signature Certificate of Bidder | : | The Bidder must possess compatible digital signature certificate (DSC). |
| The detail tender call notice can also be seen in the DOWR web site http:/dowrorissa.gov.in | | |
| Name & Address of the OIT | : | Superintending Engineer, Minor Irrigation Division, Dhenkanal. At / P.O / District - Dhenkanal. Ph.No / Fax No-06762-224461, Email ID:eemidkl@.yahoo.co.in |
| Further details can be seen from the e-Procurement market place. http://tendersorissa.gov in | | |

Sd/- Superintending Engineer
M.I. Division, Dhenkanal

OIPR : 32027/11/0013/2425

**ODISHA STATE SEEDS CORPORATION LIMITED**
**(A GOVERNMENT UNDERTAKING)**
**SANTARAPUR, BHUBANESWAR - 751002.**
**Tel - MD 0674 - 2340573, PBX - 2340170, Fax - 2340096**

CAD-2229

**TENDER INVITATION No- OSSC/ Engg-109/ 2025**

Managing Director, Odisha State Seeds Corporation Ltd invites Percentage Rate tenders in ***Double Cover System*** through ***ONLINE MODE ONLY*** to the works below

Values in Rs.

| Sl. | Name of Work | Cost fo work without GST | EMD | Cost of Tender Document with GST | Completion Period | Class of Contractor |
|---|---|---|---|---|---|---|
| 1 | Installation of 11 KV OH Line and 100 KVA, 11/04 KV Substation at Seed Processing Plant, Sundargarh | 1621810.00 Without GST | 16218.00 | 6,720.00 With GST | 180 | HT Electrical |

CRITICAL DATES

| | | |
|---|---|---|
| A | Availability of Bid Document | 14.40 hours on dt. 21.01.2025 to 17.00 hours on dt. 30.01.2025 |
| B | Last Date of Receipt of tender in the Portal | 17.00 hours on dt. 30.01.2025 |
| C | Date/ Time of Opening of Bid | 12.30 hours on dt. 31.01.2025 |

Further detail can be seen from the website **https://tendersodisha.gov.in**. Any addendum/ corrigendum/ cancellation can also be seen in the said website.

**Sd/- Managing Director**
**OSSC Ltd, BBSR**

OIPR : 01045/11/0007/2425

**REQUIREMENT OF BUILDING / HOUSE ON HIRING FOR THE PURPOSE OF EX-SERVICEMEN CONTRIBUTORY HEALTH SCHEME (ECHS) POLYCLINIC ROURKELA**

Station Headquarters Sambalpur requires accommodation on rental basis for a period of 03 years for following Army organizations as per details mentioned against each in Rourkela City:-

| Sl. No. | Purpose | Required Area in sq ft |
|---|---|---|
| Nursing Assistant | Polyclinic of Ex-servicemen Contributory Health Scheme (ECHS), Rourkela | Approx. 2000 Sq Ft |

**Note:** The building preferably be surrounded by boundary wall and should be in good condition with fresh painting without any seepage and safe from hygiene and sanitation points of view. It should be connected by road in suitable location. All electric and plumbing fittings should be in good and working condition without any loose wiring and have adequate water supply with a separate electric meter. The property should be free from any litigation / dispute at the time of hiring. The property owners will submit their property details with valid ownership documents along with application on or before **20 Feb 2025** in the following address:

**The Defence Estate Officer**
**Govt. of India, Ministry of Defence**
**Defence Estate Office, Odisha Circle**
**163, Prachi Enclave, Chandrasekharpur**
**Bhubaneswar, Odisha - 751016**
**Tele: 0674 2747631, 345, E-mail: deobhub-stats@nic.in**



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଜାତୀୟ ଯୁବ ଦିବସ : ବେଦାନ୍ତ ଆଲୁମିନିୟମ ଯୁବପିଢ଼ିଙ୍କୁ ଶିଳ୍ପ ଅଭିଜ୍ଞତା ସହିତ ସଶକ୍ତ କରିଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଭାରତର ଯୁବପିଢ଼ିଙ୍କୁ ସଶକ୍ତ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରି ଜାତୀୟ ଯୁବ ଦିବସ ପାଳନ କରିଛି। କମ୍ପାନୀ ଏହି କ୍ଷେତ୍ରରେ ବହୁମୁଖୀ ପଦକ୍ଷେପ ଗ୍ରହଣ କରିଛି, ଯେଉଁଥିରେ ପ୍ରଧାନମନ୍ତ୍ରୀ ଇର୍ଣ୍ଣନସିପ୍ ଯୋଜନା ଭଳି ସରକାରୀ ପଦକ୍ଷେପକୁ ସମର୍ଥନ କରିବା ଏବଂ ଗ୍ରାମୀଣ ଯୁବକମାନଙ୍କୁ ପ୍ରଗତି ପାଇଁ ଅଧିକ ସୁଯୋଗ ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଥିବା ସାମାଜିକ ପ୍ରଭାବ ପ୍ରକଳ୍ପ ଗ୍ରହଣ କରିବା ଅନ୍ତର୍ଭୁକ୍ତ । ପ୍ରଧାନମନ୍ତ୍ରୀ ଇର୍ଣ୍ଣନସିପ୍ ଯୋଜନା ମାଧ୍ୟମରେ, ବେଦାନ୍ତ ଆଲୁମିନିୟମ ଛାତ୍ରଛାତ୍ରୀମାନଙ୍କୁ ଏହାର ମେଗା ଶିଳ୍ପ କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ହସ୍ତଗତ ଶିଳ୍ପ ଅଭିଜ୍ଞତା ହାସଲ କରିବାର ସୁଯୋଗ ପ୍ରଦାନ କରୁଛି। ବର୍ତ୍ତମାନ, ବିଶ୍ୱର ସର୍ବବୃହତ ଆଲୁମିନିୟମ ପ୍ଲାଣ୍ଟର ଘର, ଓଡ଼ିଶାର ଝାରସୁଗୁଡାରେ କମ୍ପାନୀର କାର୍ଯ୍ୟରେ ୧୮ ଜଣ ଇଂଟର୍ନଙ୍କୁ ସାମିଲ କରିଛି। ଏହା ସହିତ, ଛତିଶଗଡ଼ର କୋର୍ବାସ୍ଥିତ ଭାରତର ପ୍ରତୀକାତ୍ମକ ଆଲୁମିନିୟମ ଉତ୍ପାଦକ ଭାରତ ଆଲୁମିନିୟମ କମ୍ପାନୀ (ବାଲକୋ) ରେ ୪ ଜଣ ଇର୍ଣ୍ଣନଙ୍କୁ ସାମିଲ କରାଯାଇଛି। ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଭାବରେ, ଉଭୟ ପ୍ଲାଂଟ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଶିଳ୍ପ-ସର୍ବୋତମ ଅଭ୍ୟାସର ଆଶ୍ରୟସ୍ଥଳ, ଯାହାକି ଇଂଟର୍ନମାନଙ୍କୁ ଆଧୁନିକ ଉତ୍ପାଦନ ଜଗତର ଏକ ଅମୂଲ୍ୟ ଝଲକ ପ୍ରଦାନ କରେ।




ଇଂଟର୍ନମାନେ ବର୍ତ୍ତମାନ କାର୍ଯ୍ୟ, ସ୍ଥାୟୀତ୍ୱ ଏବଂ ଡିଜିଟାଲ୍ ନବସୃଜନ ଭଳି ପ୍ରମୁଖ ବ୍ୟବସାୟିକ କ୍ଷେତ୍ରରେ ପ୍ରଭାବଶାଳୀ ପ୍ରକଳ୍ପଗୁଡ଼ିକରେ ନିୟୋଜିତ ଅଛନ୍ତି, ସେମାନଙ୍କର ବ୍ୟବହାରିକ ଦକ୍ଷତା ବୃଦ୍ଧି କରୁଛନ୍ତି ଏବଂ ଭବିଷ୍ୟତର ନେତୃତ୍ୱ ଭୂମିକା ପାଇଁ ସେମାନଙ୍କୁ ପ୍ରସ୍ତୁତ କରୁଛନ୍ତି । ପ୍ରଧାନମନ୍ତ୍ରୀ ଇର୍ଣ୍ଣନସିପ୍ ଯୋଜନାର ଅଂଶଗ୍ରହଣକାରୀ ସୋନାଲି ଦାସ ତାଙ୍କ ଅଭିଜ୍ଞତା ବାଣ୍ଟି କହିଛନ୍ତି, 'ବେଦାନ୍ତ ଆଲୁମିନିୟମରେ ଇଂଟର୍ନସିପ୍ ଏକ ସମୃଦ୍ଧ ଯାତ୍ରା ହୋଇଛି । ଏହା ମୋତେ ସ୍ଥାୟୀତ୍ୱ-କେନ୍ଦ୍ରିତ ପ୍ରକଳ୍ପଗୁଡ଼ିକରେ କାମ କରିବାର ସୁଯୋଗ ଦେଇଛି ଏବଂ ଶିଳ୍ପର ଜରୁରୀ ଆବଶ୍ୟକତା ବିଷୟରେ ଅନ୍ତର୍ଦୃଷ୍ଟି ହାସଲ କରିଛି, ଯାହା ମୋତେ ମୋ କ୍ୟାରିୟର ପାଇଁ ଏକ ଦୃଢ଼ ଭିତିଭୂମି ନିର୍ମାଣ କରିବାରେ ସାହାଯ୍ୟ କରିବ ।

ଏହି ପ୍ରୟାସ ବିଷୟରେ ନିଜର ମତାମତ ଦେଇ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି, 'ସ୍ୱାମୀ ବିବେକାନନ୍ଦ, ଯାହାଙ୍କ ଜନ୍ମଦିନକୁ ଆମେ ଜାତୀୟ ଯୁବ ଦିବସ ଭାବରେ ପାଳନ କରୁ, ସେ ସର୍ବଦା ଭାରତକୁ ଏହାର ଯୁବପିଢ଼ିଙ୍କ ଅସୀମ ସମ୍ଭାବନାକୁ ଉପଯୋଗ କରିବାକୁ ଉତ୍ସାହିତ କରିଆସିଛନ୍ତି । ବେଦାନ୍ତ ଆଲୁମିନିୟମରେ, ଆମେ ସେମାନଙ୍କ ଅଭିବୃଦ୍ଧି ଏବଂ ବିକାଶ ପାଇଁ ପ୍ଲାଟଫର୍ମ ସୃଷ୍ଟି କରି ଏହି ସମ୍ଭାବନାକୁ ପୋଷଣ କରିବାକୁ ପ୍ରତିବଦ୍ଧ। ପ୍ରଧାନମନ୍ତ୍ରୀ ଇଂଟର୍ନସିପ୍ ଯୋଜନା ଏବଂ ଅନ୍ୟାନ୍ୟ ପ୍ରଭାବଶାଳୀ ପଦକ୍ଷେପ ମାଧ୍ୟମରେ, ଆମେ ଭବିଷ୍ୟତ ପାଇଁ ପ୍ରସ୍ତୁତ ପ୍ରତିଭାଙ୍କ ଏକ ପାଇପଲାଇନ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛୁ ।

## ଯୋଗଦେଲେ ନୂତନ କୃଷି ଅଧିକାରୀ

କଣାସ,(ସବ୍ୟୁ) :ପୁରୀ ଜିଲ୍ଲା କଣାସ ବ୍ଲକରେ ନୂତନ କୃଷି ଅଧିକାରୀ ଭାବେ ଯୋଗ ଦେଇଛନ୍ତି ରାକେଶ କୁମାର ରାଉତ ।ଶ୍ରୀ ରାଉତ ଏହା ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକରେ କୃଷି ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ସେ ବିଧିବଦ୍ଧ ଭାବେ ଗତ ବୁଧବାର ଦିନ କାର୍ଯ୍ୟରେ ଯୋଗ ଦେଇଛନ୍ତି ।ତାଙ୍କୁ କୃଷି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସ୍ୱାଗତ ଜଣାଇଥିଲେ ।କୃଷି ଅଧିକାରୀ ଶ୍ରୀ ରାଉତ କଣାସ ବ୍ଲକ୍ ଏକ ବନ୍ୟା,ବାତ୍ୟା ପ୍ରବଣ ଅଞ୍ଚଳ ହୋଇଥିବାରୁ କୃଷକମାନଙ୍କୁ କିଭଳି ସରକାରୀ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ଓ କୃଷକମାନଙ୍କ ବିକାଶ ନିମନ୍ତେ କୃଷି ବିଭାଗ ସଦା ସର୍ବଦା କାର୍ଯ୍ୟ କରିବ ବୋଲି କହିଛନ୍ତି ।

# ଜ୍ୱେଲସ୍ ଅଫ ଓଡ଼ିଶା ତୃତୀୟ ସଂସ୍କରଣ ଉନ୍ମୋଚନ




ଭୁବନେଶ୍ୱର, (ସବ୍ୟୁ): କଳିଙ୍ଗ ଡିଜିଟାଲ୍ ମିଡିଆ ପ୍ରା ଲିମିଟେଡ୍ ପକ୍ଷରୁ ଏହାର ଫ୍ଲାଗସିପ୍ ପୁସ୍ତକ ଜ୍ୱେଲ୍ସ ଅଫ୍ ଓଡିଶା ର ତୃତୀୟ ସଂସ୍କରଣ ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ ସମ୍ମାନୀୟ ଅତିଥି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମୟୂରଭଞ୍ଜ ଜିଲ୍ଲାର ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ମୁଖ୍ୟ ସଚିବ ବିଶାଲ ଦେବ, ରିଲିଆନ୍ସ ଇଣ୍ଡଷ୍ଟ୍ରିଜ୍ ମାନସ୍ଥ ସମ୍ବଳ ଏବଂ ଷ୍ଟ୍ରାଟେଜିକ ବିଭାଗର ଗ୍ରୁପ ପ୍ରେସିଡେଣ୍ଟ ବିଜୟ ସାହୁ, ଡବ୍ଲୁଟିସିର ଉପଦେଷ୍ଟା ପ୍ରଫେସର ଡ ପାର୍ଥସାରଥୀ ମିଶ୍ର,ବରିଷ୍ଠ ହିଷ୍ଟରିଆନ ଅନିଲ ଧିର,ସମ୍ବାଦ ର ସମ୍ପାଦକ ଗୌରହରି ଦାସ, କଳିଙ୍ଗ ଡିଜିଟାଲ୍ ମିଡିଆର ପ୍ରତିଷ୍ଠାତା ତଥା ସମ୍ପାଦକ ଡ. ଦୀପକ ସାହୁ ଆଦି ଉପସ୍ଥିତ ଥିଲେ । ଜୁଏଲସ ଅଫ ଓଡିଶା ର ଏହି ସଂସ୍କରଣରେ ଓଡିଶାର ୫୦ଜଣ ଖ୍ୟାତିନାମା ବ୍ୟକ୍ତିତ୍ୱଙ୍କ ପ୍ରେରଣାଦାୟକ କାହାଣୀକୁ ଏହି ପୁସ୍ତକରେ ସାମିଲ କରାଯାଇଛି ।

ଏହି ଅବସରରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଏହି ପ୍ରେରଣାଦାୟୀ କାର୍ଯ୍ୟ ଆଗକୁ ଜାରିରଖିବାକୁ ଉତ୍ସାହିତ କରିଥିଲେ । କଳିଙ୍ଗ ଡିଜିଟାଲ୍ ମିଡିଆର ଭି ପି କମ୍ୟୁନିକେସନ ଜ୍ଞାନ ରଂଜନ ସ୍ୱାଇଁ ଏହି କାର୍ଯ୍ୟକ୍ରମ କୁ ସାଫଲ୍ୟମଣ୍ଡିତ କରିଥିବା ଉପସ୍ଥିତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଇଣ୍ଡଲଜ୍- ଦି ସେଲୁନ ର ରଘୁନାଥପୁର ଓ ଇନ୍ଫୋସିଟି ରେ ନୂତନ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର (ସବ୍ୟୁ): ଆଫତାବ୍ ଶିବଦାସାନି ରୟାଲ୍ ଆର୍କେଡ୍, ରଘୁନାଥପୁର ଏବଂ ଇନଫୋସିଟିରେ ଇଣ୍ଡଲ୍ଜ ସେଲୁନ୍ ର ଦୁଇଟି ଶାଖା ଉଦଘାଟନ କରିଛନ୍ତି । ଆଫତାବ୍ ଫ୍ରାଞ୍ଚାଇଜ୍ ଅପରାଜିତା ଚକ୍ର ଏବଂ ନେତ୍ରାନନ୍ଦ ସ୍ୱାଇଁଙ୍କୁ ସେମାନଙ୍କର ନୂତନ ଉଦ୍ୟମ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ମାତୃଦତ୍ତ ମିଶ୍ର, ନିର୍ଦ୍ଦେଶକ ଏସଜେ ଡେଭଲପର୍ସ, ସଞ୍ଜୟ ପ୍ରତାପ, ନବଯୁଗ ହୋଟେଲସ୍, ସୁଶ୍ରୀ ମୋନାଲିସା ବାଲ୍, ଅଧକ୍ଷା, କିଆଇଟି ଇଣ୍ଟରନ୍ୟାସନାଲ୍ ସ୍କୁଲ,ଶ୍ରୀମତୀ ପୁଣମ୍ ଗୁହା ହସ୍ତତନ୍ତ, ବସ୍ତ୍ର ଏବଂ ହସ୍ତଶିଳ୍ପ ବିଭାଗର କମିଶନର ଓ ସଚିବ ,କମିଶନର କମ ସଚିବ ଏକ୍ସାଇଜ୍ ବିଭାଗ )ଏବଂ ସୁଶ୍ରୀ ନୀଳଞ୍ଜନା ମୁଖାର୍ଜୀ, ଏମଡି କଳିଙ୍ଗ ହସ୍ପିଟାଲ୍ସ ଏବଂ ଅନେକ ପ୍ରସିଦ୍ଧ ଅତିଥି ଏହି ମହାନ ଲଞ୍ଚରେ ଯୋଗ ଦେଇଥିଲେ । ଇଣ୍ଡଲଜ୍ ପ୍ରଥମ ସେଲୁନ୍ ଚେନ୍ ହେବ ଯାହା ୧୦୦% ସଲଫେଟ୍-ମୁକ୍ତ ଉତ୍ପାଦ ପାଇଁ ଯିବ । ଇଣ୍ଡଲଜ୍ ପ୍ରଥମ ସେଲୁନ୍ ଚେନ୍ ହେବ ଯାହା ୧୦୦% ସଲଫେଟ୍-ମୁକ୍ତ ଉତ୍ପାଦ ପାଇଁ ଯିବ । ନୂତନ ସେଲୁନ୍‌ଗୁଡ଼ିକ ଗ୍ରାହକମାନଙ୍କୁ ଏକ ବନ୍ଧୁତ୍ୱପୂର୍ଣ୍ଣ ପଡ଼ୋଶୀ ଅଭିଜ୍ଞତା ଏବଂ ନୂତନ ଫ୍ରାଞ୍ଚାଇଜ୍ ମାଲିକମାନଙ୍କଠାରୁ ବ୍ୟକ୍ତିଗତ ସମର୍ଥନ ସହିତ ସେବା ପ୍ରଦାନ କରିବ ।

## ମହିୟସୀ ମହିଳାଙ୍କ ପରଲୋକ

ଟାଙ୍ଗୀ,(ସବ୍ୟୁ):ଟାଙ୍ଗୀ ବ୍ରାହ୍ମଣ ସାହି ର ସ୍ୱର୍ଗତ ଆର୍ତବନ୍ଧୁ ମହାନ୍ତି ଙ୍କ ଧର୍ମପତ୍ନୀ ଅବସରପ୍ରାପ୍ତ ଶିକ୍ଷୟତ୍ରୀ ପ୍ରେମଲତା ମହାନ୍ତି ଓରଫ ଗୋଲିଦିଦି (୮୮)ଙ୍କ ଗୁରୁବାରି କଟକ ଠାରେ ତାଙ୍କର ପରଲୋକ ପରେ ପୁରୀ ସ୍ୱର୍ଗଦ୍ୱାର ଠାରେ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପର୍ଣ କରାଯାଇଛ। ସ୍ୱର୍ଗତ ପ୍ରେମଲତା ଙ୍କ ଜ୍ୟେଷ୍ଠପୁତ୍ର ରାଜ୍ୟ ପରିବହନ ବିଭାଗ ଯୁଗ୍ମ କମିଶନର ପ୍ରଦିପ୍ କୁମାର ମହାନ୍ତି ମୁଖାଗ୍ନି ପ୍ରଦାନ କରିଥିଲେ। ।ସେ ଜଣେ ଧର୍ମପରାୟଣା, ମହିୟସୀ, ସରଳ, ଅମାୟିକ, ପରୋପକାରୀ ମହିଳା ଭାବେ ପରିଚିତା ଥିଲେ। ଏହି ମହିୟସୀ ମହିଳାଙ୍କ ପରଲୋକ ଯୋଗୁ ଟାଂଗୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ପଞ୍ଚ ପାଇକ ବଜାର ଉଦ୍‌ଘାଟିତ

# ଅଲୋଡା ହେଲେ ପୌରାଧକ୍ଷାଙ୍କ ସମେତ କାଉନ୍‌ସିଲର

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ପୌରପରିଷଦ ପକ୍ଷରୁ ସ୍ଥାନୀୟ ଟି.ଏଲ.ସି ରୋଡ୍ ଠାରେ ପଂଚପାଇକ ବଜାର ଶନିବାର ଉଦଘାଟିତ ହୋଇଛି । ଏହାକୁ ସାଂସଦ ଅପରାଜିତା ଷଡଙ୍ଗୀ, ବିଧାୟକ ପ୍ରଶାନ୍ତ ଜଗଦେବ, ଉପ-ଜିଲ୍ଲାପାଳ ଦୀପ୍ତି ରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ । ମାତ୍ର ପୌରପରିଷଦର କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତିଙ୍କ ସମେତ ୧୭ କାଉନ୍ସିଲରଙ୍କୁ ଉକ୍ତ କାର୍ଯ୍ୟକ୍ରମ ରେ ଅଣଦେଖା କରାଯାଇଥିଲା । ତେବେ ହାଟ ଚାଲିବାର ୨ସପ୍ତାହ ପରେ ଉଦଘାଟନ କାର୍ଯ୍ୟକ୍ରମକୁ ନେଇ ଚର୍ଚ୍ଚା ଜୋର ଧରିଛି । ଅନ୍ୟପକ୍ଷରେ ବଜାର ଉଦଘାଟନ କରିବା ସହ ପରିବା ବ୍ୟବସାୟୀଙ୍କ ଝୁଡ଼ି ପ୍ରଦାନ କରିବା ସହ ବୃକ୍ଷରୋପଣ କରିଛନ୍ତି । ପରେ ସାଧାରଣ ସଭା ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧକ୍ଷତାରେ ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ପ୍ରଶାନ୍ତ ଜଗଦେବ, ଉପ-ଜିଲ୍ଲାପାଳ ଦୀପ୍ତି ରଞ୍ଜନ ସେଠୀ, ଜିଲ୍ଲା ସହରାଞ୍ଚଳ ଉନୟନ ଅଧିକାର ଜ୍ୟୋତିରଞ୍ଜନ ସାହୁ ଯୋଗଦେଇଥିଲେ । ପୌରପରିଷଦ ନିର୍ବାହୀ ଅଧିକାରୀ ରିଜିୱାନା କଅକବ୍ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସେ ଉକ୍ତ ବଜାର ୬.୮୩ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ପ୍ରକାଶ କରିବା ସହ ୧୬୬ ଜଣ ଉଠାଦୋକାନୀଙ୍କୁ ଥଇଥାନ କରାଯାଇଥିବା ପ୍ରକାଶ କରିଥିଲେ । ଏହା ସମେତ ପ୍ରାୟ ୭୦ ଉଠାଦୋକାନୀ ବ୍ୟବସାୟ କରିବାକୁ ପିଣ୍ଡି ବ୍ୟବସ୍ଥା ହୋଇଥିବା ସୂଚନା ଦେଇଥିଲେ ।



ମୁଖ୍ୟ ଅତିଥି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଆଗାମୀ ଦିନରେ ୫ଶହ ଉଠାଦୋକାନୀଙ୍କୁ ଥଇଥାନ ବ୍ୟବସ୍ଥା ହୋଇଥିବା ପ୍ରକାଶ କରିଥିଲେ । ସ୍ଥାନୀୟ ବିଧାୟକ ବର୍ତ୍ତମାନ ସୁଧା ୧୦ ଏକର ସରକାରୀ ଜମି ଚିହ୍ନଟ ହୋଇଥିବା ବେଳେ ଆମିଷ ବଜାର ନିର୍ମାଣ ନିମନ୍ତେ ୨ କୋଟି ଟଙ୍କା ପୂର୍ଣ୍ଣାଙ୍ଗ ପ୍ରକଳ୍ପ ରିପୋର୍ଟ ପୌରପରିଷଦ ପକ୍ଷରୁ ପ୍ରସ୍ତୁତ ହୋଇଥିବା ପ୍ରକାଶ କରିଥିଲେ । ଅନ୍ୟତମ ଅତିଥ୍ୟ ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପ-ଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇ ମନ୍ତବ୍ୟ ଦେଇଥିଲେ ।

# ବିଦ୍ୟାଳୟରେ କଳାକନା ବୁଲାଇଲେ ଲୁଟେରା

ଅସ୍ତରଙ୍ଗ(ସବ୍ୟୁ) : ଅସ୍ତରଙ୍ଗ ବ୍ଲକ ନଇଗୁଆ ପଞ୍ଚାୟତ ଓସ୍ତପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରୁ କିଛି ଲୁଟେରା ଶୁକ୍ରବାର ରାତିରେ କଳାକନା ବୁଲାଇଛନ୍ତି। ଲକ୍ଷାଧିକ ଟଙ୍କା ର ଶିକ୍ଷା ଉପକରଣ ସହିତ ଛାତ୍ରଛାତ୍ରୀ ଙ୍କ ମଧ୍ୟାହ୍ନ ଭୋଜନ ଚାଉଳ ବି ଚୋରୀ କରି ନେଇଥିବା ଜଣା ପଡ଼ିଛି । ସୂଚନା ମୁତାବକ ଶନିବାର ସକାଳେ ବିଦ୍ୟାଳୟ କର୍ମଚାରୀ ବିଦ୍ୟାଳୟ ମୁଖ୍ୟ ଗେଟ ତାଲା ଖୋଲି ଭିତରେ ପ୍ରବେଶ କଲାବେଳେ ବିଦ୍ୟାଳୟ ଭିତରେ ସମସ୍ତ କାର୍ଯ୍ୟାଳୟ ତାଲା ଭଙ୍ଗା ହୋଇଥିବାର ଦେଖିବା ସହ ବିଦ୍ୟାଳୟ ଶିକ୍ଷକମାନେ ଗ୍ରାମ ବାସୀଙ୍କୁ ଏ ବାବଦରେ ଅବଗତ କରାଇଥିଲେ ।ସମସ୍ତେ ଆସି ଦେଖିଥିଲେ ଯେ ବିଦ୍ୟାଳୟ କାର୍ଯ୍ୟାଳୟ ଭିତରେ ଇନଭର୍ଟର, ଜେରକ୍ସ ମେସିନ, ପାଣି ମଟର, ପିଲା ମାନଙ୍କ କ୍ରୀଡା ସାମଗ୍ରୀ ଓ ଉପର ମହଲା ରେ ସ୍ମାର୍ଟ କ୍ଲାସ ରୁମରୁ ବଡ଼ ଟିଭି ସହିତ ଆଉ ଏକ ଟିଭି ଚୋରୀ ହୋଇଛ। ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା ହେବ ବୋଲି ସ୍ଥାନୀୟ ଲୋକ ଅନୁମାନ କରିଛନ୍ତି ।ଏହି ବାବଦରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଧରଣୀଧର ବେହେରା କାକଟପୁର ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ଘଟଣା ସ୍ଥଳରେ କାକଟପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛ। ଏଠାରେ ସୂଚନା ଯୋଗ୍ୟ ଯେ, ଓସ୍ତପୁର ଅଞ୍ଚଳ ରେ ଖୁଲମଖୁଲା ଧଳାଜହର, ଗଞ୍ଜେଇ ଓ ଚୋରା ମଦ ବ୍ୟବସାୟ ଏତେ ପରିମାଣ ରେ ବୃଦ୍ଧି ହୋଇଛି ଯେ,ଲୁଟେରା ମାନେ ନିଶା ଖାଇବାକୁ ବିଭିନ୍ନ ସ୍ଥାନରେ ଏହିଭଳି ଘଟଣା ଘଟାଉଛନ୍ତି । ଅସ୍ତରଙ୍ଗ ହୀରାଦେଇପୁର ରେ ଜଣେ ଅବସରପ୍ରାପ୍ତ ସେନା କର୍ମୀଙ୍କ ଘରୁ ଚୋରୀ, ପରେ ନିକଟରେ ଏକ ଶିବ ମନ୍ଦିର ଆଉ ବର୍ତ୍ତମାନ ବିଦ୍ୟାଳୟ, ପ୍ରକୃତ ରେ ଏହି ଚୋରୀ ପଛରେ ରହସ୍ୟ କଣ ରହିଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।ଆଗରୁ ହୋଇଥିବା ଚୋରୀ ସ୍ଥାନରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ପହଂଚିଥିଲେ ବି ଏ ଯାଏ ପୂର୍ ଚୋରୀ ର ସନ୍ଧାନ ପୋଲିସ ହାତରେ ଲାଗିନାହିଁ । ତେବେ ବର୍ତ୍ତମାନ ବିଦ୍ୟାଳୟ ଚୋରୀ ତଦନ୍ତ କେଉଁ ଦିଗରେ ଯିବ ତାହା ହିଁ ଅପେକ୍ଷା ।

## ପ୍ରଥମ ଥର ପାଇଁ ପୁରୀରେ ଅୟୋଜିତ ହେଲା ବିଜନେସ୍ ମନ୍ତ୍ର




ଭୁବନେଶ୍ୱର (ସବ୍ୟୁ): ପୁରୀରେ କ୍ଷୁଦ୍ର ବ୍ୟବସାୟୀ ମାନଙ୍କ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଥମ ଥର ପାଇଁ ପୁରୀର ଟାଉନ୍ ହଲ୍ ଠାରେ ଆୟୋଜିତ ହୋଇଛି 'ବିଜନେସ୍ ମନ୍ତ୍ର' । ସମସ୍ତ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ମାନଙ୍କୁ ବ୍ୟବସାୟ କ୍ଷେତ୍ରରେ ସଫଳତା ର ମନ୍ତ୍ର ଦେବା ପାଇଁ ଶ୍ରୀକ୍ଷେତ୍ରରେ ନୂଆ ଭିତ୍ତପ୍ରସ୍ତର ସ୍ଥାପନ କରିବାକୁ ଆଗେଇ ଆସିଛନ୍ତି ଶ୍ରୀକ୍ଷେତ୍ର ର ସୁନା ଝିଅ ତଥା ମେକଅପ୍ ଏବଂ ବିୟୁଟି ପ୍ରଶିକ୍ଷିକା ମାମୁନ୍ ଦାଶ । ପୁରୀ ରେ କ୍ଷୁଦ୍ର ବ୍ୟବସାୟ କରୁଥିବା ବ୍ୟବସାୟୀ ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମାମୁନ ଦାଶ ଙ୍କ ସହିତ ସହିତ ରାଜ୍ୟର ଅନେକ ଅଭିଜ୍ଞ ସଫଳ ଉଦ୍ୟୋଗୀ, କର୍ପୋରେଟ ରାଜନୀତିଜ୍ଞ, ପ୍ରଶିକ୍ଷକ ଓ ବ୍ୟବସାୟିକ ନେତୃତ୍ୱ ନେଉଥିବା ପ୍ରତିଷ୍ଠିତ ବ୍ୟକ୍ତି ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ଥିଲେ ବିଜନେସ୍ କୋଚ୍ ଅମିତ ସରାଫ, ମାର୍କେଟିଂ ଏକ୍ସପର୍ଟ ପୂଜାରିଣୀ ବେହୁରିଆ, ବିଜନେସ୍ ପ୍ରଶିକ୍ଷକ ତଥା କର୍ପୋରେଟ ରଣନୀତିକାର ଡାଃ ଆଦର୍ଶ ରଥ ଆଧୁନିକ ଜ୍ଞାନ କୌଶଳକୁ ଆଧାର କରି ବ୍ୟବସାୟ କ୍ଷେତ୍ରରେ କ୍ଷୁଦ୍ର ବ୍ୟବସାୟୀ ମାନେ କିପରି ଅଧିକ ସସକ୍ତ ହୋଇପାରିବେ, ଏହି ସମ୍ପର୍କିତ ଟିପ୍ସ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦୦ ରୁ ଉର୍ଦ୍ଧ୍ୱ କ୍ଷୁଦ୍ର ବ୍ୟବସାୟୀ ଓ ସେମାନଙ୍କ କର୍ମଚାରୀ ମାନେ ଯୋଗ ଦେଇଥିଲେ । ସମସ୍ତ ଉଦ୍ୟୋଗୀ ଙ୍କ ଆର୍ଥିକ ଓ ବ୍ୟବସାୟିକ ଅଭିବୃଦ୍ଧି ହେବା ସହିତ ବ୍ୟବସାୟ କ୍ଷେତ୍ରରେ ପୁରୀକୁ ସ୍ୱତନ୍ତ୍ର ପରିଚୟ ଦେବା ପାଇଁ ମାମୁନ୍ ଦାଶଙ୍କର ଏହି ନିଆରା ପଦକ୍ଷେପ ପାଇଁ ସାଧାରଣରେ ତାଙ୍କୁ ଅନେକ ପ୍ରଶଂସା କରାଯାଇଛି ।

# ସୋଆ ସିଇସିର ନିର୍ଦ୍ଦେଶକ ଜାତୀୟ ସ୍ତରରେ ସମ୍ମାନିତ

ଭୁବନେଶ୍ୱର, (ସବ୍ୟୁ) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ପରିବେଶ ଓ ଜଳବାୟୁ କେନ୍ଦ୍ର (ସିଇସି)ର ନିର୍ଦ୍ଦେଶକ ଡକ୍ଟର ଶରତ ଚନ୍ଦ୍ର ସାହୁଙ୍କୁ ବୁଧବାର ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ୱାର୍ଲ୍ଡ କଂଗ୍ରେସ ଅନ୍ ଡିଜାଷ୍ଟର ମ୍ୟାନେଜମେଂଟ-ଡିଜାଷ୍ଟର ରିସ୍କ ରିଡକ୍ସନ୍ (ଡବ୍ଲ୍ୟୁସିଡିଏମ୍-ଡିଆରଆର) ଅବସରରେ ସମ୍ମାନିତ କରାଯାଇଛି। ପୂର୍ବରୁ ଭୁବନେଶ୍ୱର ଭାରତୀୟ ପାଣିପାଗ ବିଭାଗରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିବା ଡକ୍ଟର ସାହୁ ଏହି ସମ୍ମାନ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ଶ୍ରୀ ପିୟୁଷ ଗୋୟଲଙ୍କ ଠାରୁ ଗ୍ରହଣ କରିଥିଲେ । ବିପର୍ଯ୍ୟୟ ପ୍ରସ୍ତୁତି ବର୍ଗରେ ଡକ୍ଟର ସାହୁଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

ୱେଦର ରିସର୍ଚ୍ଚ ଫୋରକାଷ୍ଟିଂ ତଥା ପୃଥିବୀର ଅନ୍ୟାନ୍ୟ ମଡେଲର ସାହାଯ୍ୟ ନେଇ ସିଇସି ପକ୍ଷରୁ ପାଣିପାଗର ଅଗ୍ରୀମ ସୂଚନା ପ୍ରସ୍ତୁତ କରି ବ୍ୟବହାରକାରୀ ମାନଙ୍କୁ ଯୋଗାଇ ଦିଆଯାଇଥାଏ। ଏହାଛଡ଼ା ଏହି କେନ୍ଦ୍ର ପୁନେସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟ୍ରପିକାଲ ମେଟିଓରୋଲଜି, ଆମେରିକାର ଆର୍ଥ ନେଟୱର୍କ ଓ ହାଇଦ୍ରାବାଦ ସ୍ଥିତ ନ୍ୟାସ୍‌ନାଲ୍ ରିମୋଟ ସେନ୍‌ସିଂ ସେଂଟର ଦ୍ୱାରା ଉପଲବ୍ଧ ଝଡ଼ବାତ୍ୟା ଓ ବଜ୍ରପାତ ସଂକ୍ରାନ୍ତିୟ ପୂର୍ବ ସୂଚନା ରାଜ୍ୟର ବିଭିନ୍ନ ବ୍ଲକ୍‌ରେ ପ୍ରସାରିତ କରିଥାଏ। ଏହି କାର୍ଯ୍ୟକ୍ରମରେ ଜାମ୍ମୁ କାଶ୍ମୀରର ପୂର୍ବତନ ମୁଖ୍ୟ ବିଚାରପତି ଶ୍ରୀ ଏମ୍. ଏମ୍. କୁମାର ଓ ଡିଜାଷ୍ଟର ମ୍ୟାନେଜମେଂଟ ଇନିସିଏଟିଭ୍‌ସ ଆଣ୍ଡ କନ୍‌ଭର୍ଜେନ୍ସ ସୋସାଇଟି-ୱାର୍ଲ୍ଡ କଂଗ୍ରେସ ଅନ୍ ଡିଜାଷ୍ଟର ମ୍ୟାନେଜମେଂଟର ସଭାପତି ତଥା ଆବାହକ ଡକ୍ଟର ଏସ୍. ଆନନ୍ଦ ବାବୁ ଉପସ୍ଥିତ ଥିଲେ।



ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ,ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଓଡ଼ିଶାର ମହାମହିମ ରାଜ୍ୟପାଳ ଡ. ହରି ବାବୁ କମ୍ଭମପତି ଙ୍କ ସହିତ ଭୁବନେଶ୍ୱର ସ୍ଥିତ ରାଜଭବନ ପରିସରରେ ଭେଟ କରିଥିଲେ । ଏହି ଅବସରରେ ନୂତନ ରାଜ୍ୟପାଳ ଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ ସାଂସଦ । ତାଙ୍କ ସହିତ ନିଜ ସଂସଦୀୟ କ୍ଷେତ୍ର ର ବିଧାୟକ ପ୍ରଶାନ୍ତ କୁମାର ଜଗଦେବ,ଭୁବନେଶ୍ୱର ମଧ୍ୟ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର, ବେଗୁନିଆ ଓ ଜଟଣୀ ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବିଜୁଳି ଓ ବିଶ୍ୱରଂଜନ ବଡ଼ଜେନା ଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ ।

## ଚୌଦ୍ୱାର କଲେଜରେ ବିଭାଗୀୟ ଉନ୍ନୟନ କାର୍ଯ୍ୟକ୍ରମ

ଚୌଦ୍ୱାର, (ସ.ବ୍ୟୁ.) : ଚୌଦ୍ୱାର କଲେଜର 'ଗୁଣବା ଆଶ୍ୱାସନା ବିଭାଗ' ତରଫରୁ ଏକ ବିଭାଗୀୟ ଉନ୍ନୟନ କାର୍ଯ୍ୟକ୍ରମ କଲେଜର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷା ରଶ୍ମୀ ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଂଚଳିକ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ରଂଜି କୁମାର ପ୍ରଧାନ ଯୋଗ ଦେଇ ନିଜ ବକ୍ତବ୍ୟରେ କହିଥିଲେ ଯେ ଜଣେ ଶିକ୍ଷକ ସର୍ବଦା ତିନି ମନ୍ତ୍ର ଯଥା ଛାତ୍ରାନୁରାଗୀ, ଅନୁଷ୍ଠାନାରାଗୀ ଓ ସଂଘାନୁରାଗୀ ବ୍ରତରେ ବ୍ରତୀ ହେବା ନିହାତି ଆବଶ୍ୟକ । ଆୟୋଜିକା ଡଃ ପ୍ରମିଳାରାଣୀ ବେହେରାଙ୍କ ଉଦ୍ୟମରେ ସମସ୍ତ ଶିକ୍ଷକ, ଅଣଶିକ୍ଷକ ଓ କର୍ମଚାରୀମାନେ ଏହି ସଭାରେ ଉପସ୍ଥିତ ରହି ନିର୍ଦ୍ଦେଶକଙ୍କର ଉପଯୋଗୀ ବାଁ। କିପରି କଲେଜର ସର୍ବାଙ୍ଗୀନ ଉନ୍ନତି ଦିଗରେ ସହାୟକ ହେବ ସେହି ବିଷୟରେ ନିଜ ନିଜର ମତାମତ ରଖିଥିଲେ । ଅଧ୍ୟାପକ ରଜନୀକାନ୍ତ ସାହୁ ସଭାଟିକୁ ସଂଯୋଜନା କରିଥିବା ବେଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା ଓ ଅଧ୍ୟାପିକା ଡଃ ମମତା ସାହୁ ଏକ ସୁନ୍ଦର ଭଜନ ପରିବେଷଣ କରିଥିଲେ । ଶେଷରେ ପ୍ରାଧ୍ୟାପିକା ଡଃ ସସ୍ମିତା ଭୂୟାଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହିଳା ସଶକ୍ତିକରଣରେ ସହାୟକ ହେବ ସ୍ୱାମୀତ୍ୱ ଯୋଜନା

ଭୁବନେଶ୍ୱର(ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କରକମଳରେ ସ୍ୱାମୀତ୍ୱ ଯୋଜନା ଅଧିନରେ ଦେଶର ୫୦,୦୦୦ରୁ ଅଧିକ ଗ୍ରାମର ମୋଟ ୬୫ ଲକ୍ଷରୁ ଉର୍ଦ୍ଧ୍ୱ ପରିବାରକୁ ସମ୍ପତ୍ତି କାର୍ଡର ଇ-ବିତରଣ କରାଯାଇଛି ।

ଏହି ପ୍ରମାଣପତ୍ର କାର୍ଡ ଦ୍ୱାରା ଜନବସତି ସମ୍ପତ୍ତିର ମାଲିକାନାରେ ସ୍ୱଚ୍ଛତା ଆସିବ । ଜମିର ଆଇନଗତ ମାଲିକାନା ମଧ୍ୟ ସ୍ପଷ୍ଟ ହେବ । ଏହି ଯୋଜନା ସମ୍ପତ୍ତି ମାଲିକମାନଙ୍କୁ ସଶକ୍ତ କରିବା ସହ ଗ୍ରାମୀଣ ଭାରତରେ ଉନ୍ନତ ଭିତ୍ତିଭୂମି ଯୋଜନା, ଆର୍ଥିକ ସ୍ଥିରତା ଏବଂ ସ୍ଥାୟୀ ବିକାଶକୁ ତ୍ୱରାନ୍ୱିତ କରିବ । ଦାରିଦ୍ର୍ୟତା ହ୍ରାସ କରିବାରେ ସ୍ୱାମୀତ୍ୱ ଯୋଜନା ସହାୟକ ହେବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ବିକଶିତ ଓଡିଶା ତଥା ବିକଶିତ ଭାରତର ଲକ୍ଷ୍ୟ ହାସିଲ କରିବା ଦିଗରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ଏବଂ ରାଜ୍ୟ ସରକାର ସମସ୍ତ ଯୋଜନାର କେନ୍ଦ୍ରରେ ମା'ଓ ଭଉଣୀମାନଙ୍କୁ ରଖିଛନ୍ତି । ସ୍ୱାମୀତ୍ୱ ଯୋଜନା ଗ୍ରାମୀଣ ସମୁଦାୟ ବିକାଶକୁ ପ୍ରୋତ୍ସାହିତ କରି ଗ୍ରାମୀଣ ଭାରତରେ ଏକ ପରିବର୍ତ୍ତନମୂଳକ ପ୍ରଭାବ ପକାଇଛି । ଦୀର୍ଘଦିନ ଧରି ଚାଲିଆସୁଥିବା ଜମି ବିବାଦର ସମାଧାନ ହେବାସହ ଏବଂ ମହିଳାମାନଙ୍କ ସମ୍ପତ୍ତି ଅଧିକାର ସୁରକ୍ଷିତ କରାଯାଇ ସେମାନଙ୍କୁ ସଶକ୍ତ କରାଯାଇଛି । ଯାହା ସାମାଜିକ ଓ ଅର୍ଥନୈତିକ ସଶକ୍ତୀକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ପ୍ରକାଶ କରିଛନ୍ତି ।

ନବମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ସତ୍ୟ ରଂଜନ ବିଶ୍ୱାଳ
ନରସିଂହପୁର, ଧାମରା, ଭଦ୍ରକ
ଆବିର୍ଭାବ - ୦୩.୧୨.୧୯୯୪
ତିରୋଧାନ - ୧୯.୦୧.୨୦୧୬
ନଅ ବର୍ଷ ଶେଷ ହେଲା ତୋର "ବୁବୁ"
ପାରୁନାହିଁ ଧନ ଭୁଲି,
ତୋର ସ୍ମୃତି ସଦା ଆଖିରେ ଦିଶୁଛି
ତୋତେ ଝୁରିଝୁରି ମଲି ।
ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମା' ଦୁର୍ଗା ମା' ଏବଂ ପରମାତ୍ମା ପରମବ୍ରହ୍ମଙ୍କ ଠାରେ ବିନମ୍ର ପ୍ରାର୍ଥନା କରୁଅଛୁ ।
ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ ।

# ସୈଫଙ୍କୁ ଆକ୍ରମଣ ମାମଲାରେ ଛତିଶଗଡ଼ରୁ ସନ୍ଦିଗ୍ଧ ଗିରଫ

**ମୁମ୍ବାଇ:** ବଲିଉଡ୍ ଅଭିନେତା ସୈଫ୍ ଅଲ୍ଲୀ ଖାଁଙ୍କୁ ଆକ୍ରମଣ ଘଟଣାରେ ଗିରଫ ହୋଇଥିବା ସନ୍ଦିଗ୍ଧ ଆକାଶଙ୍କୁ ପଚରାଉଚରା କରାଯାଉଛି । ସନ୍ଦିଗ୍ଧ ଯୁବକକୁ ଛତିଶଗଡ଼ରୁ ଗିରଫ କରାଯାଇଥିଲା । ସନ୍ଦିଗ୍ଧ ଜଣକ ଜ୍ଞାନେଶ୍ୱରୀ ଏକ୍ସପ୍ରେସରେ ଯାତ୍ରା କରୁଥିବା ନେଇ ପୁଲିସକୁ ସୂଚନା ମିଳିଥିଲା ଏବଂ ସ୍ଥାନୀୟ ପୁଲିସ ସହାୟତାରେ ତାଙ୍କୁ ଟ୍ରେନରୁ ଓହ୍ଲାଇ ପଚରାଉଚରା ପାଇଁ ନିଆଯାଇଥିଲା ।

ଶାଲିମାର ଜ୍ଞାନେଶ୍ୱରୀ ଏକ୍ସପ୍ରେସ ମୁମ୍ବାଇରୁ କୋଲକାତା ଯାଏ ଚାଲିଥାଏ । ସନ୍ଦିଗ୍ଧ ଜଣକ ସେହି ଟ୍ରେନର ଜେନେରାଲ ବଗିରେ ଯାତ୍ରା କରୁଥିଲା । ଆରପିଏଫ୍ ପୁଲିସ ତାଙ୍କୁ ଗିରଫ କରିଥିଲା । ପୁଲିସ ପଚରାଉଚରାରେ ସନ୍ଦିଗ୍ଧ ବ୍ୟକ୍ତି ଜଣକ ନିଜ ନାମ ଆକାଶ କନୋଜିଆ ବୋଲି ପ୍ରକାଶ କରିଛନ୍ତି । ପଚରାଉଚରା ବେଳେ ସେ ବିଲାସପୁର ଯାଉଥିବା ପୁଲିସକୁ କହିଥିଲେ । ଜାଞ୍ଜଗିର ଚମ୍ପାରେ ତାଙ୍କର ଜଣେ ସମ୍ପର୍କୀୟ ରହୁଛନ୍ତି, ଯାହାଙ୍କୁ ସେ ଭେଟିବାକୁ ଯାଉଥିଲେ । ଅଭିଯୁକ୍ତଙ୍କ ନିକଟରୁ ମୁମ୍ବାଇ ପୁଲିସ ଦେଇଥିବା ନମ୍ବର ଜବତ କରାଯାଇଛି । ଏହାବ୍ୟତୀତ ତାଙ୍କ ନିକଟରୁ ସିସିଟିଭିରେ ଦେଖାଯାଉଥିବା ବ୍ୟାଗ୍ ମଧ୍ୟ ଜବତ କରାଯାଇଛି ।



ସନ୍ଦିଗ୍ଧଙ୍କୁ ମୁମ୍ବାଇ ପୁଲିସ ଛତିଶଗଡ଼ର ଦୁର୍ଗ ଜିଲ୍ଲାରୁ ଅଟକ ରଖିଥିଲା । ସନ୍ଦିଗ୍ଧଙ୍କୁ ପଚରାଉଚରା କରାଯିବା ସହ ଏହି ମାମଲାରେ ତାଙ୍କର ଭୂମିକା ଯାଞ୍ଚ କରାଯାଉଛି । ପୁଲିସ ଏପର୍ଯ୍ୟନ୍ତ ପ୍ରାୟ ୫୦ ଜଣଙ୍କୁ ପଚରାଉଚରା କରିଛି । ଏହି ମାମଲାରେ ମୋଟ ୩୫ଟି ଟିମ୍ ଗଠନ କରାଯାଇଛି, ଯେଉଁମାନେ ଅଭିଯୁକ୍ତଙ୍କ ସୁରାକ୍ ଖୋଜିବାରେ ଲାଗିଛନ୍ତି ।

# ତେଜସ୍ୱୀ ଆରଜେଡିର ନୂଆ ସୁପ୍ରିମୋ

**ପାଟନା:** ତେଜସ୍ୱୀ ଯାଦବ ହେବେ ବିହାରରେ ଆରଜେଡିର ନୂଆ ମୁଖ୍ୟ । ଆରଜେଡିରେ ଏବେ ଏକ ତେଜସ୍ୱୀ ଯୁଗ ଆରମ୍ଭ ହୋଇଛି । ଶନିବାର ପାଟନାରେ ଦଳର କାର୍ଯ୍ୟକାରିଣୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଦଳୀୟ ସମ୍ବିଧାନ ସଂଶୋଧନ ପାଇଁ ଏକ ପ୍ରସ୍ତାବ ଜାତୀୟ କାର୍ଯ୍ୟକାରିଣୀରେ ପାରିତ ହୋଇଥିଲା । ଦଳରେ ଲାଲୁ ଯାଦବଙ୍କୁ ଯେଉଁ ଅଧିକାର ମିଳିଥିଲା ତାହା ଏବେ ତେଜସ୍ୱୀ ଯାଦବଙ୍କୁ ମଧ୍ୟ ଦିଆଯାଇଛି । ତେଜସ୍ୱୀ ଯାଦବ ଏବେ ନିର୍ବାଚନରେ ଯାହାକୁ ଚାହିଁବେ ତାଙ୍କୁ ଦଳୀୟ ଚିହ୍ନ ଦେଇପାରିବେ ଏବଂ ଦଳ ସହ ଜଡିତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ନେଇପାରିବେ । ଜାତୀୟ କାର୍ଯ୍ୟକାରିଣୀରେ ଆରଜେଡିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଆଲୋକ ମେହେଟ୍ଟା ଦଳର ସମ୍ବିଧାନରେ ସଂଶୋଧନ ପାଇଁ ପ୍ରସ୍ତାବ ଦେଇଥିଲେ, ଯାହା ସର୍ବସମ୍ମତିକ୍ରମେ ପାରିତ ହୋଇଥିଲା ।

ଜାତୀୟ କାର୍ଯ୍ୟକାରିଣୀରେ ଆରଜେଡିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଆଲୋକ ମେହେଟ୍ଟା ଦଳର ସମ୍ବିଧାନରେ ସଂଶୋଧନ ପାଇଁ ପ୍ରସ୍ତାବ ଦେଇଥିଲେ, ଯାହା ସର୍ବସମ୍ମତିକ୍ରମେ ପାରିତ ହୋଇଥିଲା । କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ସଭାପତି ଜଗଦାନନ୍ଦ ସିଂହ କିମ୍ବା ତାଙ୍କ ସାଂସଦ ପୁଅ ସୁଧାକର ସିଂହ ଯୋଗ ଦେଇନଥିଲେ । ତେବେ ଏହି ନେତାଙ୍କ ଅନୁପସ୍ଥିତି ଦଳରେ ନୂଆ ଚର୍ଚ୍ଚା ସୃଷ୍ଟି କରିଛି । ଏହି ଦୁଇ ନେତାଙ୍କ ପକ୍ଷରୁ କୌଣସି ବୟାନ ଦିଆଯାଇନାହିଁ । ଚଳିତ ବର୍ଷ ଶେଷ ଆଡ଼କୁ ବିହାରରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ତେଜସ୍ୱୀଙ୍କୁ ନିଜ ଚେହେରା କହି ଆରଜେଡି ଏକ ବଡ଼ ବାଜି ଲଗାଇଛି ବୋଲି କୁହାଯାଉଛି । ପୂର୍ବରୁ ନିର୍ବାଚନରେ ଲାଲୁ ଯାଦବଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା କାରଣ ଦଳର ସୁପ୍ରିମୋ ସେଠାରେ ଥିଲେ, କିନ୍ତୁ ବର୍ତ୍ତମାନ ତେଜସ୍ୱୀ ଯାଦବ ମଧ୍ୟ ବଡ଼ ନିଷ୍ପତ୍ତି ନେବାକୁ ସକ୍ଷମ ହେବେ ।



# ଦିଲ୍ଲୀର ଭଡାଟିଆଙ୍କୁ ମିଳିବ ମାଗଣା ବିଦ୍ୟୁତ, ପାଣି

**ନୂଆଦିଲ୍ଲୀ:** ଦିଲ୍ଲୀରେ ଭଡାଟିଆମାନଙ୍କୁ ମାଗଣା ବିଦ୍ୟୁତ୍ ଏବଂ ପାଣି ମିଳିବ । ଆମ ଆଦମୀ ପାର୍ଟି (ଆପ୍) ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ଏଭଳି ପ୍ରତିଶ୍ରୁତି ଦେଇଛନ୍ତି ।

ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ କେଜ୍ରିୱାଲ କହିଛନ୍ତି ଯେ ୨୦୨୫ ଦିଲ୍ଲୀ ବିଧାନସଭା ନିର୍ବାଚନ ପରେ ଯଦି ଆପ୍ ସରକାର ଗଠନ କରେ ତାହେଲେ ଭଡାଟିଆଙ୍କୁ ମାଗଣା ବିଦ୍ୟୁତ୍ ଏବଂ ପାଣି ଯୋଗାଇ ଦିଆଯିବ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଭଲ ସ୍କୁଲ ଏବଂ ହସ୍ପିଟାଲ ସମସ୍ତଙ୍କ ପାଇଁ । ସେମାନଙ୍କ ଆର୍ଥିକ ଅବସ୍ଥା ବହୁତ ଖରାପ । କିନ୍ତୁ ଭଡାଟିଆମାନେ ମାଗଣା ବିଦ୍ୟୁତ୍ ଏବଂ ପାଣି ସୁବିଧାରୁ ବଞ୍ଚିତ ହେଉଛନ୍ତି ।



ସେମାନଙ୍କୁ ଏସବୁ ଜିନିଷର ଫାଇଦା ମିଳିବା ଉଚିତ । ତେବେ କେଜ୍ରିୱାଲ ନିର୍ଦ୍ଦିଷ୍ଟ ଭାବରେ ପୂର୍ବାଞ୍ଚଳରୁ ଆସିଥିବା ଭଡାଟିଆଙ୍କ ବିଷୟରେ ପ୍ରକାଶ କରିଥିଲେ । ଦିଲ୍ଲୀବାସୀଙ୍କୁ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ମିଳିବ । ସେହିପରି ୨୦୦ ରୁ ୪୦୦ ୟୁନିଟ ପର୍ଯ୍ୟନ୍ତ ଅଧାଚାର୍ଜ ଲାଗିବ କିନ୍ତୁ ଭଡାଟିଆମାନଙ୍କୁ ଏହାର ଲାଭ ମିଳୁନାହିଁ । ସେମାନଙ୍କୁ ମଧ୍ୟ ମାଗଣା ବିଜୁଳି ଏବଂ ପାଣି ମିଳିବା ଦରକାର । ଏହାକୁ ଦୃଷ୍ଟିରେ ରଖି ଆମ ସରକାର ଯୋଜନା କରିବାକୁ ପ୍ରସ୍ତୁତ ରହିଛି । ଅପରପକ୍ଷରେ ଦିଲ୍ଲୀ ବିଧାନସଭା ନିର୍ବାଚନ ଫେବୃଆରୀ ୫ରେ ଅନୁଷ୍ଠିତ ହେବାକୁ ଥିବା ବେଳେ ରେଜଲ୍ଟ ଫେବୃଆରୀ ୮ରେ ଘୋଷଣା କରାଯିବ ।

## ହାଜତ ମୃତ୍ୟୁ ମାମଲା : ପୂର୍ବତନ ଆଇଜି ସମେତ ୮ ପୁଲିସ କର୍ମଚାରୀ ଦୋଷୀ

**ଶିମଲା:** କୋଟଖାଇ ଗୁଡ଼ିଆ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଗିରଫ ଜଣେ ନେପାଳୀ ଯୁବକଙ୍କ ହାଜତ ମୃତ୍ୟୁ ମାମଲାରେ ସିମଲାର ପୂର୍ବତନ ଆଇଜି ଜହୁର ହାଇଦର ଜୈଦୀ ଏବଂ ଅନ୍ୟ ୮ ଜଣ ପୁଲିସ କର୍ମଚାରୀଙ୍କୁ ଚଣ୍ଡିଗଡ଼ର ସିବିଆଇ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ରାୟ ଆସିବା ପରେ କୋର୍ଟ ସମସ୍ତ ଦୋଷୀଙ୍କୁ ରିମାଣ୍ଡରେ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜାନୁଆରୀ ୨୭ତାରିଖରେ କୋର୍ଟ ଏହି ଦଣ୍ଡାଦେଶ ଶୁଣାଇବେ । ଏହି ମାମଲା ୨୦୧୭ ମସିହାର । ଶିମଲା ଜିଲ୍ଲାର କୋଟଖାଇ ଅଞ୍ଚଳରେ ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣା ସାମ୍ନାକୁ ଆସିଛି । ୨୦୧୭ ଜୁଲାଇ ୪ ତାରିଖରେ ସ୍କୁଲରୁ ଘରକୁ ଫେରୁଥିବା ବେଳେ ନାବାଳିକା ଜଣକ ନିଖୋଜ ହୋଇଯାଇଥିଲେ । ଏହାର ଦୁଇ ଦିନ ପରେ ଜୁଲାଇ ୬ ତାରିଖରେ ତାଣ୍ଡି ଜଙ୍ଗଲରୁ ତାଙ୍କ ଉଲଗ୍ନ ମୃତଦେହ ମିଳିଥିଲା । ଶବ ବ୍ୟବଚ୍ଛେଦ ରିପୋର୍ଟରେ ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା । ଏହି ଘଟଣା ପରେ ହିମାଚଳ ପୁଲିସ ତତ୍କାଳୀନ ଆଇଜି ଜହୁର ହାଇଦର ଜୈଦିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ଗଠନ କରିଥିଲା । ଏହି ଟିମ୍ ନେପାଳୀ ବଂଶୋଦ୍ଭବ ଯୁବକ ସୁରଜଙ୍କ ସମେତ ୬ ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖିଥିଲା । କିନ୍ତୁ ୨୦୧୭ ଜୁଲାଇ ୧୮ ତାରିଖରେ କୋଟଖାଇ ଥାନା ଅଞ୍ଚଳରେ ସୁରଜଙ୍କ ସନ୍ଦେହଜନକ ମୃତଦେହ ମିଳିଥିଲା । ଏହା ପରେ ହିମାଚଳରେ ପ୍ରବଳ ଜନଆକ୍ରୋଶ ଦେଖାଦେଇଥିଲା । ପରେ ଏହି ମାମଲାରେ ଅନୀଲ କୁମାର ନାମକ ଯୁବକକୁ ଗିରଫ କରାଯାଇଥିଲା ଓ ପରେ କୋର୍ଟ ତାକୁ ଦୋଷୀ ସାବ୍ୟସ୍ତ କରିଥିଲେ ।

# ୭ ମାସ ପରେ ଆଇଏସଏସରୁ ବାହାରିଲେ ସୁନିତା ୱିଲିୟମସ୍

**ୱାଶିଂଟନ:** ଆମେରିକୀୟ ମହାକାଶ ସଂସ୍ଥା ନାସାର ମହାକାଶଚାରୀ ସୁନିତା ୱିଲିୟମ୍ସ ଏବଂ ନିକ୍ ହେଗ୍ ପ୍ରାୟ ୬-୭ ଘଣ୍ଟା ଧରି ସ୍ପେସୱାକ୍ କରିଛନ୍ତି ।

ଉଭୟ ମହାକାଶଚାରୀ ୨୦୨୫ ମସିହା ଜାନୁଆରୀ ୧୬ରେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରୁ ବାହାରକୁ ବାହାରିଥିଲେ । ଯାହାର ଏକ ଭିଡିଓ ନାସା ଏହାର ୱେବସାଇଟ୍ ଏବଂ ଅଫିସିଆଲ୍ 'ଏକ୍ସ' ଆକାଉଣ୍ଟରେ ସେୟାର କରିଛି । ତେବେ ନାସା ଏହି ସ୍ପେସୱାକ୍ ମିଶନର ନାମ ୟୁଏସ ସ୍ପେସୱାକ୍ ୯୧ ରଖିଛି ।

ରିପୋର୍ଟ ଅନୁସାରେ ସୁନିତା ୱିଲିୟମ୍ସ ଏବଂ ତାଙ୍କ ସାଥୀ ନିକ୍ ହେଗ୍ ୪୨୦ କିଲୋମିଟର ଉଚ୍ଚତାରେ ତୁର୍କମେନିସ୍ତାନ ଉପରେ ଏହି ସ୍ପେସୱାକ୍ କରିଥିଲେ । ସୁନିତାଙ୍କୁ ନିକ୍ଙ୍କ ସହ ମହାକାଶ ଷ୍ଟେସନରେ କିଛି ମରାମତି କାମ କରିବା ଲାଗି ବାହାରକୁ ଆସିବାକୁ ପଡିଥିଲା ।



ନାସାର ସୂଚନା ଅନୁଯାୟୀ, ଏହା ଆଇଏସଏସ କମାଣ୍ଡର ସୁନୀତା ୱିଲିୟମ୍ସଙ୍କ ୮ମ ସ୍ପେସୱାକ୍ ଥିଲା । ପୂର୍ବରୁ ସେ ତାଙ୍କର ୭ଟି ସ୍ପେସୱାକ୍ ସମୟରେ ମହାକାଶରେ ମୋଟ ୫୦ ଘଣ୍ଟା ୪୦ ମିନିଟ୍ ଚାଲିଛନ୍ତି । ତେବେ ସୁନିତା ୱିଲିୟମ୍ସ ଦୀର୍ଘ ୭ ମାସ ଧରି ମହାକାଶରେ ଫସି ରହିଛନ୍ତି ।

## ଶିବଲିଙ୍ଗଙ୍କୁ ସ୍ନେହରେ ଆଲିଙ୍ଗନ କରୁଛି ଭାଲୁ

**ନୂଆଦିଲ୍ଲୀ:** ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେଉଛି ଯାହା ଆପଣଙ୍କ ହୃଦୟକୁ ସ୍ପର୍ଶ କରିବ । ଏହି ଭିଡିଓ ଛତିଶଗଡର ଚଣ୍ଡି ମାତା ମନ୍ଦିରର ବୋଲି କୁହାଯାଉଛି । ଭିଡିଓରେ ଦେଖିବାକୁ ମିଳିଛୁ ଯେ, ଏକ ବଣୁଆ ଭାଲୁ ଶିବଲିଙ୍ଗଙ୍କୁ ଅତି ସ୍ନେହରେ ଆଲିଙ୍ଗନ କରୁଛି । ଏହି ଦୃଶ୍ୟ ଲୋକଙ୍କ ହୃଦୟ ଜିତିଛି । ଏହି ଭିଡିଓରେ, ମହାକଳେଶ୍ୱର ରୂପରେ ସଜାଯାଇଥିବା ଏକ ଶିବଲିଙ୍ଗ ପାଖରେ ଏକ ବଣୁଆ ଭାଲୁ ବସିଥିବାର ଦେଖିବାକୁ ମିଳୁଛି । ଶିବଲିଙ୍ଗଙ୍କୁ ବହୁତ ସ୍ନେହରେ ଏବଂ ଆଦର ସହିତ ଆଲିଙ୍ଗନ କରୁଛି । ଛତିଶଗଡର



ବାଗବ୍ରାହର ଅଞ୍ଚଳରେ ଅବସ୍ଥିତ ଚଣ୍ଡି ମାତା ମନ୍ଦିରର ଭିଡିଓ ବୋଲି ଜଣା ପଡିଛି । ଏହି କିଛି ସେକେଣ୍ଡ ଭାଇରାଲ ଭିଡିଓରେ ତିନିହଜାରରୁ ଅଧିକ କମେଣ୍ଟ ଆସି ସାରିଛି । ଲୋକେ ଶିବଙ୍କ ପଶୁପତିନାଥଙ୍କ ରୂପକୁ ମନେ ପକେଇଛନ୍ତି । ନେପାଳର କାଠମାଣ୍ଡୁରେ ବାଗମତି ନଦୀ କୂଳରେ ପଶୁପତିନାଥ ମନ୍ଦିର ରହିଛି । ମହାଦେବଙ୍କ ଏହି ରୂପ ଜୀବ ଦୟାର ବାର୍ତ୍ତା ମଧ୍ୟ ଦେଇଥାଏ ।

# ୭୦୦ ପାଲେଷ୍ଟିନୀୟଙ୍କୁ ଛାଡ଼ିବ ଇସ୍ରାଏଲ୍

**ତେଲ ଅଭିବ:** ଗାଜାରେ ଶାନ୍ତି ଚୁକ୍ତି ହୋଇଛି । ଇସ୍ରାଏଲ ଓ ହାମାସ ଯୁଦ୍ଧ ବନ୍ଦ କରିବାକୁ ରାଜି ହୋଇଛନ୍ତି । ଇସ୍ରାଏଲ କ୍ୟାବିନେଟ୍ ଗାଜାରେ ଅସ୍ତ୍ରବିରତି ଚୁକ୍ତିକୁ ଅନୁମୋଦନ କରିଛି । ଏବେ ଇସ୍ରାଏଲ ହାମାସର ଲୋକଙ୍କ ତାଲିକା ଜାରି କରିଛି, ଯେଉଁମାନଙ୍କୁ ସେ ମୁକ୍ତ କରିବ । ଇସ୍ରାଏଲର ନ୍ୟାୟ ମନ୍ତ୍ରଣାଳୟ ୭୦୦ରୁ ଅଧିକ ପାଲେଷ୍ଟାଇନ୍ କଏଦୀଙ୍କ ତାଲିକା ଜାରି କରିଛି । ସେମାନଙ୍କୁ ଅସ୍ତ୍ରବିରତି ଚୁକ୍ତି ଅନୁଯାୟୀ ମୁକ୍ତ କରାଯିବ ଯାହା ଗାଜାରେ ହାମାସ ସହିତ ଯୁଦ୍ଧ କୁ ବନ୍ଦ କରିବ ।



ବେଞ୍ଜାମିନ ନେତାନ୍ୟାହୁଙ୍କ ନେତୃତ୍ୱାଧୀନ ଇସ୍ରାଏଲ କ୍ୟାବିନେଟ୍ ଗାଜା ଅସ୍ତ୍ରବିରତି ଚୁକ୍ତିକୁ ଅନୁମୋଦନ କରିବାର କିଛି ଘଣ୍ଟା ପରେ ଏହି ତାଲିକା ପ୍ରକାଶ ପାଇଛି । ରବିବାର ସ୍ଥାନୀୟ ସମୟ ଅପରାହ୍ଣ ୪ଟା ବେଳେ ଇସ୍ରାଏଲ ଏସବୁ କଏଦୀଙ୍କୁ ମୁକ୍ତ କରିବ ବୋଲି ଇସ୍ରାଏଲର ନ୍ୟାୟ ମନ୍ତ୍ରାଳୟ କହିଛି । ତାବଦଳରେ ହମାସ୍ ବନ୍ଧକମାନଙ୍କୁ ମୁକ୍ତ କରିବ ।

ରବିବାର ସ୍ଥାନୀୟ ସମୟ ଅପରାହ୍ଣ ୪ଟା ବେଳେ ଇସ୍ରାଏଲ ଏସବୁ କଏଦୀଙ୍କୁ ମୁକ୍ତ କରିବ ବୋଲି ଇସ୍ରାଏଲର ନ୍ୟାୟ ମନ୍ତ୍ରାଳୟ କହିଛି । ତାବଦଳରେ ହମାସ୍ ବନ୍ଧକମାନଙ୍କୁ ମୁକ୍ତ କରିବ ।

ଏହି ତାଲିକାରେ ମାର୍ୱାନ ବାରଘୌତିର ନାଁ ନାହିଁ । ବାରଘୋଟିର ବୟସ ୬୪ ବର୍ଷ ଏବଂ ସେ ଇସ୍ରାଏଲ ଉପରେ ଆକ୍ରମଣ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛି । ତାକୁ ଇସ୍ରାଏଲ ଦ୍ୱାରା ଧରାଯାଇଥିବା ସବୁଠାରୁ ହାଇପ୍ରୋଫାଇଲ କଏଦୀ ଭାବରେ ବିବେଚନା କରାଯାଏ । ଅନେକ ପାଲେଷ୍ଟାଇନ୍ ତାକୁ ନିଜର ଭବିଷ୍ୟତ ରାଷ୍ଟ୍ରପତି ହେବା ପାଇଁ ଏକ ଅଗ୍ରଣୀ ପ୍ରାର୍ଥୀ ଭାବରେ ଦେଖନ୍ତି ।

## ଏସ୍ଏନ୍ ସାବତ ୟୁପିଏସ୍ଏସ୍ଏସ୍ସି ଅଧ୍ୟକ୍ଷ

**ନୂଆଦିଲ୍ଲୀ:** ଉତ୍ତରପ୍ରଦେଶ ସବୋର୍ଡିନେଟ୍ ସର୍ଭିସ ସିଲେକସନ୍ କମିଶନର ଅଧ୍ୟକ୍ଷ ରୂପେ ନିଯୁକ୍ତି ପାଇଛନ୍ତି ୧୯୯୦ ବ୍ୟାଚ ୟୁପି କ୍ୟାଡର ଆଇପିଏସ୍ ଅଫିସର ଏସ୍ଏନ୍ ସାବତ । କ୍ୟାରିୟରର ୩୪ ବର୍ଷ ମଧ୍ୟରେ ବାରାଣାସୀ, ଆଗ୍ରା ଏବଂ ଲକ୍ଷ୍ନୌ ଭଳି ସମ୍ବେଦନଶୀଳ ଜିଲ୍ଲାମାନଙ୍କରେ ସୁଚାରୁରୂପେ ଦାୟିତ୍ୱ ତୁଲାଇଛନ୍ତି । ୨୦୧୯ରେ ପ୍ରୟାଗରାଜ ଠାରେ ଆୟୋଜିତ କୁମ୍ଭ ମେଳା ଏବଂ ଅଯୋଧ୍ୟାରେ ଶୀଳାନ୍ୟାସ କାର୍ଯ୍ୟକ୍ରମରେ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲେ । ଏହା ସହ କାଶୋଭୋରେ ୟୁନାଇଟେଡ ନେସନ ପିସ୍ କିପିଂ ମିଶନରେ କାର୍ଯ୍ୟ କରିବା ସହ ସିଆର୍ପିଏଫ୍ ଆଇଜି ଭାବେ ମଧ୍ୟ କାର୍ଯ୍ୟ କରିଥିଲେ । ଓଡ଼ିଶାରେ ଚାଲିଥିବା ମାଓ ଦମନ କାର୍ଯ୍ୟରେ ମଧ୍ୟ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ବାରଣାସୀ, କାନପୁର ଏବଂ ମିର୍ଜାପୁରରେ ଡିଆଇଜି ଭାବେ କାର୍ଯ୍ୟ କରିଥିବା ବେଳେ ୨୦୨୧ରେ ପୋଲିସ୍ ଅଧିକ୍ଷକ ରୂପେ ପଦୋନ୍ନତି ପାଇଥିଲେ । ଉତ୍ତରପ୍ରଦେଶ ଶକ୍ତି ବିଭାଗର ଭିଜିଲାନ୍ସ ଡିଜି, ସିବି-ସିଆଇଡି ଡିଜି ଏବଂ ଜେଲ୍ ଡିଜି ଭାବେ କାର୍ଯ୍ୟ କରିଛନ୍ତି । ତାଙ୍କୁ ଜାତିସଂଘ ଶାନ୍ତି ପଦକ ରାଷ୍ଟ୍ରପତି ପୋଲିସ ପଦକ ସମେତ ରାଜ୍ୟ ପୋଲିସ୍ ପଦକ ସମ୍ମାନ ମଧ୍ୟ ପ୍ରଦାନ କରାଯାଇଥିଲା । ଏହାବାଦ ହ୍ୟୁମାନ୍ସ ରାଇଟ୍ସ ଅଧିନରେ ଅଭିନବ ଲେଖା ପାଇଁ ସେ ଡକ୍ଟରେଟ ମଧ୍ୟ ହାସଲ କରିଥିଲେ ।

## ଅଳ୍ପକେ ମରଣ ମୁହଁରୁ ବର୍ତ୍ତି ଯାଇଥିଲେ ଶେଖ ହସିନା



**ନୂଆଦିଲ୍ଲୀ:** ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ଗତବର୍ଷ ଅଗଷ୍ଟ ମାସରେ ନିଜ ଜୀବନ ବଞ୍ଚାଇ ଭାରତ ପଳାଇ ଆସିଥିଲେ । ଏହାପରେ ମହମ୍ମଦ ୟୁନୁସ ଦେଶର ଅନ୍ତରୀଣ ଶାସକ ହୋଇଥିଲେ । ପାଖାପାଖି ୫ ମାସ ପରେ ହସିନାଙ୍କ ଏକ ଅଡିଓ ସାମ୍ନାକୁ ଆସିଛି । ଆୱାମୀ ଲିଗ୍ ପକ୍ଷରୁ ଜାରି ଏକ ଅଡିଓ ବାର୍ତ୍ତାରେ ଭୟଭୀତ ଶେଖ୍ ହସିନା କହୁଛନ୍ତି, 'ରେହାନା (ଭଉଣୀ) ଏବଂ ମୁଁ ମାତ୍ର ୨୦-୨୫ ମିନିଟ୍ ବ୍ୟବଧାନରେ ମୃତ୍ୟୁରୁ ବର୍ତ୍ତି ଯାଇଥିଲୁ ।

ଗତବର୍ଷ ଶେଖ୍ ହସିନା ସରକାର ବିରୋଧରେ ଛାତ୍ରଛାତ୍ରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ, ଯେଉଁଥିରେ ୬୦୦ ଲୋକ ପ୍ରାଣ ହରାଇଥିଲେ । ତାଙ୍କର ହତ୍ୟା ଷଡ଼ଯନ୍ତ୍ର ହୋଇଥିବା ଶେଖ୍ ହସିନା ଅଭିଯୋଗ କରିଛନ୍ତି । ଏଥିସହିତ ସେ ବିଶ୍ୱାସ କରୁଥିଲେ ଯେ ଇଶ୍ୱରଙ୍କ ଦୟାରୁ ସେ ଜୀବିତ ବଞ୍ଚିଯାଇଛଥିଲେ । 'ପ୍ରଥମେ ଅଗଷ୍ଟ ୨୧ (୨୦୦୪) ରେ ଗ୍ରେନେଡ୍ ଆକ୍ରମଣ, ତା'ପୂର୍ବରୁ ୨୦୦୦ରେ କୋଟାଲିପଡ଼ା ବୋମା ବିସ୍ଫୋରଣର ଷଡ଼ଯନ୍ତ୍ର ଏବଂ ଏବେ ଏହି ସଦ୍ୟତମ ଆକ୍ରମଣ । ଇଶ୍ୱରଙ୍କ ଦୟାରୁ ରେହାନା ଓ ମୁଁ ବଞ୍ଚି ଯାଇଥିଲୁ । ନଚେତ୍ ଆମେ ବଞ୍ଚି ନଥାନ୍ତୁ ।

# ଉପଗ୍ରହ ନା ପାଣିଟାଙ୍କି! ସୋସିଆଲ ମିଡିଆରେ ଜୋରଦାର ଚର୍ଚ୍ଚା

**ଲାହୋର:** ପାକିସ୍ତାନର ପ୍ରଥମ ସ୍ୱଦେଶୀ ଉପଗ୍ରହ ଇଓ-୧ ଉତକ୍ଷେପଣ ହେବା ମାତ୍ରେ ସୋସିଆଲ ମିଡିଆରେ କଟାକ୍ଷର ବର୍ଷା ହେବାରେ ଲାଗିଛି । ପ୍ରକୃତରେ, ପାକିସ୍ତାନ ଶୁକ୍ରବାର (ଜାନୁଆରୀ ୧୭) ଦିନ ପ୍ରଥମ ଇଲେକ୍ଟ୍ରୋ-ଅପ୍ଟିକାଲ୍ ସାଟେଲାଇଟ୍ ଉତକ୍ଷେପଣ କରିଛି । ପାକିସ୍ତାନ ଚୀନର ଜିଉକୁଆନ ସାଟେଲାଇଟ୍ ଲଞ୍ଚ ସେଣ୍ଟରରୁ ଏହାର ସାଟେଲାଇଟ୍ ଉତକ୍ଷେପଣ କରିଛି, କିନ୍ତୁ ଏହି ସାଟେଲାଇଟ୍ ଉତକ୍ଷେପଣ ପରେ ପରେ ଲୋକମାନେ ଏହାକୁ ସୋସିଆଲ ମିଡିଆରେ ଟ୍ରୋଲ୍ କରିବା ଆରମ୍ଭ କରିଦେଲେ । ଲୋକମାନେ ଏହି ଉପଗ୍ରହକୁ 'ପାଣି ଟାଙ୍କି' ସହିତ ତୁଳନା କରୁଛନ୍ତି । ସମସ୍ତ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏହି ସାଟେଲାଇଟ୍ ବିଷୟରେ ମିମ୍ ଏବଂ କଟାକ୍ଷ ଜୋର ଧରିଛି

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏହି ସାଟେଲାଇଟ୍ ଫଟୋ ସେୟାର କରିଛନ୍ତି । ପାକିସ୍ତାନ ପ୍ରଧାନମନ୍ତ୍ରୀ ଏହାକୁ 'ଦେଶ ପାଇଁ ଗର୍ବର ମୁହୂର୍ତ୍ତ' ବୋଲି କହିଛନ୍ତି । ପ୍ରଧାନମନ୍ତ୍ରୀ ସରିଫ କହିଛନ୍ତି, ପାକିସ୍ତାନ ଗର୍ବର ସହିତ ଚୀନର ଜିଉକ୍ୱାନ୍ ସାଟେଲାଇଟ୍ ଲଞ୍ଚ ସେଣ୍ଟରରୁ ଏହାର ପ୍ରଥମ ସ୍ୱଦେଶୀ ଇଲେକ୍ଟ୍ରୋ ଅପ୍ଟିକାଲ୍ ସାଟେଲାଇଟ୍ ଉତକ୍ଷେପଣ କରିଛି ।




ପାକିସ୍ତାନର ପ୍ରଥମ ସ୍ୱଦେଶୀ ଉପଗ୍ରହ ବିଷୟରେ ସରିଫ ଲେଖିଛନ୍ତି, ଫସଲ ଉତ୍ପାଦନର ପୂର୍ବାନୁମାନ ଠାରୁ ଆରମ୍ଭ କରି ସହରାଞ୍ଚଳ ବିକାଶର ତଦାରଖ କରିବା ପର୍ଯ୍ୟନ୍ତ, ହେଉଛି ପ୍ରଗତି ଦିଗରେ ଆମର ଯାତ୍ରାରେ ଏକ ବଡ଼ ସଫଳତା । ଏହି ଉପଗ୍ରହ ମହାକାଶ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ଆମ ଦେଶର ବର୍ଦ୍ଧିତ କ୍ଷମତାକୁ ପ୍ରଦର୍ଶନ କରୁଛି । ଏହା ବ୍ୟତୀତ, ସେ ସମସ୍ତ ବୈଜ୍ଞାନିକ ଏବଂ ଇଞ୍ଜିନିୟରମାନଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଥିଲେ । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏହି ସାଟେଲାଇଟ୍ ଫଟୋ ସେୟାର କରିଛନ୍ତି । ପାକିସ୍ତାନର ଉପ-ପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀ ଇସାକ ଦାର ମଧ୍ୟ ଏକ ପୋଷ୍ଟ ସେୟାର କରି ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଏବଂ ଏହି ଉତକ୍ଷେପଣ ପାକିସ୍ତାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଏବଂ ମହାକାଶ ବିଜ୍ଞାନରେ ପାକିସ୍ତାନର ବଢୁଥିବା କ୍ଷମତାର ପ୍ରମାଣ ଭାବରେ ବର୍ଣ୍ଣନା କରିଥିଲେ ।

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏହି ସାଟେଲାଇଟର ଫଟୋ ସୋସିଆଲ ମିଡିଆରେ ସେୟାର କରିବା ମାତ୍ରେ ଲୋକମାନେ ଏହାକୁ ଟ୍ରୋଲ କରିବା ଆରମ୍ଭ କରିଦେଲେ । ସୋସିଆଲ ମିଡିଆ ବ୍ୟବହାରକାରୀମାନେ ଏହି ସାଟେଲାଇଟକୁ ପାଣି ଟାଙ୍କି ସହିତ ତୁଳନା କରି ଏହାର ମଜା ଉଡାଇବା ଆରମ୍ଭ କରିଦେଲେ ।

## ଅଷ୍ଟ୍ରେଲିଆନ୍ ଓପନ

# ପ୍ରି-କ୍ୱାର୍ଟରରେ ସିନର




ନୂଆଦିଲ୍ଲୀ,୧୮।୧ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ୍ ତଥା ବିଶ୍ୱର ନଂ.୧ ଖେଳାଳି ଜାନିକ ସିନର ଅଷ୍ଟ୍ରେଲିଆନ୍ ଓପନ ପୁରୁଷ ସିଙ୍ଗଲ୍ସ ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି । ଶନିବାର ତୃତୀୟ ରାଉଣ୍ଡ ମ୍ୟାଚରେ ସିନର ଆମେରିକାର ମାର୍କସ ଗିରୋନଙ୍କୁ ଭେଟିଥିଲେ । ଉଭୟଙ୍କ ମଧ୍ୟରେ ୨ ଘଣ୍ଟାରୁ ଅଧିକ ସମୟ ଧରି ୩ ସେଟ୍‌ର ମୁକାବିଲା ହୋଇଥିଲା । ଏଥିରେ ସିନର ୬-୩, ୬-୪, ୬-୨ ସିଧାସଳଖ ସେଟ୍‌ରେ ଅଣସିଡେଡ ମାର୍କସ ଗିରନଙ୍କୁ ଧରାଶାୟୀ କରି ଶ୍ରେଷ୍ଠ ୧୬ରେ ପ୍ରବେଶ କରିଛନ୍ତି । ପରବର୍ତ୍ତୀ ରାଉଣ୍ଡରେ ସର୍ଗିଆର ନିଓମୀର କେମାନୋଭିକ୍ କିମ୍ବା ଡାନିସ୍‌ଙ୍କୁ ଭେଟିବେ । ଗତ ଅକ୍ଟୋବରରୁ ଏପର୍ଯ୍ୟନ୍ତ ଇଟାଲୀର ଏହି ପେସାଦାର ପୁରୁଷ ଟେନିସ୍ ଖେଳାଳି କ୍ରମାଗତ ଭାବେ ୧୭ଟି ମ୍ୟାଚ ଜିତି ସାରିଲେଣି । ତେଣୁ ସେ ଏଥର ବର୍ଷର ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ ଟାଇଟଲ ଦାବିଦାର ଅଛନ୍ତି । ଗତବର୍ଷର ସେ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଜିତିଥିଲେ । ଅଷ୍ଟ୍ରେଲିଆନ୍ ଓପନ ଫାଇନାଲରେ ଡାନିଏଲ୍ ମେଡେଭେଡେଭଙ୍କୁ ହରାଇ ଚାମ୍ପିଅନ୍ ହୋଇଥିଲେ । ପୁରୁଷ ସିଙ୍ଗଲ୍ସର ଅନ୍ୟ ତୃତୀୟ ରାଉଣ୍ଡ ମ୍ୟାଚ ଗୁଡିକରେ ରନ, ସେଲଟନ, ତିଏନ୍, ସୋନେଗୋ, ଦି ମିନାଉର ବିଜୟୀ ହୋଇ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି । ମହିଳା ବର୍ଗର ତୃତୀୟ ରାଉଣ୍ଡ ମୁକାବିଲାରେ ଏଲିନା ଭିଟୋଲିନା, କାଏଜ, କୁଡେର ମେଟୋଭା, ରିବାକିନା, ଲିସ୍ ଓ କାସାଟକିନା ବିଜୟୀ ହୋଇ ଶ୍ରେଷ୍ଠ ୧୬ରେ ପ୍ରବେଶ କରିଛନ୍ତି ।

## ଆଶିଷ ପ୍ରଥମ ଓଡ଼ିଆ ଅନ୍ତର୍ଜାତୀୟ ସୁଟିଂ ବିଚାରପତି

ଭୁବନେଶ୍ୱର,୧୮।୧ (ସବ୍ୟୁ): ଆଶିଷ ନାୟକ ପ୍ରଥମ ଓଡ଼ିଆ ଭାବେ ଅନ୍ତର୍ଜାତୀୟ ସୁଟିଂ ସ୍ପୋର୍ଟ୍ସ ବିଚାରପତି ଭାବେ ସ୍ୱୀକୃତି ପାଇଛନ୍ତି । ଜାତୀୟ ରାଇଫଲ ସଂଘ ଦ୍ୱାରା ମନୋନୀତ ହୋଇ ଆଶିଷ ଦିଲ୍ଲୀରେ ଅନୁଷ୍ଠିତ ଅନ୍ତର୍ଜାତୀୟ ସୁଟିଂ ଫେଡେରେସନ୍ ଦ୍ୱାରା ଆୟୋଜିତ ବିଚାରପତି ପାଠ୍ୟକ୍ରମରେ ସଫଳତା ଲାଭ କରିଛନ୍ତି । ତେଣୁ ତାଙ୍କୁ ସ୍ୱୀକୃତିପ୍ରାପ୍ତ ବିଚାରପତି ମାନ୍ୟତା ମିଳିଛି । ଆଶିଷ ଏହା ପୂର୍ବରୁ ପ୍ରଥମ ଓଡ଼ିଆ ଭାବେ ଅନ୍ତର୍ଜାତୀୟ ସୁଟିଂ ସ୍ପୋର୍ଟ୍ସ କ୍ରୀଡା ପ୍ରଶିକ୍ଷକ ଓ ଜାତୀୟ ବନ୍ଧୁକ ଚାଳନା ବିଚାରପତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ଜାତୀୟ ରାଇଫଲ ସଂଘର ସଭାପତି କଳିକେଶ ନାରାୟଣ ସିଂହଦେଓ, ଓଡ଼ିଶା ରାଇଫଲ ସଭାପତି ଗୌରୀ ମହାନ୍ତି, ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକଙ୍କ ଶୁଭେଚ୍ଛା ଜଣାଇଛନ୍ତି ।

## ଚାମ୍ପିଅନ୍ସ ଟ୍ରଫି

# ରୋହିତଙ୍କୁ ଗୁରୁ ଦାୟିତ୍ୱ




ନୂଆଦିଲ୍ଲୀ,୧୮।୧ (ଏଜେନ୍ସି): ଚାମ୍ପିଅନ୍ସ ଟ୍ରଫି ପାଇଁ ଭାରତୀୟ ଦଳ ଘୋଷଣା ହୋଇଛି । ଖରାପ ଫର୍ମରେ ଥିବା ରୋହିତ ଶର୍ମାଙ୍କୁ ପୁଣିଥରେ ଦଳର ନେତୃତ୍ୱ ଦେଇଛି ବିସିସିଆଇ । ଶୁଭମନ ଗିଲ ଉପଅଧିନାୟକ ତଥା ଯଶପ୍ରୀତ ବୁମରା ଓ ମହମ୍ମଦ ସାମି ଦଳରେ ସ୍ଥାନ ପାଇଛନ୍ତି । ୨୦୨୩ ଦିନିକିଆ ବିଶ୍ୱକପ୍ ଖେଳିଥିବା ଦଳର ବହୁ ଖେଳାଳିଙ୍କୁ ଚାମ୍ପିଅନ୍ସ ଟ୍ରଫି ପାଇଁ ଟିମ୍ ଇଣ୍ଡିଆରେ ସ୍ଥାନ ମିଳିଛି । ଅର୍ଶଦୀପ ସିଂ, ୱାଶିଂଟନ ସୁନ୍ଦର ଓ ଯଶସ୍ୱୀ ଜୟସ୍ୱାଲ ମଧ୍ୟ ସ୍ଥାନ ପାଇଛନ୍ତି । ରିଷଭ ପନ୍ତ ଓ ଲୋକେଶ ରାହୁଲଙ୍କୁ ୧୫ ଜଣିଆ ଦଳରେ ସାମିଲ କରାଯାଇଛି । ଉଭୟ ଦଳ ପାଇଁ ୱିକେଟ୍ ରକ୍ଷକ ଭାବେ ଖେଳିବେ । କୁଲଦୀପ ଯାଦବ, ରବିନ୍ଦ୍ର ଜାଡେଜା, ଓ ଅକ୍ଷର ପଟେଲଙ୍କୁ ଚାମ୍ପିଅନ୍ସ ଟ୍ରଫି ଦଳରେ ସୁଯୋଗ ମିଳିଛି । ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ କୁଲଦୀପ ଯାଦବ ଆହତ ଥିଲେ । ଏବେ ସେ ସୁସ୍ଥ ଅଛନ୍ତି । ଚାମ୍ପିଅନ୍ସ ଟ୍ରଫି ପାଇଁ ତାଙ୍କୁ ସୁଯୋଗ ମିଳିବ । ମହମ୍ମଦ ସିରାଜ, ସଞ୍ଜୁ ସାମସନ, ନୀତିଶ କୁମାର ରେଡ୍ଡୀ ଓ କରୁଣ ନାୟକ ଦଳରେ ସ୍ଥାନ ପାଇବାରେ ବିଫଳ ହୋଇଛନ୍ତି । ଚାମ୍ପିଅନ୍ସ ଟ୍ରଫି ପାଇଁ ବିସିସିଆଇ ଘୋଷଣା କରିଥିବା ୧୫ ଜଣିଆ ଦଳରେ ରୋହିତ ଶର୍ମାଙ୍କ ସହ ଶୁଭମନ ଗିଲ, ବିରାଟ କୋହଲି, ଶ୍ରେୟାସ ଆୟର, ଲୋକେଶ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଯଶପ୍ରୀତ ବୁମରା, ମହମ୍ମଦ ସାମି, ଅର୍ଶଦୀପ ସିଂ, ଯଶସ୍ୱୀ ଜୟସ୍ୱାଲ, ରିଷଭ ପନ୍ତ, ରବିନ୍ଦ୍ର ଜାଡେଜ ଅଛନ୍ତି । ଦଳ ଘୋଷଣା ପୂର୍ବରୁ ବୁମରା ଖେଳିବେ କି ନାହିଁ ସେ ନେଇ ଚର୍ଚ୍ଚା ହେଉଥିଲା । କାରଣ ନିକଟରେ ଶେଷ ହୋଇଥିବା ବର୍ଡର ଗାଭାସ୍କର ଟ୍ରଫିର ଶେଷ ମ୍ୟାଚରେ ସେ ଆହତ ହୋଇଥିଲେ । ତାଙ୍କ ପିଠି ମାଂଶପେଶୀରେ ସମସ୍ୟା ଥିଲା । ତାଙ୍କୁ ସମ୍ପୂର୍ଣ୍ଣ ବିଶ୍ରାମ ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ । ଏଭଳି ଖବରକୁ ନିଜେ ବୁମରା ଖଣ୍ଡନ କରିଥିଲେ । ଉଭୟ ଟେଷ୍ଟ ଓ ଟି-୨୦ରେ ଭଲ ପ୍ରଦର୍ଶନ କରିଥିବା ଯଶସ୍ୱୀ ଜୟସ୍ୱାଲଙ୍କୁ ପ୍ରଥମଥର ପାଇଁ ଦିନିକିଆ ଦଳରେ ସ୍ଥାନ ମିଳିଛି । ଗତ ବର୍ଷ ସେ ଟେଷ୍ଟ କ୍ରିକେଟ୍‌ରେ ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ସବୁଠୁ ଅଧିକ ରନ୍ କରିଥିଲେ । ସେ ୧୮ଟି ଟେଷ୍ଟ ଖେଳି ୨ଟି ଶତକ ଓ ୧୦ଟି ଅର୍ଦ୍ଧଶତକ ସହ ୧୭୬୬ ରନ୍ କରିଛନ୍ତି । ତେବେ ୨୦୨୪ରେ ୧୫ଟି ଟେଷ୍ଟ ଖେଳି ୧୪୭୮ ରନ୍ କରିଥିଲେ । ୨୩ଟି ଟି-୨୦ ମ୍ୟାଚରୁ ୭୨୩ ରନ୍ ସଂଗ୍ରହ କରିଛନ୍ତି । ତେବେ ଆଗାମୀ ଚାମ୍ପିଅନ୍ସ ଟ୍ରଫିରେ ଅଧିନାୟକ ରୋହିତ ଶର୍ମା କିମ୍ବା ଶୁଭମନ ଗିଲଙ୍କ ସହ ଜୟସ୍ୱାଲ ଇନିଂସ ଓପନ କରିବେ । ଏତଦ୍ ବ୍ୟତୀତ ଭଲ ଖବର ମଧ୍ୟ ସାମ୍ନାକୁ ଆସିଛି । ଦୀର୍ଘ ସମୟ ପରେ ଦ୍ରୁତ ବୋଲର ମହମ୍ମଦ ସାମି ଭାରତୀୟ ଦଳକୁ ଫେରିଛନ୍ତି । ୨୦୨୩ ଦିନିକିଆ ବିଶ୍ୱକପ୍ ପରଠାରୁ ସେ ଆଉ ପଡ଼ିଆକୁ ଓହ୍ଲାଇ ନଥିଲେ । ଆହତ ସମସ୍ୟା ଯୋଗୁଁ ବର୍ଷରୁ ଅଧିକ ସମୟ ହେବ ସେ ଜାତୀୟ ଦଳ ପାଇଁ ଖେଳି ପାରିନାହାନ୍ତି । ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟି-୨୦ ଶୃଙ୍ଖଳା ପାଇଁ ତାଙ୍କୁ ଦଳରେ ସାମିଲ କରାଯାଇଛି । ଆସନ୍ତା ଫେବୃଆରୀ ୧୯ରୁ ଚାମ୍ପିଅନ୍ସ ଟ୍ରଫି ବିଗୁଲ ବାଜିବ ।

## ହକି ଇଣ୍ଡିଆ ଲିଗ୍

# ତାମିଲନାଡୁ ଡ୍ରାଗନ୍ସଙ୍କୁ ଧରାଶାୟୀ କଲା ହାଇଦ୍ରାବାଦ




ରାଉରକେଲା,୧୮।୧ (ସବ୍ୟୁ): ଚଳିତ ହକି ଇଣ୍ଡିଆ ଲିଗ୍‌ରେ ତାମିଲନାଡୁ ଡ୍ରାଗନ୍ସ ବିଜୟରେ ବ୍ରେକ ଲାଗିଛି । ଶନିବାର ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଅନୁଷ୍ଠିତ ହକି ଇଣ୍ଡିଆ ଲିଗ୍‌ରେ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ହାଇଦ୍ରାବାଦ ତୁଫାନ୍ସ ୪-୦ ଗୋଲ୍‌ରେ ତାମିଲନାଡୁ ଡ୍ରାଗନ୍ସଙ୍କୁ ଧରାଶାୟୀ କରିଛି । ଚଳିତ ହକି ଇଣ୍ଡିଆ ଲିଗରେ ତାମିଲନାଡୁରେ ଏହା ପ୍ରଥମ ପରାଜୟ । କ୍ରମାଗତ ୪ଟି ମ୍ୟାଚ ଜିତିବା ପରେ ତାମିଲନାଡୁ ବିଜୟରେ ବ୍ରେକ ଲାଗିଛି । ଦଳ ୭ ମ୍ୟାଚରୁ ୧୫ ପଏଣ୍ଟ ସହ ଟେବୁଲର ଶୀର୍ଷରେ ଥିବା ହାଇଦ୍ରାବାଦ ତୁଫାନ ୭ ମ୍ୟାଚରୁ ୧୩ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି ।

ମ୍ୟାଚ ଆରମ୍ଭରୁ ବେଶ ରୋଚକ ହୋଇଥିଲା । ପ୍ରଥମ କ୍ୱାର୍ଟର ଗୋ୍ଲ ଶୂନ୍ୟ ଥିଲା । କିନ୍ତୁ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ କ୍ୱାର୍ଟରରେ ହାଇଦ୍ରାବାଦ ପ୍ରଧାନ ବିସ୍ତାର କରି ତାମିଲନାଡୁକୁ ପ୍ରତ୍ୟାବର୍ତ୍ତନର ସୁଯୋଗ ଦେଇନଥିଲା । ମ୍ୟାଚର ୨୧ତମ ମିନିଟ୍‌ରେ ଗଞ୍ଜାଲୋ ପିଲାଟ ହାଇଦ୍ରାବାଦ ପାଇଁ ପ୍ରଥମ ଗୋ୍ଲ କରିଥିଲେ । ଏହାପରେ ମଧ୍ୟାନ୍ତର ବିରତି ହୋଇଥିଲା । ତୃତୀୟ କ୍ୱାର୍ଟରରେ ଦଳ ଆଉ ଦୁଇଟି ଗୋଲ୍ କରି ତାମିଲନାଡୁକୁ ସମ୍ପୂର୍ଣ୍ଣ ଚାପରେ ରଖିଥିଲା । ମ୍ୟାଚର ୩୧ତମ ମିନିଟ୍‌ରେ ଅର୍ଥର ଡି ସ୍ଲୋଭେର ଏବଂ ୩୩ତମ ମିନିଟ୍‌ରେ ଟିମ୍ ବ୍ରାଣ୍ଡ ଗୋଲ୍ କରିଥିଲେ । ପୁଣି ୪୮ ମିନିଟ୍‌ରେ ବ୍ୟକ୍ତିଗତ ଦ୍ୱିତୀୟ ତଥା ଦଳ ପାଇଁ ଚତୁର୍ଥ ଗୋଲ୍ କରିଥିଲେ ଗଞ୍ଜାଲୋ ପିଲାଟ । ଏହି ବ୍ୟବଧାନ ଶେଷ ପର୍ଯ୍ୟନ୍ତ ଜାରି ରହିବା ସହ ହାଇଦ୍ରାବାଦ ୪-୦ ଗୋଲରେ ବଡ଼ ବିଜୟ ହାସଲ କରିଛି ।

## ଜିନ୍ଦଲ ପ୍ରିମିୟର ଲିଗ୍: ଏକ୍ସଟ୍ରିମ ଏସ୍ଏମ୍ଏସ୍ ଇଣ୍ଡିଆ ଚାମ୍ପିଅନ




ଅନୁଗୁଳ,୧୮।୧ (ସବ୍ୟୁ): ପ୍ରାୟ ଗୋଟିଏ ମାସ ଧରି ଅନୁଗୁଳର ଜିନ୍ଦଲ ନଗରରେ ଚାଲିଥିବା ଜିନ୍ଦଲ ପ୍ରିମିୟର ଲିଗ ୨୦୨୪-୨୫ ଉଦ୍‌ଯାପିତ ହୋଇଛି । ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର(ଜେଏସପି)ର ପ୍ରତିଭାବାନ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ଏହି କ୍ରିକେଟ ଲିଗ୍ ଡିସେମ୍ବର ୭ ତାରିଖରୁ ଆରମ୍ଭ ହୋଇ, ଜାନୁୟାରୀ ୧୭ ତାରିଖ ଯାଏଁ ଚାଲିଥିଲା । ଜେଏସପି ଅନୁଗୁଳର ମାନବ ସମ୍ବଳ ବିଭାଗ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୩ଟି ବର୍ଗ ଯଥା- ଜେଏସ୍‌ପି ଜେଣ୍ଟସ୍, ଜେଏସପି ଲେଡିଜ୍ ଏବଂ ଜେଏସ୍‌ପି ସ୍କୁଲ ଟିମ ଭାଗ ନେଇଥିଲେ ।

ଜେଏସପି ଜେଣ୍ଟସ୍ ବର୍ଗରେ ୫୪ଟି ଦଳ ଭାଗ ନେଇଥିଲେ । ବିଭିନ୍ନ ବିଭାଗ ଓ ଭେଣ୍ଡରମାନଙ୍କୁ ନେଇ ଗଠିତ ହୋଇଥିବା ଏହି ଦଳ ସବୁ ୧୦ ଓଭର ବିଶିଷ୍ଟ ୫୪ଟି ମ୍ୟାଚ୍ ଖେଳିଥିଲେ । ଫାଇନାଲ ମ୍ୟାଚରେ ଏକ୍ସଟ୍ରିମ ଏସଏମଏସ ଇଣ୍ଡିଆ ଦଳ ଏବଂ ସିଏଚପି ସ୍ମାସରର୍ସ ଦଳ ମଧ୍ୟରେ ଟାଇଟଲ ମୁକାବିଲା ହୋଇଥିଲା । ଏକ୍ସଟ୍ରିମ ଏସଏମଏସ ଇଣ୍ଡିଆ ପ୍ରଥମେ ଫିଲ୍ଡିଂ କରିବା ସହ ସିଏଚପି ସ୍ମାସରର୍ସ ଦଳ ରଖିଥିବା ୧୨୧ ରନର ବିଜୟ ଲକ୍ଷ୍ୟକୁ ୯ ଓଭରରେ ୫ ୱିକେଟ ହରାଇ ହାସଲ କରି ଚାମ୍ପିଅନ ହୋଇଥିଲା ।

ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଲୁନାଙ୍କୁ ମ୍ୟାନ ଅଫ ଦି ସିରିଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ସେ ୬ ୱିକେଟ ସହ ୨୧୩ ରନ ସଂଗ୍ରହ କରିଥିବାରୁ ତାଙ୍କୁ ବେଷ୍ଟ ବ୍ୟାଟ୍ସମ୍ୟାନର ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା । ସେହିପରି ଫାଇନାଲ ମ୍ୟାଚରେ ୧୨ ବଲରେ ୩୮ ରନ ସଂଗ୍ରହ କରିଥିବା ଚିନ୍ମୟ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ୬ଟି ମ୍ୟାଚରେ ୧୧ଟି ୱିକେଟ ନେଇଥିବା ମରିୟାପ୍ପାନଙ୍କୁ ଶ୍ରେଷ୍ଠ ବୋଲର ଭାବେ ଘୋଷଣା କରାଯାଇଥିଲା । ବିଜୟୀ ଦଳର ଅଧିନାୟକ ଦେବେଶ ଦୀପକ ଏବଂ ରନର୍ସ ଅଫ ଦଳର ଅଧିନାୟକ ତନ୍ମୟ ପ୍ରଧାନ ଉଚ୍ଚସ୍ତରୀୟ ନେତୃତ୍ୱ ପ୍ରଦାନ କରିଥିଲେ । ଉଭୟ ଦଳର ଅଧିନାୟକ ଏଭଳି ଆକର୍ଷଣୀୟ ଆୟୋଜନ ପାଇଁ ଆୟୋଜକ ଏବଂ ଜେଏସପି ମ୍ୟାନେଜମେଣ୍ଟକୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଜେଏସପି ଲେଡିଜ ବର୍ଗରେ ୪ଟି ଦଳ ଭାଗ ନେଇଥିଲେ । ଏଥିରେ ଜେକ୍ୟୁଏଲସି କ୍ଲବକୁ ପରାସ୍ତ କରି ଜେକ୍ୟୁଏସଏଫଏସଏସ ଦଳ ଚାମ୍ପିଅନ ହୋଇଥିଲା । ସେହିପରି ସ୍କୁଲ ଟିମ ବର୍ଗରେ ଓପି ଜିନ୍ଦଲ ସ୍କୁଲ ଏକାଦଶ, ସାବିତ୍ରୀ ଜିନ୍ଦଲ ଡିଏଭି ସ୍କୁଲକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା ।

ଫାଇନାଲ ମ୍ୟାଚରେ ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲ୍ଲୀପ ସିହ୍ନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମସ୍ତ ଦଳ ଓ ଖେଳାଳିଙ୍କ ଖେଳୁଆଡ ମନୋଭାବକୁ ବେଶ ପ୍ରଶଂସା କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଏସଏମଏସ ଅଧକ୍ଷ ଅତୁଲ ଦୁବେ, ଏଭିବି-ଏସଏମଏସ ଶ୍ରୀକାନ୍ତ ଆତ୍ରେ, ଜିଏମ-ବିଏଚଆର ଶରତ କିଶୋର ପଣ୍ଡା, ଜିଏମ ସେଫ୍ଟି ରାଜୀବ ସୋନି ପ୍ରମୁଖ ପୁରସ୍କାର ବିତରଣ ଉତ୍ସବରେ ସାମିଲ ହୋଇଥିଲେ ।

## ପଞ୍ଚାୟତ ଟି ୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମୁନଲାଇଟ୍ ଚାମ୍ପିଅନ

ବନ୍ତ,୧୮।୧ (ସବ୍ୟୁ): ବନ୍ତ ବ୍ଲକ ପଧାନପଡା ପଞ୍ଚାୟତ ଚଣ୍ଡିପୁର କ୍ରିକେଟ ଗ୍ରାଉଣ୍ଡ ଠାରେ ଜାନୁଆରୀ ୧୦ରୁ ଆରମ୍ଭ ହୋଇଥିବା ପଞ୍ଚାୟତ ଟି୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୬ଟି ଟିମ୍ ଭାଗ ନେଇଥିଲେ । ସେଥିମଧ୍ୟରେ ୟୁନାଇଟେଡ ଚଣ୍ଡିପୁର, ଚନ୍ଦନେଶ୍ୱର କ୍ରିକେଟ କ୍ଲବ, ମୁନ୍ ଲାଇଟ୍ କ୍ରିକେଟ କ୍ଲବ, ୟୁନିୟନ ସ୍ପୋର୍ଟିଂ ଚଣ୍ଡିପୁର, ଆଜାଦ୍ କ୍ଲବ, ସଡନ୍ ଆଟାକ୍ କ୍ରିକେଟ କ୍ଲବ ଆଦି ରହିଥିଲା । ଉଦ୍‌ଘାଟନୀ ମ୍ୟାଚ ୟୁନାଇଟେଡ ଚଣ୍ଡିପୁର ଏବଂ ଚନ୍ଦନେଶ୍ୱର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଫାଇନାଲ ମ୍ୟାଚ୍ ମୁନ୍ ଲାଇଟ କ୍ଲବ ଓ ସଡନ୍ ଆଟାକ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁନ୍ ଲାଇଟ କ୍ଲବ ୬୩ ରନ୍ ସଂଗ୍ରହ କରିଥିବା ବେଳେ ସଡନ୍ ଆଟାକ୍ କ୍ଲବ ୧୦ ଓଭରରେ ସମସ୍ତ ୱିକେଟ ହରାଇ ୫୯ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଟିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା, ସମ୍ମାନୀତ ଅତିଥି ଭାବେ ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ସେକ୍ ୟାକତ୍ ଅଲ୍ଲୀ, ସମାଜସେବୀ ବାବାଜି ଚରଣ ଜେନା, କେନ୍ଦୁଆପଦା ମହାବିଦ୍ୟାଳୟର ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା, ବନ୍ତ ସମିତି ସଭ୍ୟ ପରମେଶ୍ୱର ବାରିକ, ସିପିଆଇ ଜୋନ୍ ସମ୍ପାଦକ ରମେଶ ଜେନା ଯୋଗ ଦେଇଥିଲେ । ଶେଷରେ ଅତିଥି ମାନଙ୍କ ଦ୍ୱାରା ଚାମ୍ପିଅନ ଟ୍ରଫି, ରନର୍ସ ଅଫ ଟ୍ରଫି, ମ୍ୟାନ୍ ଅଫ ଦି ସିରିଜ୍ ଓ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା ।

## କୁଟୁରିଆ ପ୍ରିମିୟର ଲିଗ୍

# ସିଂହଡା ଟିମ୍ ଚାମ୍ପିଅନ

ପରଜଙ୍ଗ,୧୮।୧ (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଙ୍କଡାହାଡ ବ୍ଲକ କୁଟୁରିଆ ଗ୍ରାମ କପିଳେଶ୍ୱର ମନ୍ଦିର ସମ୍ମୁଖରେ ରହିଥିବା ଖେଳ ପଡିଆରେ ଏମ୍ ବିସିସି କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୩ ତମ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଆୟୋଜକ ପକ୍ଷରୁ ୩ଟି ବିଶିଷ୍ଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ମ୍ୟାଚ ପରଜଙ୍ଗ କ୍ରିକେଟ୍ କ୍ଲବ ଓ ସିଂହଡା କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୧୦ ଓଭର ବିଶିଷ୍ଟ ପ୍ରଥମ ମ୍ୟାଚ୍ ରେ ସିଂହଡା ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୬ ୱିକେଟ୍ ହରାଇ ୮୯ ରନ ସଂଗ୍ରହ କରିଥିଲା । ଏହାର ଜବାବରେ ପରଜଙ୍ଗ ଟିମ୍ ଆବଶ୍ୟକ ରନ ସଂଗ୍ରହ କରିନପାରି ପ୍ରଥମ ମ୍ୟାଚ୍ ପରାଜୟ ବରଣ କରିଥଇଲେ । ଦ୍ୱିତୀୟ ମ୍ୟାଚ୍ ୮ ଓଭର ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ସିଂହଡା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭର ଶେଷ ସୁଦ୍ଧା ୯ ୱିକେଟ୍ ହରାଇ ୯୭ ରନ ସଂଗ୍ରହ କରିଥିବା ବେଳେ ପରଜଙ୍ଗ ଟିମ୍ ୮ ଓଭର ଶେଷ ସୁଦ୍ଧା ୩ ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ ନପାରି ଶେଷରେ ପରାଜୟ ହୋଇଥିଲେ । ଯାହା ଫଳରେ ସିଂହଡା ଟିମ୍ ଲଗାତର ୨ଟି ଜାକ ମ୍ୟାଚ୍ ଜିତି ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ପୀୟୁଷ ପ୍ରଧାନ ମୁଖ୍ୟ ଅତିଥି ଓ ସିକୁ, ଜୁଲୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ସୁଦର୍ଶନ ସାହୁ ଓ ଲିପୁ ବିଶ୍ୱାଳ ଖେଳ ପରିଚାଳନା କରିଥିବା ବେଳେ ବୁନା ଧାରାବିବରଣୀ ପ୍ରଦାନ କରିଥିଲେ । ମ୍ୟାନ୍ ଅଫ୍ ଦି ମ୍ୟାଚ୍, ବେଷ୍ଟ ବୋଲର ସିଂହଡା ଟିମ୍ ସପକ୍ଷରେ ଯାଇଥିବା ବେଳେ ମ୍ୟାନ୍ ଅଫ୍ ଦି ସିରିଜ୍ ବେଷ୍ଟ ବ୍ୟାଟ୍ସମ୍ୟାଚନ ପରଜଙ୍ଗ ସପକ୍ଷରେ ଆୟୋଜକ ପକ୍ଷରୁ ଘୋଷଣା କରାଯାଇଥିଲା । ଚଳିତ ବର୍ଷ ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଆୟୋଜକ ପକ୍ଷରୁ ଶୃଙ୍ଖଳାର ସହ ଟୁର୍ଣ୍ଣାମେଣ୍ଟକୁ ପରିଚାଳିତ କରିଥିଲେ ।

## ଉତ୍କଳ ଓପନ ଟେନିସ୍

# ଫାଇନାଲ ମୁକାବିଲା ଚୂଡାନ୍ତ



ଭୁବନେଶ୍ୱର,୧୮।୧ (ସବ୍ୟୁ): କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୧୧ତମ ଉତ୍କଳ ଓପନ ଟେନିସ୍ ଚାମ୍ପିଅନସିପ୍‌ର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି । ତୃତୀୟ ସିଡେଡ ପ୍ରାର୍ଥନା ମଣ୍ଡଳ ଓ ଅଭିପ୍ସା ଦେହୁରୀଙ୍କ ମଧ୍ୟରେ ମହିଳା ସିଙ୍ଗଲ୍ସ ଫାଇନାଲ ରବିବାର ଖେଳାଯିବ । ଶନିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମିରେ ପ୍ରାର୍ଥନା ୯-୮ ସେଟ୍‌ରେ ପ୍ରିସା ଦାସଙ୍କୁ ହରାଇଥିଲେ । ଅନ୍ୟ ଏକ ସେମିଫାଇନାଲରେ ଅଭିପ୍ସା ୯-୨ ସେଟ୍‌ରେ ପ୍ରତିଯୋଗିତାର ଅଷ୍ଟମ ସିଡେଡ ସଂରଚନା ଦାସଙ୍କୁ ପରାଜିତ କରି ଫାଇନାଲରେ ପ୍ରବେଶ କରିଛନ୍ତି । ୧୨ ବର୍ଷରୁ କମ୍ ବାଳକ ସେମିଫାଇନାଲରେ ସୂର୍ଯ୍ୟାଂଶୁ ଥାଟୋ ୯-୩ ସେଟ୍‌ରେ ସରିମ ନୱାଜ ସେଖ୍‌ଙ୍କୁ ହରାଇଥିଲେ । ଅନ୍ୟ ଏକ ମ୍ୟାଚରେ ଆଗମ୍ୟାନ ସମୟ ୯-୫ ସେଟ୍‌ରେ ଗୌରୀ ଶଙ୍କର ପଣ୍ଡାଙ୍କୁ ପରାଜିତ କରି ଫାଇନାଲରେ ପ୍ରବେଶ କରିଛନ୍ତି । ୧୪ ବର୍ଷରୁ କମ ବାଳିକା ବର୍ଗରେ ଟପ୍‌ସିଡ ଏସ୍‌କେ ୱାନିଆ ସାଜ୍‌ଫା ଓ ସଂରଚନାଙ୍କ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ । ପୁରୁଷ ବର୍ଗର ସେମିଫାଇନାଲ ମ୍ୟାଚ ରବିବାର ଖେଳାଯିବ । ଟପ୍‌ସିଡ ମୃତ୍ୟୁଞ୍ଜୟ ମହାନ୍ତ ଓ ତୃତୀୟ ସିଡ ଅଂଶୁମାନ ସିଂ ଯଥାକ୍ରମେ ଆଦିତ୍ୟ ଶତପଥୀ ଓ ଆଦିତ୍ୟ ମହାପାତ୍ରଙ୍କୁ ଭେଟିବେ । ଉଭୟ ସେମିଫାଇନାଲ ବିଜେତାଙ୍କ ମଧ୍ୟରେ ଟାଇଟଲ ମୁକାବିଲା ହେବ ।

ଶ୍ରଦ୍ଧାଞ୍ଜଳି

"ନୈନଂ ଛିନ୍ଦନ୍ତିଶସ୍ତ୍ରାଣି ନୈନଂ ଦହତିପାବକଃ
ନଚୈନଂ କ୍ଲେଦୟନ୍ତ୍ୟାପୋ ନଶୋଷୟତିମାରୁତଃ"



ସ୍ୱର୍ଗତ ନିରଞ୍ଜନ ରାୟ
ଗୋପାଳପୁର, ନାଉଗାଁ, ଜଗତ୍‌ସିଂହପୁର
ଆବିର୍ଭାବ: ୦୯.୦୧.୧୯୩୧
ତିରୋଧାନ: ୦୯.୦୧.୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ :
ପ୍ରଶାନ୍ତ କୁମାର ରାୟ, ପ୍ରଭାତ କୁମାର ରାୟ, ପ୍ରକାଶ କୁମାର ରାୟ, ଶୋକାକୁଳ ବନ୍ଧୁ ଓ ପରିବାରବର୍ଗ

**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି